

ଶାନ୍ତିରକ୍ଷା ଆମ ଦୁର୍ବଳତା ନୁହେଁ

ପୃଷ୍ଠା ୫


# ସଂଚାର
THE SANCHAR

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 33 | ISSUE 227 | ଭାଗ ୩୩ | ସଂଖ୍ୟା ୨୨୭ Monday 10 November 2025 | Page 8 Rs. 5.00 ● ଭୁବନେଶ୍ୱର ସୋମବାର ୧୦ ନଭେମ୍ବର ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା


## ସିଂହଦ୍ୱାରରେ ଭାବବିହ୍ୱଳ ଦୃଶ୍ୟ



## ମଣିମା ଶୁଣିବା ହେଉ

### ଅସୁସ୍ଥ ପୁଅ ପାଇଁ ବାପାର ଆକୁଳ ପ୍ରାର୍ଥନା

ପୁରୀ,୯।୧୧(ସଂଚାର ବ୍ୟୁରୋ): ସିଂହଦ୍ୱାରରେ ବାହୁନି କାନ୍ଦୁଛି ବାପା। ହାତରେ ଅସୁସ୍ଥ ଛୁଆ। ମହାପ୍ରଭୁଙ୍କ ଉପରେ ଅଗାଢ଼ ଭରସା ରଖି ଅସୁସ୍ଥ ପୁଅକୁ ସୁସ୍ଥ କରିଦେବାକୁ ଛାତି ପିଟୁଛି। ବାପାର କୋହ ଦେଖି ସେବାୟତ ଓ ଅନ୍ୟ ଭକ୍ତ ବି ଭାବବିହ୍ୱଳ ହୋଇପଡୁଛନ୍ତି। ଆଜି ସିଂହଦ୍ୱାର ସମ୍ମୁଖରେ ଏମିତି କିଛି ଦୃଶ୍ୟ ସମସ୍ତଙ୍କ ଆଖିକୁ ଭିଜେଇଦେଇଛି। କେତେବେଳେ ଅସୁସ୍ଥ ପୁଅକୁ କୋଳେଇ ବାପା କାନ୍ଦୁଛି ତ ଆଉ କେତେବେଳେ ସିଂହଦ୍ୱାରରେ ପୁଅକୁ ଗଡ଼େଇ ଦେଇ ତା'ର ସୁସ୍ଥତା ପାଇଁ ମହାପ୍ରଭୁଙ୍କ ଆଗରେ ଗୁହାରୀ କରୁଛି। 'ମଣିମା... ମଣିମା...' ବୋଲି ଜଗାକୁ ଡାକୁଥିଲା ସେ। ତା'ର ସବୁ ଦୋଷକୁ କ୍ଷମା କରିଦେ, ତା' ମୁହଁର ହସ ଫେରେଇଦେ, ଏମିତି କିଛି କହିଚାଲିଥାଏ ବାଉଳା ବାପା। ଥରେ ଚକାଆଖିଆର ସେ ଆଖି ତା' ପୁଅ ଉପରେ ପଡ଼ିଗଲେ ସବୁକିଛି ଠିକ ହୋଇଯିବ। ପୂର୍ବ ପରି ସେ ହସିବ ଆଉ ତା' ସାଙ୍ଗରେ କଥା ହେବ। ଏପରି ଦୃଢ଼ ଓ ଅତୁଟ ବିଶ୍ୱାସ ନେଇ ଶ୍ରୀମନ୍ଦିରକୁ ଧାଇଁ ଆସିଥିଲା ବାପା। ବାପାର ଆତୁରତା ଦେଖି ସେବାୟତଙ୍କ ହୃଦୟ ବି ତରଳିଯାଇଥିଲା। ତେଣୁ ସେମାନେ ତାକୁ ୨୨ ପାହାଚ ଦେଇ ପୁଅକୁ ନେଇ ରତ୍ନବେଦୀରେ ବସିଥିବା ମହାପ୍ରଭୁଙ୍କ ଦର୍ଶନ ପାଇଁ ଅନୁମତି ଦେଇଥିଲେ। ଅନୁମତି ପାଇବା କ୍ଷଣି ବାପା ଜଣଙ୍କ ବାଇଶି ପାହାଚରେ ପୁଅକୁ କୁଣ୍ଢେଇ ଧରି ଦୌଡ଼ିଯାଇଥିଲେ। ତାଙ୍କ କରୁଣ କାନ୍ଦ ଦେଖି ଶ୍ରୀମନ୍ଦିରକୁ ଆସୁଥିବା ଭକ୍ତଙ୍କ ହୃଦୟ ବି କାନ୍ଦିଉଠିଥିଲା। ସମସ୍ତେ ତାଙ୍କ ଗୁହାରୀରେ ସ୍ୱର ମିଳାଉଥିଲେ, ହେ ଜଗା, ଟିକେ ରତ୍ନବେଦୀରୁ ଓହ୍ଲାଇଆ। ଟିକେ ଏ ବିକଳ ବାପାର ଡାକ ଶୁଣ। ତା' ସଂସାରରେ ପୁଣିଥରେ ହସ ଭରିଦେ'।

# ବାୟୁସେନା ବିମାନ ମୁତୟନ

## ହେଲିକପ୍ଟରରେ ଯିବେ ପୋଲିଂ ପାର୍ଟି

ନୂଆପଡ଼ା,୯।୧୧(ସଂଚାର ବ୍ୟୁରୋ): ନୂଆପଡ଼ା ଉପନିର୍ବାଚନରେ ବ୍ୟବହାର ହେବ ବାୟୁସେନାର ବିମାନ। ପ୍ରଥମ ଥର ପାଇଁ ରାତିରେ ଗୋତମା ଏୟାରଷ୍ଟ୍ରିପରେ ଅବତରଣ କରିଛି ବାୟୁସେନାର ବିମାନ। ନୂଆପଡ଼ା ଉପନିର୍ବାଚନରେ ସାମିଲ ପୋଲିଂ ପାର୍ଟିଗୁଡ଼ିକୁ ସହାୟତା କରିବ ଏହି ବିମାନ। ସୁନାବେଡ଼ା ଅଞ୍ଚଳ ମାଓବାଦୀପ୍ରବଣ ହୋଇଥିବାରୁ ବୁଥ୍ ପାଇଁ ପରିବହନ ନିମନ୍ତେ ଭାରତୀୟ ବାୟୁସେନା ବିମାନର ଉପଯୋଗ କରାଯିବ। ଆଉ ବୁଥକୁ ହେଲିକପ୍ଟରରେ ଯିବେ ପୋଲିଂ ପାର୍ଟି। ଆଜି ସନ୍ଧ୍ୟା ୭ଟାରୁ ପୋଲିଂ ପାର୍ଟି ବୁଥ ଯାତ୍ରା କରିଥିବା ବେଳେ ସେମାନେ ଆସନ୍ତାକାଲି ପୂର୍ବାହ୍ନ ୧୧ଟା ସୁଦ୍ଧା ବୁଥରେ ପହଞ୍ଚିବେ। ଏନେଇ ଡିସପୋଜାଲ ସେଣ୍ଟରରେ ସମସ୍ତ ପ୍ରସ୍ତୁତି ସରିଥିବା କହିଛନ୍ତି ନୂଆପଡ଼ା ନିର୍ବାଚନ ଅଧିକାରୀ ମଧୁସୂଦନ ଦାସ। ଆସନ୍ତା ୧୧ ତାରିଖରେ ୩୮୫ଟି ବୁଥରେ ଭୋଟଗ୍ରହଣ କରାଯିବ। ଅତି ସମ୍ବେଦନଶୀଳ ବୁଥରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯିବ। ନକ୍ସଲ ପ୍ରଭାବିତ ଅଞ୍ଚଳର ୮ଟି ବୁଥକୁ ହେଲିକପ୍ଟର ଯୋଗେ ଯିବେ ପୋଲିଂ ପାର୍ଟି। ଡିସପୋଜାଲ ସେଣ୍ଟରରେ ୩୭ଟି କାଉଣ୍ଟର ବ୍ୟବସ୍ଥା ହୋଇଛି ବୋଲି ଶ୍ରୀ ଦାସ ସୂଚନା ଦେଇଛନ୍ତି। ସେହିପରି ସୁନାବେଡ଼ା ଅଞ୍ଚଳ ମାଓବାଦୀ ପ୍ରଭାବିତ ହୋଇଥିବାରୁ ବୁଥ୍ ପାଇଁ ପରିବହନ ନିମନ୍ତେ ଭାରତୀୟ ବାୟୁସେନାର ବିମାନ ଉପଯୋଗ କରାଯିବ, ଯାହାକି ଆଗାମୀ ଉପନିର୍ବାଚନ ପାଇଁ ଏକ ପ୍ରକୃତ ଉପଲବ୍ଧି ହେବ। କାରଣ ସୁନାବେଡ଼ା ଉପତ୍ୟକାରେ ନିର୍ବାଚନ ସରିବା ବିଳମ୍ବ ହୋଇପାରେ। ଏବେ ପୋଲିଂ ଦଳକୁ ନୂଆପଡ଼ା ଫେରାଇ ଆଣିବା ଦିଗରେ କୌଣସି ସମସ୍ୟା ହେବନାହିଁ। ଏହା ବ୍ୟତୀତ ଇଭିଏମ୍ ସୁରକ୍ଷିତ ଭାବରେ ନୂଆପଡ଼ାରେ ପହଞ୍ଚିପାରିବ। ପୂର୍ବରୁ ଗୋତମା ହେଲିପ୍ୟାଡ୍ ହେଲିକପ୍ଟର ରାତ୍ରି ଅବତରଣ ପରିଚାଳନା ପାଇଁ ସକ୍ଷମ ନଥିଲା। ଏଥିପାଇଁ ଏନଜିଭି (ନାଇଟ୍ ଗଗଲ୍ ଭିଜନ୍) ସଜ୍ଜିତ ଆଇଆର ଲାଇଟର ଆବଶ୍ୟକତା ଥିଲା। ଏହାକୁ ବିମାନର ପାଇଲଟ୍ ଅନ୍ଧାର ରାତିରେ ବି ଆକାଶରେ ୫ କିମି ଦୂରରୁ ଚିହ୍ନଟ କରିପାରିବେ। ଏହି ସମସ୍ୟାକୁ ଦୃଷ୍ଟିରେ ରଖି ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ଶ୍ରୀ ଦାଶ ପୂର୍ତ୍ତ ବିଭାଗକୁ ସମାଧାନ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହି ସଫଳତା ନେଇ ଜିଲ୍ଲାପାଳ ସମ୍ପୃକ୍ତ ବିଭାଗମାନଙ୍କୁ ଧନ୍ୟବାଦ ଜଣାଇଛନ୍ତି।

## ପ୍ରତିଶ୍ରୁତି ଭର୍ସେସ୍ ବିକାଶ ଗ୍ୟାରେଣ୍ଟି

# କର ବା ମର ସ୍ଥିତିରେ ତିନି ଦଳ

- ସରିଲା ପ୍ରଚାର, ଆରମ୍ଭ ହେଲା ସାଇଲେନ୍ସ ଅବଧି
- ଭିଡିଓ ଜାରି କଲେ ନବୀନ ଓ ଭକ୍ତ ଦାସ
- ମେଡିକାଲ କଲେଜର ପ୍ରତିଶ୍ରୁତି ଦେଲେ ମନମୋହନ
- ନୂଆପଡ଼ାରୁ ବିଜେପିର ପରାଜୟ ଅଭିଯାନ: ନବୀନ
- ମହିଳା, ଯୁବକ, ଚାଷୀ, ଆଦିବାସୀଙ୍କୁ ମିଳିନି ନ୍ୟାୟ: ଭକ୍ତ







ନୂଆପଡ଼ା,୯।୧୧(ସଂଚାର ବ୍ୟୁରୋ): ସରିଲା ପ୍ରଚାର, ଅପରାହ୍ନ ୪ଟାରୁ ଆରମ୍ଭ ହେଲା ସାଇଲେନ୍ସ ଅବଧି। ଜିଲ୍ଲା ବାହାରର ନେତାମାନେ ନିର୍ବାଚନମଣ୍ଡଳୀ ଛାଡ଼ିଦେଇଛନ୍ତି। ଶେଷ ଦିନରେ ଆଶାୟୀଙ୍କ ପ୍ରଚାର ଜୋର ଧରିଥିବା ବେଳେ ତିନି ଦଳର ମୁଖିଆ ଭୋଟରଙ୍କୁ ପ୍ରଭାବିତ କରିବାକୁ ଶେଷ ଚେଷ୍ଟା କରିଛନ୍ତି। କିଏ ନୂଆପଡ଼ାରେ ମେଡିକାଲ କଲେଜର ପ୍ରତିଶ୍ରୁତି ଦେଉଛି ତ କିଏ ସାମାଜିକ ସୁରକ୍ଷାର ବାର୍ତ୍ତା, ତ ଆଉ କିଏ ବିକାଶର ଗ୍ୟାରେଣ୍ଟି।

ଅପରାହ୍ନ ୪ଟାରୁ ସାଇଲେନ୍ସ ଅବଧି ଆରମ୍ଭ ହୋଇଥିବାରୁ ଶେଷ ସ୍ପର୍ଶ ଦେଉଛନ୍ତି ପ୍ରମୁଖ ଦଳର ପ୍ରାର୍ଥୀ ଓ ନେତା। ବିଭିନ୍ନ ଗାଁ ଗାଁ ବୁଲି ପ୍ରଚାର କରୁଛନ୍ତି ପ୍ରାର୍ଥୀ। ରାତି ୧୦ଟା ପର୍ଯ୍ୟନ୍ତ ପ୍ରାର୍ଥୀମାନେ ଡୋର ଟୁ ଡୋର କ୍ୟାମ୍ପେନ କରିଛନ୍ତି। ବିଜେଡି ପ୍ରାର୍ଥୀ ସ୍ନେହାଙ୍ଗିନୀ ଛୁରିଆ ଓ ଦଳୀୟ ନେତା ଜୋରଦାର ପ୍ରଚାର କରିଛନ୍ତି। ନୂଆପଡ଼ା ଓ କୋମନା ବ୍ଲକର ବିଭିନ୍ନ ଗାଁ ଓ ପଂଚାୟତ ବୁଲି ପ୍ରଚାର କରିଛନ୍ତି। ସ୍ନେହାଙ୍ଗିନୀଙ୍କ ସହ ବରିଷ୍ଠ ବିଜେଡି ନେତା, ବିଧାୟକ ତଥା ଦଳୀୟ କର୍ମୀମାନେ ଗାଁ ଗାଁ ବୁଲିଥିଲେ। ବିଜେପି ପ୍ରାର୍ଥୀ ଜୟ ଢୋଲକିଆଙ୍କ ପାଇଁ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଗତକାଲି ପ୍ରଚାର କରିଥିଲେ। ସାଧାରଣ ସଭା ସହ ରୋଡ଼ ଶୋ ବି କରିଥିଲେ ମୋହନ। ଦଳୀୟ ପ୍ରାର୍ଥୀ ଓ ନେତାମାନେ ମଧ୍ୟ ପ୍ରଚାରରେ ସାମିଲ ହୋଇଛନ୍ତି। ସେପଟେ କଂଗ୍ରେସ ପ୍ରାର୍ଥୀ ➪ପୃଷ୍ଠା-୬

### ସୁରକ୍ଷା ବଳୟରେ ନୂଆପଡ଼ା

ଉପନିର୍ବାଚନ ପାଇଁ ପୂରା ନିର୍ବାଚନମଣ୍ଡଳୀକୁ କଡ଼ା ସୁରକ୍ଷା ବଳୟରେ ରଖାଯାଇଛି। ପ୍ରାୟ ୨ ଲକ୍ଷ ୫୪ ହଜାର ଭୋଟରଙ୍କ ମଧ୍ୟରୁ ୬୫ ପ୍ରତିଶତ ସେମାନଙ୍କ ମତାଧିକାର ସାବ୍ୟସ୍ତ କରିବେ ବୋଲି ଅନୁମାନ କରାଯାଉଛି। ନିର୍ବାଚମଣ୍ଡଳୀରେ ରହିଛି ୪୭ଟି ସମ୍ବେଦନଶୀଳ ବୁଥ। ପୂରା ସୁରକ୍ଷା ପାଇଁ ୧୪ କମ୍ପାନୀ କେନ୍ଦ୍ରୀୟ ସୁରକ୍ଷା ବାହିନୀ ସହ ୫ ପ୍ଲାଟୁନ ସ୍ୱତନ୍ତ୍ର ସୁରକ୍ଷା ବଳକୁ ମୁତୟନ କରାଯିବ। ବିଭିନ୍ନ ସ୍ଥାନରେ ମଡେଲ ଚେକ ପୋଷ୍ଟ ବି ପ୍ରତିଷ୍ଠା ହୋଇଛି। ମାଓ ପ୍ରଭାବିତ ଅଞ୍ଚଳ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ଗ୍ରହଣ କରାଯାଇଥିବା ନୂଆପଡ଼ା ଏସପି ଅମ୍ରିତ ପାଲ ସିଂ କହିଛନ୍ତି।

## ନୂଆପଡ଼ା ଉପନିର୍ବାଚନ: ପ୍ରଚାରରେ ପଛରେ ପଡ଼ିଲା କଂଗ୍ରେସ

# ଆସିଲେନି ଜଣେ ବି କେନ୍ଦ୍ରୀୟ ନେତା

### ବିରୋଧୀ ଦଳଙ୍କ ଗାତ୍ରଦାହରେ ପ୍ରଚାର ସୀମିତ

ଭୁବନେଶ୍ୱର,୯।୧୧(ସଂଚାର ବ୍ୟୁରୋ): ଆଜି ଅପରାହ୍ନରେ ଶେଷ ହୋଇଛି ନୂଆପଡ଼ା ଉପନିର୍ବାଚନ ସକାଶେ ପ୍ରଚାର। ଏହି ପ୍ରଚାର ଘଡ଼ିରେ ନୂଆପଡ଼ାରେ ତିନିଟି ପ୍ରମୁଖ ଦଳ ସହ ଛୋଟମୋଟ ଦଳର ନେତା ଓ ସାମ୍ବାଦିକ ନୂଆପଡ଼ାରେ ଡେରା ପକାଇଥିଲେ। ଗତ ୨୦୨୪ ନିର୍ବାଚନର ସ୍ୱାଧୀନ ପ୍ରାର୍ଥୀ ଘାସିରାମ ମାଝୀଙ୍କୁ ଟିକେଟ୍ ଦେଇଥିବା କଂଗ୍ରେସ ତ ଲଗାତାର ସପ୍ତାହେ ପର୍ଯ୍ୟନ୍ତ ସାମ୍ବାଦିକ ସମ୍ମିଳନୀ କରି ବିରୋଧୀ ଦଳଙ୍କୁ ଟାର୍ଗେଟ୍ କରିଥିଲା। କିନ୍ତୁ ଏହି ଦଳ ଯେ ଅନ୍ୟ ଦୁଇଟି ଦଳ ବିଜେପି ଓ ବିଜେଡିଠାରୁ ପଛରେ ପଡ଼ିଯାଇଛି, ତାହା କହିବା ବାହୁଲ୍ୟ ମାତ୍ର। କାରଣ ନିଜ ଦଳର ପ୍ରାର୍ଥୀଙ୍କୁ ଜିତାଇବା ସକାଶେ ଶାସକ ବିଜେପିର ବହୁ ଜାତୀୟ ସ୍ତରର ନେତା ପ୍ରଚାର ପାଇଁ ନୂଆପଡ଼ାରେ ପହଞ୍ଚିଥିଲେ। ଲୋକଙ୍କ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦୁଇ ଦୁଇ ଥର ନୂଆପଡ଼ାରେ ପହଞ୍ଚି ଭୋଟର୍‌ଙ୍କୁ ତାଙ୍କ ସରକାରଙ୍କ ସଫଳତା ସମ୍ପର୍କରେ ବଖାଣିଥିଲେ। ବିଜେଡି ମଧ୍ୟ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସ୍ୱାସ୍ଥ୍ୟାବସ୍ଥା ଶତପ୍ରତିଶତ ଠିକ୍ ନଥିଲେ ମଧ୍ୟ ତାଙ୍କୁ ନେଇ ନୂଆପଡ଼ାରେ ରୋଡ୍ ଶୋ' ସମେତ ଦୁଇ ଥର ପ୍ରଚାର କରିଛି। କିନ୍ତୁ କଂଗ୍ରେସର ଜଣେ ବି ଜାତୀୟ ସ୍ତରର ନେତା ନୂଆପଡ଼ା ଆସିନଥିଲେ। ଜାତୀୟ ସ୍ତରରେ ଦଳ 'ବୁଡ଼ିଗଲା ➪ପୃଷ୍ଠା-୬

## ନୂଆପଡ଼ାରେ ଅଖିଳେଶ

# ବିପର୍ଯ୍ୟୟର ଅନ୍ୟ ନାମ ବିଜେପି

### ଝିଅଙ୍କୁ ମାଗଣା ଶିକ୍ଷା ପ୍ରତିଶ୍ରୁତି



ନୂଆପଡ଼ା,୯।୧୧(ସଂଚାର ବ୍ୟୁରୋ): ଆସନ୍ତା ୧୧ ତାରିଖରେ ହେବାକୁ ଥିବା ନୂଆପଡ଼ା ଉପନିର୍ବାଚନ ପାଇଁ ଆଜି ପ୍ରଚାରର ଅନ୍ତିମ ଦିନରେ ସମାଜବାଦୀ ପାର୍ଟିର (ସପା) ସଭାପତି ତଥା ବରିଷ୍ଠ ନେତା ଅଖିଳେଶ ସିଂ ଯାଦବ ଏଠାରେ ପହଞ୍ଚିଛନ୍ତି। ଅପରାହ୍ଣରେ ଦଳୀୟ ପ୍ରାର୍ଥୀ ରମାକାନ୍ତ ହାତୀଙ୍କ ପାଇଁ ସେ ଜନସଭାରେ ପ୍ରଚାର କରିଛନ୍ତି। ସ୍ଥାନୀୟ ପୁଲିସ ପଡ଼ିଆରେ 'ଜୟ ଜଗନ୍ନାଥ' ଉଚ୍ଚାରଣ ସହ ସେ ତାଙ୍କ ଉଦ୍‌ବୋଧନ ଆରମ୍ଭ କରି କହିଛନ୍ତି ଯେ ଓଡ଼ିଶାର ରାଜନୈତିକ ଇତିହାସ ସମାଜବାଦୀ ଚିନ୍ତାରେ ବିକଶିତ ହୋଇଛି। କିନ୍ତୁ ଯେଉଁମାନେ ବିଜେପିର ନିକଟତର ହୋଇଛନ୍ତି, ସେମାନେ ବିପର୍ଯ୍ୟୟର ସମ୍ମୁଖୀନ ହୋଇଛନ୍ତି। ପୂର୍ବରୁ ଏଠାରେ ସରକାର ଚୋରି ହୋଇଥିଲା ଓ ଏବେ ପ୍ରାର୍ଥୀ ଚୋରି ହୋଇଛନ୍ତି ବୋଲି ଅଖିଳେଶ କହିଛନ୍ତି। ଏହି ଅବସରରେ ବିଜେପି ନେତୃତ୍ୱାଧୀନ 'ଡବଲ୍ ଇଞ୍ଜିନ' ସରକାରକୁ ଟାର୍ଗେଟ୍ କରି ନୂଆପଡ଼ାରେ ୧ କୋଟି ୨୦ ଲକ୍ଷ ଟଙ୍କାର ବେଆଇନ ମଦ ଓ ଗଞ୍ଜେଇ ଜବତ ହୋଇଥିବା କହିଛନ୍ତି। ସେହିପରି 'ଡବଲ୍ ଇଞ୍ଜିନ' ସରକାର କ'ଣ କରୁଛି? ଏହାର ଅର୍ଥ କ'ଣ ଗୋଟିଏ ଇଞ୍ଜିନ ଗଞ୍ଜେଇ ଓ ଅନ୍ୟ ଏକ ଇଞ୍ଜିନ ମଦ ଦାୟିତ୍ୱ ନେଇଛି କି ବୋଲି ସେ ପ୍ରଶ୍ନ କରିଛନ୍ତି। ସେ କହିଛନ୍ତି ଯେ ଓଡ଼ିଶା ପରମ୍ପରାର ମାଟି, ଏଠାକାର ଆଦିବାସୀମାନଙ୍କୁ ସେମାନଙ୍କ ଅଧିକାର ଦିଆଯିବାର ଆବଶ୍ୟକତା ରହିଛି। ସେ ➪ପୃଷ୍ଠା-୬

### ଏସଆଇଙ୍କୁ ଆରଓ ବଦଳି

ଦଶହରାରେ ଭୋଗ ଭାଗ ଛିଣ୍ଡିଲାନି ବୋଲି ତୁମ୍ବିତୋଫାନ। କୌଣସି ପୂଜା ମଣ୍ଡପରେ ନୁହେଁ, ବରଂ ଥାନାରେ ତୁମୂଳକାଣ୍ଡ। ଆଇଆଇସିଙ୍କ ଚାମ୍ବରରେ ସବଇନ୍ସପେକ୍ଟରଙ୍କୁ ଗାଳି। ପରେ ରିଜର୍ଭକୁ ବଦଳି। ଏ କଥା ଶୁଣିଲେ ଆପଣଙ୍କୁ ଟିକେ ଅଡୁଆ ଲାଗୁଥିବ ନିଶ୍ଚୟ ଆଉ ଆପଣ ଭାବୁଥିବେ ଏ ଡାଇବେଟିସ ଯୁଗରେ ଭୋଗ ଖାଇବାକୁ ପୁଣି ଏତେ ଡିମାଣ୍ଡ? କିନ୍ତୁ ଏ ଭୋଗ ସେ ଭୋଗ ନୁହେଁ। ଆମେ ଉଖୁଡ଼ା, କୋରାଖଇ କି ଚୁଡ଼ାଘସା କଥା କହୁନୁ। ଥାନାରେ ଯେଉଁ ଭୋଗ ପାଇଁ ତୁମ୍ବିତୋଫାନ ହୋଇଛି, ତା' ହେଲା ମାଣିଆ କଲେକ୍ସନ। ଶୋ' ରୁମ ମାଲିକ, ଖଣି ମାଲିକ, ବିଲ୍ଡର, ଠିକାଦାର, ହୋଟେଲ ମାଲିକ, ନିଶା ମାଫିଆ, ଜୁଆଡ଼ି, ଦେହ ବ୍ୟବସାୟୀଙ୍କଠାରୁ ଆଦାୟ ହୋଇଥିବା ଦଶହରା ବଟି ଭାଗବଣ୍ଟାକୁ ନେଇ ହୋଇଥିବା କଳି। କମିଶନରେଟ ପୁଲିସ ଅନ୍ତର୍ଗତ ଭୁବନେଶ୍ୱର ଯୁପିଡିର ଏକ ପ୍ରମୁଖ ତଥା ସହରର ଛାତି ଉପରେ ଥିବା ଏକ ଥାନା ପରିସରରେ ଦେଖିବାକୁ ମିଳିଛି ଏପରି ଏକ ତାମସା। ଯାହା ଶୁଣିବାକୁ ମିଳୁଛି,

## ଭୋଗ ଭାଗ ପାଇଁ ରାଗ



ଥାନାର ସମସ୍ତ ଷ୍ଟାଫଙ୍କୁ କୁଆଡେ ଜୋନ୍ ବଣ୍ଟା ହେଇଥିଲା। କିଏ କେତେ କଲେକ୍ସନ କରିବ, ତା'ର ଟାର୍ଗେଟ ବି ଦିଆଯାଇଥିଲା। ଦଶହରା ସରିବା ପରେ ଭସାଣି ଦିନ ଚାଲିଲା ହିସାବ ନିକାସ। ଆଉ ଜଣାପଡ଼ିଲା ଯେ ଜଣେ ସିନିୟର ସବଇନ୍ସପେକ୍ଟରଙ୍କ ଟାର୍ଗେଟ କମିଯାଇଛି। ଆଉ ତା'ପରେ ଆଇଆଇସି ଜଣଙ୍କ ପୂରା ରାଗିପାଚି ଲାଲ୍। ସିନିୟର ହୋଇ ମଧ୍ୟ ଜୁନିଅରଙ୍କଠୁ କମ କଲେକ୍ସନ କରିଛ ବୋଲି କହିବା ସହ ସର୍ବସମ୍ମୁଖରେ ତାଙ୍କୁ ଗାଳି କରିବାକୁ ବି ପଛାଇ ନଥିଲେ। କାଳେ ସବଇନ୍ସପେକ୍ଟର ଜଣଙ୍କ କିଛି ହାତସଫେଇ କରିଥିବେ, ସେପରି ସନ୍ଦେହ ମଧ୍ୟ ତାଙ୍କ ମନକୁ ଘାରିଥିଲା। ଭାଗ କମିଯିବା ରାଗରେ ଏସଆଇଙ୍କୁ ତୁରନ୍ତ ବଦଳି କରିବା ସକାଶେ ସେ ଡିସିପିଙ୍କୁ ଲେଖିଥିଲେ। ଆଉ ଶେଷରେ ବଦଳି ମଧ୍ୟ ହୋଇଛି। ତେବେ ଏଭଳି ଏକ ଖବର ପୁଲିସ ମହଲରେ ବେଶ୍ ଚର୍ଚ୍ଚାର ବିଷୟ ପାଲଟିଛି।

## ଆକାଶଙ୍କ ଆକାଶଛୁଆଁ କୀର୍ତ୍ତିମାନ

# ୮ ବଲରେ ୮ ଛକା

- ୧୧ ବଲରେ ଅର୍ଦ୍ଧଶତକ
- ଭାଙ୍ଗିଲେ ଯୁବରାଜ, ଶାସ୍ତ୍ରୀଙ୍କ ରେକର୍ଡ



ନୂଆଦିଲ୍ଲୀ, ୯।୧୧: ମେଘାଳୟର ବ୍ୟାଟର ଆକାଶ ଚୌଧୁରୀ ରଣଜୀ ଟ୍ରଫିରେ ରଚିଲେ ଇତିହାସ। କ୍ରିକେଟ୍ ଜଗତରେ ଏମିତି କମାଲ କରିଛନ୍ତି, ଯାହା ପୂର୍ବେ ଏମିତି ହୋଇ ନ ଥିଲା। ଆକାଶ ରବିବାର ୧୧ ବଲରେ ଅର୍ଦ୍ଧଶତକ ହାସଲ କରି ବିଶ୍ୱ ରେକର୍ଡ କରିଛନ୍ତି। ସୁରଟ କେସିକେ ପିଥୱାଲା ଗ୍ରାଉଣ୍ଡରେ ଅରୁଣାଚଳ ପ୍ରଦେଶ ବିପକ୍ଷ ଚଳିତ ରଣଜୀ ସିଜନ୍‌ର ଏକ ମ୍ୟାଚରେ ଆକାଶ ମାତ୍ର ୧୧ ବଲ୍‌ରୁ ୫୦ ରନ କରି ➪ପୃଷ୍ଠା-୬

## ଜଳବୁଡ଼ି ମୃତ୍ୟୁ ରୋକିବାକୁ ଅଗ୍ନିଶମର ପ୍ରସ୍ତୁତି

# ଯୁବକଙ୍କୁ ମିଳିବ ସନ୍ତରଣ ତାଲିମ



### ଚାଲିଛି ପୋଖରୀ ଚିହ୍ନଟ

ଭୁବନେଶ୍ୱର,୯।୧୧(ସଂଚାର ବ୍ୟୁରୋ): ରାଜ୍ୟରେ ଜଳବୁଡ଼ିଜନିତ ମୃତ୍ୟୁ ରୋକିବା ପାଇଁ ଅଗ୍ନିଶମ ବିଭାଗ ଆଗେଇ ଆସିଛି। ପହଁରା ଅଭିଜ୍ଞତା ନଥିବାରୁ ନଦୀ ଠାରୁ ପୋଖରୀ ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ ଯୁବକ ଯୁବତୀମାନେ ବୁଡ଼ି ପ୍ରାଣ ହରାଉଥିବାରୁ ଯୁବବର୍ଗଙ୍କୁ ଏବେ ଅଗ୍ନିଶମ ବିଭାଗ ସନ୍ତରଣ ତାଲିମ ପ୍ରଦାନ କରିବ। ଅଗ୍ନିଶମ ମହାନିର୍ଦ୍ଦେଶକ ସୁଧାଂଶୁ ଷଡଙ୍ଗୀ ଏନେଇ ଯୋଜନା ପ୍ରସ୍ତୁତ କରିବା ସହ ପ୍ରଥମ ପର୍ଯ୍ୟାୟରେ ସହରାଞ୍ଚଳର ଆଗ୍ରହୀ ଯୁବକମାନଙ୍କୁ ତାଲିମ ଦେବାକୁ ମନସ୍ଥ କରିଥିବା ସୂଚନା ମିଳିଛି। ଏଥିପାଇଁ ବିଭାଗ ପକ୍ଷରୁ ସହରାଞ୍ଚଳରେ ପୋଖରୀଗୁଡ଼ିକ ଚିହ୍ନଟ କରାଯାଉଛି। ଅଗ୍ନିଶମ ବାହିନୀ ନିକଟରେ ତାଲିମ ପାଇଁ ନିଜସ୍ୱ ପୋଖରୀ ଥିବା ବେଳେ ଦକ୍ଷ ବୁଡ଼ାଳି ବି ରହିଛନ୍ତି। ଏମାନେ ହିଁ ଆଗ୍ରହୀ ଯୁବଗୋଷ୍ଠୀକୁ ➪ପୃଷ୍ଠା-୬



### କାନ ଡେରିଆ

ଅଣଚାଶ ଏଠି ବିପକ୍ଷେ<br>ଲଢ଼ିବେ<br>ସପକ୍ଷେ ଦୁଇଶହ ଜଣ<br>ନ୍ୟାୟ ମିଳିବା କଷ୍ଟ ସାଧ୍ୟ<br>ହେବ<br>ଏଇଠୁ ସଭିଏଁ ଜାଣ<br>ସବୁ କରିଛନ୍ତି ପଣ...<br>କେସ୍ ଜିତିବାକୁ ଉଭୟ<br>ପକ୍ଷରୁ<br>ମୁଣ୍ଡ ହେବ ତୀବ୍ରମାନ ।

■ ଦେବାଶିଷ

# ନବୀନଙ୍କ ମୁହଁରେ 'ବେଇମାନ' ଶବ୍ଦ, ଲଙ୍କାରେ ହରିନାମ

- ଓଡ଼ିଶାକୁ ମୋ ପରିବାର କହୁଥିଲେ, ହେଲେ ଲୋକଙ୍କୁ ପାଖ ପୂରାଉନଥିଲେ
- ଗଡଫାଦରଙ୍କ ପିଠିରେ ମାରିଥିଲେ ଛୁରୀ
- ଏବେ ମଉକା ଦେଖି ଚୌକା ମାରିବାକୁ ଉଦ୍ୟମ



ଭୁବନେଶ୍ୱର,୯।୧୧ (ମନମୋହନ ସ୍ୱାଇଁ): ପାଖାପାଖି ଦୁଇ ସପ୍ତାହ ଧରି ନୂଆପଡ଼ାରେ ୧୧ ତାରିଖର ଉପନିର୍ବାଚନ ପାଇଁ ଲାଗି ରହିଥିବା ଗହଳିଚହଳିରେ ପୂର୍ଣ୍ଣଚ୍ଛେଦ ପଡ଼ିଛି। ସବୁ ଦଳର ନେତାଏ ନିଜ ପ୍ରାର୍ଥୀଙ୍କୁ ଜିତାଇବା ସକାଶେ ଯତପରୋନାସ୍ତି ଉଦ୍ୟମ କରିଛନ୍ତି। ବିଶେଷକରି କ୍ଷମତାସୀନ ବିଜେପି ଓ ଗତବର୍ଷ କ୍ଷମତାଚ୍ୟୁତ ହୋଇଥିବା ବିଜେଡି ନିଜର ତାରକା ପ୍ରଚାରକଙ୍କ ମାଧ୍ୟମରେ ଭୋଟରଙ୍କ ମନ ଜିଣିବାକୁ ଚେଷ୍ଟା କରିଛନ୍ତି। କିନ୍ତୁ ପ୍ରଚାର ସମୟରେ ବିଜେଡି ମୁଖ୍ୟ ନବୀନ ପଟ୍ଟନାୟକ ପ୍ରତିଦ୍ୱନ୍ଦ୍ୱୀ ଜୟ ଢୋଲକିଆଙ୍କୁ ବେଇମାନ ବୋଲି କହିଥିବା ବେଳେ ଦଳୀୟ ନେତାଏ ବି ଅତୀତକୁ ଭୁଲି ପାଳିଆ ସାଜିଥିଲେ। କାରଣ ବିଜେଡିର ଅତୀତକୁ ଘାଣ୍ଟିଲେ ବେଇମାନୀର କେତେ ଯେ ଦୃଷ୍ଟାନ୍ତ ବାହାରିବ ତା'ର ଇୟତ୍ତା ନାହିଁ।

ବିଶେଷକରି ରାଜନୀତିର ଧାର ଧରୁନଥିବା ନବୀନଙ୍କୁ ଯେଉଁମାନେ ସିଧାସଳଖ ମୁଖ୍ୟମନ୍ତ୍ରୀ ଗାଡ଼ିରେ ବସାଇଥିଲେ, ପରବର୍ତ୍ତୀ ସମୟରେ ସେମାନଙ୍କ ପାଇଁ ସେ ମୀର ଜାଫର ପାଲଟି ଯାଇଥିଲେ। କାରଣ ପିତା ବିଜୁ ପଟ୍ଟନାୟକଙ୍କ ମୃତ୍ୟୁଜନିତ ସମବେଦନା ଭୋଟ୍ ପାଇ ସେ ମୁଖ୍ୟମନ୍ତ୍ରୀ ହେବା ପରେ ପରେ ବିଜୟ ମହାପାତ୍ର ଓ ଦିଲ୍ଲୀପ ରାୟ ତାଙ୍କୁ ଓଡ଼ିଶା ରାଜନୀତିରେ ପ୍ରବେଶର ସୁଯୋଗ ଦେଲେ ଓ ତାଙ୍କୁ ଏକରକମ ରାଜନୀତିର ପାଠ ପଢ଼ାଇଲେ। ଅର୍ଥାତ୍ ସେମାନେ ଓଡ଼ିଶା ରାଜନୀତିରେ ନବୀନଙ୍କ ଗଡ୍‌ଫାଦର୍ ଥିଲେ ହେଁ ପରବର୍ତ୍ତୀ ସମୟରେ ସେମାନଙ୍କୁ ଲଜ୍ଜାଜନକ ସ୍ଥିତିରେ ଦଳରୁ ବହିଷ୍କାର କରିଥିଲେ। ବିଜୟଙ୍କୁ ତ ଟିକେଟ୍ ଦେଇଥିଲେ ବି ଶେଷ ମୁହୂର୍ତ୍ତରେ ଏହାକୁ ଛଡ଼େଇ ନେଇ ଭାଣ୍ଡୁରା କରିବାକୁ ବି ନବୀନ ପଛଘୁଞ୍ଚା ଦେଇନଥିଲେ। ଅର୍ଥାତ୍ ଯେଉଁମାନେ ତାଙ୍କୁ ଓଡ଼ିଶାରେ ରାଜନୀତି ବାଟରେ ହାତ ଧରି ଚାଲି ଶିଖାଇଥିଲେ, ସେମାନଙ୍କୁ ନବୀନ ପଛପଟୁ ଛୁରୀ ମାରି ସେମାନଙ୍କ ପ୍ରତି 'ବେଇମାନୀ' କରିଥିଲେ।

ସେହିପରି ୨୦୧୯ରେ ନବୀନ ଚତୁର୍ଥ ଥର ପାଇଁ ମୁଖ୍ୟମନ୍ତ୍ରୀ ହେବା ପରେ ରାଜ୍ୟବାସୀଙ୍କ ହୃଦୟରେ ନିଜ ସ୍ଥାନ ଆଉ ଟିକେ ଗଭୀର କରିବା ସକାଶେ ଏକ ନୂଆ ଅଭିଯାନ ଆରମ୍ଭ କରିଥିଲେ। 'ଓଡ଼ିଶା ମୋ ପରିବାର' ନାମରେ ୨୦୧୯ ଅକ୍ଟୋବରରେ ଆରମ୍ଭ ହୋଇଥିବା ଏହି ଅଭିଯାନ ରକ୍ତଦାନ ଓ ସବୁଜିମା ପାଇଁ ଉଦ୍ଦିଷ୍ଟ ଥିଲା। ରାଜ୍ୟରେ ଏହି ଅଭିଯାନରେ କେତେ ଯେ ସବୁଜିମା ହୋଇଛି, ତା' କେବଳ ରାଜ୍ୟବାସୀ ଜାଣିଛନ୍ତି। ଏଥିସହ ଏହି ଯୋଜନାରେ ଦୁର୍ବଳ ସ୍ଥିତିରେ ରାଜ୍ୟ ତଥା ରାଜ୍ୟ ବାହାରେ ରହିଥିବା ଓଡ଼ିଆଙ୍କ ସମସ୍ୟା ଦୂର ଦିଗରେ ମଧ୍ୟ ଦଳୀୟ ନେତାଏ କାର୍ଯ୍ୟ କରିବେ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ। କିନ୍ତୁ ତାଙ୍କ ଦଳର ନେତାଏ ରାଜ୍ୟବାସୀଙ୍କ ସମସ୍ୟା ଦୂର କରିବା ତ ଦୂରର କଥା, ନିଜେ ରାଜ୍ୟ ମୁଖ୍ୟ ଜନସାଧାରଣଙ୍କଠାରୁ ଯଥେଷ୍ଟ ଦୂରତା ବଜାୟ ରଖୁଥିବା ସର୍ବଜନବିଦିତ। କାରଣ ସେ ସହଜରେ କୌଣସି ସାଧାରଣ ଲୋକ ତ ଦୂରେ ଥାଉ, ନିଜ ଦଳର ନେତାଙ୍କୁ ବି ଭେଟୁନଥିଲେ। ନବୀନ ନିବାସ ଚାରିପଟେ ଥିବା ବ୍ୟାରିକେଡ୍ ସମସ୍ତଙ୍କ ପାଇଁ ଥିଲା ମେଘନାଦ ପାଚେରିଠୁ ବି ଆହୁରି ଉଚ୍ଚ ସାବ୍ୟସ୍ତ ହେଉଥିଲା।

ଗରିବ ଲୋକଟିଏ ନିଜର ଦାବି ନେଇ ରାଜ୍ୟ ମୁଖ୍ୟଙ୍କ ପାଖରେ ପହଞ୍ଚିବା ଥିଲା ସାତ ସପନ। ଅର୍ଥାତ୍ ଏହି ଅଭିଯାନର ନାମକରଣ କେବଳ ଜନସାଧାରଣଙ୍କୁ ଭକୁଆ ବନାଇବା ପାଇଁ ଉଦ୍ଦିଷ୍ଟ ଥିଲା ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ। ନବୀନ ବାରମ୍ବାର ବିରୋଧୀ ବିଜେପି ଓ କଂଗ୍ରେସଠାରୁ ସମଦୂରତ୍ୱ ବଜାୟ ରଖିବେ ବୋଲି କହୁଥିବା ସମୟରେ ରାଜ୍ୟର ଗରିବଗୁରୁବାଙ୍କ ପାଇଁ ଏହି ଦୂରତା ବଜାୟ ଚିନ୍ତାଧାରାଟି ସ୍ପଷ୍ଟ ବାରି ହୋଇପଡୁଥିଲା। ରାଜ୍ୟର ସାଢ଼େ ୪ କୋଟି ଓଡ଼ିଆ ତାଙ୍କ ପରିବାର ବୋଲି ସବୁବେଳେ ଭାଷଣବାଜି କରୁଥିବା ନବୀନ ତାଙ୍କ ୨୫ ବର୍ଷର ଲମ୍ବା ମୁଖ୍ୟମନ୍ତ୍ରୀତ୍ୱ କାଳରେ କଦାପି କୌଣସି ଗରିବଗୁରୁବା କି ଅସହାୟର ଦୁଃଖ ➪ପୃଷ୍ଠା-୬

# ଭୁଲ୍ ହୋଇଗଲା ତୋତେ ଭଲପାଇ



ଡ଼ଃ ଅନୁପମା ବିଶ୍ୱାଳ

ମାଟି ଓ ଆକାଶ ସୂର୍ଯ୍ୟାସ୍ତର ଉଚ୍ଛ୍ୱାସ ମଧ୍ୟରେ ଏକୀଭୁତ ହୋଇଥାନ୍ତି ପକ୍ଷୀମାନଙ୍କର କ୍ଳାନ୍ତଡେଣାରେ ଦିନର ବିଦାୟ ଲିପି। ଗାଈଗୋରୁ ଘରମୁହାଁ। ଦୂରଦେଶରୁ ଶିଶିରଭିଜା ପବନ ବହୁଥିଲେ ମଧ୍ୟ କେଉଁଠି ଯେମିତି ଅଟକିଯାଉଥାଏ। ସୁକାନ୍ତ ବାବୁଙ୍କ ମନ ଭିତରେ ଦୀର୍ଘଶ୍ୱାସ..... ଆଃ! ତୁମେ ସତରେ କଣ ନିର୍ଦ୍ଦୟ ? ତୁମ କୋମଳ ହୃଦୟ ସତରେ କଠୋର ହୋଇଯାଇଛି ? ତୁମେ ମୋ ପାଖରେ ଅଭିନୟ କଲ ନା ସେସବୁ ବାସ୍ତବ ?

ହାତ ପାପୁଲିରେ ଉତ୍ତପ୍ତ କପାଳରୁ ଝାଳବୁନ୍ଦା ପୋଛିଦେଲେ ସୁକାନ୍ତ। ଦେହ ମନ ଏକସଙ୍ଗରେ ଭାରାକ୍ରାନ୍ତ। ଚାରିଆଡେ ନୀରବତା, ନିଃସଙ୍ଗତା। ଓଠ ଶବ୍ଦହୀନ।

ସୂର୍ଯ୍ୟଦେବ ପଶ୍ଚିମାଭିମୂଖୀ। ମାଛି ଅନ୍ଧାରୁଆ ଭିତରେ କେହି ଠିଆ ହେଲାପରି ମନେହେଲା। ଚମକି ପଡିଲେ ସେ।

"ପ୍ରୀତି ! ପ୍ରୀତି ! ପ୍ରୀ .... ତି।

ଫେରି ଆସିଛ ତୁମେ। ମୁଁ ଜାଣିଥିଲି,ମୋତେ ଛାଡ଼ି ତୁମେ ରହିପାରିବ ନାହିଁ। ଆମେ ପରା ଏକ ଆତ୍ମା,ଭିନ୍ନ ଶରୀର। ଠିକ ନିର୍ଣ୍ଣୟ ନେଲ। "ହଁ, ହଁ ତୁମେ ଠିକ୍ ନିର୍ଣ୍ଣୟ ନେଲ।

ମାଳ ମାଳ ଶବ୍ଦ ଅନର୍ଗଳ ଭାବେ ପାଟିରୁ ବାହାରୁଥାଏ। ପାଖକୁ ଧାଇଁଗଲେ ପ୍ରୀତିଙ୍କ ହାତ ଧରି ନେଇଯିବେ ସେହି ସ୍ଥାନକୁ,ଯେଉଁଠି ନିତି ଗପସପ କରୁଥିଲେ,ଭାବର ଆଦାନ ପ୍ରଦାନ କରୁଥିଲେ।

"ଏ କଣ! ଏଠି ତ କେହି ନାହାନ୍ତି। କୁଆଡେ ଗଲ ପ୍ରୀତି। " ପ୍ରୀତି ! ପ୍ରୀତି! ପାଗଳ ପରି ପୁଣି ସେହି ଡ଼ାକ । ଆଖିରେ ଆଖିଏ ଲୁହ। ହଜିଗଲେ ଅଭୁଲା ସ୍ମୃତିରେ , ପ୍ରେମର ଚିତ୍ରରେ।

ସାହିତ୍ୟ ପ୍ରତି ବହୁତ ଅନୁରାଗ ତାଙ୍କ। ନିଜେ ସାହିତ୍ୟକୁ ଯେତିକି ଭଲପାଆନ୍ତି,ପ୍ରୀତି ତାଙ୍କୁ ସେତିକି ଭଲପାଆନ୍ତି। ଏହି ସାହିତ୍ୟ ମାଧ୍ୟମରେ ହିଁ ତ ସେ ପାଇଥିଲେ ତାଙ୍କ ପ୍ରୀତିଙ୍କୁ। ସାହିତ୍ୟ ଥିଲା ତାଙ୍କ ସାଧନ,ପ୍ରାଣ ସ୍ପନ୍ଦନ ଓ ହୃଦୟର ଆବେଗ। ସାହିତ୍ୟରେ ହଜିଯାଇ ପ୍ରଥମେ ଛୋଟ ଛୋଟ କବିତା ଲେଖିଲେ। ଧୀରେ ଧୀରେ କବିତାକୁ ପ୍ରେମିକା କରିବସିଲେ। ତାକୁ ପ୍ରାଣ ଦେଇ ଜୀବନ୍ତ ରୂପ ଦେବାକୁ ଲାଗିଲେ। କବିତା ହେଲା ଜୀବନର ସବୁକିଛି। କେହି କେହି ପାଗଳ ଆଖ୍ୟାଦେଲେ। ଗୋଟିଏ ପରେ ଗୋଟିଏ କଲମରେ ରୂପ ପାଇଲା। ସବୁଗୁଡିକ ପ୍ରେମ କବିତା। ଯିଏ ପଢ଼ିବ , ପ୍ରେମ ହୋଇଯିବ।

ହଠାତ ଦିନେ ଫୋନଟିଏ ଆସିଲା। ଅଜଣା ନମ୍ବର। ଉଠେଇଲେ ନାହିଁ। କାରଣ ଆଜିକାଲି କେତେ ଠକେଇ। ବାରମ୍ବାର ସେହି ନମ୍ବରରୁ ଫୋନ ଆସୁଥାଏ। ବିରକ୍ତ ହୋଇ ଉଠେଇଲେ ଫୋନ୍ ଟି।

"ଆଃ ! କି ମଧୁର, କି କୋମଳ ଏ ସ୍ୱର। ଭରିରହିଛି ଆତ୍ମୀୟତା, ଭରି ରହିଛି ହୃଦୟର ଆବେଗ। "

"ଆପଣ ଶୁଣି ପାରୁଛନ୍ତି ? ମୁଁ ପ୍ରୀତି।

"ହଁ ହଁ କୁହନ୍ତୁ। ମୁଁ ଠିକ ଶୁଣୁଛି। "ସୁକାନ୍ତ କହିଲେ।

ଆପଣ କି ସୁନ୍ଦର ଲେଖୁଛନ୍ତି। ଥରେ ପଢ଼ିଲେ ବାରମ୍ବାର ପଢ଼ିବାକୁ ଇଚ୍ଛା ହେଉଛି। ଖୁବ ରସାଳ। "

କେବଳ ଧନ୍ୟବାଦଟିଏ ଦେଲେ ସେଦିନ ସୁକାନ୍ତ। ପ୍ରାୟ ନିର୍ଦ୍ଦିଷ୍ଟ ସମୟରେ ଫୋନ ପ୍ରତିଦିନ ଆସିଲା । ସୁକାନ୍ତ ମଧ୍ୟ ଅପେକ୍ଷାରେ ରହିଥାନ୍ତି ଫୋନକୁ। ଧୀରେ ଧୀରେ ଗପିବା ଅବଧି ବଢ଼ିବାକୁ ଲାଗିଲା ଓ ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ସୃଷ୍ଟିହେଲା।

ସତରେ ପ୍ରେମ କେତେବେଳେ ଲୁଚିଲୁଚି ଆସି ହୃଦ ଭିତରେ ଘର କରେ ଜଣାଯାଏ ନାହିଁ। ଯାହା ତ ନିଏ ନିଏ,ନିଦକୁ ବି ଛାଡେ ନାହିଁ।

ସୁକାନ୍ତଙ୍କ ପ୍ରତ୍ୟେକ କବିତାରେ ପ୍ରୀତିଙ୍କ ଛବି। କବିତା ପଢ଼ି ପ୍ରୀତି ଆତ୍ମବିଭୋର ହୋଇଉଠନ୍ତି। ଦୁହେଁ ଦୁହିଁଙ୍କୁ ନ ଦେଖି ଆଉ ରହିପାରିଲେ ନାହିଁ। ସୁକାନ୍ତ ବାଧ୍ୟ ହୋଇ ଗାଁ ଛାଡି ସହରରେ ଭଡାଘର ନେଇ ରହିଲେ। କାରଣ ପ୍ରୀତିଙ୍କ ସହ ଦେଖାକରିପାରିବେ।

ପ୍ରଥମ କରି ଗୋଟିଏ ପାର୍କରେ ଉଭୟ ଭେଟ ହେଲେ। କି ଆନନ୍ଦର ମୁହୂର୍ତ୍ତ! ପ୍ରୀତି ନ ଯଯୌ ନ ତସ୍ଥୌ ଅବସ୍ଥାରେ ରହିଗଲେ। ଅର୍ଥାତ ଆଗକୁ ନୁହଁ କି ପଛକୁ ନୁହଁ ,ଠିକ ସେଦିନ ଯେମିତି ମାତା ପାର୍ବତୀ ଭଗବାନ ଶିବଙ୍କୁ ଦେଖି ହୋଇଥିଲେ। ଏହାହିଁ ତ ନାରୀ ସୁଲଭ ଗୁଣ।



କିଛି ସମୟ କଥାବାର୍ତ୍ତା ପରେ ଦୁହେଁ ଚାଲିଗଲେ। ପ୍ରତିଦିନ ସେହି ଗୋଟିଏ ସ୍ଥାନରେ ନିର୍ଦ୍ଦିଷ୍ଟ ସମୟରେ ଉଭୟ ଭେଟ ହୋଉଥିଲେ। ପ୍ରେମ ବାଟରେ ଯେତେ ଆଗେଉଥିଲେ ସୁକାନ୍ତ ସେତିକି ସୁନ୍ଦର କବିତା ଲେଖି ଚାଲିଥିଲେ। କବିତା ପୁସ୍ତକ ମଧ୍ୟ ପ୍ରକାଶିତ କଲେ। କବିତା କାମିନୀ,ପ୍ରୀତି ଛନ୍ଦା,ପ୍ରୀତିର ସ୍ୱର,ପ୍ରେମର ବାସ୍ନା ,ପ୍ରୀତି ରାଗିଣୀ,ଏମିତି ଅନେକ।

ପ୍ରୀତି ଦିନେ ଘାସ ଗାଲିଚାରେ ସୁକାନ୍ତଙ୍କ କୋଳରେ ମୁଣ୍ଡ ରଖି କହିଲେ, "ସୁକାନ୍ତ! ତୁମେ ମୋତେ ଭୁଲିଯିବ ନାହିଁ ତ ?ମୋ ମଥାରେ ସିନ୍ଦୁର ଦେଇ ଆପଣାର କରିବ ତ ?"

"ଏଥିରେ ସନ୍ଦେହ କଣ ?''

ତୁମେ ମୋର ହୋଇସାରିଛ। ଆମ ସଂସ୍କାର ଆମକୁ ଦୈହିକ ମିଳନରୁ ସିନା ଦୂରେଇ ରଖିଛି,ହେଲେ ମନ ଓ ହୃଦୟ ମିଶି ସାରିଛି।

ସଞ୍ଜ ରକ୍ତିମ ଆଭାରେ ଦୁହେଁ ହଜି ଯାଇଥିବା ବେଳେ ହଠାତ ଏକ କର୍କଶ ସ୍ୱର ଶୁଭିଲା। ପ୍ରୀତି !

ଚମକି ପଡିଲେ ଦୁହେଁ। ବଡ଼ ବଡ଼ ଆଖି କରି ଛିଡା ହୋଇଥାନ୍ତି ପ୍ରୀତିର ବଡ଼ଭାଇ। ବୟସରେ ପ୍ରୀତିଠାରୁ ଆଠ ବର୍ଷର ବଡ଼। ବାପା ଆଉ ପାରିକୁ ଯିବାଠାରୁ ସେ ନେଇଛନ୍ତି ଭଉଣୀର ଦାୟିତ୍ୱ।

ସୁକାନ୍ତଙ୍କୁ ବହୁତ ବାଧିଲା । ପ୍ରୀତି ସହ ଆଉ କଣ ଦେଖା ହୋଇ ପାରିବ ନାହିଁ। ଭବିଷ୍ୟତ ଅନିଶ୍ଚିତ। ଆଖିକୁ ଆଉ ନିଦ ନାହିଁ। କ୍ଷୀଣ ଦୀପଶିଖା ପରି ହୃଦୟ କମ୍ପିତ ହେଉଥାଏ।

ପ୍ରୀତିଙ୍କ ପାଇଁ ବହୁତ ଥର ଅମାନିଆ ଲୁହ ବହିଯାଏ। ହୃଦୟର କ୍ଷତରେ ଯେତେ ମଲମ ଦେଲେ ଶୁଖିଲା ନାହିଁ।

କବିତା ମଧ୍ୟ ଆଉ ଲେଖିପାରିଲେ ନାହିଁ। ମନରେ ସ୍ଥିରତା ରହିଲା ନାହିଁ। ଏମିତି କିଛିଦିନ ପରେ ହଠାତ ପ୍ରୀତିଙ୍କ ସହ ଦେଖାହୋଉଗଲା। ତରତରରେ ପ୍ରୀତି ଥିଲେ ମଧ୍ୟ ସୁକାନ୍ତଙ୍କୁ ଦେଖି ଅଟକିଗଲେ। ଉଭୟଙ୍କ ଆଖିରେ ଅକୁହା ଭାଷା। ହୃଦ ସ୍ପନ୍ଦନ ଓ ଓଠର କମ୍ପନ ପ୍ରତିଯୋଗୀତା କରୁଥାନ୍ତି। ଏତେ ଦିନ ପରେ ଦେଖାସାକ୍ଷାତ।

କେମିତି ଅଛ ? ସକାନ୍ତ ପଚାରିଲେ

"ମରୁଭୂମିରେ ନିତି ତଣ୍ଟି ଶୁଖୁଥିବା ଜୀବ ପରି"।

ବାସ୍। ଏତିକି କହୁ କହୁ ଡ୍ରାଇଭର ପ୍ରୀତିଙ୍କୁ ଡାକି ନେଇଗଲେ।

ଯାହେଉ ସୁକାନ୍ତ ବୁଝିଗଲେ,ତାଙ୍କ ବିନା ପ୍ରୀତିର ଅବସ୍ଥା।

ବହୁତ ଚେଷ୍ଟା କରି ମଧ୍ୟ ଆଉ ଭେଟ ହୋଇ ପାରିଲେ ନାହିଁ।

ହେଲେ ମନରେ ବିଶ୍ୱାସ । ସେ ନିଶ୍ଚୟ ଦିନେ ତାଙ୍କ ସହ ଘର ସଂସାର କରିବେ।

କିଛି ଦିନ ପରେ ସୁକାନ୍ତ ମନ ଭିତରେ ସାହସ ରଖି ପ୍ରୀତିଙ୍କ ବଡ଼ଭାଇଙ୍କୁ ପ୍ରୀତିଙ୍କ ହାତ ମାଗିଲେ। ହେଲେ ପ୍ରୀତି ବାହା ହୋଇ ସାରିଛନ୍ତି ଶୁଣି କାନ ମୁଣ୍ଡା ଭାଁ ଭାଁ କଲା। ମୁଣ୍ଡରେ ବଜ୍ର ପଡିଲା।

ତାଙ୍କ ପ୍ରେମ କଣ ଏତେ ଦୁର୍ବଳ ଥିଲା। ପ୍ରୀତି କଣ ଭଲ ପାଇବାର ଅଭିନୟ କରୁଥିଲେ।

ପ୍ରଶ୍ନର ଉତ୍ତର ଜାଣିବାକୁ ପ୍ରୀତି ସହ ସାକ୍ଷାତ କରିବାକୁ ବଡଭାଇଙ୍କ ଅନୁମତି ନେଇଗଲେ।

ଦ୍ୱାର ପାଖରେ ଛିଡା ହୋଇ କଲିଙ୍ଗ ବେଲ୍ ଦେଲେ।

ଚାକର ଟୋକା ପରିଚୟ ପଚାରି ଘର ଭିତରକୁ ଗଲା।

ମଥାରେ ସିନ୍ଦୁର,ଦେହରେ ନାଲି ରଙ୍ଗ ଶାଢ଼ୀ,ଅଳଙ୍କାର ପରିପୂର୍ଣ୍ଣ ହୋଇ ପ୍ରୀତି ଆସିଲେ ସୁକାନ୍ତଙ୍କ ପାଖକୁ। ହୃଦ ସ୍ପନ୍ଦନ ନାହିଁ କି ଓଠ କମ୍ପନ ନାହିଁ।

ସୁକାନ୍ତ ଠିକ ବୁଝିଗଲେ। କିଛି କହିବା ପୂର୍ବରୁ ପ୍ରୀତି କହିଲେ ତୁମେ କିଏ ? କାହାକୁ ଖୋଜୁଛ ? କଣ କାମ ଅଛି ?

ସତରେ ପ୍ରୀତି ତାଙ୍କୁ ଚିହ୍ନି ନାହାନ୍ତି ! କି ଉତ୍ତର ସେ ଦେବେ।

କେବଳ କହିଲେ,"ଭୁଲ ହୋଇଗଲା ତୁମକୁ ଭଲ ପାଇ। "

କଥାଟିକୁ ଶୁଣି ନ ଶୁଣିବାର ଅଭିନୟ କରି

ଏକ ନିଃଶ୍ୱାସ ରେ ପ୍ରୀତି ଘର ଭିତରକୁ ଚାଲିଗଲେ ଏବଂ ସୁକାନ୍ତଙ୍କ ଫଟୋଟିକୁ ବାହାର କରି କହିଲେ,ମୋତେ କ୍ଷମା କରିଦେବ। ମୁଁ ପ୍ରେମ ଯୁଦ୍ଧରେ ହାରିଗଲି। ମୁଁ ପ୍ରେମ ଯୁଦ୍ଧରେ ହାରିଗଲି।

ଉଷୁମ ଲୁହରେ ଭିଜୁଥାଏ ପ୍ରୀତିଙ୍କ ହାତରେ ଥିବା ସୁକାନ୍ତଙ୍କ ଫଟୋଟି।

ସମ୍ବଲପୁର, ମୋବାଇଲ୍:୭୯୭୮୫୬୮୩୨୨



# ସତ ସାହିତ୍ୟକର ସମ୍ପର୍କ ସେତୁ



ପୁଷ୍ପଲତା ମିଶ୍ର

ମୁଁ ପିଲାଦିନେ ମୋ ବୁଢ଼ୀମାଠାରୁ ଶୁଣିଥିଲି ସକାଳ କୁଣିଆ, କୁଣିଆ ନୁହେଁ କି ସକାଳ ବରଷା, ବରଷା ନୁହେଁ। ମୁଁ ସେ କଥା ର ଅର୍ଥ ବୁଝି ପାରେନା କୁଣିଆ ତ ଆସିଲେ କୁଣିଆ କେମିତି ନୁହେଁ ? ବରଷା ତ ହେଲା ସେ ସକାଳ ହଉ କି ସନ୍ଧ୍ୟା ସେ ପୁଣି ବର୍ଷା କେମିତି ନୁହଁ ? ମୋ ପିଲା ମୁଣ୍ଡରେ ବୁଝିପାରୁନଥିଲି ସେ କଥାର ସାରମର୍ମ। ଆଜି ମେ ମାସ ତେର ତାରିଖ ସକାଳୁ ସକାଳୁ ହଠାତ୍ ଫୋନ ବାଜିଲା। ମୁଁ ନିଦୁଆ ଆଖିରେ ଫୋନ ଉଠେଇ କହିଲି, ହାଲୋ.. ସେପଟରୁ ଶୁଭିଲା ଚିହ୍ନା ଶବ୍ଦ। ମୁଁ ଶବ୍ଦକୁ ଠିକ୍ ବାରି ପାରୁଥିଲି ସେ ଆମ ସାହିତ୍ୟିକ ଦିଲୀପ ନାୟକ। ସେ କହିଲେ, ଅପା କଣ ତୁମ ଦେହ ଖରାପ ହେଇଛି। ମୁଁ କାଲି ଗୋଟେ ସାହିତ୍ୟ ଆସରରୁ ଶୁଣିଲି କଣ ପଡ଼ି ଯାଇଛନ୍ତି ? ମୁଁ ଏବେ ତୁମ ପାଖକୁ ତୁମ ଘରକୁ ଯାଉଛି। ତାଙ୍କୁ ଘରର ଠିକଣା ବତେଇ ଅପେକ୍ଷା କରି ମୋବାଇଲ ଧରି ବାହାରେ ବସିଲି କିନ୍ତୁ ବେଶୀ ସମୟ ବସି ନ ପାରି ମୋ ସ୍ୱାମୀଙ୍କୁ ଫୋନ ଦେଇ ଘର ଭିତରକୁ ଆସିଲି କିଛିଟା ନିତ୍ୟ କର୍ମ କରିବାକୁ। କିଛି ସମୟ ପରେ ଘରର ଠିକଣା ପଚାରି ପଚାରି ପହଁଚି ଗଲେ ମୋ ଘରେ। ଏହାକୁ କୁହନ୍ତି ସତ ସାହିତ୍ୟିକ ଓ ଭାଇ ଭଉଣୀର ସମ୍ପର୍କର ସେତୁ !

ଆଜି କି ଠିକ୍ ମାସକ ପୂର୍ବରୁ ଏପ୍ରିଲ ତେର ତାରିଖ ଦିନ ସକାଳେ ଏମିତି କୁଣିଆ ଆସୁଥିଲେ ଆମ ଘରକୁ, ସେମାନଙ୍କୁ ଘରର ବାଟ ବତେଇଦବାକୁ ଯାଇ ଦୁଆର ପାଖରେ ମୁଁ ଭାରସମ୍ୟ ହରାଇ କଚାଡି ହୋଇ ପଡ଼ିଗଲି, ଯାହାଦ୍ୱାରା କି ମୋର ଅଣ୍ଟାରେ ଭୀଷଣ ଆଘାତ ଲାଗିଥିଲା। ସେମାନଙ୍କ ସହ ଚନ୍ଦନ ବୋଲି ତାଙ୍କ ପୁଅଟି ମଧ୍ୟ ଆସିଥିଲା।

ଚନ୍ଦନ ଏଭଳି ଗୋଟେ ଜିନିଷ ତାର ନାମ ଶୁଣିଲେ ପବିତ୍ରତାରେ ମନ ହୃଦୟ ପୁରି ଉଠେ ଆଉ ତାର ବାସନାରେ ମହମହ ବାସି ଉଠେ ଘରର ଅଗଣା। ଆଉ ସେହି ଚନ୍ଦନର ଅମ୍ଳାନ ଶ୍ୱାସପ୍ରଶ୍ୱାସର ରାମବାଣ। ଚନ୍ଦନ ଯେମିତି ପବିତ୍ର ସବୁ ଦେବାଦେବୀଙ୍କର ଚନ୍ଦନ ସେମିତି ପ୍ରିୟ। ଚନ୍ଦନ ବୋଲି ନ ହେଲେ ଆମର ଆରାଧ୍ୟ ଦେବତା ପ୍ରଭୁ ଜଗନ୍ନାଥଙ୍କର ଅବକାଶ ହେବା ବାକି ରହି ଯାଏ।ଏବେ ଜଗତରନାଥ ଜଗନ୍ନାଥଙ୍କର ଚନ୍ଦନଯାତ୍ରା ଚାଲୁଛି। ସେ ଯାହା ବି ହେଉ ମୋ ପାଇଁ ସେ ଚନ୍ଦନ ହିଁ ଚନ୍ଦନ !

ସେଇ ଚନ୍ଦନ ନାମଧାରି ପୁଅଟି ମତେ ଶ୍ରୀମେଡିକାଲକୁ ନେଇ ଡାକ୍ତର ଦେଖେଇ ଔଷଧ କିଣି ଆଣିଲେ, ମୋର ଏପରି ଅବସ୍ଥା ଦେଖି ସେମାନେ କିଣି ଆଣି ଖିଆପିଆ ବି କଲେ। ମତେ ଭଲ ଲାଗୁନଥାଏ କିନ୍ତୁ କିଛି କହି ବି ପାରୁ ନ ଥାଏ। ସବୁ କ୍ଷେତ୍ରରେ ଚକ୍ରଧାରି ନାରାୟଣ ଉପସ୍ଥିତ ତେଣୁ ସେ ସ୍ୱୟଂ ତ ବିପଦ ସମୟ ରେ ପାଖେ ପାଖେ ଅଛନ୍ତି।

ଏବେ ଆସିବା ଆଜିର ସକାଳ କୁଣିଆ ବା ଅତିଥିଙ୍କ ପାଖକୁ କଥାରେ ଅଛି-ତିଥି ନ ଦେଖି ଯିଏ ଆସନ୍ତି ସେ ଅତିଥି। ମୋର ଦେହ ଅସୁସ୍ଥ ଯିଏ ଜାଣିଛନ୍ତି ତ ଜାଣିଛନ୍ତି। କିନ୍ତୁ ମୁଁ କାହାକୁ କହି ନାହିଁ। ବାହାରୁ ଅନ୍ୟମାନଙ୍କଠାରୁ ଶୁଣି ଯିଏ ଆସି ଭଲମନ୍ଦ ବୁଝନ୍ତି। ତାଙ୍କୁ ତ କୁହନ୍ତି ଦରଦୀ ବନ୍ଧୁ। ଆଜି ସକାଳେ ଯିଏ ଆସିଥିଲେ ତାଙ୍କ ଘର ଆମ କେନ୍ଦ୍ରାପଡ଼ା ଜିଲ୍ଲାର ଜଣେ ସାନ ଭାଇ। ସେ ଜଣେ ଏକାଧାରରେ ସାହିତ୍ୟିକ, କଳାକାର, ସାମ୍ବାଦିକ ଓ ଜଣେ ଦରଦୀ ମଣିଷ। ମୁଁ ପଡ଼ିଯିବାରୁ ଯୋଉ ଅଣ୍ଟା ମାଡ଼ ହେଇଥିଲା ମୁଁ ଫେସ୍‌ବୁକ୍ ଦେଖି ଜଣେ ଠକ ଡାକ୍ତର ପାଖକୁ ଚାଲି ଗଲି ସେ ମୋର ଟ୍ରିଟମେଣ୍ଟ କରିବ କଣ ମୋ ପାଖରୁ ପଞ୍ଚାବନ ହଜାର ଟଙ୍କା ନେଲା ଓ ମତେ ବହୁତ କଲବଲ କରିଦେଲା। ମୁଁ ମୋ ପୁଅ ଓ ସ୍ୱାମୀଙ୍କୁ କହିଲି, ମରିଯିବି ପଛେ ସେ ଡାକ୍ତର ପାଖକୁ ଯିବିନି। ତା'ପର ଦିନ ମିଣିପାଲ୍ ଡାକ୍ତରଖାନାକୁ ଗଲିକିଛିଟା ଉପଶମ ପାଇଛି ଏ ସବୁ କଥା ଦିଲୀପ ଶୁଣି ସେ ଠକ୍ ଡାକ୍ତରର ଫୋନ ନମ୍ବର ନେକି ଗଲେ ଆଉ କହିକି ଗଲେ ମୋ ଭଉଣୀ କୁ ହଇରାଣ କରିଛି ମୁଁ ତାକୁ ଛାଡିବିନି। ଏଠି କହି ରଖେ ମୁଁ ଯେପରି ଠକାମୀ ର ଶିକାର ହେଲି ସେମିତି କେହି ଏମିତି ଠକ ଡାକ୍ତରଙ୍କ ପାଖକୁ ଯାଆନ୍ତୁନାହିଁ।

ଭୁବନେଶ୍ୱର
ମୋବାଇଲ୍: ୯୩୩୮୨୯୪୬୫୭

# କର୍ମ ସାଧନାର ସାର୍ଥକତା



ଡକ୍ଟର ଲକ୍ଷ୍ମଣ ସାହୁ

ଯୁଗେ ଯୁଗେ ପ୍ରତ୍ୟେକ ଦେଶରେ ଜ୍ଞାନୀ, କର୍ମୀ ଓ ତ୍ୟାଗୀ ପରମାନନ୍ଦମୟ ବହୁ ସାଧୁ, ସନ୍ୟାସୀ, ମୁନି, ଋଷି, ତତ୍ତ୍ୱଦର୍ଶୀ ଯୁଗଜନ୍ମା ମହାପୁରୁଷଗଣ ଲୋକ ସମାଜରେ ନିଜର ଅମୃତ ବାଣୀକୁ ଘୋଷଣା କରି ଆସିଛନ୍ତି। ସବୁ ଧର୍ମାବଲମ୍ବୀ ତତ୍ତ୍ୱଦର୍ଶୀ ଏହି ସନ୍ଥ ମହାପୁରୁଷମାନେ ଗୋଟିଏ କଥା ଦର୍ଶାଇଛନ୍ତି, ସବୁ ପ୍ରକାର ଭେଦ ରହିତ ଜ୍ଞାନହିଁ ଅଜ୍ଞାନ। ଯେପର୍ଯ୍ୟନ୍ତ ଭେଦକୁ ଅତିକ୍ରମ କରାଯାଇ ନାହିଁ, ଦୂରେଇ ଦିଆଯାଇ ନାହିଁ, ସେପର୍ଯ୍ୟନ୍ତ ହୃଦୟର ଏଶୂନ୍ୟ ତଟଭୂମିପରେ ଅଭେଦର ପ୍ରତିଷ୍ଠା ଲାଭ ନାହିଁ। ଏପରିକି ସେପର୍ଯ୍ୟନ୍ତ ମନୁଷ୍ୟ କେବେ ଥରେ ଆତ୍ମ ସନ୍ତୋଷ ପାଇ ପାରିବନାହିଁ। ନିଜକୁ କୃତାର୍ଥ ଅନୁଭବ କରି ପାରେନାହିଁ।

ଅସଂଖ୍ୟ ପ୍ରକାର ଭେଦ ମଧ୍ୟରେ ବର୍ତ୍ତମାନ ଜଡିତ ରହି ମଧ୍ୟ ସ୍ୱକୀୟ ସୁଗୁଣ ଅନ୍ତଃଦୃଷ୍ଟି ବଳରେ ତାକୁ ଅଭେଦ ଦର୍ଶନ କରିବାକୁ ପଡିବ। ଅଭେଦ ଦୃଷ୍ଟିକୁ ନେଇ ସକଳ କର୍ମ ସଂପାଦନ କରିବାକୁ ହେବ। ସମଭାବାପନ୍ନ ଭାବ ନେଇ ଉଂଚ, ନୀଚ, ଅସବର୍ଣ୍ଣ, ସବର୍ଣ୍ଣ, ଅସ୍ପୃଶ୍ୟ, ଧନୀ, ନିର୍ଦ୍ଧନ, ଅବହେଳି, ଲାଞ୍ଛିତ, ଖଟିଖିଆ, ସର୍ବହରା ଆଦି ସମସ୍ତଙ୍କ ପ୍ରତି ସମଦୃଷ୍ଟି ରଖିବାକୁ ହେବ। ଏପରି ମଧ୍ୟ ଅଭେଦ ଭାବକୁ ସଂଭୋଗ କରି ତାକୁ ପ୍ରତ୍ୟେହ ଅଭେଦ ଭୂମିପରେ ବିଚରଣ କରିବାକୁ ପଡିବ। ଏହା ମାନବ ପ୍ରାଣର ସଫଳ ମାର୍ଗ। ଏହି ଅଧିକାରକୁ ନେଇ ଭେଦ ବହୁଳ ଜଗତରେ ମାନବ ପ୍ରାଣର ଆର୍ବିଭାବ ଘଟିଛି। ଅନନ୍ତ ବୈଷମ୍ୟ ରହିତ ଜଗତରେ ପରମ ସାମ୍ୟଭାବର ସ୍ଥିତି ପ୍ରାପ୍ତ କରିବାର ପୂର୍ଣ୍ଣ ଅଧିକାରହିଁ ଯଥାର୍ଥ ମାନବୀୟ ଅଧିକାର।

ଜ୍ଞାନ ସାଧନା କ୍ଷେତ୍ରରେ ମନୁଷ୍ୟର ପ୍ରାଣ ଜଣା ଅଜଣାର ସବୁ ପ୍ରକାର ଶ୍ରେୟ ବିଷୟର ମୂଲ୍ୟକୁ ବଡ ଅଦ୍ଭୁତ ପ୍ରକାର ଅଧିକାର ନିମନ୍ତେ ବ୍ୟାକୁଳ ହୋଇ ଉଠେ। ଅହରହ ବିଭିନ୍ନ ପ୍ରକାର କାର୍ଯ୍ୟ ଭିତରେ ସେ ଏହାକୁ ଖୋଜିଚାଲେ। ଅନେକ ଜାତୀୟ ପ୍ରତ୍ୟେକ୍ଷ ଗୋଚର ସତ୍ୟକୁ ଏକ ବ୍ୟାପକତମ ମହାସତ୍ୟର ଅନ୍ୱେଷଣ କରେ। ପରିଦୃଶ୍ୟମାନ ବିଚିତ୍ର କ୍ରିୟାକୁ ନିୟାମକ ରୂପେ ସେ' ଏକ ମହାଶକ୍ତିର ସାକ୍ଷାତ୍ କାର ପ୍ରାପ୍ତ କରିବାକୁ ଚାହେଁ। ତେଣୁ ସେ ନିରନ୍ତର ଭାବେ ଅନେକ ଭିତରେ ଏକକୁ ଖୋଜେ। ଏହା କେବଳ ମାନବ ପ୍ରାଣର ସ୍ୱାଭିବିକ ଧର୍ମ। କହିବାକୁ ଗଲେ, ଏକ ଭିତରେ ବହୁତର ଉପସ୍ଥିତି। ଏକ'ରେ ଅନେକଙ୍କ ମିଳନ, ଏକର ଆଶ୍ରୟରେ ଅନେକଙ୍କ ସମ୍ବନ୍ଧ ଓ ସ୍ଥିତି। ବିନାଶ କାଳରେ ଏକ ଭିତରେ ଅନେକଙ୍କ ବିଲୀନକୁ ଅନୁଭବ ମାନବ ହୃଦୟର ଏହା ପ୍ରଥମ ସତ୍ୟ। ଏସବୁ କାରଣରୁ ବୈଜ୍ଞାନିକ ବିଶ୍ଳେଷଣାନୁଯାୟୀ ବିଭିନ୍ନ ପଦାର୍ଥ ଭିତରେ କେଉଁ ପ୍ରକାର ସାଦୃସ୍ୟ, ସହଯୋଗିତା ଦେଖାଇବାକୁ ପଡେ। ବିଭିନ୍ନ ପ୍ରକାର କ୍ରିୟା ଭିତରେ କେଉଁ ପ୍ରକାର ଯୋଗସୂତ୍ର, ସାମଂଜସ୍ୟ ରହିଛି, ବିଭିନ୍ନ ଘଟଣା ମଧ୍ୟରେ କେଉଁ ପ୍ରକାର ଏକତାର ସ୍ପର୍ଶ ଉପଲବ୍ଧ କରିହୁଏ, ତାହାହିଁ ମାନବୀୟ ବୁଦ୍ଧି। ଏସବୁକୁ କୌଣସି ଏକ ଐକ୍ୟର ଅଭେଦ ଭୂମିକୁ ଆବିଷ୍କାର କରିବାରେ ବ୍ୟସ୍ତ ରହେ। କ୍ରମଶଃ ଏହି ଉନ୍ନତ ବିଚିତ୍ର ମୟ ଜଗତ ସହ ଯେତେଯେତେ ପରିଚୟ ହୁଏ, ସେହି ପରିମାଣରେ ସେ ପ୍ରତ୍ୟେକ ପଦାର୍ଥ ଭିତରେ ଏକ ପ୍ରକୃତିଗତ ଓ କ୍ରିୟାଗତ ଐକ୍ୟ ସୂତ୍ରର ବିଦ୍ୟାମୟତାକୁ ଉପଲବ୍ଧି କରେ। ସମସ୍ତ ଜଗତ ଭିତରେ ଏକ ଅଙ୍ଗାଙ୍ଗୀ ଯୋଗର ଅନୁଭୂତି ଲାଭ କରେ। ସମସ୍ତ ଜଗତର ମୂଳଭିତ୍ତି, ପ୍ରତ୍ୟେକ ବୈଚିତ୍ର୍ୟର ଅଭେଦ ଭୂମି, ଅସଂଖ୍ୟ କ୍ରିୟା'ର ମୂଳ ଉତ୍ସ। ସତେ ଯେଭଳି ଏକ ମହାଶକ୍ତିମୟ ରୂପ ପ୍ରକାଶ ସତ୍ତ୍ରଷ୍ଟାର ସାକ୍ଷାତ୍ କାର ପାଇଁ ଆକାଂକ୍ଷା ତୀବ୍ର ହୋଇଯାଏ। ସର୍ବକାରଣ କାରଣ ସର୍ବଶକ୍ତିଚାର ପ୍ରତୀୟମାନ ହୋଇଥାନ୍ତି। ଏହି ଅଦ୍ୱିତୀୟ ସତ୍ତ୍ରଷ୍ଟ ସାକ୍ଷାତ୍ କାର ହେବା ଫଳରେ ସବୁ ଜ୍ଞାତ ହୋଇଯାଏ। ନାମ ରୂପରେ ଆଭ୍ୟନ୍ତରୀଣ ତତ୍ତ୍ୱ ସଙ୍ଗରେ ମାନବ ହୃଦୟର ପରିଚୟ ସଂସ୍ଥାପିତ ହୁଏ । କେବଳ ଏହା ନୁହେଁ ଜ୍ଞାତା ଏବଂ ଶ୍ରେୟକୁ ମଧ୍ୟ ଅତ୍ୟନ୍ତ ଅଭେଦ ଭୂମି ସହ ପରିଚୟ ହେବା ଜାଣିବାରେ ଆଗ୍ରହ ଘନିଭୂତ ହୁଏ। ଫଳତଃ ବିଶ୍ୱ ସଂସାର ସହ ହୃଦୟର ଐକ୍ୟାନୁଭୂତି ଘଟେ। ବିଶ୍ୱର ସ୍ଥାବର ଜଙ୍ଗମ ପ୍ରତ୍ୟେକ ପଦାର୍ଥକୁହିଁ ଆତ୍ମାର ଅଭିନ୍ନ ବୋଧ କରି ଆଲିଙ୍ଗନ କରେ । ସମସ୍ତ ଜାଗତିକ କ୍ରିୟା ଭିତରେ ନିଜର ଅଭିବ୍ୟକ୍ତିତ୍ୱକୁ ଦର୍ଶନ କରେ। ଯାହାକି ମାନବ ହୃଦୟ ସର୍ବବ୍ୟାପକ ହୋଇଯାଏ। ଏଭଳି ଦର୍ଶନ ହେଉଛି ସମ୍ୟକ୍ ଦର୍ଶନ। ଯେଉଁ ଦର୍ଶନରେ ମାନବ ହୃଦୟର ଜ୍ଞାନ-ସାଧନା ସାର୍ଥକ ପାଲଟେ । ହୃଦୟ ନିର୍ମଳ ପବିତ୍ର ହୋଇଯାଏ ।



କିନ୍ତୁ ମାନବ ହୃଦୟ କେବଳ ଜ୍ଞାନ ସାଧକ ନୁହେଁ। ଏହା କର୍ମ ସାଧକ ଓ ଭୋଗ ଦାୟକ। କର୍ମ ଓ ଭୋଗ ଭିତରେ ଏହାର ସତ୍ ଜ୍ଞାନ ନିଜକୁ ସ୍ଥାପିତ କରେ। ଜ୍ଞାନକୁ ଉତ୍କର୍ଷ କରିବା ସହିତ ଏହାର କର୍ମ ଓ ଭୋଗର ଉତ୍କର୍ଷ ନହେବା ପର୍ଯ୍ୟନ୍ତ ସେ କେବେ ସମ୍ୟକ୍ ତୃପ୍ତି ଅନୁଭବ କରିପାରେ ନାହିଁ। ଏହାର ଜ୍ଞାନ ଯଦି ଅଭେଦ ଭୂମିରେ ପ୍ରତିଷ୍ଠିତ ହୁଏ, ତେବେ ଏହାର କର୍ମ ଓ ଭୋଗ ମଧ୍ୟ ସେହି ଅଭେଦ ଭୂମିପରେ ପ୍ରସୂତ ହୁଏ। ଯାହାଫଳରେ ଏ ବିଚିତ୍ର କ୍ରିୟା ସମନ୍ୱିତ ବିଶ୍ୱ ଜଗତରେ ସେ କେବଳ ଏକହିଁ ଲୀଳାବିଳାସକୁ ଦର୍ଶନ କରିଥାଏ, ଏବଂ ନିଜକୁ ମଧ୍ୟ ତା'ସହ ଅଭିନ୍ନ ରୂପରେ ନିଜକୁ ଅନୁଭବ କରେ। ଏଥିପାଇଁ କୌଣସି ଅନାଗ୍ରହ ଆକାଂକ୍ଷା ନଥାଏ। ଏହାର ଇଚ୍ଛାକୁ ମଧ୍ୟ କୌଣସି ଆଘାତ ଲାଗେ ନାହିଁ। ଏହାର କର୍ମ ଓ ଆନନ୍ଦ ସମ୍ଭୋଗ ମଧ୍ୟ କୌଣସି କ୍ଷେତ୍ରରେ ବାଧା ପ୍ରାପ୍ତ ହୁଏ ନାହିଁ। ବିଶ୍ୱର ପ୍ରତ୍ୟେକ କାର୍ଯ୍ୟ ଭିତରେ ସେ ଯେଉଁ ପ୍ରକାର ଲୀଳା ବୈଚିତ୍ର୍ୟକୁ ଦର୍ଶନ କରେ, ଅନୁଭବ କରେ, ସେହି ପ୍ରକାର ନିଜର କର୍ମକୁ ମଧ୍ୟ ଲୀଳାଭିବ୍ୟକ୍ତ ରୂପରେ ଆସ୍ୱାଦନ କରେ। ଏହାର ଦେହ, ମନ, ଇନ୍ଦ୍ରିୟ, ବୁଦ୍ଧି ଦ୍ୱାରା ସକଳ କର୍ମ ସମ୍ପାଦିତ ହୁଏ। ଏସବୁ ଏହି ବିଶ୍ୱମୂଳଭୂତ ଏକ କର୍ମ ସ୍ୱରୂପ ଅଟେ। ତା'ର ଅନ୍ତର ମଧ୍ୟରେ ଯାହାବି ସଂକଳ୍ପ ଉଦିତ ଘଟେ, ସେସବୁ କେବଳ ଗୋଟିଏ ସଂକଳ୍ପ ପାଲଟେ। ଏହାର କର୍ମରେ ଯେଉଁ ଫଳ ପ୍ରସୂତ ହୁଏ, ଏହା ଏକହିଁ ଏହି ଫଳର ସଂଭୋକ୍ତା ଅଟେ।

ଏସବୁର ସକଳ କର୍ମ ଓ ଫଳର ସେ'ହିଁ କେବଳ ଭୋକ୍ତା ପାଲଟେ। ସେହି ସର୍ବ କର୍ତ୍ତା, ସର୍ବ ଭୋକ୍ତା, ସର୍ବ ଶକ୍ତିଧର, ଶକ୍ତିବାନ୍, ସର୍ବ ନିୟନ୍ତା, ପରମ ପୁରୁଷ ପାଲଟି ଯାଏ। ସ୍ୱକୀୟ ମହିମାରେ ଏହି ପରମତତ୍ତ୍ୱ ସହ ଏହାର ଐକ୍ୟାନୁଭୂତି ଘଟେ। ମାନବ ପ୍ରାଣର ସ୍ୱରାଜ୍ୟ ସିଦ୍ଧଭୂତ ପ୍ରକୃତିଗତ ବିଶ୍ୱରାଜତ୍ୱର ପ୍ରତିଷ୍ଠା ଘଟେ। ଏହି ପରମ ପୁରୁଷଙ୍କ ସ୍ୱରୂପହିଁ, ଏହାର ସ୍ୱରୂପ ପାଲଟେ। ପରମ ତତ୍ତ୍ୱର ବିଭୂତିହିଁ ତା'ର ବିଭୂତି ହୋଇଯାଏ। ଏପରିକି ପରମ ତତ୍ତ୍ୱ ବିଶ୍ୱରାଜ୍ୟହିଁ ଏହାର ସାମ୍ରାଜ୍ୟ ପାଲଟି ଯାଏ।

''ସର୍ବେଷୁ ଲୋକେଷୁ କାମାଚାର'' ହେବାର ସେଭଳି କୌଣସି ବାଧା ବିଘ୍ନ ଘଟେନାହିଁ । କିନ୍ତୁ ନିଜ ପାଇଁ କୌଣସି ପ୍ରକାରର ସୁଖ-ସଂମ୍ଭୋଗର ପ୍ରଭାବ, ପ୍ରତି ଗତିର କାମନା ତା' ହୃଦୟରେ କେବେ ଜନ୍ମେ ନାହିଁ। ଏକ ଐଶ୍ୱରୀକ ଭାବ ଜଗତରେ ବିଚରଣ କରେ। ସକଳ କର୍ମ ସାଧନ ମାନବ ସେବାରେ ପରିଣତ ହୋଇଯାଏ।

ଏପ୍ରକାର ଅମୂଲ୍ୟ ଜ୍ଞାନ ସାଧନ କରି ମଣିଷ ଯେତେବେଳେ ପ୍ରଭୁଙ୍କ ପ୍ରେରଣାରେ କର୍ମ କ୍ଷେତ୍ରରେ ଅବତୀର୍ଣ୍ଣ ହୁଏ, ସେତେବେଳେ ତା'ର କୌଣସି ବ୍ୟକ୍ତି ଗତ ପ୍ରାପ୍ତ୍ୟ ବା ଭୋକ୍ତା ହେବା ତା'ର କର୍ମଧାରାର ନିୟାମକ ଘଟେ ନାହିଁ। ବିଶ୍ୱ କଲ୍ୟାଣରେହିଁ ତା'ର ସକଳ କର୍ମର ନିୟାମକ ହୁଏ। ସାଧାରଣ ତା'ର ଦେହେନ୍ଦ୍ରିୟ ମନ, ଯେଉଁ ପ୍ରକାର ସାମାଜିକ, ରାଷ୍ଟ୍ରିୟ ନୈତିକ ଓ ଆଧ୍ୟାତ୍ମିକ ଆବେଷ୍ଟନୀ ମଧ୍ୟରେ ଅବସ୍ଥାପିତ ହୋଇଥାଏ, ସେହି ଅନୁସାରେ ତାର ସ୍ୱକର୍ମ ନିର୍ଦ୍ଧାରିତ ହୁଏ। ତଦାନୁସାରେ ତା'ର କର୍ମକୁ ବାହ୍ୟ ଆକୃତିରେ ନିରୂପିତ ହୋଇଯାଏ। କିନ୍ତୁ ତାର ସକଳ କର୍ମର ଉଦ୍ଗମସ୍ଥଳ ପାଲଟେ ଏକ ଅନାବିଳ ବିଶ୍ୱ ପ୍ରେମରେ। ଏହାର ପ୍ରାଣ ବିଶ୍ୱ ପ୍ରାଣ ସହିତ ନିତ୍ୟଯୁକ୍ତ ହୋଇଯାଏ। ତା'ର ଦେହେନ୍ଦ୍ରିୟ ବିଶ୍ୱ ପ୍ରାଣର ସେବାରେ ଉତ୍ସର୍ଗିକୃତ ରହେ। ବିଶ୍ୱ ପ୍ରାଣହିଁ ତା'ର ଦେହେନ୍ଦ୍ରିୟ ମନ ଓ କର୍ମ ଭିତରେ ସ୍ୱୟଂ ଲୀଳାବିଳାସ କରେ।

ଅଭେଦ ସମଭାବନା ଦୃଷ୍ଟି ନେଇ କର୍ମ ସାଧନାରେ ବ୍ରତୀ ହେବା ଜାଣି ଗୋଟିଏ କର୍ମସିଦ୍ଧ ସହିତ ଅନ୍ୟ କର୍ମସିଦ୍ଧକୁ ବିରୋଧ କରେ ନାହିଁ । ଗୋଟିଏ ପଟରେ ପ୍ରଭୁତ୍ୱ ପ୍ରତିଷ୍ଠା, ଅନ୍ୟ ପଟରେ ଦାସତ୍ୱ ନହେବାର ପ୍ରଚେଷ୍ଟା । ଗୋଟିଏ କର୍ମଶକ୍ତି ଅନ୍ୟ ଗୋଟିଏ କର୍ମଶକ୍ତିକୁ ବ୍ୟାହତ ହେବାକୁ କେବେ ଦିଏ ନାହିଁ। ସକଳ କର୍ମ ଗୋଟିଏ ସେବାରେ ନିବେଦିତ ହୁଏ, ଏକ ବିଶ୍ୱ ପ୍ରାଣହିଁ ସମସ୍ତ କର୍ମର ଫଳଭୋକ୍ତା ପାଲଟେ, ସେଠାରେ ବିରୋଧର ଅବକାଶ ନ'ଥାଏ। ହୃଦୟ ଭିତରେ ହିଂସା, ଦ୍ୱେଷ, ଘୃଣା, ଆଦିର କୌଣସି ଆବିଲତା ନ'ଥାଏ। ହୃଦୟରେ ସକଳ କର୍ମ(ବୃତ୍ତି)କୁ ଏକ ପ୍ରେମ ବୃତ୍ତିରେ ପରିଣତ କରେ। ପ୍ରେମହିଁ ହୃଦୟର ସ୍ୱରୂପଗତ ଏକମାତ୍ର ବୃତ୍ତି ବୋଲି ଅନୁଭୂତ ହୁଏ। ଏଭଳି କି ସକଳ ପ୍ରେମର ଅଭିବ୍ୟକ୍ତ ପାଲଟି ଅନାବିଳ ପ୍ରେମ ଧାରାରେ ଯେତେବେଳେ ପ୍ରବାହିତ ହୁଏ, ସେତେବେଳେ ବିଶ୍ୱାନ୍ତର୍ଯ୍ୟାମିଙ୍କୁ ଏକ ପରମତତ୍ତ୍ୱ ପ୍ରେମାନନ୍ଦ ସ୍ୱରୂପ ଉପଲବ୍ଧି କରିହୁଏ। ବିଶ୍ୱର ପ୍ରତ୍ୟେକ ଘଟଣାରେ ତାଙ୍କ ପ୍ରେମ ବିଳାସର ପରିଚୟ ମିଳିଥାଏ। ସମଗ୍ର ବିଶ୍ୱ ଅଫୁରନ୍ତ ପ୍ରେମ ଆନନ୍ଦର ଖେଳ ପାଲଟିଯାଏ। ସେହିଁ ଖେଳ ନାୟକ, ମାନବ ହୃଦୟ ପ୍ରେମମୟ ପାଲଟି ଯାଏ। ସକଳ ଜଗତ ତାଙ୍କ ଅନୁଭୂତିରେ, ପ୍ରେମଭାବ ଗଠିତ ହୋଇ ଶେଷରେ ସୌନ୍ଦର୍ଯ୍ୟ ଓ ମାଧୁର୍ଯ୍ୟ ମଣ୍ଡିତ ତଥା ଅକ୍ଷୟ ଆନନ୍ଦର ଭଣ୍ଡାର ପାଲଟେ।

ଯେତେବେଳେ ସମଭାବାପନ୍ନ ଅଭେଦ ଦୃଷ୍ଟି ଜନିତ ପ୍ରେମରେ ହୃଦୟ ପରିପୂର୍ଣ୍ଣ ହୋଇଯାଏ, ସେତେବେଳେ ପ୍ରତ୍ୟେକ ମାନବ ହୃଦୟର ଭୋଗାକାଂକ୍ଷା ସମ୍ୟକ୍ ପରିତୃପ୍ତି ଲାଭ କରେ। ଅନ୍ତରରେ ପ୍ରେମାନନ୍ଦ ମହାନନ୍ଦ ସ୍ୱରୂପ ଅବିଚ୍ଛିନ୍ନ ଅନୁଭୂତି ଜାଗରିତ ହୋଇଥାଏ। ଫଳତଃ ଏହି ପ୍ରେମାନନ୍ଦ ସ୍ୱରୂପହିଁ ବୈଚିତ୍ର ବିଳାସର ସମ୍ଭୋଗ ପାଲଟେ। କେବଳ ଭିତର ଓ ବାହାରେ ଆନନ୍ଦ ଭାବହିଁ ରହେ। ବିଶ୍ୱ ବ୍ରହ୍ମାଣ୍ଡରେ କୌଣସି ଆନନ୍ଦର ବିରୋଧ ସତ୍ତା ଦେଖା ଦିଏ ନାହିଁ। ଏହି ଦୃଷ୍ଟିରୁ ମାନବ ହୃଦୟରେ ସକଳ ଅଭାବ, ଅଭିଯୋଗ, ଶୋକ, ତାପ, ଭୟ, ଆଶଙ୍କା, ଭାବନା କିଛିବି ସ୍ପର୍ଶ କରି ପାରେ ନାହିଁ। ଆନନ୍ଦ ଉଲ୍ଲାସ ବିଳାସ ରାଜ୍ୟରେ ନିରାନନ୍ଦର କୌଣସି ସ୍ଥାନ ନ'ଥାଏ। ଏଭଳି ଅମୃତାସ୍ୱାଦନ ଭିତରେ ମୃତ୍ୟୁର କୌଣସି ଭାବନା କେବେ ଉଦିତ ହୁଏ ନାହିଁ।

ତେଣୁ ଏଭଳି ଏକ ଦୁର୍ଲଭ ନିତ୍ୟ ସତ୍ୟ ପ୍ରେମାନନ୍ଦ ପରମ ତତ୍ତ୍ୱ ସଙ୍ଗରେ ମିଳନହିଁ ମାନବ ହୃଦୟର ଚିର ଆକାଂକ୍ଷା। ଏହି ମହାମିଳନର ଆକାଂକ୍ଷାହିଁ ସଂସାରରେ ତା'ର ଚିର ଅସନ୍ତୋଷର କାରଣ ଅଟେ। ଏହି ଆକାଂକ୍ଷା ତା'ର ସ୍ୱଭାବରେ ଚିରକାଳ ନିହିତ। ଏହାର କାରଣ, ଏହାର ଇନ୍ଦ୍ରିୟ, ମନ, ବୁଦ୍ଧି, ହୃଦୟ, ନେତି ନେତି, ଆହୁରି ଚାହେଁ, ଆହୁରି ଚାହେଁ, ଅସୀମ ଅତୃପ୍ତ ଭାବେ କହି ଦୌଡୁଥାଏ। କୁହାଯାଇଛି, ''କାମନାର ବିନାଶରେ ଦୁଃଖର ବିନାଶ '', ତେବେ କଣ କାମନାର ବିନାଶ ଅଛି ? କାମନାର ବିନାଶତ ଏକ କାମନା ଏକ ଅକଳ୍ପିତ ଆକାଂକ୍ଷା। ତେଣୁ ସାଂସାରିକ ଅପରିଚ୍ଛିନ୍ନ ଜୀବନ ଭିତରେ ଅନେକ ପ୍ରକାରର ଜ୍ଞାନ, ବହୁ କର୍ମ ଓ ଭୋଗ ମଧ୍ୟରେ ସେ ଶାନ୍ତି ଟିକେ ପାଏ ନାହିଁ। ଯେତେବେଳେ ସେ ପରିଚ୍ଛିନ୍ନ ଏକ ଅଦ୍ୱିତୀୟ ତତ୍ତ୍ୱ ସଙ୍ଗରେ ମିଳିତ ହୋଇ ନିତ୍ୟ ସମଭାବପନ୍ନ ଅଭେଦ ଭୂମିରେ ପ୍ରତିଷ୍ଠା ଲାଭ କରେ, ସେତେବେଳେ ମାନବ ହୃଦୟରେ ଆତ୍ମ ସନ୍ତୋଷର ତୃପ୍ତି ଘଟେ।

ଓଡିଆ ଭାଷା ଓ ସାହିତ୍ୟ ବିଭାଗ, ମହାନଦୀବିହାର ମହିଳା ସ୍ନାତକ ମହାବିଦ୍ୟାଳୟ, କଟକ-୪, ମୋବାଇଲ୍: ୯୪୩୭୭୪୦୨୮୦

# ଉତ୍ତରାଖଣ୍ଡ ସ୍ଥାପନା ଦିବସରେ କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ଶୁଭେଚ୍ଛା



**ଭୁବନେଶ୍ୱର, ୯।୧୧ (ସଂଚାର ବ୍ୟୁରୋ) :** କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଦେବଭୂମି ଉତ୍ତରାଖଣ୍ଡର ସ୍ଥାପନା ଦିବସ ଅବସରରେ ରାଜ୍ୟବାସୀଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଜଣାଇଛନ୍ତି। ସେ ନିଜ ସୋସିଆଲ ମିଡିଆ ପୋଷ୍ଟରେ କହିଛନ୍ତି ଯେ, ହିମାଳୟର ଏହି ପବିତ୍ର ଭୂମି ଦେଶକୁ ସଂସ୍କୃତି, ସାହସ ଓ ଆଧ୍ୟାତ୍ମିକ ଶକ୍ତିର ଅଭୁତ ସଂଯୋଗର ଆଶୀର୍ବାଦ ଦେଇଛି। ଶ୍ରୀ ପ୍ରଧାନ କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୂରଦୃଷ୍ଟି ଓ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂହ ଧାମୀଙ୍କ ନେତୃତ୍ୱରେ ଉତ୍ତରାଖଣ୍ଡ ଆଜି ଉନ୍ନତି, ସୁରକ୍ଷା ଓ ସମୃଦ୍ଧିର ନୂଆ ଅଧ୍ୟାୟ ଲେଖୁଛି। ସେ ଆଶା ବ୍ୟକ୍ତ କରିଛନ୍ତି ଯେ, ରାଜ୍ୟ ଆଗାମୀ ଦିନରେ ଆଉ ବି ଅଧିକ ପ୍ରଗତି ଓ ଜନକଲ୍ୟାଣର ପଥରେ ଅଗ୍ରସର ହେଉ। ବାବା କେଦାରନାଥଙ୍କୁ ପ୍ରାର୍ଥନା କରି ସେ କହିଛନ୍ତି ଯେ, ଏହି ଦିବ୍ୟ ପର୍ବତମୟ ଭୂମି ସଦା ଶାନ୍ତି, ସମୃଦ୍ଧି ଓ କଲ୍ୟାଣର ମାର୍ଗରେ ଅଗ୍ରଗାମୀ ହେଇ ରହୁ।

## ୧୩ରେ ମୁଖ୍ୟମନ୍ତ୍ରୀଙ୍କ ବାଲେଶ୍ୱର ଗସ୍ତ

**ଭୁବନେଶ୍ୱର,୯।୧୧(ସଂଚାର ବ୍ୟୁରୋ):** ଆସନ୍ତା ୧୩ରେ ବାଲେଶ୍ୱର ଗସ୍ତରେ ଯିବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ସର୍ଦ୍ଦାର ପଟେଲଙ୍କ ୧୫୦ ତମ ଜୟନ୍ତୀ ଏକତା ଦୌଡ଼ରେ ସେ ସାମିଲ ହେବେ। ଏହି ଅବସରରେ ନୀଳଗିରିଠାରୁ ମିତ୍ରପୁର ପର୍ଯ୍ୟନ୍ତ ଏକତା ପାଇଁ ବିରାଟ ଗଣଦୌଡ଼ ଅନୁଷ୍ଠିତ ହେବ। ଏଥିସହ ଭୋଗରାଇ ଓ ବାଲେଶ୍ୱର ସହରରେ ମଧ୍ୟ ଗଣଦୌଡ଼ ଅନୁଷ୍ଠିତ ହେବ ବୋଲି ରବିବାର ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ବାଲେଶ୍ୱର ସାଂସଦ ପ୍ରତାପ ଷଡ଼ଙ୍ଗୀ ସୂଚନା ଦେଇଛନ୍ତି।

### ନୂଆପଡ଼ାରେ ବର୍ଷିଲେ ମନମୋହନ

# ଶସ୍ତା ରାଜନୀତି ଡଙ୍ଗାକୁ ଆଶ୍ରା କରିଛନ୍ତି ବିରୋଧୀ

- ନୂଆପଡ଼ାର ସାମଗ୍ରିକ ବିକାଶ ସରକାରଙ୍କ ପ୍ରତିବଦ୍ଧତା
- ବିଜେପିରେ ମିଶିଲେ ଓଡ଼ିଶା ଜନତା ଦଳ ପ୍ରାର୍ଥୀ




**ନୂଆପଡ଼ା/ଭୁବନେଶ୍ୱର,୯।୧୧(ସଂଚାର ବ୍ୟୁରୋ):** ବିରୋଧୀ ବିଜେଡି ଓ କଂଗ୍ରେସ ଶସ୍ତା ରାଜନୀତି କରି ନୂଆପଡ଼ା ଉପନିର୍ବାଚନ ବୈତରଣୀ ପାର୍ ହେବା ସକାଶେ ଉଦ୍ୟମ କରୁଛନ୍ତି ବୋଲି ଅଭିଯୋଗ କରିଛନ୍ତି ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ। ନୂଆପଡ଼ା ଜିଲ୍ଲା କାର୍ଯ୍ୟାଳୟରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ସାମଲ କହିଛନ୍ତି ଯେ ନୂଆପଡ଼ାର ସନ୍ତୁଳିତ ଓ ସାମଗ୍ରିକ ବିକାଶ ବିଜେପି ସରକାରର ପ୍ରତିବଦ୍ଧତା। ରାଜ୍ୟବାସୀଙ୍କ ମଙ୍ଗଳ ପାଇଁ ବିଜେପି ସରକାର ୨୧ଟି ନିର୍ବାଚନ ପ୍ରତିଶ୍ରୁତିରୁ ୧୧ଟି ପୂରଣ କରିସାରିଛି। ମାତ୍ର ୫୦୦ ଦିନ ଭିତରେ ଏତେ ସଂଖ୍ୟକ ପ୍ରତିଶ୍ରୁତି ପୂରଣ କରି ସରକାର ରାଜ୍ୟବାସୀଙ୍କ ଆସ୍ଥା ଭାଜନ ହୋଇପାରିଛନ୍ତି। ରାଜ୍ୟରେ ପ୍ରତିଟି କ୍ଷେତ୍ରରେ ବିଜେପି ସରକାର ଆଖିଦୃଶିଆ ବିକାଶ କରିପାରିଛି। ମହିଳାଙ୍କଠାରୁ ଆରମ୍ଭ କରି ଚାଷୀଙ୍କ ଆର୍ଥିକ ସ୍ଥିତି ସୁଧାରିବା ସକାଶେ ଯୋଜନା ଲାଗୁ ହୋଇଛି। ସେହିପରି ରେଳ କ୍ଷେତ୍ରରେ ମଧ୍ୟ ଉଲ୍ଲେଖନୀୟ ଉନ୍ନତି ହୋଇଛି। ଭିତ୍ତିଭୂମି ବିକାଶ ମଧ୍ୟ ସରକାରଙ୍କ ଅନ୍ୟତମ ପ୍ରମୁଖ ପ୍ରାଥମିକତା ବୋଲି ଶ୍ରୀ ସାମଲ କହିଛନ୍ତି।

ଦୁଇ ବିରୋଧୀ ଦଳକୁ ଟାର୍ଗେଟ୍ କରି ଶ୍ରୀ ସାମଲ କହିଛନ୍ତି ଯେ ୨୦୦୯ ମାର୍ଚ୍ଚ ୭ରେ ମେଣ୍ଟ ଭାଙ୍ଗି ବିଜେପି ପ୍ରତି ବେଇମାନୀ କରିଥିଲା ବିଜେଡି। ସକାରାତ୍ମକ ରାଜନୀତି ନ କରି 'ବେଇମାନ ଓ ଚୋରି' ଭଳି ଶସ୍ତା କଥା କହି ମୂଳ ପ୍ରସଙ୍ଗକୁ ଦଳ ଏଡ଼ାଇ ଦେଉଛି। ଦୀର୍ଘ ବର୍ଷ ଧରି କ୍ଷମତାରେ ଥିବା ଉଭୟ କଂଗ୍ରେସ ଓ ବିଜେଡି ନୂଆପଡ଼ାବାସୀଙ୍କ ପାଇଁ କ'ଣ କରିଛନ୍ତି, ତା'ର ଆତ୍ମସମୀକ୍ଷା କରିବା ସହ ଏନେଇ ସାଧାରଣ ଜନତାଙ୍କୁ ଅବଗତ କରାଇବା ଉଚିତ। ତାହା ନକରି ବିଭ୍ରାନ୍ତ କରିବାକୁ ଯାଇ ବିଜେପି ଓ ବ୍ୟକ୍ତିବିଶେଷ ଆଧାରରେ ସେମାନେ ଶସ୍ତା ଅଭିଯୋଗ କରୁଛନ୍ତି। ଶସ୍ତା ରାଜନୀତିକୁ ଦୁଇ ବିରୋଧୀ ଦଳ ଡଙ୍ଗା କରିବାକୁ ଉଦ୍ୟମ ଚଳାଇଥିବା ଶ୍ରୀ ସାମଲ ଅଭିଯୋଗ କରିଛନ୍ତି।

ସେହିପରି ନୂଆପଡ଼ାରେ ବିଜେପି ସକାରାତ୍ମକ ଓ ଆଦର୍ଶଗତ ଲଢେଇ ଲଢୁଛି। ନୂଆପଡ଼ାବାସୀଙ୍କୁ ଦଳ ଯାହା ପ୍ରତିଶ୍ରୁତି ଦେଇଛି, ତାହା ନିଶ୍ଚିତ ପୂରଣ କରିବ। ଓଡ଼ିଶାରେ ଡବଲ ଇଞ୍ଜିନ ସରକାର କ୍ଷମତାକୁ ଆସିବା ପରେ ଓଡ଼ିଶାବାସୀଙ୍କର ବିଜେପି ଉପରେ ଆସ୍ଥା ବୃଦ୍ଧି ପାଇଛି। ନୂଆପଡ଼ାବାସୀ ମଧ୍ୟ ବିଜେପି ସରକାରର ବିକାଶର ସ୍ରୋତରେ ସାମିଲ ହେବା ପାଇଁ ମନସ୍ଥ କରିସାରିଛନ୍ତି। ନୂଆପଡ଼ା ଏକ ନମ୍ବର ଜିଲ୍ଲା ହେବ ବୋଲି ଶ୍ରୀ ସାମଲ ଦୃଢ଼ୋକ୍ତି ପ୍ରକାଶ କରିବା ସହ ବିଜେପି ପ୍ରାର୍ଥୀ ଜୟ ଢୋଲକିଆଙ୍କୁ ପଦ୍ମ ଚିହ୍ନରେ ବିପୁଳ ସଂଖ୍ୟାରେ ଭୋଟ ଦେଇ ବିଜୟୀ କରାଇବାକୁ ନୂଆପଡ଼ାବାସୀଙ୍କୁ ନିବେଦନ କରିଛନ୍ତି। ଏହି ଅବସରରେ ଓଡ଼ିଶା ଜନତା ଦଳର ପ୍ରାର୍ଥୀ ସୁଖଧର ଦଣ୍ଡସେନା ବିଜେପିରେ ସାମିଲ ହେବା ସହ ଜୟଙ୍କୁ ଖୋଲା ସମର୍ଥନ ଦେଇଛନ୍ତି। ସାମ୍ବାଦିକ ସମ୍ମିଳନୀରେ ବରିଷ୍ଠ ନେତା ତଥା ପୂର୍ବତନ ରାଜ୍ୟ ସଭାପତି ବସନ୍ତ ପଣ୍ଡା, ସ୍ଥାନୀୟ ସାଂସଦ ମାଳବିକା ଦେବୀ, ବରିଷ୍ଠ ବିଧାୟକ ଜୟନାରାୟଣ ମିଶ୍ର, ବରିଷ୍ଠ ନେତା ଯଦୁମଣି ପାଣିଗ୍ରାହୀ, ପ୍ରସନ୍ନ ପାଢ଼ୀ, ଖାମ ସିଂହ ମାଝୀ, ଡା. ସୋନିଆ ଜୈନ, ଜିଲ୍ଲା ସଭାପତି କମଳେଶ ଦୀକ୍ଷିତ, ରାଜ୍ୟ ପ୍ରବକ୍ତା ମାନସ ବକ୍ସି ଉପସ୍ଥିତ ଥିଲେ।

# ଆକାଶବାଣୀ ସଙ୍ଗୀତ ସମ୍ମିଳନୀ ଅନୁଷ୍ଠିତ




**ଭୁବନେଶ୍ୱର,୯।୧୧(ସଂଚାର ବ୍ୟୁରୋ):** ପ୍ରସାର ଭାରତୀ ଓ ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟ ପକ୍ଷରୁ ଗତକାଲି ସନ୍ଧ୍ୟାରେ ୬୭ତମ ଆକାଶବାଣୀ ସଙ୍ଗୀତ ସମ୍ମିଳନୀ-୨୦୨୫ ସ୍ଥାନୀୟ ଜୟଦେବ ବିହାରସ୍ଥିତ ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର ପ୍ରେକ୍ଷାଳୟରେ ଅନୁଷ୍ଠିତ ହୋଇଛି। ଏଥିରେ ପଦ୍ମଶ୍ରୀ ଶ୍ୟାମାମଣୀ ଦେବୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସମ୍ମିଳନୀକୁ ଉଦଘାଟନ କରିଥିବା ବେଳେ ସମ୍ମାନିତ ଅତିଥି ଭାବେ ଆକାଶବାଣୀର ଅତିରିକ୍ତ ମହାନିର୍ଦ୍ଦେଶକ ଆନନ୍ଦ ଚନ୍ଦ୍ର ସୁବୁଦ୍ଧି ଯୋଗଦେଇଥିଲେ। ଏହାଛଡ଼ା ଆକାଶବାଣୀ କଟକର ଉପମହାନିର୍ଦ୍ଦେଶକ ଭିଏମ୍ ରତ୍ନପ୍ରସାଦ, କାର୍ଯ୍ୟକ୍ରମ ମୁଖ୍ୟ ଦୁର୍ଗା ମାଝୀ ଓ ସହକାରୀ ବୈଷୟିକ ନିର୍ଦ୍ଦେଶକ ମନୋଜ କୁମାର ପତି ମଧ୍ୟ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ହିନ୍ଦୁସ୍ତାନୀ ଶାସ୍ତ୍ରୀୟ ସଙ୍ଗୀତ ଓ ଓଡ଼ିଆ ଲଘୁସଙ୍ଗୀତର ଏହି ଜାତୀୟ ସ୍ତରୀୟ କାର୍ଯ୍ୟକ୍ରମରେ ଆକାଶବାଣୀ କଟକର ଏ' ଗ୍ରେଡ଼ କଳାକାର ପ୍ରଦୀପ୍ତ ଶେଖର ମହାପାତ୍ରଙ୍କ ବଂଶୀବାଦନ ଦର୍ଶକମାନଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ଲଘୁସଙ୍ଗୀତ କ୍ରମରେ ଡ. ନାଜିଆ ସୟିଦ୍ ଓ ସନ୍ତୋଷୀ ପ୍ରସାଦ ମିଶ୍ରଙ୍କ କଣ୍ଠସଙ୍ଗୀତ ଏହି ସାଂସ୍କୃତିକ ସନ୍ଧ୍ୟାରେ ରାଗିଣୀ ତୋଳିଥିଲା। ବିଭିନ୍ନ ବାଦ୍ୟଯନ୍ତ୍ରରେ ସହଯୋଗ କରିଥିଲେ କୁମାର ଚନ୍ଦ୍ର ମହାନ୍ତି, ଡ. ଜବାହର ମିଶ୍ର, ବିଶ୍ୱରଞ୍ଜନ ନନ୍ଦ, ସ୍ୱପ୍ନେଶ୍ୱର ଚକ୍ରବର୍ତ୍ତୀ, ଆଶିଷ ରଞ୍ଜନ ମହାପାତ୍ର, ବିଭୁପ୍ରସାଦ ତ୍ରିପାଠୀ ଓ ପ୍ରେମ ଶଙ୍କର ଦାଶ। କାର୍ଯ୍ୟକ୍ରମର ସଂଯୋଜନା ସଦ୍ୟସ୍ମିତା ବେହେରା କରିଥିବ ବେଳେ ଉପସ୍ଥାପନା ଦାୟିତ୍ୱ ତୁଲାଇଥିଲେ ଡ. ମୃତ୍ୟୁଞ୍ଜୟ ରଥ ଏବଂ ସିନ୍ଧୁ ବ୍ରାଉନ୍।

# ହେଲିକପ୍ଟର ଦେଖାଇ ଭୂଡ଼ାଇବା ଯୁଗ ଗଲାଣି: ଭକ୍ତ




**ନୂଆପଡ଼ା/ଭୁବନେଶ୍ୱର,୯।୧୧(ସଂଚାର ବ୍ୟୁରୋ):** ନିର୍ବାଚନ ପ୍ରଚାରର ଶେଷ ଦିନରେ ନୂଆପଡ଼ାର ଖୁଣ୍ଟିଆ ଭବନଠାରେ ଏକ ସାମ୍ବାଦିକ ସମ୍ମିଳନୀରେ ପିସିସି ସଭାପତି ଭକ୍ତ ଚରଣ ଦାସ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଟାର୍ଗେଟ୍ କରିଛନ୍ତି। ସେ କହିଛନ୍ତି ଯେ ବିଜେପି ପ୍ରଚାରରେ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛି। ସହର ସାରା ପୋଷ୍ଟର୍ ଛାଇ ଯାଇଥିବା ବେଳେ ଡିଜେ ପ୍ରଚାର ଗାଡ଼ି ଯାତାୟାତରେ ସମସ୍ୟା ସୃଷ୍ଟି କରୁଛି। ସଭାକୁ ବାହାର ଲୋକ ହଜାର ହଜାର ସଂଖ୍ୟାରେ ଆସୁଛନ୍ତି। ଲୋକଙ୍କ ଭିଡ଼ ସୃଷ୍ଟି କରି ଜନସାଧାରଣଙ୍କ ମନରେ ଭ୍ରାନ୍ତ ଧାରଣା ସୃଷ୍ଟି କରାଯାଉଛି। କିନ୍ତୁ କଂଗ୍ରେସ ସଭାକୁ ଯେତିକି ବି ଲୋକ ଆସୁଛନ୍ତି, ସେମାନେ ସ୍ୱତଃପ୍ରବୃତ୍ତ ଯୋଗ ଦେଉଛନ୍ତି ବୋଲି ଶ୍ରୀ ଦାସ କହିଛନ୍ତି। ସେ କହିଛନ୍ତି ଯେ ଆମର ଭିଡ ଲୋକଦେଖାଣିଆ ନୁହେଁ। ଆମକୁ ଲୋକ ଆଣିବାକୁ ଟଙ୍କା ଖର୍ଚ୍ଚ କରିବାକୁ ପଡେନାହିଁ। ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ତରବୋଡ ସଭାରେ ଦଳ ଟଙ୍କା ଦେଇ ୧୦ ହଜାର ଲୋକ ଜମା କରିଥିଲା। କିନ୍ତୁ ଭାଷଣ ବେଳକୁ ଦେଢ଼ ହଜାର ଲୋକ ବି ନଥିଲେ। କିନ୍ତୁ କଂଗ୍ରେସ ସଭାକୁ ସ୍ଥାନୀୟ ଲୋକ ଆସୁଛନ୍ତି, ନିଜ ପକେଟରୁ ଟଙ୍କା ଖର୍ଚ୍ଚ କରୁଛନ୍ତି। ଏହା ହେଉଛି କଂଗ୍ରେସ ଓ ଅନ୍ୟ ଦଳ ମଧ୍ୟରେ ପ୍ରଭେଦ। ଲୋକେ ହୃଦୟରୁ ଦଳକୁ ସମର୍ଥନ ଦେଉଛନ୍ତି। ବିରୋଧୀ ଦଳମାନେ କେବଳ ନିର୍ବାଚନ ମ୍ୟାନେଜମେଣ୍ଟ କରୁଛନ୍ତି। କିନ୍ତୁ ଉଭୟ ବିରୋଧୀ ଦଳ ବିଗତ ଦିନରେ ନୂଆପଡ଼ା ପାଇଁ କିଛି ବି କରିନାହାନ୍ତି। ଫଳସ୍ୱରୂପ ଏଠାରେ ଦାଦନ ଦୁଃଖ ଅବର୍ଣ୍ଣନୀୟ। ଚାଷୀଙ୍କୁ ପ୍ରୋତ୍ସାହନ ନାହିଁ, ତିଖାଲୀ ଡ୍ୟାମରୁ ପାଣି ମିଳୁନାହିଁ, ମହିଳା କଲେଜ ନାହିଁ, ଶିକ୍ଷକ ନାହାନ୍ତି, ଡାକ୍ତରଖାନାରେ ଉପକରଣ ନାହିଁ, ବିଶେଷଜ୍ଞ ନାହାନ୍ତି, ବେକାରୀ, ଚୁକ୍ତି ଭିତ୍ତିକ ଚାକିରି ଆଦି କଥା କହିଲେ ନସରେ। ଏସବୁ ସମସ୍ୟାର ସମାଧାନ କଥା ନ କହି ମୁଖ୍ୟମନ୍ତ୍ରୀ ନୂଆ ହେଲିକେପ୍ଟର ଦେଖିବାକୁ ଲୋକଙ୍କୁ କହିବା ଦୁର୍ଭାଗ୍ୟଜନକ। ସୁନାବେଡ଼ା ଉପର ଦେଇ ଶହ ଶହ ବିମାନ ରାୟପୁର ଗତାଗତ କରୁଛି। ଆଉ ସେ ହେଲିକେପ୍ଟର ଦେଖିବା ଯୁଗ ନାହିଁ। କିଛି ବିକାଶମୂଳକ କାର୍ଯ୍ୟ ଯଦି କରିଥାନ୍ତେ ତେବେ ହେଲିକେପ୍ଟର ଦେଖିବା ପାଇଁ ଲୋକଙ୍କୁ ଡାକି ହସର ପାତ୍ର ହେବାକୁ ପଡ଼ି ନଥାନ୍ତା ବୋଲି ଶ୍ରୀ ଦାସ କହିଛନ୍ତି। ସେହିପରି ମୁଖ୍ୟମନ୍ତ୍ରୀ ଭଳି ସମ୍ମାନଜନକ ପଦରେ ରହି ଶ୍ରୀ ମାଝୀ କିପରି 'ପାଣ୍ଡୁ' ଶବ୍ଦ ପ୍ରୟୋଗ କଲେ, ତା' ତାଙ୍କୁ ଆଶ୍ଚର୍ଯ୍ୟ କରିଛି ବୋଲି ଶ୍ରୀ ଦାସ କହିବା ସହ ଏଥିପାଇଁ ରାଜ୍ୟବାସୀଙ୍କୁ କ୍ଷମା ପ୍ରାର୍ଥନା କରିବା ସକାଶେ ଦାବି କରିଛନ୍ତି। ଏହି ଅବସରରେ ସେ ଦଳୀୟ ପ୍ରାର୍ଥୀ ଘାସିରାମ ମାଝୀ ମାଟିର ସନ୍ତାନ ହୋଇଥିବାରୁ ତାଙ୍କ ବିଜୟ ସୁନିଶ୍ଚିତ। ତାଙ୍କ ବିଜୟ ସହ ନୂଆପଡ଼ାର ଜୟଯାତ୍ରା ଆରମ୍ଭ ହେବ ବୋଲି ଶ୍ରୀ ଦାସ ଦମ୍ଭୋକ୍ତି କରିଛନ୍ତି।

# ଉପନିର୍ବାଚନରେ ହିଂସାକାଣ୍ଡ ଆଶଙ୍କା କଲା ବିଜେଡି



ତୁରନ୍ତ ପଦକ୍ଷେପ ନେବାକୁ ଦାବି

**ଭୁବନେଶ୍ୱର,୯।୧୧ (ସଂଚାର ବ୍ୟୁରୋ):** ନୂଆପଡ଼ା ଉପନିର୍ବାଚନରେ ହିଂସାକାଣ୍ଡ ଆଶଙ୍କା କରିଛି ବିରୋଧୀ ବିଜେଡି। ଏନେଇ ଆଜି ଦଳର ମୁଖପାତ୍ର ଡ. ଲେନିନ୍ ମହାନ୍ତି ଅଭିଯୋଗ କରିଛନ୍ତି। ସେ କହିଛନ୍ତି ଯେ ନୂଆପଡ଼ା ଉପନିର୍ବାଚନ ଜିତିବା ସକାଶେ ସରକାରୀ ଦଳ ସରକାରୀ କଳର ଦୁରୁପଯୋଗ କରିବା ସହ ଅପରାଧୀମାନଙ୍କୁ ବି ନିର୍ବାଚନ କାମରେ ଲଗାଇଛି। ନୂଆପଡ଼ାର ପ୍ରତ୍ୟେକ ପଞ୍ଚାୟତରେ ଛତିଶଗଡ଼ ଗୁଣ୍ଡା ଓ ଅପରାଧୀ ଭରିଯାଇଛନ୍ତି। ବିଜେପିକୁ ନିର୍ବାଚନ ଜିତାଇବା ପାଇଁ ଏହି ଗୁଣ୍ଡାମାନେ କିଛି ବି କରିପାରନ୍ତି। ବିଜେପି ଭୋଟରଙ୍କୁ ଡରାଇବା, ବିନା ୱାରେଣ୍ଟରେ ବିଜେଡି ନେତାଙ୍କ ଘରେ ରେଡ୍ କରିବା, ଲୋକଙ୍କୁ ଟଙ୍କା ଓ ମଦ ବାଣ୍ଟିବା ଭଳି କାମ କରିବାକୁ ପଛାଇନାହିଁ। ନିର୍ବାଚନ ତାରିଖ ପାଖେଇ ଆସୁଥିବା ବେଳେ ବିଜେପିକୁ ସହଯୋଗ କରିବା ପାଇଁ ଛତିଶଗଡ଼ର ଗୁଣ୍ଡାମାନେ ଆସି ନୂଆପଡ଼ାରେ ଡେରା ପକାଇଛନ୍ତି। ଭୋଟ ପୂର୍ବରୁ ସେମାନେ ଅପରାଧ ଘଟାଇବା ସହ ଭୋଟରଙ୍କୁ ଭୟଭୀତ କରିବାର ଆଶଙ୍କା ରହିଛି। ପୁଲିସ ଓ ଜିଲ୍ଲା ପ୍ରଶାସନକୁ ବିଜେପି ନିଜ ଇସାରାରେ ନଚାଉଛି। ତେଣୁ ଛତିଶଗଡ଼ର ଅପରାଧିକ ପ୍ରବୃତ୍ତିର ଲୋକ ନୂଆପଡ଼ା ନିର୍ବାଚନରେ ଉତ୍ପାତ ଆରମ୍ଭ କରିବା ପାଇଁ ସଜବାଜ ହେଉଥିବା ନେଇ ସବୁ ଜାଣି ବି ପ୍ରଶାସନ ନୀରବ ବସିଛି ବୋଲି ଡ ମହାନ୍ତି ଅଭିଯୋଗ କରିଛନ୍ତି। ଏଥିସହ ଏଦିଗରେ ନିର୍ବାଚନ କମିଶନ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଉକ୍ତ ଗୁଣ୍ଡାମାନଙ୍କୁ ନୂଆପଡ଼ାରୁ ବାହାର ରେ ସ୍ୱଚ୍ଛ ଓ ନିରପେକ୍ଷ ନିର୍ବାଚନ ଦିଗରେ ସହଯୋଗ କରିବା ସକାଶେ ସେ ଦାବି କରିଛନ୍ତି।

# ଆର୍‌ସିଏମ୍‌ରେ ପ୍ରଦର୍ଶନୀ ଓ ସାଂସ୍କୃତିକ କାର୍ଯ୍ୟକ୍ରମ

**ଭୁବନେଶ୍ୱର,୯।୧୧(ସଂଚାର ବ୍ୟୁରୋ):** ସ୍ଥାନୀୟ ରିଜିଓନାଲ କଲେଜ ଅଫ୍ ମ୍ୟାନେଜମେଣ୍ଟ (ଆର୍‌ସିଏମ୍) ପରିସରରେ ଗତକାଲି ଏକ ପ୍ରଦର୍ଶନୀ ସହ ସାଂସ୍କୃତିକ କାର୍ଯ୍ୟକ୍ରମ 'ଆ କା ମା' ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ ବନଲତା କ୍ରିଏଟିଭ୍ସର ସଦସ୍ୟଙ୍କ ଦ୍ୱାରା ଆୟୋଜିତ ଏକ ଫ୍ୟାଶନ ଶୋ' ସମସ୍ତଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ହୋଇଥିଲା। ଏହି ଫ୍ୟାଶନ ଶୋ' ମାଧ୍ୟମରେ ବିଭିନ୍ନ ପ୍ରକାରର ଭାରତୀୟ ହସ୍ତତନ୍ତକୁ ପ୍ରୋତ୍ସାହିତ କରାଯାଇଥିଲା। ବନଲତା କ୍ରିଏଟିଭ୍ସ ନୃତ୍ୟ, ସଙ୍ଗୀତ, ଥିଏଟର, କଳା ଓ ହସ୍ତଶିଳ୍ପ କର୍ମଶାଳା ଭଳି ସୃଜନଶୀଳ କାର୍ଯ୍ୟକଳାପ ପାଇଁ ଜଣାଶୁଣା। ବନଲତା କ୍ରିଏଟିଭ୍ସର ସଦସ୍ୟମାନଙ୍କୁ କଲେଜ ପରିଚାଳନା ପକ୍ଷରୁ ଏକ ଟ୍ରଫି ଓ ପ୍ରମାଣପତ୍ର ପ୍ରଦାନ କରାଯିବା ସହ ସେମାନଙ୍କୁ ସମ୍ମାନିତ କରାଯାଇଥିଲା।

# ପ୍ରମୋଦ ମହାପାତ୍ର ପାଇବେ 'ଉତ୍କଳ ସାମ୍ବାଦିକ ରତ୍ନ ସମ୍ମାନ'



**ଭୁବନେଶ୍ୱର,୯।୧୧(ସଂଚାର ବ୍ୟୁରୋ):** ଜାତୀୟ ସାମ୍ବାଦିକ କଲ୍ୟାଣ ବୋର୍ଡ଼ ପକ୍ଷରୁ ସ୍ଥାନୀୟ ଜୟଦେବ ଭବନଠାରେ ଆସନ୍ତା ୧୬ ତାରିଖରେ 'ଜାତୀୟ ପ୍ରେସ୍ ଦିବସ-୨୦୨୫' ପାଳିତ ହେବ। ଏହି ଅବସରରେ ଦୈନିକ ସମ୍ବାଦପତ୍ର 'ସମାଜ'ର ପୂର୍ବତନ ସମ୍ପାଦକ ପ୍ରମୋଦ କୁମାର ମହାପାତ୍ରଙ୍କୁ 'ଉତ୍କଳ ସାମ୍ବାଦିକ ରତ୍ନ ସମ୍ମାନ-୨୦୨୫' ପ୍ରଦାନ କରାଯିବ। ଏଥିସହ ରାଜ୍ୟର ୩୫ ଜଣ ବରିଷ୍ଠ ସାମ୍ବାଦିକଙ୍କୁ ପେନସନ ପ୍ରଦାନ କରାଯିବ ଓ ୮ଜଣ ବରିଷ୍ଠ ସାମ୍ବାଦିକଙ୍କ ସ୍ମୃତି ଉଦ୍ଦେଶ୍ୟରେ ବିଭିନ୍ନ ବିଶ୍ୱବିଦ୍ୟାଳୟ ଓ ସ୍ୱୟଂଶାସିତ ମହାବିଦ୍ୟାଳୟର ସାମ୍ବାଦିକତା ଶିକ୍ଷା କ୍ଷେତ୍ରରେ ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ରଛାତ୍ରୀଙ୍କୁ ବିଭିନ୍ନ ସ୍ମାରକୀ ସମ୍ମାନରେ ସମ୍ମାନିତ କରାଯିବ।

# କଂଗ୍ରେସ ଓ ବିଜେଡି ନେତାଙ୍କ ଘରେ ଆଇଟି ବିଭାଗର ଚଢ଼ାଉ



**ନୂଆପଡ଼ା, ୯।୧୧ (ସଂଚାର ବ୍ୟୁରୋ):** ନୂଆପଡ଼ା ଉପନିର୍ବାଚନ ପାଇଁ ଆଜି ପ୍ରଚାର ଶେଷ ହୋଇଥିଲେ ହେଁ ଆୟ କର ବିଭାଗର ଚଢ଼ାଉ ଜାରି ରହିଛି। ଆଜି ପ୍ରଚାରର ଅନ୍ତିମ ଦିନରେ ବିଭାଗ ପକ୍ଷରୁ ଦୁଇ ଜଣ ନେତାଙ୍କ ଘରେ ଚଢ଼ାଉ କରାଯାଇଛି। ସେମାନେ ହେଲେ ନୂଆପଡ଼ାର ଯୁବ କଂଗ୍ରେସ ନେତା ତଥା ବ୍ୟବସାୟୀ ଅଙ୍କିତ ସିଙ୍ଘାଇ ଓ ବିଜେଡି ନେତା ମନୋଜ ମିଶ୍ର। ମିଳିଥିବା ସୂଚନାନୁସାରେ, ଖରିଆର୍ ରୋଡ୍‌ସ୍ଥିତ ଶ୍ରୀ ସିଙ୍ଘାଇଙ୍କ ବାସଭବନ ଓ କାର୍ଯ୍ୟାଳୟରେ ଆୟ କର ବିଭାଗ ଟିମ୍ ଚଢ଼ାଉ କରିଛି। ଶ୍ରୀ ସିଙ୍ଘାଇ ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ଘନିଷ୍ଠ ଭାବେ ପରିଚିତ। ତେବେ ଏହି ଚଢ଼ାଉ ସାରା ଜିଲ୍ଲାରେ ଚର୍ଚ୍ଚାର ବିଷୟ ପାଲଟିଛି। ସେହିପରି ବିଜେଡି ନେତା ଶ୍ରୀ ମିଶ୍ରଙ୍କ କୋମନାସ୍ଥିତ ବାସଭବନରେ ଆଜି ଭୋର୍ ୬ଟା ବେଳେ ଚଢ଼ାଉ ହୋଇଥିବା ବେଳେ ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ଏହା ଜାରି ରହିଛି। ଆର୍ଥିକ ଦେଣନେଣ ନେଇ ଚଢ଼ାଉ ହୋଇଥିବା ଅନୁମାନ କରାଯାଉଛି। ତଦନ୍ତକାରୀ ଟିମ୍ ଶ୍ରୀ ମିଶ୍ରଙ୍କ ବାସଭବନରେ ବ୍ୟାଙ୍କ୍ ଷ୍ଟେଟ୍‌ମେଣ୍ଟ, ସମ୍ପତ୍ତିବାଡ଼ି କାଗଜପତ୍ର ଆଦି ଯାଞ୍ଚ କରିଛି। କୋମନା ବ୍ଲକର ପୂର୍ବତନ ଅଧ୍ୟକ୍ଷ ଥିବା ଶ୍ରୀ ମିଶ୍ର ଏବେ ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ଭାବେ କାର୍ଯ୍ୟ କରୁଛନ୍ତି। ଏହାଛଡ଼ା ପୂର୍ବରୁ ସେ ନୂଆପଡ଼ା ଜିଲ୍ଲା ବିଜେଡିର ସଭାପତି ଭାବେ ମଧ୍ୟ କାର୍ଯ୍ୟ କରିଛନ୍ତି। ଏହା ପୂର୍ବରୁ ମଧ୍ୟ ଦଳର କେତେକ ନେତାଙ୍କ ଘରେ ଆୟକର ବିଭାଗ ପକ୍ଷରୁ ଚଢ଼ାଉ କରାଯାଇଥିଲା। ଗତକାଲି ମହମ୍ମଦ ଜୁନେଦ୍ ଓ ପୂର୍ବରୁ ପୂର୍ବତନ ମନ୍ତ୍ରୀ ଇଂ. ପ୍ରୀତିରଞ୍ଜନଙ୍କ ବାସଭବନରେ ଚଢ଼ାଉ କରାଯାଇଥିଲା।

# ସୁରକ୍ଷା ଓ ସଚେତନତାର ସହଯାତ୍ରୀ: ବାଲିଯାତ୍ରା ୨୦୨୫ରେ ଅଗ୍ନିଶମ ବିଭାଗ




**ଭୁବନେଶ୍ୱର,୯।୧୧(ସଂଚାର ବ୍ୟୁରୋ):** ବହୁ ପ୍ରତୀକ୍ଷିତ ଐତିହାସିକ ବାଲିଯାତ୍ରା-୨୦୨୫ର ମଜା ହଜାର ହଜାର ଦର୍ଶକ ନେଉଥିବା ବେଳେ ସେମାନଙ୍କ ସୁରକ୍ଷା ପାଇଁ ଓଡ଼ିଶା ଅଗ୍ନିଶମ ଓ ଜରୁରୀକାଳୀନ ସେବା (ଓଏଫ୍‌ଇଏସ୍) ସକ୍ରିୟ ରହିଛି। ଏହି ପଦକ୍ଷେପ ଯୋଗୁଁ ମହୋତ୍ସବ ଅଗ୍ନି ନିରାପତ୍ତା ଓ ପ୍ରସ୍ତୁତିର ସହ ଆହୁରି ଉତ୍ସବମୁଖର ହୋଇଛି। ଜନସାଧାରଣଙ୍କ ସୁରକ୍ଷା ସୁନିଶ୍ଚିତ କରିବା ଓ ଯେକୌଣସି ଜରୁରୀକାଳୀନ ପରିସ୍ଥିତିରେ ତୁରନ୍ତ ପଦକ୍ଷେପ ନେବା ପାଇଁ ୩୮୪ ଜଣ ଅଗ୍ନିଶମ କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି। ସେହିପରି ନିରନ୍ତର ସତର୍କତା ବଜାୟ ରଖିବା ପାଇଁ ବିଭିନ୍ନ ସ୍ଥାନରେ ଏକାଧିକ ଆଧୁନିକ ଅଗ୍ନିଶମ ଏବଂ ଉଦ୍ଧାର ଉପକରଣ ମୁତୟନ କରାଯାଇଛି। ଅଗ୍ନିଶମ ସେବା ଏକ ଇଣ୍ଟରାକ୍ଟିଭ୍ ଷ୍ଟଲ୍ ମଧ୍ୟ ସ୍ଥାପନ କରିଛି, ଯେଉଁଥିରେ ବିଭିନ୍ନ ପ୍ରକାରର ଉନ୍ନତ ଅଗ୍ନି ନିର୍ବାପନ ଓ ଉଦ୍ଧାର ଉପକରଣ ଜନସାଧାରଣଙ୍କ ପାଇଁ ପ୍ରଦର୍ଶିତ ହେଉଛି। ଏହିଠାରେ ବାଲିଯାତ୍ରା ପାଇଁ ନିୟନ୍ତ୍ରଣ କକ୍ଷ ମଧ୍ୟ ସ୍ଥାପନ କରାଯାଇଛି। ଏହି ଷ୍ଟଲ୍ ଜନସାଧାରଣଙ୍କ ପାଇଁ ଏକ ସଚେତନତା ଓ ସତର୍କତାର ସ୍ଥଳୀ ଭାବେ କାମ କରୁଛି। ଏଥିସହ ଆଧୁନିକ ଇନସିଡେଣ୍ଟ କମାଣ୍ଡ ଯାନ ଜରିଆରେ ସମଗ୍ର ବାଲିଯାତ୍ରା ପଡ଼ିଆକୁ ନିରୀକ୍ଷଣ କରାଯାଉଛି।

ଏହାଛଡ଼ା ଅନେକ ଅତ୍ୟାଧୁନିକ ନିଆଁ ଓ ଉଦ୍ଧାର ଉପକରଣ ଯଥା ଫାୟାର ବଲ୍, ହାଇଡ୍ରୋଲିକ୍ ଜ୍ୟାକ୍, ୫-ପିସ୍ ପୁଲିଂ ଏବଂ ଲିଫ୍ଟିଂ ଗିଅର୍, ହସ୍ତଚାଳିତ ହାଇଡ୍ରୋଲିକ୍ ଡୋର୍ ବ୍ରେକର୍, ଅଗ୍ନିଶକ୍ତି ପ୍ରବେଶ ସୁଟ୍, ଫୋମ୍ ଜେନେରେଟର୍, ଏୟାର୍ ଲିଫ୍ଟିଂ ବ୍ୟାଗ୍, ଥର୍ମାଲ୍ ଇମେଜିଂ କ୍ୟାମେରା ଲାଇଫ୍ ଡିଟେକ୍ଟର କ୍ୟାମେରା ରୋବୋଟିକ୍ ମନିଟର୍, ବ୍ୟାଟେରୀଚାଳିତ ସ୍ମୋକ୍ ଏକ୍ସଟ୍ରାକ୍ଟର୍ ଏବଂ ବ୍ଲୋଅର୍ ଆଦି ଜନସାଧାରଣଙ୍କୁ ଆକର୍ଷିତ କରୁଛି। ଆହୁରି ଷ୍ଟଲରେ ଏକ ସେଲ୍ଫି ପଏଣ୍ଟ, ସୂଚନାପ୍ରଦ ହୋର୍ଡିଂ ଓ ଅଗ୍ନି ସୁରକ୍ଷା ସଚେତନତାକୁ ପ୍ରୋତ୍ସାହିତ କରିବା ପାଇଁ ବିଭିନ୍ନ ଭିଡିଓ ପ୍ରଦର୍ଶନ ମଧ୍ୟ କରାଯାଉଛି। ଅଗ୍ନିଶମ ବାହିନୀର ଏହି ଷ୍ଟଲକୁ ଏପର୍ଯ୍ୟନ୍ତ ପ୍ରାୟ ୪ ହଜାରରୁ ଉର୍ଦ୍ଧ୍ୱ ଦର୍ଶକ ପରିଦର୍ଶନ କରିସାରିଛନ୍ତି। ଏଥିସହ ଅଗ୍ନିଶମ କର୍ମଚାରୀମାନେ ପ୍ରତ୍ୟେକ ବିକ୍ରେତାଙ୍କ ଷ୍ଟଲରେ ଏକ କାର୍ଯ୍ୟକ୍ଷମ ଅଗ୍ନି ନିର୍ବାପକ ଯନ୍ତ୍ର ଓ ଏହାର ବ୍ୟବହାର ଜାଣିଛନ୍ତି କି ନାହିଁ, ତାହା ନିଶ୍ଚିତ କରିବା ସକାଶେ ନିରନ୍ତର ଯାଞ୍ଚ କରୁଛନ୍ତି। ଓଡ଼ିଶା ଅଗ୍ନିଶମ ଓ ଜରୁରୀକାଳୀନ ସେବା ବାଲିଯାତ୍ରାରେ ଜନସାଧାରଣଙ୍କ ସୁରକ୍ଷା, ସଚେତନତା ଓ କୌଣସି ଦୁର୍ଘଟଣା ରୋକିବା ସକାଶେ ସଜାଗ ରହିଛନ୍ତି।

■ ନାବାଳିକା ଅପହରଣ ମାମଲା

## ଅଭିଯୁକ୍ତକୁ ବାନ୍ଧିଲା ପୁଲିସ

**ଗଞ୍ଜାମ, ୯।୧୧ (ସଂଚାର ବ୍ୟୁରୋ) :** ଗଞ୍ଜାମ ଜିଲ୍ଲା ପାଟପୁର ଅଞ୍ଚଳରୁ ଜଣେ ନାବାଳିକାକୁ ଅପହରଣ କରିବା ଘଟଣାରେ ପରିବାର ପକ୍ଷରୁ ଥାନାରେ ଅଭିଯୋଗ ପରେ ପାଟପୁର ଥାନା ଏସଆଇ ଶୁଭଲକ୍ଷ୍ମୀ କହଁର ପୀଡିତା ନାବାଳିକାକୁ ଉଦ୍ଧାର କରିଛନ୍ତି। ଅଭିଯୁକ୍ତ ଯୁବକ ଶିବରାମ ଓରଫ ଦାଦଲ ଡାକୁଆକୁ ଗିରିଫ କରବା ପରେ ଉଭୟଙ୍କ ଡାକ୍ତରୀ ପରୀକ୍ଷା କରି ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଛି।

## ସ୍କୁଟିକୁ ପିଟିଲା ହାଇୱା : ଦୁଇ ଭାଇ ମୃତ

**ସମ୍ବଲପୁର, ୯।୧୧ (ସଂଚାର ବ୍ୟୁରୋ) :** ସମ୍ବଲପୁର-ରାଉରକେଲା ୧୦ନଂ ରାଜ୍ୟ ରାଜପଥ ତଥା ରେଙ୍ଗାଲି ଥାନା ଅନ୍ତର୍ଗତ ଶ୍ୟାମ ମେଟାଲିକ୍ସ ସମ୍ମୁଖରେ ଏକ ଦ୍ରୁତଗାମୀ ହାଇୱା ଧକ୍କାରେ ଦୁଇ ଭାଇଙ୍କ ଶୋଚନୀୟ ମୃତ୍ୟୁ ଘଟିଥିବା ଜଣାପଡିଛି। ସୂଚନାଯୋଗ୍ୟ ଲପଙ୍ଗାର ୩୫ ବର୍ଷିୟ ଦେବାଶିଷ ଶତପଥି ଏବଂ ୨୮ ବର୍ଷିୟ ସାନଭାଇ ଦେବେନ୍ଦ୍ର ଶତପଥି ଓଡି ୨୩ ଏନ୍ ୫୫୦୩ ନମ୍ବର ସ୍କୁଟିରେ ରେଙ୍ଗାଲିରୁ ଲପଙ୍ଗାକୁ ଫେରୁଥିବା ବେଳେ ଏକ ଦ୍ରୁତଗାମୀ ହାଇୱା ସେମାନଙ୍କ ସ୍କୁଟିକୁ ଧକ୍କା ଦେଇଥିଲା । ଉଭୟଙ୍କୁ ଗୁରୁତର ଅବସ୍ଥାରେ ଘଟଣାସ୍ଥଳରୁ ଉଦ୍ଧାର କରାଯାଇ ତୁରନ୍ତ ବୁର୍ଲା ଡାକ୍ତରଖାନାକୁ ନିଆଯାଇଥିଲା । ମାତ୍ର ସେଠାରେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ। ଦେବାଶିଷ ଲପଙ୍ଗା ସୋସାଇଟିର ସହସମ୍ପାଦକ ଥିବାବେଳେ ଦେବେନ୍ଦ୍ର ଆଦିତ୍ୟ ଆଲୁମିନିୟମର କୋଲ୍ ୟାର୍ଡରେ ଡାଟା ଏଣ୍ଟ୍ରି ଅପରେଟର ଭାବେ କାର୍ଯ୍ୟ କରୁଥିଲେ।

## ଟଙ୍କା ଲୁଟ୍ ଘଟଣାରେ ୩ ଗିରଫ

**ଜୟପୁର, ୯।୧୧ (ସଂଚାର ବ୍ୟୁରୋ) :** କୋରାପୁଟ ଜିଲ୍ଲା କୁନ୍ଦୁରା ପୁଲିସକୁ ମିଳିଛି ବଡ଼ ସଫଳତା। ଖଟଲାପଦର ବ୍ରିଜ ନିକଟରେ ଟଙ୍କା ଲୁଟ୍ ଘଟଣାରେ ୩ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତଙ୍କୁ ଆଜି ଅପରାହ୍ନରେ ଜୟପୁର କୋର୍ଟ ଚଲାଣ କରାଯାଇଛି ବୋଲି କୁନ୍ଦୁରା ଥାନା ଅଧିକାରୀ ଅଶ୍ୱନୀ ପଟ୍ଟନାୟକ ଗଣ ମାଧ୍ୟମକୁ ସୂଚନା ଦେଇଛନ୍ତି। ଗିରଫ ୩ ଅଭିଯୁକ୍ତ ଜୟପୁର ସଦର ଥାନା ଅନ୍ତର୍ଗତ ବାଲିଆ ଗାଁର ଅଜୟ ହରିଜନ (୩୧) ଓ ନୀଳାଗୁଡାର ରାମକଣ୍ଠ ହରିଜନ (୨୨) ଏବଂ ଜୟପୁର ଟାଉନ ଥାନା ଅନ୍ତର୍ଗତ କ୍ରିଷ୍ଟିଆନ ସାହିର ସୁମିତ ସାହିଲ ନାୟକ (୨୩)। ଅଭିଯୁକ୍ତଙ୍କ ଠାରୁ ଲୁହା ଖଣ୍ଡା, ଟାଙ୍ଗିଆ, ମାରଣାସ୍ତ୍ର, ନଗଦ ୨୦ ହଜାର ଟଙ୍କା, ୬ଟି ବାଇକ, ୪ଟି ମବାଇଲ ଜବତ ହୋଇଛି। ସୂଚନା ଥାଉକି, ଗତ ୨୯-୧୦-୨୫ ତାରିଖ ଦିନ କୁନ୍ଦୁରା ଥାନା ଅନ୍ତର୍ଗତ ଖଟଲାପଦର ବ୍ରିଜ ଉପରେ ଟଙ୍କା ଲୁଟର ଶିକାର ହୋଇଥିଲେ କିଛି କୋଟପାଡ଼ର ବ୍ୟବସାୟୀ। ବ୍ୟବସାୟୀ ଦେବାଶିଷ ପଟ୍ଟନାୟକ ଏବଂ ତାଙ୍କ ସାଥୀଙ୍କ ଠାରୁ ୬ ଲକ୍ଷ ଟଙ୍କା ଲୁଟି ନେଇଥିଲେ ୬ ଜଣ ମୁଖା ପିନ୍ଧା ଦୁର୍ବୃତ୍ତ। ଏହି ଘଟଣାର ପୁଲିସ ତଦନ୍ତ ଆରମ୍ଭ କରିଥିଲା।

## ବନ୍ଧାହେଲା ଆନ୍ତଃ ରାଜ୍ୟ ସାଇବର ଲୁଟେରା

**ଧର୍ମଶାଳା, ୯।୧୧ (ସଂଚାର ବ୍ୟୁରୋ) :** ଏପେଟ ସାଇବର ଠକେଇ ସଚେତନା କାର୍ଯ୍ୟକ୍ରମ ଚାଲୁ ରହିଥିବା ବେଳେ ଛତିଶଗଡ ପୁଲିସ ପକ୍ଷରୁ ଆଜି ଜଣେ ସାଇବର ଲୁଟେରାଙ୍କୁ ଗିରଫ କରାଯାଇଛି। ସାଇବର ଲୁଟେରା ଜଣକ ହେଲେ ଯାଜପୁର ଜିଲା ବ୍ରହ୍ମବରଦା ଥାନା ଅନ୍ତର୍ଗତ ବନ୍ଧଡିହ ପଞ୍ଚାୟତସ୍ଥ ଜୟସୁଙ୍ଗୁଡା ଗ୍ରାମର ଗଗନ ବିହାରୀ ରାଉତଙ୍କ ପୁଅ ଗୌରବ। ଛତିଶଗଡ ପୁଲିସ ବ୍ରହ୍ମବରଦା ପୁଲିସ ସହାୟତାରେ ଏହି ଚଢାଉ କରି ଗୌରବ ଯାତ୍ରା ଦେଖି ଘରକୁ ଫେରୁଥିବା ସମୟରେ ବନ୍ଧଡିହ ଛକରୁ ତାକୁ ଗିରଫ କରାଯାଇଥିଲା। ଗୌରବକୁ ଗିରଫ କରାଯିବା ସହିତ ନିଜସ୍ୱ ୩ଟି ବ୍ୟାଙ୍କ ଚଳନ୍ତି ଖାତା ଓ ବାପା ମାଆଙ୍କ ବ୍ୟାଙ୍କ ଚଳନ୍ତି ଖାତାକୁ ଜବତ କରିଛି। ଗୌରବ ବ୍ୟାଙ୍କ ଚଳନ୍ତି ଖାତାରେ ୭୩ ଲକ୍ଷ ଟଙ୍କା ଥିବା ବେଳେ ୨୯ଗୋଟି ରାଜ୍ୟରେ ପାଖାପାଖି ୯୦ କୋଟି ଟଙ୍କାର ଠକେଇ ହୋଇଛି। ସେ ଓ ରାଜ୍ୟ ବାହାରେ ଥିବା ତା'ର ଅନ୍ୟ ସହଯୋଗୀ ରହିଥିବା ପୁଲିସ ଜାଣିବାକୁ ପାଇଥିଲା। ତେବେ ଗୌରବ ନିଜ ଗାଁ ଜୟସୁଙ୍ଗୁଡା ଗ୍ରାମରେ ଥିବା ଜାଣିବାକୁ ପାଇ ଛତିଶଗଡ ପୁଲିସ ଏହି ଚଢାଉ କରିଥିଲା।

# ଉପନିର୍ବାଚନ ପ୍ରଚାର, ଦୂରେଇ ରହିଥିଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୯।୧୧:** ଓଡ଼ିଶାରେ ପୂର୍ବରୁ ଥରେ ଏମିତି ଏକ ଉପ ନିର୍ବାଚନ ହୋଇଥିଲା ଯେଉଁଥିରେ ପ୍ରଚାର ପାଇଁ ଯିବାକୁ ମୁଖ୍ୟମନ୍ତ୍ରୀ ରୋକଠୋକ୍ ଭାବେ ମନା କରିଦେଇଥିଲେ। ଦଳୀୟ ପ୍ରାର୍ଥୀ ତାଙ୍କ ତାକତ ଓ ଜିଲ୍ଲାର ଅନ୍ୟ ନେତା ଓ କର୍ମୀମାନଙ୍କ ସହଯୋଗରେ ନିର୍ବାଚନ ଲଢ଼ିବାକୁ ପରାମର୍ଶ ଦେଇ ୧୯୯୧ରେ ପୁରୀ ବିଧାନସଭା ଆସନ ପାଇଁ ହୋଇଥିବା ଉପ ନିର୍ବାଚନ ପ୍ରଚାରରୁ ନିଜକୁ ଦୂରେଇ ରଖିଥିଲେ ସେତେବେଳର ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ। ଏହା ବର୍ତ୍ତମାନର ପ୍ରଚାର ବହୁଳ ଓ ଆକ୍ଷେପ-ପ୍ରତି ଆକ୍ଷେପ ରାଜନୀତି ପ୍ରେକ୍ଷାପଟରେ ଅବିଶ୍ୱାସନୀୟ ଲାଗୁଥିଲେ ମଧ୍ୟ ସତ୍ୟ।

୧୯୯୦ରେ ହୋଇଥିବା ବିଧାନସଭା ନିର୍ବାଚନରେ ଜନତା ଦଳ ବିଜୁ ପଟ୍ଟନାୟକଙ୍କ ନେତୃତ୍ୱରେ ଲଢ଼େଇ କରି ରେକର୍ଡ ସଂଖ୍ୟକ ୧୨୩ ଆସନରୁ ଜିଣିଥିଲା। ସେ ବର୍ଷ ମାର୍ଚ୍ଚ ୫ ତାରିଖରେ ବିଜୁବାବୁ ମୁଖ୍ୟମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିଥିବାବେଳେ ତାଙ୍କ ମନ୍ତ୍ରିମଣ୍ଡଳ ଗଢ଼ିଥିଲେ ୧୫ ତାରିଖରେ। ଏହି ନିର୍ବାଚନରେ ପୁରୀ ବିଧାନସଭା ଆସନରୁ ଜନତା ଦଳ ପ୍ରାର୍ଥୀ ଭାବେ ବିଜୟୀ ହୋଇଥିଲେ ବ୍ରଜକିଶୋର ତ୍ରିପାଠୀ। ତାଙ୍କୁ ସରକାରୀ ଦଳର ମୁଖ୍ୟ ସଚେତକ ଦାୟିତ୍ୱ ନିର୍ବାହ କରିବାକୁ ପଡ଼ିଥିଲା। ତେବେ ଅସମୟରେ ଲୋକସଭା ଭଙ୍ଗ ହେବା ସହ ସାରା ଦେଶ ଉପରେ ନିର୍ବାଚନ ଲଦି ଦିଆଯିବାରୁ ପୁରୀ ଲୋକସଭା କ୍ଷେତ୍ରରୁ ଜନତା ଦଳ ଶ୍ରୀ ତ୍ରିପାଠୀଙ୍କୁ ପ୍ରାର୍ଥୀ କରିଥିଲା ଏବଂ ସେ ମଧ୍ୟ ବିପୁଳ ଭୋଟ ବ୍ୟବଧାନରେ ବିଜୟୀ ହୋଇଥିଲେ। ଏଥିଯୋଗୁ ତାଙ୍କୁ ପୁରୀ ବିଧାନସଭା ଆସନ ଛାଡ଼ିବାକୁ ପଡ଼ିଥିଲା ଏବଂ ସେଥିପାଇଁ ୧୯୯୧ରେ ଉପ ନିର୍ବାଚନ ହୋଇଥିଲା।ଏହି ଉପନିର୍ବାଚନରେ ଜନତା ଦଳରୁ ପ୍ରାର୍ଥୀ ହୋଇଥିଲେ ସେତେବେଳର ରାଜ୍ୟ ଛାତ୍ର ଜନତା ସଭାପତି ଉମା ବଲ୍ଲଭ ରଥ। ଦଳର ଜିଲ୍ଲା କମିଟି ଶ୍ରୀ ରଥଙ୍କ ନାମ ସୁପାରିସ କରିଥିଲା ଏବଂ ରାଜ୍ୟ କମିଟି ଓ କେନ୍ଦ୍ର ସଂସଦୀୟ ବୋର୍ଡ ଏଥିରେ ଏକମତ ହେବା ପରେ ଶ୍ରୀ ରଥଙ୍କୁ ଜନତା ଦଳ ପୁରୀ ବିଧାନସଭା କ୍ଷେତ୍ର ଲାଗି ହେଉଥିବା ଉପ ନିର୍ବାଚନ ପାଇଁ ପ୍ରାର୍ଥୀ କରିଥିଲା। ସେତେବେଳର ରାଜସ୍ୱ ମନ୍ତ୍ରୀ ସୁରେନ୍ଦ୍ର ନାଥ ନାୟକ, ସାଂସଦ ବ୍ରଜ କିଶୋର ତ୍ରିପାଠୀ, ପୁରୀର ନଗରପାଳ ମହେଶ୍ୱର ମହାନ୍ତି, ମୁଖ୍ୟ ସଚେତକ ଅଜୟ ଜେନା, ଚନ୍ଦ୍ରମାଧବ ମିଶ୍ର, ପ୍ରଦୀପ ମହାରଥି ପ୍ରମୁଖ ଶ୍ରୀ ରଥଙ୍କ ନିର୍ବାଚନ ପ୍ରଚାରରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ।

ତେବେ ଶାସକ ଦଳ ପାଇଁ ଏହା ମର୍ଯ୍ୟାଦାର ପ୍ରଶ୍ନ ହୋଇଥିବାରୁ ଦଳୀୟ ପ୍ରାର୍ଥୀ ଶ୍ରୀ ରଥଙ୍କ ସପକ୍ଷରେ ପ୍ରଚାର ପାଇଁ ଗୋଟିଏ ଦୁଇଟି ସଭାରେ ଉଦ୍‌ବୋଧନ ଦେବାକୁ ବିଜୁବାବୁଙ୍କୁ ପ୍ରସ୍ତାବ ଦିଆଯିବାରେ ସେ ଏହାକୁ ରୋକ୍‌ଠୋକ୍ ଭାବେ ପ୍ରତ୍ୟାଖ୍ୟାନ କରିବା ସହିତ ମୁଖ୍ୟମନ୍ତ୍ରୀ ଦାୟିତ୍ୱ ନିର୍ବାହ କରୁଥିବାରୁ ସେ ପ୍ରଚାର ଅଭିଯାନରେ ପ୍ରତ୍ୟକ୍ଷ କିମ୍ବା ପରୋକ୍ଷ ଭାବେ ସାମିଲ ହେବେ ନାହିଁ ବୋଲି ମନା କରିଦେଇଥିଲେ' ପୁରୀ ନିର୍ବାଚନ ମଣ୍ଡଳୀର ଦଳୀୟ କର୍ମୀ, ଶୁଭେଚ୍ଛୁ ଓ ସମର୍ଥକମାନେ ଏହି ନିର୍ବାଚନରେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବେ ବୋଲି ପରାମର୍ଶ ଦେଇ ମିତବ୍ୟୟିତା ରକ୍ଷା ସହ ଶାସକ ଦଳ ନିର୍ବାଚନ ଆଚରଣ ବିଧିକୁ କଡ଼ାକଡ଼ି ଭାବେ ଯେପରି ପାଳନ କରେ ଏବଂ ଉପନିର୍ବାଚନରେ କୌଣସି ପ୍ରକାର ଦୁର୍ନୀତି ନହୁଏ, ତା' ଉପରେ କଡ଼ା ନଜର ରଖିବାକୁ ସେତେବେଳେ ଦଳର ରାଜ୍ୟ ଶାଖା ସଭାପତି ଅଶୋକ ଦାସଙ୍କୁ ବିଜୁବାବୁ ମଧ୍ୟ ନିର୍ଦ୍ଦେଶ ଦେଇଥିଲେ।

ଏ ଖବର ସେ ସମୟରେ କେବଳ ଓଡ଼ିଶାରେ ନୁହେଁ, ଜାତୀୟ ସ୍ତରର ଗଣମାଧ୍ୟମରେ ବ୍ୟାପକ ଭାବେ ପ୍ରସାରିତ ହୋଇଥିଲା। ଏହି ଉପ ନିର୍ବାଚନରେ ଜନତା ଦଳ ପ୍ରାର୍ଥୀ ଉମାବଲ୍ଲଭ ରଥ ପ୍ରାୟ ୧୪ ହଜାର ଭୋଟ ବ୍ୟବଧାନରେ କଂଗ୍ରେସ ପ୍ରାର୍ଥୀଙ୍କୁ ହରାଇ ଜିଣିଥିଲେ। ଏହାଛଡ଼ା ଏଠାରୁ ସେତେବେଳେ ବିଜେପି ଓ ଜନତା ପାର୍ଟି ସମେତ କେତେକ ସ୍ୱାଧୀନ ପ୍ରାର୍ଥୀ ମଧ୍ୟ ନିର୍ବାଚନ ଲଢୁଥିଲେ। (ତଥ୍ୟ)

জীবন অমৃত অনুচিন্তা

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

sanchar.live

ସମ୍ପାଦକୀୟ

SANCHAR
ସଂଚାର

୪

ସୋମବାର ୧୦ ନଭେମ୍ବର ୨୦୨୫, ଭୁବନେଶ୍ୱର

Monday 10 November 2025, Bhubaneswar

# ପ୍ରାର୍ଥୀ ଅପହରଣ ଏକ ଅନ୍ଧକାର ଅଧ୍ୟାୟ

ଭାରତୀୟ ଗଣତନ୍ତ୍ରର ମୂଳସ୍ତମ୍ଭ ହେଉଛି ସ୍ୱାଧୀନ ନିର୍ବାଚନ। କିନ୍ତୁ ଏହି ପବିତ୍ର ପ୍ରକ୍ରିୟାକୁ କଳଙ୍କିତ କରୁଛି ପ୍ରାର୍ଥୀ ଅପହରଣ ନାମକ ଅନୈତିକ ଅଭ୍ୟାସ। ନିର୍ବାଚନ ପୂର୍ବରୁ ପ୍ରାର୍ଥୀମାନଙ୍କୁ ବଳପୂର୍ବକ ଅପହରଣ କରି ଦଳ ବଦଳାଇବାକୁ ବାଧ୍ୟ କରାଯାଏ କିମ୍ବା ନାମାଙ୍କନ ପ୍ରତ୍ୟାହାର କରାଇବାକୁ ଚାପ ପ୍ରୟୋଗ କରାଯାଏ। ଏହା କେବଳ ବ୍ୟକ୍ତିଗତ




ସ୍ୱାଧୀନତାର ଉଲ୍ଲଙ୍ଘନ ନୁହେଁ, ବରଂ ଗଣତାନ୍ତ୍ରିକ ମୂଲ୍ୟବୋଧର ଅପମାନ। ଓଡ଼ିଶାରୁ ଆରମ୍ଭ କରି ଉତ୍ତରପ୍ରଦେଶ, ମହାରାଷ୍ଟ୍ର ପର୍ଯ୍ୟନ୍ତ ଏହି ଘଟଣା ବାରମ୍ବାର ଦେଖାଯାଉଛି। ପ୍ରାର୍ଥୀ ଅପହରଣର ମୂଳ କାରଣ ହେଉଛି ଦଳୀୟ ରାଜନୀତିର ଅତି ଲୋଭ ଓ କ୍ଷମତାର ଲାଳସା। ନିର୍ବାଚନରେ ଜିତିବା ପାଇଁ ଦଳଗୁଡ଼ିକ ଯେକୌଣସି ଅନୈତିକ ପନ୍ଥା ଅବଲମ୍ବନ କରୁଛନ୍ତି। ବିଶେଷକରି ସ୍ୱାଧୀନ ପ୍ରାର୍ଥୀ କିମ୍ବା ଛୋଟ ଦଳର ପ୍ରାର୍ଥୀମାନଙ୍କୁ ଟାର୍ଗେଟ କରାଯାଏ। ସେମାନଙ୍କୁ ରିଜର୍ଟ କିମ୍ବା ଅଜଣା ସ୍ଥାନରେ ବନ୍ଦୀ କରି ଧନ, ଧମକ କିମ୍ବା ପଦଲୋଭ ଦେଖାଇ ଦଳ ବଦଳାଇବାକୁ ବାଧ୍ୟ କରାଯାଏ। ଓଡ଼ିଶାରେ ୨୦୧୯ ନିର୍ବାଚନରେ ଏପରି ଅନେକ ଘଟଣା ପ୍ରକାଶ୍ୟକୁ ଆସିଥିଲା। ଜଣେ ସ୍ୱାଧୀନ ପ୍ରାର୍ଥୀଙ୍କୁ ଅପହରଣ କରି ନାମାଙ୍କନ ପ୍ରତ୍ୟାହାର କରାଇବା ପରେ ସେ ପୁଲିସରେ ଅଭିଯୋଗ କରିଥିଲେ। କିନ୍ତୁ ରାଜନୈତିକ ଚାପରେ ମାମଲା ଦବି ଯାଇଥିଲା।

ଏହି ଅଭ୍ୟାସର ପ୍ରଭାବ ଅତି ଗଭୀର। ପ୍ରଥମତଃ, ଏହା ନିର୍ବାଚନର ନ୍ୟାୟପୂର୍ଣ୍ଣତାକୁ ନଷ୍ଟ କରେ। ଭୋଟରଙ୍କ ବିକଳ୍ପ ସଙ୍କୁଚିତ ହୋଇଯାଏ। ଦ୍ୱିତୀୟତଃ, ରାଜନୀତିରେ ଭୟର ବାତାବରଣ ସୃଷ୍ଟି ହୁଏ। ସାଧାରଣ ନାଗରିକ ରାଜନୀତିକୁ ଦୂରରୁ ଦେଖନ୍ତି। ତୃତୀୟତଃ, ଏହା ଅପରାଧୀକରଣକୁ ପ୍ରୋତ୍ସାହିତ କରେ। ଅପହରଣ, ଧମକ ଓ ବଳପ୍ରୟୋଗ ରାଜନୀତିର ଅଙ୍ଗ ହୋଇଯାଏ। ନିର୍ବାଚନ କମିଶନର ରିପୋର୍ଟ ଅନୁଯାୟୀ, ଗତ ଦଶନ୍ଧିରେ ଏପରି ଘଟଣା ୫୦ ପ୍ରତିଶତ ବୃଦ୍ଧି ପାଇଛି।

ଏହାକୁ ରୋକିବା ପାଇଁ କଡ଼ା ପଦକ୍ଷେପ ଆବଶ୍ୟକ। ପ୍ରଥମେ, ନିର୍ବାଚନ କମିଶନକୁ ଅଧିକ କ୍ଷମତା ଦେବା ଉଚିତ୍। ଅପହରଣ ଘଟଣାରେ ତୁରନ୍ତ ଏଫଆଇଆର୍ ଦାୟର କରି ଦୋଷୀଙ୍କୁ ଗିରଫ କରାଯିବା ଦରକାର। ନାମାଙ୍କନ ପ୍ରକ୍ରିୟାକୁ ଅନଲାଇନ୍ କରି ପ୍ରାର୍ଥୀଙ୍କ ସୁରକ୍ଷା ବଢ଼ାଇବା। ରାଜନୈତିକ ଦଳଗୁଡ଼ିକୁ ନୈତିକତାର ଶିକ୍ଷା ଦେବା। ମିଡିଆ ଓ ସାମାଜିକ ସଂଗଠନଗୁଡ଼ିକ ଏହି ଅନ୍ୟାୟକୁ ଉନ୍ମୋଚନ କରି ଜନସଚେତନତା ସୃଷ୍ଟି କରିବା ଉଚିତ୍।

ଭାରତୀୟ ରାଜନୀତିରେ ପ୍ରାର୍ଥୀ ଅପହରଣ ଏକ କଳଙ୍କ। ଏହାକୁ ନିର୍ମୂଳ ନକଲେ ଗଣତନ୍ତ୍ରର ମୂଳଦୁଆ ଦୁର୍ବଳ ହେବ। ସମସ୍ତେ ମିଶି ଏହି ଅନ୍ଧକାରକୁ ଦୂର କରି ସ୍ୱଚ୍ଛ ନିର୍ବାଚନର ପରିବେଶ ସୃଷ୍ଟି କରିବା ହିଁ ଆମର କର୍ତ୍ତବ୍ୟ। ତେବେ ହିଁ ଭାରତର ଗଣତନ୍ତ୍ର ସତ୍ୟ ଅର୍ଥରେ ଜୀବନ୍ତ ରହିବ।

# ଦୀପଶିଖା ଆମ ସୁର ସାର

ଉତ୍କଳାନନ୍ଦ ଅଜୟ କୁମାର ବେହେରା



ଅସୁର ସେହି ମାନେ, ଯେଉଁ ମାନେ ଅଜ୍ଞାନୀ, ଭୋଗ ପାଇଁ, ଯେଉଁମାନେ ଶୃଙ୍ଖଳା ଜ୍ଞାନ ରହିତ, ଯେଉଁମାନେ ଭାବନ୍ତି ଗାଁ ଜୋରରେ ସବୁକିଛି ହାସଲ କରିହେବ, ଜୀବନଟା ଖାଲି ଉପଭୋଗ ସମୟର ଏକ ଏକକ। ଅଢ଼େଇଦିନ ଜୀବନ, ପୁଣି ପାଣି ଫୋଟକା ପରି ଜୀବନ। ଏହା ଅଜ୍ଞାନୀ ମାନଙ୍କୁ ସ୍ୱ ସ୍ୱ ଶରୀରରେ ଥିବା ଉହ୍ୟ ଷଡ଼ରିପୁର ପ୍ରଭାବରେ ପର ପୀଡ଼ଣ କରାଇ ବଞ୍ଚିବାର ମୋହ ଦିଏ। ଧରାଟା ତାଙ୍କ ପାଇଁ ସରା। ନା ଏହା ନୁହେଁ ଏହା ଭୁଲ, ମହାଭୁଲ। ଅମୃତର ସନ୍ତାନ ହେବାକୁ ହେବ। ଏହାର ଦେବ ପ୍ରେରଣା। ଏହାର ଧ୍ରୁବ ସମ୍ବିଧାନ ଅଛି। ଏହା ସୁର ମାର୍ଗ। ମାର୍ଗଟି ସରଳ ନୁହେଁ ଜିଗ ଜାଗ ମାତ୍ର ସୁର ଗୁରୁ ସର୍ଦ୍ଧାରୀରେ ଲାଇନ ସରଳ ଦେଖାଯାଏ। ଗୁରୁମାନେ ସଂସାର ଖେଳ ପଡ଼ିଆର କୋଚ, ରେଫରୀ, ସେ ଜୀବନକୁ ଗୋଲରେ, ଅଜ୍ଞାନୀ ଅସୁରାମିରୁ ସୁରରେ ପହଞ୍ଚାଇ ପାରନ୍ତି। ବିଶ୍ୱ ନିୟନ୍ତ୍ରଣକାରୀ ସ୍ରଷ୍ଟା ପ୍ରଜାପତି ବ୍ରହ୍ମା କ୍ଷୀଣୟୁ, ମନୁଷ୍ୟ ଶରୀରରେ ସୁର ଅସୁର ଭାବନା ଭରି ଗଢ଼ିଛନ୍ତି। ସୁର ଭାବର ମନୁଷ୍ୟଙ୍କୁ ସେ ତାଙ୍କ ସହଚର କରି ସୃଷ୍ଟିକୁ ସୁନ୍ଦର, ଦୀର୍ଘସ୍ଥାୟୀ ପାଇଁ ଚେଷ୍ଟା କରି ଚାଲିଛନ୍ତି। ଏଥିରେ ଅନେକ ଏମିତି ସମୟକୁ ଅବତୀର୍ଣ୍ଣ। ଇନ୍ଦ୍ର ଏକ ପଦ, ସୁରଙ୍କ ରାଜା, ସୁନାଶିର, ଶିରରେ ମୁକୁଟ ମୁକୁଟ କୀର୍ତ୍ତୀର ଉଦଘୋଷ, ଯେ ମୁହଁକୁ ସୁନ୍ଦର କରିଥାଏ କାର୍ଯ୍ୟକୁ ବାଣୀକୁ ବି ସୁନ୍ଦର କରିଥାଏ। ସାରସ୍ୱତ ସାଧକମାନେ ସରସ୍ୱତୀ ମାଆଙ୍କ ଗେହ୍ଲା ସନ୍ତାନ ସନ୍ତତି।

ସରସ୍ୱତୀଙ୍କ ଦେଉଳ ମନ୍ଦିର ବିଧିବଦ୍ଧ ଭାବରେ କେଉଁଠି ନାହିଁ, ଅଛି ବାଣୀ ବିହାର ସ୍ଥଳୀ ବିଦ୍ୟାଳୟ, ମହାବିଦ୍ୟାଳୟ, ବିଶ୍ୱ ବିଦ୍ୟାଳୟ। ଏଥିରେ ଦେବୀମା ସେବାକୁ ଅଛନ୍ତି ପାହ୍ୟା ପାହ୍ୟା ଶିକ୍ଷା ଦାନକାରୀ, ସରସ୍ୱତୀମାଙ୍କୁ ପ୍ରାପ୍ତି କରାଇ ଅଜ୍ଞାନୀ ଅସୁରମାର୍ଗରୁ ସୁରମାର୍ଗକୁ ନେଇ ଯିବା ବ୍ୟକ୍ତିବିଶେଷ ସୃଷ୍ଟି କରୁଛନ୍ତି ଶାସ୍ତ୍ର ବାକରେ। ଏମାନେ ସରସ୍ୱତୀ ପୁତ୍ର, ଜ୍ଞାନଦୀପ୍ତ ଜ୍ୟୋତିସ୍ମାନ ଦିବ୍ୟଜ୍ୟୋତି। ଏଇଥିରୁ ଆମ ଭାଇ ସାର୍ବଜାନୀନ ସାଇବାବାଙ୍କ ଉପାସକ ସୁରେନ୍ଦ୍ର ଭାଇ, ସଂକ୍ଷିପ୍ତରେ ସୁରଭାଇ। ସେ ଜଣେ ପ୍ରଧାନ ଶିକ୍ଷକ ଭାବରେ ଦାୟିତ୍ୱ ଭଲଭାବରେ ନିଭାଇବା ସହିତ ସମାଜର ବିଶେଷ ଆକର୍ଷଣ। ସତ୍ୟ ସାଇ ବାବାଙ୍କ ବାଣୀ ଆଦର୍ଶ ଦର୍ଶନ ଆଦି ମାର୍ଗରେ ଏକ ଦିଗଦର୍ଶକ ଜ୍ୟୋତି ସ୍ୱରୂପ ଥିଲେ। ତାଙ୍କର ପରିବାରକୁ ସାଇ ପରିବାରରେ ସାମିଲ କରିଥିଲେ। ତାଙ୍କ ପୁଅଝିଅଙ୍କ ସଦୃଶ ତତ ବୟସର ଭିନ୍ନ ପରିବାରର ପୁଅ ଝିଅଙ୍କୁ ସେହି ଅନୁଶାସନ ସ୍ନେହ ମମତାରେ ବାନ୍ଧି ରଖିବାକୁ ବୁଝାପଡୁଥିଲା। ସାଇବାବାଙ୍କ ଆଶ୍ରମ ସେ ଏପରି ଜଡ଼ିତ ଥିଲେ ଯେ ଖୋଦ ଯହିଁରେ ତାଙ୍କର ଗତି ଭୁକ୍ତି ମୁକ୍ତିର ସାଇବାବା ହିଁ ସବୁକିଛିରେ ଆସିଯାଇଥିଲେ। ତାଙ୍କର ବନ୍ଧୁତା ସମ୍ଭାଷଣରେ, ଆଶୀର୍ବଚନରେ, ଚିଠି ଶିରୋନାମରେ, ସେଇ ବାବାନାମ ସାଇରାମ ଉଦଘୋଷ ସଦା ରହୁଥିଲା। ତାଙ୍କ ଜାତକରେ ବହୁ ମୂଲ୍ୟବାନ ଗ୍ରହସ୍ଥିତି ଥିଲା, ଲଗ୍ନରେ ଚର ରାଶିରେ ଲଗ୍ନ ସ୍ଫୁଟ ସହ ଗୁରୁ ସ୍ଫୁଟ ସମାନ ରହିଥିଲା। ଦିଗବଳୀ ବୃହସ୍ପତି ତାଙ୍କ ଜୀବନକୁ ପୂର୍ଣ୍ଣ ଆଧ୍ୟାତ୍ମିକ ମାର୍ଗରେ ନେଇ ଯିବାକୁ ଗୁରୁପ୍ରେରଣା ଦେବା ସହ ବୃତ୍ତି ଆରମ୍ଭ ଶିକ୍ଷକତା ଦିଗକୁ ନେଇଥିଲା। ବଡ଼ ଭାଇର କାରକ ବୃହସ୍ପତି, ସେ ବର୍ଷିଆନ ବଡ଼ଭାଇ ସମସ୍ତଙ୍କର ହୋଇ ଯାଇଥିଲେ ଚର ରାଶିରେ ୧, ୪, ୭, ୧୦ର ସମ୍ବନ୍ଧକୁ ଅବତାର ଜନ୍ମ ଦିଏ। ମାତ୍ର ବହୁ ବଳବାନ ଗ୍ରହ ହେବା ଦରକାର ଏପରି ନଥିଲେ ଯୁଗ ଅବତାରଙ୍କ ସାନ୍ନିଧ୍ୟ ସୃଷ୍ଟି କରେ, ଏହା ଠିକ ସେପରି ଧନୁଜନ୍ମ ରାଶି ମାଲିକ ଧନରୁ ଏକାଦଶରେ ଶୁଭ ଗ୍ରହଶୁକ୍ର ରାଶିରେ ଲଗ୍ନ ସାମ ଥିବାରୁ ୧୦ମ ପତି ଚନ୍ଦ୍ରଦଶାରେ ତାଙ୍କୁ ୩୬ ବର୍ଷ ଠାରୁ ଏପରି ସ୍ତରକୁ ଭିଡ଼ିଥିଲା। ସାଇବାବାଙ୍କ ପରି ତାଙ୍କର ସହସ୍ର ଚନ୍ଦ୍ର ଦର୍ଶନ ହୋଇଛି। ତାଙ୍କର ଉତ୍ତମ ଘର କଟକ ସହରରେ ସେ ନିର୍ମାଣ କରିଥିଲେ ବି ପିତୃ ଭିଟାମାଟି ଛାଡ଼ି ନଥିଲେ ଏପରିକି ତାଙ୍କର ଦେହାନ୍ତ ପରେ ତାଙ୍କର ସବଳ ପୁତ୍ରମାନେ ଶ୍ରୀକ୍ଷେତ୍ର ପୁରୀ ମହୋଦଧି ତଟ ସ୍ୱର୍ଗ ଦ୍ୱାର ସଂସ୍କାରକୁ ନେବାକୁ ଏକ ଅଦୃଶ୍ୟ ଇଙ୍ଗିତ ବାରଣ କରିଦେଲା।

ଶେଷରେ ତାଙ୍କ ପିତାମାତାଙ୍କ ଶେଷ କୃତ୍ୟ ଘର ପାଖ ଶ୍ମଶାନରେ ସଂସ୍କାର କରାଗଲା, ସେ ସ୍ୱଗ୍ରାମକୁ ଅତି ଭଲ ପାଉଥିଲେ, ସେ ବିଭୁତି ପ୍ରିୟ ନିତ୍ୟ ସାଇବାବାଙ୍କ ବିଭୁତି ମଥାରେ ଲଗାଉଥିଲେ ଜିହ୍ୱା ଆସ୍ୱାଦନ କରୁଥିଲେ। ଭସ୍ମସ୍ନାନ ସ୍ନାନ ମଧ୍ୟରେ ଅନ୍ୟତମ, ଯେପରି ଗଙ୍ଗା ସ୍ନାନ, ମନ୍ତ୍ର ସ୍ନାନ। ସେ ପୁଣି ଶେଷରେ ଜୁଇ ଜ୍ୟୋତିରେ କ୍ରାବ୍ୟ ଅଗ୍ନିରେ ଭସ୍ମ ବିଭୁତି ହୋଇଗଲେ। ସାଇ ବିଭୁତି ପୁଷ୍ଟ ଶରୀର ତାଙ୍କର ବିଭୁତିମୟ ହୋଇଗଲା। ତାଙ୍କ ଗ୍ରାମର ଭୂମି ସେ ବିଭୁତି ସ୍ୱାଭାବିକ ପବନରେ ଭୂଷିତ ହୋଇଯାଇଛି।

''ବରେଣ୍ୟ ବାଣୀ' ପିସି ସରକାର ଲେନ୍, ଅରୁଣୋଦୟ ମାର୍କେଟ, କଟକ, ମୋବାଇଲ୍: ୯୪୩୭୦୩୧୨୫୩

# ୟୁପିଆଇ ଭାରତୀୟ ଅର୍ଥ ବ୍ୟବସ୍ଥାର ସାରଥୀ



ଗୋପାଳ ମହାପାତ୍ର

ଭାରତ ଡିଜିଟାଲ ନେଣ ଦେଣ କ୍ଷେତ୍ରରେ ଇତିହାସ ସୃଷ୍ଟି କରିଛି। ଡିଜିଟାଲ ନେଣ ଦେଣ ଦେଶର ଅର୍ଥ ବ୍ୟବସ୍ଥାକୁ ନୂଆ ରୂପ ଦେଇଛି ଏବଂ ବିଶ୍ୱସ୍ତରରେ ଉଦାହରଣ ସୃଷ୍ଟି କରିଛି। ୟୁନିଫାଏଡ଼ ପେମେଣ୍ଟ ଇଣ୍ଟରଫେସ (ୟୁପି ଆଇ) ଏହାର ଆଧାର ଯାହା ଦେଶରେ ନଗଦ ମୁଦ୍ରା କାରବାରକୁ ଡିଜିଟାଲ ଯୁଗରେ ପରିବର୍ତ୍ତନ କରିପାରିଛି। ସଡ଼କ କଡ଼ର ଚା ଦୋକାନ ହେଉ ବା ହଜାର ହଜାର ଟଙ୍କାର ଜିନିଷ କିଣାବିକା ସବୁଠି ୟୁପିଆଇ ର ପ୍ରଚଳନ ଚାଲିଛି ଓ ୟୁପିଆଇ ଏହି ନେଣ ଦେଣକୁ ସହଜ ଏବଂ ତ୍ୱରାନ୍ୱିତ କରି ଦେଇଛି। ୟୁପିଆଇ ଏବେ ଭାରତୀୟଙ୍କ ପାଇଁ ନେଣ ଦେଣର ଜରୁରୀ ସାଧନ ପାଲଟି ଯାଇଛି। ୨୦୧୬ରେ ୟୁପିଆଇ ନେଣ ଦେଣର ବ୍ୟବସ୍ଥା ଆରମ୍ଭ ହୋଇଥିଲା। ନ୍ୟାସନାଲ ପେମେଣ୍ଟସ୍ କର୍ପୋରେସନ ଅଫ ଇଣ୍ଡିଆ (ଏନ୍‌ପିସିଆଇ) ପକ୍ଷରୁ ଏହି ବ୍ୟବସ୍ଥାର ପ୍ରଚଳନ କରାଯାଇଥିଲା। ୟୁପିଆଇ ଏକ ଆପ୍ ନୁହେଁ ବରଂ କୋଟି କୋଟି ଲୋକଙ୍କୁ ପାରମ୍ପରିକ ବ୍ୟାଙ୍କିଙ୍ଗ ବ୍ୟବସ୍ଥା ଠାରୁ ଡିଜିଟାଲ ଯୁଗକୁ ନେଇଯାଇଛି। ୟୁପିଆଇ ୩ଟି ବ୍ୟବସ୍ଥା ଯୋଗୁଁ କାର୍ଯ୍ୟ କରୁଛି। ପ୍ରଥମଟି ହେଉଛି ଲୋକଙ୍କ ବ୍ୟାଙ୍କ ଖାତା, ଦ୍ୱିତୀୟ ହେଉଛି ଆଧାର ଯାହା ପ୍ରତ୍ୟେକ ନାଗରିକଙ୍କ ବାୟୋମେଟ୍ରିକ ପରିଚୟ ଏବଂ ତୃତୀୟ ହେଉଛି ମୋବାଇଲ ଡାଟା (ଇଣ୍ଟରନେଟ)। ଏହି ୩ଟି ବ୍ୟବସ୍ଥା ଡିଜିଟାଲ ସାର୍ବଜନିକ ଅବସଂରଚନାକୁ ନିର୍ମାଣ କରେ ଯାହା ୟୁପିଆଇକୁ ଏକ କ୍ରାନ୍ତିକାରୀ ମଞ୍ଚରେ ପରିଣତ କରିପାରିଛି।

ୟୁପିଆଇର ସବୁ ଠାରୁ ବଡ଼ ଗୁଣ ହେଉଛି ଏହାର ସଂଯୋଜନ ଶୀଳତା। ଏହି ପ୍ରଣାଳି ଉପଯୋଗ କର୍ତ୍ତାଙ୍କୁ କୌଣସି ବି ୟୁପିଆଇ ଆପ୍ ମାଧ୍ୟମରେ ତୁରନ୍ତ ଦେଣ ବା ପୈଠ କରିବାର ସୁବିଧା ଦେଇଥାଏ। ଏହା ପୁଣି ଅନ୍ୟ ପକ୍ଷ କେଉଁ ଆପ୍‌ର ଉପଯୋଗ କର୍ତ୍ତା ସେ ବାବଦରେ ଚିନ୍ତା କରିନଥାଏ। ଏହି ସରଳତା କାରଣରୁ ୟୁପିଆଇ ଅନ୍ୟସବୁ ଆପ୍ ଠାରୁ ଭିନ୍ନ ଅଟେ। ଆନ୍ତର୍ଯାତୀୟ ମୁଦ୍ରା କୋଷ (ଆଇଏମ୍‌ଏଫ) ୨୦୨୫ ଜୁନ ମାସରେ କହିଥିଲା ଯେ ଭାରତରେ ଡିଜିଟାଲ ନେଣ ଦେଣ କ୍ଷେତ୍ରରେ ୟୁପିଆଇ ଏକ କ୍ରାନ୍ତି ଆଣି ଦେଇଛି ଏବଂ ଡିଜିଟାଲ ନେଣ ଦେଣର ଏକ ସ୍ୱତନ୍ତ୍ର କାୟାକଳ୍ପ ସୃଷ୍ଟି କରି ପାରିଛି। ଆନ୍ତର୍ଯ୍ୟାତୀୟ ମୁଦ୍ରା କୋଷ ୟୁପିଆଇକୁ ବିଶ୍ୱର ସର୍ବାଧିକ ତ୍ୱରିତ ନେଣ ଦେଣ ପ୍ରଣାଳୀ ବୋଲି କହିଛି। ଭାରତରେ ପ୍ରତି ମାସରେ ୧୯ ଅରବ (୧୯୦ ଲକ୍ଷ କୋଟି)ରୁ ଅଧିକ ନେଣ ଦେଣ ୟୁପିଆଇ ମାଧ୍ୟବରେ ହୋଇଥାଏ। ୟୁପିଆଇ ଭାରତୀୟ ଅର୍ଥବ୍ୟବସ୍ଥାକୁ ଅଧିକ ଗତିଶୀଳ କରିଛି। ୨୦୧୬ରେ ବିଶ୍ୱର ଶୀର୍ଷ ୧୦ ଅର୍ଥବ୍ୟବସ୍ଥାରେ ସାମିଲ




ଭାରତ ଏବେ ୪ର୍ଥ ବୃହତ୍ ଅର୍ଥବ୍ୟବସ୍ଥାରେ ପରିଣତ ହୋଇଛି। ଏ ଦିଗରେ ୟୁପିଆଇର ଭୂମିକା ମଧ୍ୟ ଗୁରୁତ୍ୱପୂର୍ଣ୍ଣ। ଟେକନିକାଲ ଭ୍ରଷ୍ଟାଚାର ଉପରେ ଅଙ୍କୁଶ ଲଗାଇବା ସହ ନଗଦ ନୋଟ ଛପା ପାଇଁ ହେଉଥିବା ଖର୍ଚ୍ଚ ମଧ୍ୟ ୟୁପିଆଇ ଯୋଗୁଁ କମିଛି। ଏପରିକି ଧନର ତରଳତା ବଢ଼ାଇବା ଦିଗରେ ଏହା ସହାୟକ ହୋଇଛି।

୨୦୨୫ ଅଗଷ୍ଟ ସୁଦ୍ଧା ୟୁପିଆଇ ମାଧ୍ୟମରେ ୨୪.୮୫ ଲକ୍ଷ କୋଟିରୁ ଅଧିକ ମୁଲ୍ୟର ନେଣ ଦେଣ ହୋଇଛି। ଭାରତରେ ଡିଜିଟାଲ ନେଣ ଦେଣର ୮୫ ପ୍ରତିଶତ ଅଂଶ ୟୁପିଆଇ ମାଧ୍ୟମରେ ହୋଇଥାଏ। ୟୁପିଆଇ କ୍ରେଡିଟକାର୍ଡ ଓ ଡେବିଟକାର୍ଡ କୁ ମଧ୍ୟ ପଛରେ ପକାଇ ଦେଇଛି। ଗାଁ ଠାରୁ ଆରମ୍ଭ କରି ସହର ପର୍ଯ୍ୟନ୍ତ ଛୋଟ ଛୋଟ ଦୋକାନୀ, ଗ୍ରାମାଞ୍ଚଳର ଛୋଟ ଛୋଟ ଶିଳ୍ପ ଏପରିକି ସାଧାରଣ ନାଗରିକ ମାନଙ୍କର ୟୁପିଆଇ ଏକ ସାଧନ ପାଲଟି ଯାଇଛି। ଚା ଦୋକାନୀ, ମଜଦୁର, କୃଷକ ସମସ୍ତେ ୟୁପିଆଇ ମାଧ୍ୟମରେ ନେଣ ଦେଣ କରିପାରୁଛନ୍ତି। ଏକ ତଥ୍ୟ ଅନୁସାରେ ୮୯ ପ୍ରତିଶତରୁ ଅଧିକ ଭାରତୀୟଙ୍କ ବ୍ୟାଙ୍କ ଖାତା କୁ ଡିଜିଟାଲ ଅର୍ଥବ୍ୟବସ୍ଥା ସହ ଯୋଡିବାର କାମ କରୁଛି ୟୁପିଆଇ। ଏହି ୟୁପିଆଇ ବ୍ୟବସ୍ଥାକୁ ସିଙ୍ଗାପୁର, ୟୁନାଇଟେଡ୍ ଆରବ ଏମିରେଟସ, ମରିଶସ, ନେପାଳ, ଶ୍ରୀଲଙ୍କା ଏବଂ ଭୁଟାନ ଭଳି ଦେଶ ମଧ୍ୟ ଆପଣେଇ ନେଇଛନ୍ତି। ୟୁପିଆଇ ଏକ ନେଣ ଦେଣ ପ୍ରଣାଳୀ ନୁହେଁ ବରଂ ଏହା ଭାରତର ନବାଚାର ଏବଂ ସମାବେଶୀ ବିକାଶର ପ୍ରତୀକ ପାଲଟି ଯାଇଛି। ଏହା ଡିଜିଟାଲ ଇଣ୍ଡିଆ ଏବଂ ଆତ୍ମନିର୍ଭର ଭାରତ ଭଳି ଅଭିଯାନର ଜୀବନ୍ତ ଉଦାହରଣ। ଏଥିରେ ମଧ୍ୟ କେତେକ ଅସୁବିଧା ରହିଛି। ଡିଜିଟାଲ ସାକ୍ଷରତା, ସାଇବର ସୁରକ୍ଷା ଏବଂ ଗ୍ରାମାଞ୍ଚଳରେ ଇଣ୍ଟରନେଟ ବ୍ୟବସ୍ଥାର ଅଭାବକୁ ସୁଧାରାଯାଇ ପାରିଲେ ଏହାର ଉପଯୋଗିତା ଆହୁରି ବୃଦ୍ଧି ପାଇବ। ୟୁପିଆଇ ଭାରତର ଡ଼ିଜିଟାଲ କ୍ରାନ୍ତିର ଏମିତି ଏକ ବ୍ୟବସ୍ଥା ଯାହା ବିଶ୍ୱକୁ ନୂଆ ଦିଗ୍‌ଦର୍ଶନ ଦେବାରେ ସକ୍ଷମ ହୋଇପାରିଛି।

ରାମଚନ୍ଦ୍ରପୁର, ରଣପୁର,
ମୋବାଇଲ୍: ୯୪୩୮୪୮୫୦୯୪

# ନ୍ୟାୟିକ ବ୍ୟବସ୍ଥାର ଚକ୍ରବ୍ୟୁହରେ ବୁଲା କୁକୁର



ଡ. ବିମଳ ଷଡଙ୍ଗୀ

ଭାରତର ସର୍ବୋଚ୍ଚ ନ୍ୟାୟାଳୟ ୨୦୨୫ ମସିହାଅଗଷ୍ଟ୧୧ତାରିଖରେ ଶିକ୍ଷାନୁଷ୍ଠାନ, ହସ୍ପିଟାଲ, ବସ୍ ଷ୍ଟାଣ୍ଡ, ରେଳ ଷ୍ଟେସନ ଏବଂ ଅନ୍ୟାନ୍ୟ ସାର୍ବଜନୀନ ସ୍ଥାନରୁ ବୁଲା କୁକୁରମାନଙ୍କୁ ହଟାଇବା ସହିତ ବନ୍ଧ୍ୟାକରଣ ଏବଂ ଟୀକାକରଣ ପରେ ଏହି କୁକୁରମାନଙ୍କୁ ନିର୍ଦ୍ଦିଷ୍ଟ ଆଶ୍ରୟସ୍ଥଳକୁ ସ୍ଥାନାନ୍ତରିତ ପାଇଁ ନିର୍ଦ୍ଦେଶନାମା ଯାହା ଦିଲ୍ଲୀ ପାଇଁ ପ୍ରଯୁଜ୍ୟ ଥିଲା ତାକୁ୨୦୨୫ ମସିହା ଅଗଷ୍ଟ ୨୨ତାରିଖ ଦିନ ସୁପ୍ରିମକୋର୍ଟଙ୍କ ସଂଶୋଧିତ ରାୟରେ ପରିବର୍ତ୍ତନ କରି ବନ୍ଧ୍ୟାକରଣ, ଟୀକାକରଣ ପରେ ସେମାନଙ୍କୁ ଯେଉଁଠାରୁ ନିଆଯାଇଥିବ ସେହି ସ୍ଥାନକୁ ଫେରାଇ ଆଣିବା ଆବଶ୍ୟକ ବୋଲି ଉଲ୍ଲେଖ କରି ପୂର୍ବ ରାୟକୁ ବାତିଲ କରିଥିଲେ ଏବଂ ଯାହାକୁ ପଶୁ କଲ୍ୟାଣ ପ୍ରବକ୍ତାମାନେ ସ୍ୱାଗତ କରିଥିଲେ ଏବଂ ପଶୁପ୍ରେମୀମାନେ ଏହାକୁ ଏକ 'ବୈଜ୍ଞାନିକ ରାୟ' ବୋଲି ଉପସ୍ଥାପନ କରିଥିଲେଜ୍ଞମାନ୍ୟବର ସୁପ୍ରିମକୋର୍ଟ ପୁନଶ୍ଚ୨୦୨୫ ମସିହାନଭେମ୍ବର ୭ ତାରିଖରେ ସମସ୍ତ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକୁ ବୁଲା କୁକୁରମାନଙ୍କୁ ହଟାଇବା ଏବଂ ଉପଯୁକ୍ତ ବନ୍ଧ୍ୟାକରଣ ଏବଂ ଟୀକାକରଣ ପରେ ସେମାନଙ୍କୁ ଏକ ନିର୍ଦ୍ଦିଷ୍ଟ ଆଶ୍ରୟସ୍ଥଳକୁ ସ୍ଥାନାନ୍ତର କରିବାକୁ ନିର୍ଦ୍ଦେଶ ଦେଇଥିଲେ ଓ ୨୦୨୬ ମସିହା ଜାନୁଆରୀ ୧୩ ତାରିଖରେଏହି ମାମଲା ପୁନର୍ବାର ବିଚାର କରାଯିବ ବୋଲି ଉଲ୍ଲେଖ କରିଛନ୍ତି।ଏହି ରାୟଗୁଡ଼ିକ ବୁଲା କୁକୁରଙ୍କ କାମୁଡ଼ା ଯୋଗୁଁ ହେଉଥିବା ସମସ୍ୟାର ସମାଧାନ ଏବଂ ଜନସାଧାରଣଙ୍କ ସୁରକ୍ଷାକୁ ସୁନିଶ୍ଚିତ କରିବା ପାଇଁ ସୁପ୍ରିମକୋର୍ଟଙ୍କ ପ୍ରତିବଦ୍ଧତାକୁ ପ୍ରତିଫଳିତ କରିପାରେ ମାତ୍ର ଏହା ସହିତ ଆଉ ଗୋଟିଏ ନିରାଟ ସତ୍ୟ ଲୁଚି ଯାଉଥିବାର ମନେ ହୁଏ ଯାହାକୁ କେହି ଅସ୍ୱୀକାର କରିପାରିବେ ନାହିଁ।

ପ୍ରଥମ କଥା ବୁଲାକୁକୁରଙ୍କ ସଂଖ୍ୟା ବଢିବାର ମୁଖ୍ୟକାରଣ ଆମ ଅସ୍ୱଚ୍ଛ ପରିବେଶ।ଆମର ନିଜର ଅସଭ୍ୟ ଆଚରଣରୁ ଆମେ ଯେଉଁଠି ଇଚ୍ଛା ସେଠାରେ ଅଳିଆ ଆବର୍ଜନା ପକାନ୍ତି ଯାହା କୌଣସି ନ୍ୟାୟୀକ ବା ଶାସକ ବର୍ଗଙ୍କୁ ଦେଖାଯାଇନଥାଏ ବା ସେଥିପାଇଁ କାହାକୁ ଦୋଷ ଦିଆଯାଏ ନାହିଁ କାରଣ ଆମେ ମଣିଷ।ଆମକୁ ଦୋଷଦେଲେ ଆମେ ବିଦ୍ରୋହ କରିବା, , ଶାସକ ବର୍ଗଙ୍କୁ ବଦଳାଇ ଦେବା, ନ୍ୟାୟିକ ବ୍ୟବସ୍ଥାର ନିୟମ ପରିବର୍ତ୍ତନ କରିଦେବା ଇତ୍ୟାଦି, ତେଣୁ ଆମର କେହି କିଛି କରିପାରିବେ ନାହିଁ ମାତ୍ର କୁକୁର ତାର ତ ପାଟି ବନ୍ଦ, ଅଧିକ କିଛି ହେଲେ ତାକୁ ଆମେ ମାରି ଦେଇପାରିବା।ମାତ୍ର ତାର ମୃତ୍ୟୁ ପରେ ବା ତାକୁ ଅନ୍ୟତ୍ର ରଖିଲେ ଆମ ସମସ୍ୟାର ସାମାଧାନର ଗ୍ୟାରେଣ୍ଟି।କୌଣସି ନ୍ୟାୟୀକ ବା ଶାସକ ଗୋଷ୍ଠୀ ଦେଇପାରିବେ ନାହିଁ ତେଣୁ ସେମାନେ ନିଜ କ୍ଷମତା ବଳରେ ଆଖିବୁଜା ଆଦେଶ ଦେବାକୁ କେହି କୁଣ୍ଠିତ ହୋଇନଥାନ୍ତି।

ତଥ୍ୟ ଅନୁସାରେ ସାରା ଭାରତରେ ଯଦି ବୁଲା କୁକୁରଙ୍କ ସଂଖ୍ୟା ପ୍ରାୟ ୭କୋଟିରୁ ଅଧିକ ଓ ସେହି ଅନୁପାତରେ ବନ୍ଧ୍ୟାକରଣ ଏବଂ ଜଳାତଙ୍କ ରୋଗ ନିରୋଧକ ଟୀକାକରଣ ପାଇଁ ବର୍ଷକୁ କୁକୁର ପିଛା ୧୦୦୦ ହିସାବରେ ପାଖାପାଖି ୭୦୦୦ କୋଟି ଏବଂ ସେମାନଙ୍କ ଖାଦ୍ୟ ଓ ରକ୍ଷଣାବେକ୍ଷଣ ପାଇଁ କୁକୁର ପିଛା ଦୈନିକ ସର୍ବନିମ୍ନ ୨୦ ଟଙ୍କା ହିସାବରେ ମାସିକ ୬୦୦ଟଙ୍କା ଓ ବର୍ଷକୁ ୭୨୦୦ଟଙ୍କା ହିସାବରେ ପାଖାପାଖି ୫୦୦୦୦କୋଟି ମୋଟ ୫୭୦୦୦କୋଟି ଟଙ୍କାରୁ ଅଧିକ ଖର୍ଚ୍ଚ ହେବ। ଯଦି



ପ୍ରତ୍ୟେକ ଗୃହ ପାଳିତ ଜୀବଙ୍କ ପାଇଁ ଏହିପରି ପ୍ରାବଧାନ କରାଯାଏ, ତେବେ ଭାରତରେ ଜନସାଧାରଣଙ୍କ ପାଇଁ ଖାଦ୍ୟାଭାବର ସମସ୍ୟା ଦେଖାଯିବା କିଛି ବିଚିତ୍ର ନୁହେଁ।ତେବେ ବୁଲା କୁକୁର ମାନଙ୍କୁ ତଡିବା ଅପେକ୍ଷା ସେମାନଙ୍କ ସହିତ ସହାବସ୍ଥାନ ପାଇଁ ମଣିଷ କେତେଗୁଡିଏ ପଦକ୍ଷେପ ନେଇପାରେ ଯାହା ମଣିଷ ଏବଂ ବୁଲା କୁକୁର ଉଭୟଙ୍କୁ ବଞ୍ଚିବାର ଅଧିକାର ଦେଇ ସୃଷ୍ଟିର ସନ୍ତୁଳନ ରକ୍ଷାକରିବାରେ ସହାୟକ ହୋଇପାରିବ କାରଣ ମଣିଷ ଓ କୁକୁର ସମ୍ପର୍କ ବହୁ ପୁରାତନ କାଳର।

ବୁଲା କୁକୁର ରହୁଥିବା ଅଞ୍ଚଳକୁ ସୁରକ୍ଷା ପ୍ରଦାନ କରିବା ସହିତ ବାହାରର କୁକୁର, ଜଙ୍ଗଲୀ କୁକୁର, ଶିଆଳ, ହେଟା ବାଘ ଓ ଅନ୍ୟାନ୍ୟ ଜଙ୍ଗଲୀ ପଶୁଙ୍କୁ ସେ ଅଞ୍ଚଳକୁ ପସିବାକୁ ଦିଅନ୍ତି ନାହିଁ।ଯଦି ଆମେ ସବୁ ବୁଲା କୁକୁରକୁବିଭିନ୍ନ ସ୍ଥାନରୁ ହଟାଇ ଦେବା।ସେ ସ୍ଥାନରେ ଖାଲି ସ୍ଥାନ ସୃଷ୍ଟି ହେବ ଓ ବାହାର ପଶୁଙ୍କ ଆତଙ୍କ ଅଧିକ ବଢିଯିବ।ରାସ୍ତା ଘାଟରେ ବୁଲୁଥିବା କୁକୁରଙ୍କ କେହି ଦେଖାରଖା କରନ୍ତି ନାହିଁ ମାତ୍ର ସେମାନେ ଗୋଟିଏ ସ୍ଥାନରେ ମଣିଷଙ୍କ ଅଜାଣତରେ ରହି ସେଠାରେ ଥିବା ମଣିଷଙ୍କୁ ଭଲପାଇ ବସନ୍ତି, ଆଶାଥାଏ ଟିକିଏ ସ୍ନେହ ଓ ଆଦର। ତା ବଦଳରେ ସେମାନେ ବହୁତ ଅଧିକ ଦାନ ଦେଇ ମଣିଷର ବନ୍ଧୁ ହୁଅନ୍ତି। ବେଳେବେଳେ କିଛି ସହୃଦୟ ବ୍ୟକ୍ତି ସେମାନଙ୍କୁ ଆଦରି ନିଅନ୍ତି ତ ଆଉ ବେଳେବେଳେ ଖାଲି ତିରସ୍କାର ଶୁଣି ସେମାନଙ୍କ ଅଇଁଠା ପତରକୁ ଅପେକ୍ଷା କରନ୍ତି ନିଜର କ୍ଷୁଧା ନିବାରଣ ପାଇଁ। ସୁସ୍ଥ ସମୟରେ ସେମାନେ ସହରାଞ୍ଚଳ ବା ଗ୍ରାମାଞ୍ଚଳ ପରିବେଶ ଏବଂ ରହିଥିବା ଅଞ୍ଚଳର ସୁରକ୍ଷା ଅତ୍ୟନ୍ତ ବିଶ୍ୱସନୀୟ ଭାବରେ କରିଥାଆନ୍ତିଜ୍ଞସେମାନେ ପ୍ରାରମ୍ଭିକ ସତର୍କତା ବ୍ୟବସ୍ଥା ମଧ୍ୟମରେ ଅନୁପ୍ରବେଶକାରୀ କିମ୍ବା ରାତିରେ ଅସ୍ୱାଭାବିକ କାର୍ଯ୍ୟକଳାପକୁ ଲକ୍ଷ୍ୟକରି ଭୁକିବା ଆରମ୍ଭ କରନ୍ତି ଯାହା ଲୋକମାନଙ୍କ ସୁରକ୍ଷାରେ ସହାୟକ ହୋଇଥାଏ।ରାସ୍ତା କଡରେ ମଣିଷଙ୍କ ଦ୍ୱାରାବିଶୃଙ୍ଖଳିତ ଭାବରେ ଫିଙ୍ଗାଯାଉଥିବା ଜୈବିକ ଅବର୍ଜନା ଖାଇସେମାନେ ଆଂଶିକ ଆବର୍ଜନା ନିଷ୍କାସନରେ ମଧ୍ୟ ସାହାଯ୍ୟ କରନ୍ତି। ଯଦି ଆମେ ରାସ୍ତାକୁ ସଫା ରଖିବା ଓ ଜନବସତି ଅଞ୍ଚଳରେ ଅଳିଆ ଆବର୍ଜନା ପକାଇବାନାହିଁ ତେବେ ସେମାନଙ୍କ ବଂଶବୃଦ୍ଧି ନହୋଇ ସଂଖ୍ୟା ଆସ୍ତେ ଆସ୍ତେ କମିଯିବ ଯାହା ଆମ ନ୍ୟାୟିକ ବ୍ୟବସ୍ଥାର ଦୃଷ୍ଟି ଗୋଚରକୁ ଆସିବା ଆବଶ୍ୟକ।କୁକୁରମାନେ ମୂଷା ସମେତ ଛୋଟ ପ୍ରାଣୀଙ୍କୁ ମଧ୍ୟ ଶିକାର କରନ୍ତି ଯାହା ମଣିଷଙ୍କ ପାଇଁ ଲେପ୍ଟୋସ୍ପାଇରୋସିସ୍ ଏବଂ ପ୍ଲେଗ ଭଳି ମାରାତ୍ମକ ରୋଗର ବାହକଙ୍କୁ ନଷ୍ଟ କରିଥାଏଜ୍ଞ ତେଣୁ ସମସ୍ତ ବୁଲା କୁକୁରଙ୍କୁ ଆମେ ବାହାର କରିବା ପୂର୍ବରୁ ନିଜର ସ୍ୱଚ୍ଛ ପରିବେଶ ଗଠନ କରିବାକୁ ପଡ଼ିବ ଓ ପରିବେଶ ସନ୍ତୁଳନକୁ ଦୃଷ୍ଟିଦେବାକୁ ପଡ଼ିବ।

ବେଳେବେଳେ ସେମାନଙ୍କ ଉପଦ୍ରବ ମଣିଷଙ୍କୁ କ୍ଷତି ପହଞ୍ଚାଏ, ମାତ୍ର କୁକୁରମାନେ କାମୁଡ଼ିବା ପୂର୍ବରୁ ସାଧାରଣତଃ ବହୁତ ପ୍ରକାରର ସତର୍କ ସଙ୍କେତ ଦିଅନ୍ତି। ଶରୀରକୁ କଠିନ କରନ୍ତି, ବେକ ଓ ପିଠି ସହିତ ଲୋମଟାଙ୍କୁରାଇଦିଅନ୍ତି, ଗର୍ଜ୍ଜନ, କ୍ରନ୍ଦନ, କିମ୍ବା ଦାନ୍ତ ବାହାର କରି ନିଜର ଭୟକୁ ଜାହିର କରନ୍ତି, ଯଦି ଆମେ ଏହି ସଙ୍କେତଗୁଡ଼ିକୁ ଲକ୍ଷ୍ୟ କରନ୍ତି ତେବେ କୁକୁର କାମୁଡାରୁ ମୁକ୍ତ ହୋଇପାରିବା। କ୍ରୋଧିତ ସମୟରେ ସେମାନଙ୍କଆଖିକୁ ଚାହିଁବା କିମ୍ବା ଲାଙ୍ଗୁଡ଼ ଟାଣିବା କିମ୍ବା ହଠାତ୍ ପଛକୁ ହଟିବା କିମ୍ବା ଆଗକୁ ଦୌଡ଼ିବା ଇତ୍ୟାଦିରୁ ଦୂରେଇ ରହିଲେ କୁକୁର କାମୁଡାରୁ ରକ୍ଷା ମିଳିବ। କୁକୁରମାନଙ୍କ ପାଖରେ ଥିବା ସମୟରେ ଶାନ୍ତ ଭାବରେ ପାଖକୁ ଯାଆନ୍ତୁ ଏବଂ କୁକୁରକୁ ପ୍ରଥମେ ଆପଣଙ୍କୁ ଶୁଙ୍ଘିବାକୁ ଦିଅନ୍ତୁ।ଯଦି କୌଣସି ଅଜଣା କୁକୁର ଆପଣଙ୍କ ଆଡ଼କୁ ଦୌଡ଼ିଯାଏ ତେବେଆପଣଙ୍କ ହାତକୁ ନହଲାଇ ସ୍ଥିର ରୁହନ୍ତୁ ହଠାତ୍ ଦୌଡନ୍ତୁ ନାହିଁ। ପିଲାମାନଙ୍କୁ କୁକୁରକୁ ଆଲିଙ୍ଗନ କିମ୍ବା ଚଢ଼ାଇବାକୁ ଶିଖାନ୍ତୁ ନାହିଁ।କୁକୁର ଶୋଇବା, ଖାଇବା କିମ୍ବା କୁକୁର ଛୁଆଙ୍କ ଯତ୍ନ ନେବା ସମୟରେ ତାକୁ ବିରକ୍ତ କରନ୍ତୁ ନାହିଁ।ସିଧାସଳଖ ତା' ଆଖିକୁ ଚାହିଁ ରୁହନ୍ତୁ ନାହିଁ କାରଣ କୁକୁରମାନେ ଏହାକୁ ଏକ ଚ୍ୟାଲେଞ୍ଜ ଭାବରେ ଦେଖନ୍ତି।କୁକୁର ଭୁକିବା ବା ପଳାଇବାକୁ ଉଦ୍ୟତହେଲେ ତାକୁ ପଳାୟନର ରାସ୍ତା ଦିଅନ୍ତୁ।ଯଦି କୁକୁର ଆକ୍ରମଣ କରେ ତେବେ କୁକୁର ଏବଂ ଆପଣଙ୍କ ମଝିରେ ବ୍ୟାଗ୍, ଜ୍ୟାକେଟ୍, ବାଡ଼ି କିମ୍ବା ଅନ୍ୟ କୌଣସି ଦ୍ରବ୍ୟ ରଖନ୍ତୁ।ଯଦି ତଳେ ପଡ଼ିଯାଆନ୍ତି ତେବେ ଗୋଲ ଭାବରେ ଶୋଇ ନିଜର ମୁଣ୍ଡ ଏବଂ ବେକକୁ ହାତରେ ଘୋଡ଼ାଇ ଦିଅନ୍ତୁ, କୁକୁର ଛାଡିବା ପର୍ଯ୍ୟନ୍ତ ସ୍ଥିର ରୁହନ୍ତୁ।ନିଜ ସ୍ଥାନରେ ରହୁଥିବା କୁକୁରଙ୍କୁ ନିୟମିତ ବ୍ୟବଧାନରେ ଜଳାତଙ୍କ ଏବଂ ଅନ୍ୟାନ୍ୟ ରୋଗ ନିରୋଧକ ଟୀକା ଦେବାକୁ ଧ୍ୟାନ ଦିଅନ୍ତୁ।ପିଲା ଏବଂ ବିଭିନ୍ନ ଅଞ୍ଚଳରେ ସଚେତନତା କାର୍ଯ୍ୟକ୍ରମ ଦ୍ୱାରାକୁକୁର କାମୁଡ଼ିବା ରୋକିବା ପାଇଁ ବା କୁକୁରମାନଙ୍କୁ କିପରି ଆମ ସହିତ ରଖିବା ସେ ସମ୍ପର୍କରେ ସଚେତନ କରାଯିବା ଉଚିତ। ମାରିବା ବା ତଡି ଦେବା ଏକ ମାନବିକତା କାର୍ଯ୍ୟ ନୁହେଁ କିମ୍ବା ଏକ ଉଚିତ ସମାଧାନ ନୁହେଁ, କାରଣ ଦଳେ କୁକୁର ପଳାଇଗଲେ ଆଉ ଗୋଟିଏ ଅପରିଚିତ ଦଳ ଆସି ସେ ଜାଗାରେ ରହିବେ ସେତେବେଳେ କୁକୁର କାମୁଡାର ସଂଶୟ ଆହୁରି ବଢିଯିବ।ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଏବଂ ପଶୁ କଲ୍ୟାଣ ବିଶେଷଜ୍ଞମାନଙ୍କ ମତରେ କୁକୁର ଟୀକାକରଣ ବିଶେଷକରି ଜଳାତଙ୍କ ରୋଗ ପ୍ରତିଷେଧକ ଓ ରାସ୍ତା କୁକୁର ଜନ୍ମ ନିୟନ୍ତ୍ରଣ ପାଇଁ ସ୍ପେ ଏବଂ ନ୍ୟୁଟର କାର୍ଯ୍ୟକ୍ରମ ଜରୁରୀକୁ।

କୁକୁର ମଣିଷ ମଧ୍ୟରେ ଯୁଗଯୁଗର ପୌରାଣିକ ଏବଂ ଆଧ୍ୟାତ୍ମିକ ସମ୍ପର୍କ ରହିଛି।ସେମାନଙ୍କୁ ପ୍ରାୟତଃ ରକ୍ଷକ, ମାର୍ଗଦର୍ଶକ, ସାଥୀ ଏବଂ ବାର୍ତ୍ତାବାହକ ଭାବରେ ଦେଖାଯାଏ। ବୁଲା କୁକୁରମାନଙ୍କର ମଣିଷ ସହ ବନ୍ଧୁତା ମୁଖ୍ୟତଃ ସେମାନଙ୍କର ଅତୀତର ଅଭିଜ୍ଞତା, ସ୍ଥାନୀୟ ପରିବେଶ ଏବଂ ସେ ଅଞ୍ଚଳର ଲୋକଙ୍କ ଦ୍ୱାରା ସେମାନଙ୍କ ପ୍ରତି ବ୍ୟବହାର ଉପରେ ନିର୍ଭର କରେ। ଅଧିକାଂଶ ବୁଲା କୁକୁର ସମ୍ପୂର୍ଣ୍ଣ ଜଙ୍ଗଲୀ କିମ୍ବା ସମ୍ପୂର୍ଣ୍ଣ ପାଳିତ ନୁହଁନ୍ତି ସେମାନେ ଅର୍ଦ୍ଧ-ଜଙ୍ଗଲୀ।ଯଦି ସେମାନଙ୍କର ମଣିଷ ସହିତ ସକାରାତ୍ମକ ପାରସ୍ପରିକ କ୍ରିୟା ଯଥା ଖାଦ୍ୟ, ଭଲ ସମ୍ପର୍କ ହୁଏ ତେବେ ସେମାନେ ବହୁତ ବନ୍ଧୁତ୍ୱପୂର୍ଣ୍ଣ ଏବଂ ବିଶ୍ୱାସଯୋଗ୍ୟ ଭାବରେ ମଣିଷକୁ ଭଲ ପାଇବେ। କୋର୍ଟର ନିର୍ଦ୍ଦେଶକୁ ଭାବପ୍ରବଣ ଓ ମାନବିକତା ଦୃଷ୍ଟିକୋଣରେ ବିଚାର କରି ଏକ ସର୍ବକାଳୀନ ପ୍ରସ୍ତୁତି ଆବଶ୍ୟକ। ସୃଷ୍ଟିର ବିବିଧତାକୁ କୋର୍ଟର କୌଣସି ନିୟମ ପରିବର୍ତ୍ତନ କରିପାରିବ ନାହିଁ କେବଳ ଗୋଟିଏ ମାର୍ଗ ଦେଖାଇ ପାରିବ।ଜୀବଜନ୍ତୁଙ୍କର ଅବସ୍ଥିତି ପରସ୍ପର ପ୍ରତି ପରିପୂରକ ଏବଂ ଏକ ବିନା ଆରେକର ସ୍ଥିତି ଅସମ୍ଭବ।ଜୀବଚକ୍ରର ସନ୍ତୁଳନ ରକ୍ଷାକରିବା ପାଇଁ ପ୍ରତ୍ୟେକ ପ୍ରାଣୀ ନିଜନିଜର କାର୍ଯ୍ୟ କରିଥାଆନ୍ତି। କୌଣସି ପ୍ରାଣୀ କାହାର ଶତ୍ରୁ ବା ମିତ୍ର ନୁହଁନ୍ତି। ଯଦି ମନୁଷ୍ୟ କୌଣସି ଏକ ଜୀବକୁ ନଷ୍ଟ କରିବାପାଇଁ ଚେଷ୍ଟା କରେ ତେବେ ପୃଥିବୀରେ ମନୁଷ୍ୟ ସ୍ଥିତି ଉପରେ ପ୍ରଶ୍ନବାଚୀ ଆସିବାରେ, ଏ ସତ୍ୟକୁ ପ୍ରତ୍ୟେକ ବ୍ୟବସ୍ଥା ହୃଦୟଙ୍ଗମ କରିବା ଆବଶ୍ୟକ। ଯଦିଓ ବୁଲାକୁକୁର ଗୋଟିଏ ସମସ୍ୟା ତାର ସମାଧାନ ବି ରହିଛି ମାତ୍ର କୋର୍ଟରେ ବା କୌଣସି ପ୍ରବକ୍ତାରେ ତାହା ସୀମିତ ନହୋଇ ସୃଷ୍ଟିର ସନ୍ତୁଳନକୁ ରକ୍ଷାକରି ମଣିଷର ବ୍ୟବହାରରେ ପରିବର୍ତ୍ତନରେ ହେଲେ ହୁଏତ ସନ୍ତୁଳିତ ପରିବେଶ ସହିତ ଜୈବବିବିଧତା ରକ୍ଷା ହୋଇପାରିବ।

# ୩ ଆଇଏସ୍ ଆତଙ୍କବାଦୀ ଗିରଫ



## ଭାରତରେ ରାସାୟନିକ ଆକ୍ରମଣ ଲାଗି କରୁଥିଲେ ଷଡ଼ଯନ୍ତ୍ର

ଗାନ୍ଧୀନଗର, ୯।୧୧: ଆତଙ୍କବାଦ ନିରୋଧୀ ଦଳ (ଏଟିଏସ) ଏକ ଆତଙ୍କବାଦୀ ଯୋଜନାର ପର୍ଦ୍ଦାଫାସ କରିଛି, ଯାହା ସାରା ଦେଶର ସୁରକ୍ଷା ଏଜେନ୍ସିଗୁଡ଼ିକୁ ସତର୍କ କରିଦେଇଛି। ଚୀନରୁ ଏମବିବିଏସ କରିଥିବା ଏବଂ ଇସଲାମିକ୍ ଷ୍ଟେଟ୍ ଖୋରାସନ ପ୍ରଦେଶ ସହିତ ସମ୍ପର୍କରେ ଥିବା ହାଇଦ୍ରାବାଦର ବାସିନ୍ଦା ଡକ୍ଟର ଅହମ୍ମଦ ମୋହିଉଦ୍ଦିନ ସୟଦ ସମେତ ତିନି ଜଣ ଆତଙ୍କବାଦୀଙ୍କୁ ଗିରଫ କରାଯାଇଛି। ସେମାନଙ୍କର ଲକ୍ଷ୍ୟ ଥିଲା ବିଷାକ୍ତ ଅସ୍ତ୍ର ସହିତ ଅହମ୍ମଦାବାଦ, ଲକ୍ଷ୍ନୌ ଏବଂ ଦିଲ୍ଲୀରେ ବିନାଶ ଘଟାଇବା।

ଗୁଜରାଟ ଏଟିଏସ କହିଛି ଯେ, ଅହମ୍ମଦ ଏବଂ ତାଙ୍କ ସହଯୋଗୀ, ମହମ୍ମଦ ସୁହେଲ ଏବଂ ଆଜାଦ ସୈଫିଙ୍କ ଉପରେ ଗତ କିଛିବର୍ଷ ହେଲା ନଜର ରଖାଯାଇଥିଲା। ଦୁଇ ଦିନ ପୂର୍ବରୁ ଅହମ୍ମଦକୁ ଆଦାଲାଜ ଟୋଲ୍ ପ୍ଲାଜା ନିକଟରେ ଏକ କାରରେ ଗିରଫ କରାଯାଇଥିଲା ଏବଂ ତା ପାଖରେ ଅସ୍ତ୍ରଶସ୍ତ୍ର ଏବଂ ଏକ ସନ୍ଦିଗ୍ଧ ତରଳ ରାସାୟନିକ ପଦାର୍ଥ ମିଳିଥିଲା। ତଦନ୍ତରୁ ଜଣାପଡିଛି ଯେ, ଏହି ପଦାର୍ଥ ମଧ୍ୟରେ ରିସିନ୍ ନାମକ ଏକ ବିପଦଜନକ ରାସାୟନିକ ପଦାର୍ଥ ଥିଲା, ଯାହାକୁ ସାୟନାଇଡ୍ ଅପେକ୍ଷା ଅଧିକ ବିଷାକ୍ତ ବୋଲି କୁହାଯାଏ। ବିଷାକ୍ତ ରସାୟନ ମାଧ୍ୟମରେ ଭାରତରେ ମୃତ୍ୟୁର ତାଣ୍ଡବ ସୃଷ୍ଟି କରିବାକୁ ସେମାନ ଷଡ଼ଯନ୍ତ୍ର କରୁଥିବା ଜଣାଯାଇଛି। ଏଟିଏସ ଡିଆଇଜି ସୁନୀଲ ଜୋଶୀ କହିଛନ୍ତି ଯେ, ହାଇଦ୍ରାବାଦର ବାସିନ୍ଦା ୩୫ ବର୍ଷୀୟ ଅହମ୍ମଦ ମୋହିଉଦ୍ଦିନ ଚୀନରୁ ଏମବିବିଏସ ସମାପ୍ତ କରିବା ପରେ ଭାରତ ଫେରି ଆସିଥିଲା। କିଛି ମାସ ପୂର୍ବେ, ସୁରକ୍ଷା ଏଜେନ୍ସିଗୁଡ଼ିକୁ ସୂଚନା ମିଳିଥିଲା ଯେ ସେ ଅନଲାଇନରେ ମୌଳବାଦୀ ଗୋଷ୍ଠୀରେ ଯୋଗ ଦେଇଛି। ତଦନ୍ତରୁ ଜଣାପଡିଛି ଯେ, ଅହମ୍ମଦ ବିଦେଶରେ ଥିବା ଆଇଏସକେପି ହ୍ୟାଣ୍ଡଲରଙ୍କ ସହ ଯୋଗାଯୋଗରେ ଥିଲା ଏବଂ ଭାରତରେ ରାସାୟନିକ ଆକ୍ରମଣ କରିବା ପାଇଁ ତାକୁ ଦାୟିତ୍ୱ ଦିଆଯାଇଥିଲା। ଏହି ଚକ୍ରାନ୍ତ ସଫଳ ହୋଇଥିଲେ ଭାରତରେ ଏକ ବଡ଼ ବିପର୍ଯ୍ୟୟ ହୋଇଥାନ୍ତା।

### ପାକିସ୍ତାନକୁ ରାଜନାଥଙ୍କ ଦୃଢ଼ ଜବାବ

# ଶାନ୍ତିରକ୍ଷା ଆମ ଦୁର୍ବଳତା ନୁହେଁ



**ନୂଆଦିଲ୍ଲୀ ୯।୧୧:** ଭାରତ ଓ ପାକିସ୍ତାନ ମଧ୍ୟରେ ଉତ୍ତେଜନା କୌଣସି ନୂଆ କଥା ନୁହେଁ, ହେଲେ ଏଥି ମଧ୍ୟରେ ଭାରତର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଏକ ଏପରି ବୟାନ ଦେଇଛନ୍ତି ଯାହା ନା କେବଳ ପାକିସ୍ତାନର ବରଂ ସାରା ବିଶ୍ୱର ଧ୍ୟାନ ଆକର୍ଷଣ କରିଛି। ଯଦି ପାକିସ୍ତାନ କୌଣସି ପରମାଣୁ ପରୀକ୍ଷଣ କରେ ଏଥିରେ ଭାରତର ପ୍ରତିକ୍ରିୟା କ'ଣ ହେବ ବୋଲି ରାଜନାଥଙ୍କୁ ପଚରା ଯିବାରେ ସେ ଏହା କହିଛନ୍ତି। ସେ ଯାହା କହିଛନ୍ତି ତାକୁ ଏବେ ଏକ ଚେତାବନୀ ଭାବେ ଦେଖାଯାଉଛି।

ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂହ ସ୍ପଷ୍ଟ ଶବ୍ଦରେ କହିଛନ୍ତି ଯେ, ଆମେ ଆଜି ପର୍ଯ୍ୟନ୍ତ କୌଣସି ଦେଶ ଉପରେ ପ୍ରଥମେ ଆକ୍ରମଣ କରିନାହୁଁ ଓ ଆମର ପରମାଣୁ ନୀତି 'ନୋ ଫାଷ୍ଟ ୟୁଜ୍' ରହିଛି। ହେଲେ ଭବିଷ୍ୟତରେ କ'ଣ ହେବ ଏହା ସେ ସମୟର ପରିସ୍ଥିତି ଉପରେ ନିର୍ଭର କରିବ। ତାଙ୍କର ଏପରି କହିବାର ଅର୍ଥ ବେଶ୍ ଗଭୀର। ଏହାକୁ ସିଧାସଳଖ ଭାବେ ଏକ ବାର୍ତ୍ତା ରୂପେ ଦେଖା ଯାଉଛି। ଯାହାର ଅର୍ଥ ଭାରତ ଶାନ୍ତିର ପକ୍ଷ ଧରେ, ହେଲେ ଆମର ଏହି ନୀତିକୁ ଆମର ଦୁର୍ବଳତା ବୋଲି ଭାବିବା ଭୁଲ। ଯଦି ଦେଶର ସୁରକ୍ଷା ଉପରେ କୌଣସି ଆଞ୍ଚ ଆସେ ଅଥବା ପରିସ୍ଥିତି ବିଗଡେ ତେବେ ଭାରତ ନିଜ ନୀତି ଉପରେ ଦ୍ୱିତୀୟବାର ବିଚାର କରିବାକୁ ପଛେଇବ ନାହିଁ।

ରାଜନାଥଙ୍କ ଏହି ବୟାନ ଏପରି ସମୟରେ ଆସିଛି ଯେତେବେଳେ ପାକିସ୍ତାନ ପ୍ରଧାନମନ୍ତ୍ରୀ ଶାହବାଜ ସରିଫ ପାକିସ୍ତାନ ନ୍ୟୁକ୍ଲିୟର କମାଣ୍ଡ ଓ କଣ୍ଟ୍ରୋଲ ସିଷ୍ଟମର ଏକ ବୈଠକରେ ଅଧ୍ୟକ୍ଷତା କରିଛନ୍ତି। ଏହା ପରଠାରୁ ଅନ୍ତର୍ଜାତୀୟ ସ୍ତରରେ ଏହା ଆକଳନ କରାଯାଉଛି ଯେ, ପାକିସ୍ତାନ କୌଣସି ନୂଆ ପରମାଣୁ ପରୀକ୍ଷଣ କରିପାରେ, ଏଥି ପାଇଁ ପ୍ରସ୍ତୁତି କରୁଛି। ଏହି ପ୍ରଶ୍ନର ଜବାବରେ ରକ୍ଷାମନ୍ତ୍ରୀ ଭାରତର ଆଭିମୁଖ୍ୟ ସ୍ପଷ୍ଟ କରିଦେଇଛନ୍ତି।

କେବଳ ଏତିକି ନୁହେଁ, ପ୍ରତିରକ୍ଷା ମନ୍ତ୍ରୀ ପାକିସ୍ତାନ ନିୟନ୍ତ୍ରଣାଧୀନ ପାକ୍ ଅଧିକୃତ କାଶ୍ମୀର (ପିଓକେ) ନେଇ ଭାରତର ଆଭିମୁଖ୍ୟ ପୁଣି ଥରେ ବିଶ୍ୱ ଆଗରେ ରଖିଛନ୍ତି। ସେ କହିଛନ୍ତି ପିଓକେ ଆମର ଥିଲା ଓ ସବୁବେଳେ ଆମର ହିଁ ଥିବ। ରାଜନାଥ ସିଂହଙ୍କ ଏହି ବୟାନ ଭାରତର ମୁଖର ଓ ଆତ୍ମବିଶ୍ୱାସରେ ଭରା ବିଦେଶନୀତିକୁ ଦର୍ଶାଉଥିବା ବେଳେ ଏଥିରେ ଶାନ୍ତିର କଥା ତ କୁହାଯାଉଛି ହେଲେ ନିଜ ସର୍ତ୍ତରେ ଓ ସାମର୍ଥ୍ୟ ମଧ୍ୟରେ ବୋଲି କୁହାଯାଉଛି। ଏହା ପାକିସ୍ତାନ ଲାଗି ଏକ ସ୍ପଷ୍ଟ ବାର୍ତ୍ତା ଦେଉଛି ଯେ, କୌଣସି ଉସକାଇବା ଭଳି କାର୍ଯ୍ୟାନୁଷ୍ଠାନକୁ ଭାରତ ଏବେ ଆଉ ହାଲୁକା ଭାବେ ଗ୍ରହଣ କରିବ ନାହିଁ।

### ମାଓବାଦୀଙ୍କ ଆଇଇଡି ବିସ୍ଫୋରଣ

# ସିଆରପିଏଫ୍ ଯବାନ ଆହତ

ନୂଆଦିଲ୍ଲୀ: ରବିବାର ଅପରାହ୍ଣରେ ସୁକମା ଫୁଲବାଗଡ଼ି ଥାନା ଅଞ୍ଚଳରେ ମାଓବାଦୀଙ୍କ ଆଇଇଡି ବିସ୍ଫୋରଣରେ ଜଣେ ସିଆରପିଏଫ୍ ଯବାନ ଆହତ ହୋଇଛନ୍ତି। ଗୁରୁତର ଅବସ୍ଥାରେ ତାଙ୍କୁ ରାୟପୁର ପଠାଯାଇଛି। ପୁଲିସର ସୂଚନା ଅନୁସାରେ, ଅପରାହ୍ନ ପ୍ରାୟ ୧:୪୫ ସମୟରେ ଘଟିଥିବା ବିସ୍ଫୋରଣରେ ଯବାନଙ୍କ ଗୋଡ଼ରେ ଗୁରୁତର ଆଘାତ ଲାଗିଛି। ସାଥୀ ସୈନିକମାନେ ତୁରନ୍ତ ତାଙ୍କୁ ଘଟଣାସ୍ଥଳରୁ ଉଦ୍ଧାର କରି ପ୍ରାଥମିକ ଚିକିତ୍ସା କରିବା ପରେ ହେଲିକପ୍ଟର ଯୋଗେ ରାୟପୁର ନିଆଯାଇଛି। ବାଟାଲିୟନର ସୈନିକମାନେ ନିୟମିତ ପାଟ୍ରୋଲିଂ କରୁଥିବା ସମୟରେ ଗୋଗୁଣ୍ଡାର ଜଙ୍ଗଲ ଏବଂ ପାହାଡ଼ିଆ ଅଞ୍ଚଳରେ ଏହି ଘଟଣା ଘଟିଥିଲା।

ଘଟଣା ପରେ ସୁରକ୍ଷା ବାହିନୀ ଆଖପାଖ ଅଞ୍ଚଳରେ ଏକ ମିଳିତ ସର୍ଚ୍ଚ ଅପରେସନ୍ ଆରମ୍ଭ କରିଛନ୍ତି। ପୁଲିସର ସୂଚନା ଅନୁସାରେ, ମାଓବାଦୀମାନେ ପାଟ୍ରୋଲିଂ ଦଳକୁ ଟାର୍ଗେଟ କରିବା ଉଦ୍ଦେଶ୍ୟରେ ବିସ୍ଫୋରକ ରଖିଥିଲେ। ଫୁଲବାଗଡ଼ି ପୁଲିସ ଷ୍ଟେସନ ଏକ ମାମଲା ରୁଜୁ କରି ମାଓବାଦୀଙ୍କ ବିରୁଦ୍ଧରେ ଅଧିକ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଛି। ତଦନ୍ତ ପରେ ଅଧିକ ସୂଚନା ଦିଆଯିବ ବୋଲି କହିଛନ୍ତି ପୁଲିସ ଅଧିକାରୀ।

# ଶିଶୁକନ୍ୟାକୁ ଅପହରଣ ପରେ ଯୌନ ନିର୍ଯାତନା

କୋଲକାତା, ୯।୧୧(ସଂଚାର ବ୍ୟୁରୋ): ହୁଗୁଳିର ତାରକେଶ୍ୱରରେ ଜଣେ ଚାରି ବର୍ଷର ଶିଶୁକନ୍ୟାକୁ ଅପହରଣ କରି ଯୌନ ନିର୍ଯାତନା ଦିଆଯାଇଥିବା ଅଭିଯୋଗ ଉଠିଛି। ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ଶନିବାର ଅପରାହ୍ନରେ ତାରକେଶ୍ୱର ଷ୍ଟେସନ ନିକଟ ଏକ ନାଳରୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଶିଶୁଟିକୁ ଉଦ୍ଧାର କରାଯାଇଥିଲା। ଶିଶୁଟିର ପରିବାର ଲୋକେ ଦାବି କରିଛନ୍ତି ଯେ, ସେମାନେ ସକାଳେ ତାକୁ ଖୋଜି ପାଇ ନଥିଲେ। ତାକୁ ଉଦ୍ଧାର କରାଯାଇ ତାରକେଶ୍ୱର ଗ୍ରାମୀଣ ଡାକ୍ତରଖାନାକୁ ପଠାଯାଇଥିଲା। ତେବେ, ପ୍ରାଥମିକ ଚିକିତ୍ସା ପରେ ଶିଶୁଟିକୁ ଛାଡି ଦିଆଯାଇଥିଲା। ପରିବାର ଅଭିଯୋଗ କରିଛନ୍ତି ଯେ, ଶିଶୁଟି ଯୌନ ନିର୍ଯାତନାର ଶିକାର ହୋଇଛି। ପୁଲିସ ଜଣାଇଛି ଯେ, ଶିଶୁଟିର ପରିବାର ପକ୍ଷରୁ ମୌଖିକ ଅଭିଯୋଗ ପାଇବା ପରେ ତଦନ୍ତ ଆରମ୍ଭ ହୋଇଛି। ଶିଶୁଟିର ଡାକ୍ତରୀ ପରୀକ୍ଷା କରାଯାଇଛି। ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ ପରେ ଆବଶ୍ୟକୀୟ ପଦକ୍ଷେପ ନିଆଯିବ ବୋଲି ତାରକେଶ୍ୱର ଥାନାର ପୁଲିସ ପ୍ରତିଶ୍ରୁତି ଦେଇଛି। ତେବେ, ଘଟଣା ପରେ ଅଞ୍ଚଳର ବିଜେପି କର୍ମୀମାନେ ବିରୋଧ କରିବା ଆରମ୍ଭ କରିଛନ୍ତି। ତାରକେଶ୍ୱର ବିଧାୟକ ରାମେନ୍ଦୁ ସିଂହ ରାୟ କହିଛନ୍ତି, 'ଏହା ଏକ ଅତ୍ୟନ୍ତ ଦୁଃଖଦ ଘଟଣା। ଯେଉଁ ସ୍ଥାନରେ ଘଟଣାଟି ଘଟିଛି ତାହା ରେଳବାଇ ପୁଲିସର ଅଧିକାର କ୍ଷେତ୍ର। ରେଳବାଇ ପୁଲିସରେ ସୁରକ୍ଷାର ଅଭାବ ରହିଛି।

### ପାକ୍-ଆଫଗାନିସ୍ତାନ ମଧ୍ୟରେ ଶାନ୍ତି ପ୍ରତିଷ୍ଠା

# ତୁର୍କୀ ଫେଲ୍, ମଧ୍ୟସ୍ଥତା କରିବ ଇରାନ



ନୂଆଦିଲ୍ଲୀ,୯।୧୧: ପାକିସ୍ତାନ ଓ ଆଫଗାନିସ୍ତାନ ତାଲିବାନ ମଧ୍ୟରେ ମାହୋଲ ସରଗରମ ହେବାରେ ଲାଗିଛି। କତାର ଓ ତୁର୍କୀର ମଧ୍ୟସ୍ଥତାରେ ଇସ୍ତାନବୁଲରେ ହୋଇଥିବା ଶାନ୍ତି ବାର୍ତ୍ତା ବିଫଳ ହୋଇ ସାରିଛି, ଏହାପରେ ଦୁଇ ଦେଶ ମଧ୍ୟରେ ପୁଣି ଥରେ ହିଂସା ବଢ଼ିବାର ଆଶଙ୍କା ରହିଛି। ଏପରି ଉତ୍ତେଜିତ ସ୍ଥିତି ମଧ୍ୟରେ ଏବେ ଦୁଇ ଦେଶର ପଡୋଶୀ ଇରାନ ମଧ୍ୟସ୍ଥତାର ପ୍ରସ୍ତାବ ନେଇ ଆସିଛି। ଇରାନର ବିଦେଶ ମନ୍ତ୍ରୀ ଅବାସ୍ ଅରାଗଚୀ କାବୁଲ ଓ ଇସଲାମାବାଦ ମଧ୍ୟରେ ଚାଲିଥିବା ବିବାଦକୁ ସମାଧାନ କରିବାରେ ସାହାଯ୍ୟ କରିବାକୁ ପ୍ରସ୍ତାବ ଦେଇଛନ୍ତି।

ଆଇଆରଏନଏ ମୁତାବିକ, ଶନିବାର ରାତିରେ ପାକିସ୍ତାନୀ ବୈଦେଶିକ ମନ୍ତ୍ରୀ ମହମ୍ମଦ ଇଶାକ୍ ଡାରଙ୍କ ସହ କଥାବାର୍ତ୍ତା ବେଳେ ଅରାଗଚୀ ଏହି ପ୍ରସ୍ତାବ ରଖିଥିଲେ। ଆଲୋଚନା ବେଳେ ଇରାନୀ ବୈଦେଶିକ ମନ୍ତ୍ରୀ ଇରାନ ଓ ପାକିସ୍ତାନ ମଧ୍ୟରେ ଏକ ଗଭୀର ବନ୍ଧୁତା ଓ ଐତିହାସିକ ସମ୍ବନ୍ଧର ଉଲ୍ଲେଖ କରି ଦୁହିଁଙ୍କର ହିତ ସହ ଜଡ଼ିତ ବନ୍ଧୁ ମୁସଲିମ୍ ରାଷ୍ଟ୍ର ବୋଲି କହିଥିଲେ। ଆଫଗାନିସ୍ତାନ ତାଲିବାନ ସହ ପାକିସ୍ତାନର ଉତ୍ତେଜନା ବୃଦ୍ଧି ଉପରେ ଚିନ୍ତା ବ୍ୟକ୍ତ କରି ଅରାଗଚୀ ମତଭେଦକୁ ଦୂର କରି, କଥାବାର୍ତ୍ତା ଜରିଆରେ ମାମଲାକୁ ସମାଧାନ କରିବାକୁ ଅନୁରୋଧ କରିଥିଲେ। ଅରାଗଚୀ ଏହି କଥା ଉପରେ ଜୋର ଦେଇଥିଲେ ଯେ, ଦୁଇ ଦେଶ ମଧ୍ୟରେ ଶାନ୍ତି ପାକିସ୍ତାନ ଓ ଆଫଗାନିସ୍ତାନ ସହ କ୍ଷେତ୍ର ପାଇଁ ମଧ୍ୟ ଜରୁରୀ। ଉକ୍ତ କଥାବାର୍ତ୍ତା ବେଳେ ପାକିସ୍ତାନ ବୈଦେଶିକ ମନ୍ତ୍ରୀ ମଧ୍ୟ ଇରାନୀ ବୈଦେଶିକ ମନ୍ତ୍ରୀଙ୍କୁ ସାମ୍ପ୍ରତିକ ଘଟଣାକ୍ରମ ବିଷୟରେ ସୂଚନା ଦେଇଥିଲେ। ଏଥିରେ ସେ ଇସ୍ତାନବୁଲରେ ସଂପନ୍ନ ହୋଇଥିବା ଶାନ୍ତି ବାର୍ତ୍ତା ଓ ଅନ୍ୟ କୂଟନୀତିକ ପ୍ରୟାସ ବିଷୟରେ ମଧ୍ୟ କହିଥିଲେ, ଯାହା ଉପରେ ଦୁଇ ଦେଶର ସହମତି ହୋଇ ପାରି ନଥିଲା। ହେଲେ, ଡାର ଏଠାରେ ଏହି କଥାରେ ଜୋର ଦେଇଛନ୍ତି ଯେ, ସେ ଆଫଗାନିସ୍ତାନ ସହ କଥାବାର୍ତ୍ତା ଜାରି ରଖିଛନ୍ତି।

ଏହା ପୂର୍ବରୁ ପାକିସ୍ତାନ ଓ ଆଫଗାନିସ୍ତାନ ମଧ୍ୟରେ ସୀମାରେ ବିବାଦ ଜାରି ରହିଛି। ଗତ ମାସରେ ପାକିସ୍ତାନ ଆଫଗାନିସ୍ତାନର ରାଜଧାନୀ କାବୁଲରେ ବିମାନ ଆକ୍ରମଣ କରିଥିଲା, ଏହାପରେ ସୀମାରେ ଉତ୍ତେଜନା ବଢ଼ିଥିଲା। ଆଫଗାନିସ୍ତାନ ତାଲିବାନ ପକ୍ଷରୁ କରାଯାଇ ଥିବା ହମଲାରେ ପାକିସ୍ତାନର ଅନେକ ଯବାନଙ୍କ ମୃତ୍ୟୁ ହୋଇଥିଲା। ହେଲେ ଆଫଗାନିସ୍ତାନର ଅନେକ ସାଧାରଣ ନାଗରିକଙ୍କର ମଧ୍ୟ ଜୀବନ ଯାଇଥିଲା। ସୀମାରେ ଲଗାତାର ଉତ୍ତେଜନା ବୃଦ୍ଧି ମଧ୍ୟରେ ତୁର୍କୀର ମଧ୍ୟସ୍ଥତାରେ ଦୁଇ ଦେଶ ମଧ୍ୟରେ ଏକ ସଂଘର୍ଷବିରାମ ହୋଇଥିଲା, କିନ୍ତୁ ଏହା ଦୀର୍ଘ ସମୟ ଯାଏ ଚାଲି ପାରି ନଥିଲା। ପାକିସ୍ତାନ ପୁଣି ଥରେ ଆଫଗାନିସ୍ତାନ ଉପରେ ହମଲା କରିଥିଲା।

# ସମ୍ବିଧାନ ସଂଶୋଧନ କରିବ ପାକିସ୍ତାନ



ଇସ୍ଲାମାବାଦ ୯।୧୧: ପାକିସ୍ତାନରୁ ଏକ ବଡ଼ ଖବର ସାମ୍ନାକୁ ଆସୁଛି। ପାକ୍ ସରକାର ସମ୍ବିଧାନ ସଂଶୋଧନ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ବିଲ ଉପସ୍ଥାପନ କରିଛନ୍ତି। ଏହା ଦ୍ୱାରା ଏକ ନୂଆ ପଦବୀ ସୃଷ୍ଟି ହେବ। ଏହି ପଦବୀ ପାକିସ୍ତାନ ସେନା ମୁଖ୍ୟ ଅସୀମ ମୁନିରଙ୍କୁ ଦିଆଯିବ। ପାକିସ୍ତାନ ସରକାରଙ୍କ ଦ୍ୱାରା ପ୍ରସ୍ତାବିତ ଏହି ନୂଆ ପଦବୀର ନାମ ସୁରକ୍ଷା ବଳ ମୁଖ୍ୟ (ଚିଫ ଅଫ ଡିଫେନ୍ସ ଫୋର୍ସେସ) ରହିବ। ଏହି ନୂଆ ସଂଶୋଧନ ବିଧେୟକ ଅନୁସାରେ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀଙ୍କ ପରାମର୍ଶ କ୍ରମେ ମୁନିରଙ୍କୁ ଏହି ପଦବୀରେ ନିଯୁକ୍ତ କରିବେ। ଏହି ନୂଆ ପଦବୀ ସୃଷ୍ଟି କରିବା ପାଇଁ ପାକିସ୍ତାନ ସମ୍ବିଧାନର ଅନୁଚ୍ଛେଦ ୨୪୩ରେ ସଂଶୋଧନ କରିବ। ଏଥି ପାଇଁ ସଂସଦରେ ୨୭ତମ ସଂଶୋଧନ ବିଧେୟକ ଉପସ୍ଥାପନ କରାଯାଇଛି। ପାକିସ୍ତାନ ସରକାରଙ୍କ କହିବା କଥା ହେଉଛି ସେନା ମଧ୍ୟରେ ସାମଞ୍ଜସ୍ୟ ସ୍ଥାପନା ନିମନ୍ତେ ଏହି ପଦବୀ ସୃଷ୍ଟି କରାଯାଉଛି, ଯାହା ଦ୍ୱାରା ଜଳ, ସ୍ଥଳ ଓ ବାୟୁସେନା ସିଙ୍ଗଲ କମାଣ୍ଡ ଅନ୍ତର୍ଗତ କାମ କରିବେ। ପାକିସ୍ତାନ ଗଣମାଧ୍ୟମ ରିପୋର୍ଟ ଅନୁସାରେ ଅପରେସନ ସିନ୍ଦୂରରେ ୪ ଦିନ ପର୍ଯ୍ୟନ୍ତ ଭାରତ ପଟୁ ମାଡ଼ ଖାଇବା ପରେ ପାକିସ୍ତାନ ଏହି ଶିକ୍ଷା ପାଇଛି। ଗତମାସରେ

### ଅସୀମ ମୁନିର ହେବେ କମାଣ୍ଡର ଅଫ ଡିଫେନ୍ସ ଫୋର୍ସେସ

ଏୟାର ଚିଫ ମାର୍ଶଲ ଏ.ପି.ସିଂହ କହିଥିଲେ ଯେ, ଅପରେସନ ସିନ୍ଦୂର କାଳରେ ଏଫ-୧୬ ଫାଇଟର ଜେଟ୍ ସମେତ ପାକିସ୍ତାନର ଅନେକ ଯୁଦ୍ଧବିମାନ ଧରାଶାୟୀ ହୋଇଥିଲେ। ଏଣୁ ପାକିସ୍ତାନ ବାଧ୍ୟ ହୋଇ ଯୁଦ୍ଧ ରୋକିବାକୁ ଅନୁରୋଧ କରିଥିଲା। ଏହାପରେ ଭାରତ ଆକ୍ରମଣ ବନ୍ଦ କରିଥିଲା। ଅପରେସନ ସିନ୍ଦୂର ପରେ ପାକିସ୍ତାନ ଆର୍ମି ଚିଫଙ୍କୁ ଫିଲ୍ଡମାର୍ଶଲ ଘୋଷଣା କରିଥିଲା। ଫିଲ୍ଡ ମାର୍ଶଲ ପଦବୀ ପାକିସ୍ତାନର ଦ୍ୱିତୀୟ ବଡ଼ ପଦବୀ। ଏବେ ସମ୍ବିଧାନ ସଂଶୋଧନ କରି ଅସୀମ ମୁନିରଙ୍କୁ ୩ ସେନାର ମୁଖ୍ୟ କରାଯାଉଛି।

# ତେଜ ପ୍ରତାପ ଯାଦବଙ୍କ ସୁରକ୍ଷା ବଢ଼ିଲା

### ୱାଇ କ୍ୟାଟେଗୋରୀ ସୁରକ୍ଷା ଦେଲା ଗୃହ ମନ୍ତ୍ରଣାଳୟ



ପାଟନା,୯।୧୧: ଲାଲୁପ୍ରସାଦ ଯାଦବଙ୍କ ବଡ଼ ପୁଅ ତଥା ଜନଶକ୍ତି ଜନତା ଦଳର ପ୍ରମୁଖ ତେଜ ପ୍ରତାପ ଯାଦବଙ୍କୁ କେନ୍ଦ୍ର ସରକାର ୱାଇ ପ୍ଲସ କ୍ୟାଟେଗୋରୀ ସୁରକ୍ଷା ଦେଇଛି। କେନ୍ଦ୍ର ଗୃହ ମନ୍ତ୍ରଣାଳୟର ଆଦେଶ ପରେ ସିଆରପିଏଫ ଜେତ ପ୍ରତାପ ଯାଦବଙ୍କ ସୁରକ୍ଷା ବଢ଼ାଇଦେଇଛି। ସୁରକ୍ଷା ଏଜେନ୍ସୀ ନିକଟରେ ଗୃହ ମନ୍ତ୍ରଣାଳୟରକୁ ତେଜ ପ୍ରତାପ ଯାଦବ ରିପୋର୍ଟ ଦେଇଛନ୍ତି। ଏହାପରେ ହିଁ ତେଜପ୍ରତାନଙ୍କୁ ୱାଇ ପ୍ଲସ ସୁରକ୍ଷା ଦିଆଯିବାକୁ ନିଷ୍ପତ୍ତି ନିଆଯାଇଛି। ତେବେ ତେଜ ପ୍ରତାପଙ୍କୁ ୱାଇ ପ୍ଲସ କ୍ୟାଟେଗୋରୀ ସୁରକ୍ଷାରେ ଆର୍ମଡ ପୁଲିସର ୧୧ ଜଣ କମାଣ୍ଡୋ, ୫ ଜଣ ଷ୍ଟାଟିକ ପୁଲିସ ଯବାନ ତାଙ୍କ ପାଖରେ ଏବଂ ଘରର ଆଖପାଖରେ ରହିବେ। ଏହାସହିତ ୬ ପିଏସଓ ୩ଟି ସିଫ୍ଟରେ ସୁରକ୍ଷାରେ ରହିବେ। ନିକଟରେ ମୋକାମାରେ ଦୁଲାରଚାନ୍ଦ ଯାଦବ ହତ୍ୟା ପରେ ତେଜ ପ୍ରତାପ ଯାଦବ ନିଜ ସୁରକ୍ଷାକୁ ନେଇ ଚିନ୍ତା ପ୍ରକାଶ କରିଛନ୍ତି। ଏହି ଘଟଣା ପରେ ତେଜ ପ୍ରତାପ କହିଛନ୍ତି କି, ବିହାରରେ ଦିନକୁ ଦିନ ଅପରାଧିକ ଘଟଣା ବଢ଼ିବାରେ ଲାଗିଛି। ଏହାସହିତ ନବନିର୍ବାଚିତ ପ୍ରତିନିଧିଙ୍କୁ ମଧ୍ୟ ବିପଦ ରହିଛି। ନିର୍ବାଚନୀ ସିଟ୍ ପାଇଁ ତାଙ୍କୁ ମଧ୍ୟ ଟାର୍ଗେଟ କରାଯାଇପାରେ। କେନ୍ଦ୍ର ଏବଂ ରାଜ୍ୟ ସରକାର ତାଙ୍କ ସୁରକ୍ଷା ବଢ଼ାଇବା ଜରୁରୀ। ଏହାଦ୍ୱାରା ସେ ନିର୍ଭୟରେ ନିର୍ବାଚନ ପ୍ରଚାର କରିପାରିବେ। ବିହାର ମହୁଆ ସିଟରେ ତେଜ ପ୍ରତାପ ଯାଦବ ନିର୍ବାଚନ ଲଢ଼ୁଛନ୍ତି।

# ରୁଷିଆରେ ହେଲିକପ୍ଟର ଦୁର୍ଘଟଣାଗ୍ରସ୍ତ, ୫ ମୃତ



ମସ୍କୋ,୯।୧୧ : ରୁଷିଆର ଦାଗେସ୍ତାନରେ ଏକ ହେଲିକପ୍ଟର ଦୁର୍ଘଟଣାଗ୍ରସ୍ତ ହୋଇଛି। ଘଟଣାରେ ୫ ଜଣଙ୍କ ଜୀବନ ଚାଲିଯାଇଛି। ଏହି ଦୁଘଟଣା ଅଚି ସୁ ଗାଁ ନିକଟ କାସ୍ପିଆନ ସାଗରରେ ହୋଇଛି। ହେଲିକପ୍ଟର ଅନିୟନ୍ତ୍ରିତ ହୋଇ ତଳେ ମାଡ଼ହୋଇ ପୁଣି ଉଠିବା ପରେ ଦୁର୍ଘଟଣାର ଶିକାର ହୋଇଛି। ମୃତକଙ୍କ ମଧ୍ୟରେ ଇଲେକ୍ଟ୍ରୋ ମେକାନିକାଲ ପ୍ଲାଣ୍ଟର ୪ ଜଣ କର୍ମଚାରୀ ସାମିଲ ରହିଛନ୍ତି। କମ୍ପାନୀ ପକ୍ଷରୁ ଗତକାଲି ଏହି ଦୁଃଖଦ ଘଟଣା ବିଷୟରେ ସୂଚନା ମିଳିଛି। ମୃତକଙ୍କ ମଧ୍ୟରେ ପ୍ଲାଣ୍ଟର ଡେପୁଟି ଜେନେରାଲ ଡାଇରେକ୍ଟର ଏବଂ ହେଲିକପ୍ଟରର ମେକାନିକ ସାମିଲ ରହିଛନ୍ତି। ଘଟଣାରେ ୨ ଜଣ ଆହତ ହୋଇଛନ୍ତି। ହେଲିକପ୍ଟର ଦୁର୍ଘଟଣା ହେବାର କାରଣ ଏଯାଏଁ ଜଣାପଡିନାହିଁ। ହେଲିକପ୍ଟର ପର୍ଯ୍ୟଟକଙ୍କୁ ନେଇ ଯାଉଥିଲା ବୋଲି କୁହାଯାଉଥିଲା କିନ୍ତୁ, ପରେ ଇଲେକ୍ଟ୍ରୋ ମେକାନିକାଲ ପ୍ଲାଣ୍ଟର କର୍ମଚାରୀ ଥିବା ଜଣାପଡିଥିଲା। ଏହି କମ୍ପାନୀ ରକ୍ଷା ଉପକରଣ ତିଆରି କରେ। ଏହା ଉପରେ ଆମେରିକା ପ୍ରତିବନ୍ଧ ଲଗାଇଥିଲା। କେଏ-୨୨୬ ଏକ ଟ୍ୱିନ ଇଂଜିନ ହେଲିକପ୍ଟର, ଏଥିରେ ୭ ଜଣ ଯାତ୍ରୀ ବସିପାରିବେ। ଏହି ହେଲିକପ୍ଟର ସାଧାରଣତଃ ଉଚ୍ଚ ସ୍ଥାନ ଏବଂ କଠିନ ପରିସ୍ଥିତିରେ ପରିଚାଳିତ ହୋଇଥାଏ।

# ସିଇଏସ୍‌ସି କାର୍ଯ୍ୟାଳୟରେ ଭୟାବହ ଅଗ୍ନିକାଣ୍ଡ



କୋଲକାତା, ୯।୧୧(ସଂଚାର ବ୍ୟୁରୋ): ରବିବାର ସକାଳେ ଘଟିଛି କୋଲକାତାରେ ଭୟାବହ ଅଗ୍ନିକାଣ୍ଡ। ଚାନ୍ଦନୀ ଚୌକ ନିକଟରେ ଥିବା ସିଇଏସ୍‌ସି କାର୍ଯ୍ୟାଳୟରେ ଅଗ୍ନିକାଣ୍ଡ ଖବର ପାଇବା ପରେ ଚାରୋଟି ଦମକଳ ଗାଡ଼ି ଘଟଣାସ୍ଥଳରେ ପହଞ୍ଚିଥିଲା। ଦମକଳ ଅଧିକାରୀମାନେ ଏକ ଘଣ୍ଟାରୁ ଅଧିକ ସମୟ ଧରି ନିଆଁ ଲିଭାଇବାକୁ ଚେଷ୍ଟା କରିଥିଲେ। ଘଟଣାକୁ ନେଇ ବ୍ୟାପକ ଉତ୍ତେଜନା ପ୍ରକାଶ ପାଇଥିଲା। ଖବର ପାଇବା ପରେ ପୁଲିସ ଏବଂ ବିପର୍ଯ୍ୟୟ ପରିଚାଳନା କର୍ମଚାରୀମାନେ ଘଟଣାସ୍ଥଳକୁ ଆସିଥିଲେ। ତେବେ, ସିଇଏସ୍‌ସି କାର୍ଯ୍ୟାଳୟରେ କିପରି ନିଆଁ ଲାଗିଲା ତାହା ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ। ତେବେ, ପୁଲିସର ପ୍ରାରମ୍ଭିକ ଅନୁମାନ ହେଉଛି ଯେ, ସର୍ଟସର୍କିଟ୍ ଯୋଗୁଁ ଅଗ୍ନିକାଣ୍ଡ ଘଟିଥାଇପାରେ। ସ୍ଥାନୀୟ ବାସିନ୍ଦାମାନେ ଚାନ୍ଦିନୀ ଚୌକ ନିକଟସ୍ଥ ପ୍ରିନସେପ୍ ଷ୍ଟ୍ରିଟ୍ ଅଞ୍ଚଳରେ ଥିବା ସିଇଏସ୍‌ସି କାର୍ଯ୍ୟାଳୟରୁ କଳା ଧୂଆଁ ବାହାରୁଥିବାର ଦେଖିଥିଲେ। ତୁରନ୍ତ ଦମକଳ ବିଭାଗକୁ ଖବର ଦିଆଯାଇଥିଲା। ଦମକଳ ଗାଡ଼ି ଘଟଣାସ୍ଥଳରେ ପହଞ୍ଚିଲା ବେଳକୁ ନିଆଁ ଭୟଙ୍କର ରୂପ ନେଇ ସାରିଥିଲା। ରବିବାର ଛୁଟିଦିନ ଥିବାରୁ ସେଠାରେ କୌଣସି ଭିଡ଼ ନଥିଲା। ଫଳସ୍ୱରୂପ ଏକ ବଡ଼ ଦୁର୍ଘଟଣା ଏଡାଇ ଯାଇଥିବା ଅନୁମାନ କରାଯାଉଛି।

### ସାମ୍ନାକୁ ଆସିଲା ଆମେରିକାର ନ୍ୟୁକ୍ଲିୟର ଅସ୍ତ୍ର

# ଏକ ସେକେଣ୍ଡରେ କରିଦେବ ଧ୍ୱଂସ



**ନ୍ୟୁୟର୍କ, ୯।୧୧ :** ସାମ୍ନାକୁ ଆସିଲା ଆମେରିକାର ଭୟଙ୍କର ଅସ୍ତ୍ର। ଚିନ୍ତାରେ ଋଷ ଏବଂ ଚାଇନା। ନିଜର ସବୁଠୁ ଶକ୍ତିଶାଳୀ ମିସାଇଲ ଏଜିଏମ-୧୮୧ ଏଲଆରଏସଓକୁ ସାର୍ବଜନୀନ କରିଛି ୟୁଏସଏ। ଅତି ଗୋପନୀୟ ଭାବେ ଏହାକୁ ନିର୍ମାଣ କରାଯାଇଥିଲା। ଯାହାର ସାମାନ୍ୟତମ ଟେର୍ କେହି ପାଇନଥିଲେ। ନିକଟରେ କାଲିଫର୍ଣ୍ଣିଆର ଏହାକୁ ପ୍ରଥମ ଥର ଠାବ କରାଯାଇଛି। ତେବେ ଏହି ଅତ୍ୟାଧୁନିକ ଅସ୍ତ୍ରକୁ ପେଣ୍ଟାଗନ ଗୋପନୀୟ ରଖିଥିଲା। ଏଲଆରଏସଓ ଏକ କ୍ରୁଜ୍ ମିସାଇଲ୍ ଅଟେ। ଏହାକୁ ଆକାଶ ମାର୍ଗରୁ ନିକ୍ଷେପ କରାଯାଇପାରିବ। ସେହିପରି ଏଥିରେ ନ୍ୟୁକ୍ଲିୟର ବା ଆଣବିକ ଅସ୍ତ୍ରକୁ ଧାରଣ କରିବାର କ୍ଷମତା ରହିଛି। ଅତି ଦୂରରୁ ଶତ୍ରୁର ଅଂଚଳରେ ପ୍ରବେଶ କରି ବିସ୍ଫୋରଣ କରିପାରିବ ଏହି ଅସ୍ତ୍ର । ଯାହା ପୂର୍ବରୁ ବ୍ୟବହାର ହେଉଥିବା ଏଜିଏମ୍-୮୬-ବିର ଅପଡେଟ୍ ଭର୍ସନ୍। ଟ୍ରମ୍ପଙ୍କ ଶାସନ କାଳରେ ଏଲଆରଏସଓକୁ ଅଧିକ ବିକଶିତ କରାଯାଇଥିଲା। ରେଥିୟନ କମ୍ପାନୀ ମିସାଇଲକୁ ପ୍ରସ୍ତୁତ କରିଥିବା ବେଳେ ଏବେ ଟେଷ୍ଟିଂ ଷ୍ଟେଜରେ ରହିଛି। ୨୦୩୦ ସୁଦ୍ଧା ମିସାଇଲଟି ସମ୍ପୂର୍ଣ୍ଣ ଭାବେ ପ୍ରସ୍ତୁତ ହୋଇଯିବ। ୨୦୨୫ ଜୁନରେ ପ୍ରଥମ ଥର ଏହାର ଚିତ୍ର ସାମ୍ନାକୁ ଆସିଥିଲା। ବି-୫୨ ବମ୍ବରର ୱିଙ୍ଗସରେ ପ୍ରଥମେ ଏଲଆରଏସଓକୁ ଠାବ କରାଯାଇଥିଲା। ଖୁବ୍ ଶୀଘ୍ର ଏହା ବି୨୧ ରାଡାରରେ ସାମିଲ ହେବ ବୋଲି ଜଣାପଡିଛି।

# 'ଗେରୁଆକୁ ଜାତୀୟ ପତାକା କରିବାକୁ ହୋଇଥିଲା ସୁପାରିସ'



ନୂ ଆ ଦି ଲ୍ଲୀ , ୯ । ୧ ୧ : ଆରଏସଏସ ପ୍ରମୁଖ ମୋହନ ଭାଗବତ ଭାରତର ଜାତୀୟ ପତାକାକୁ ନେଇ ବଡ଼ ଟିପ୍ପଣୀ କରିଛନ୍ତି। ସେ କହିଛନ୍ତି ଯେ, ସଂଘ ଜାତୀୟ ପତାକାର ସମ୍ମାନ କରେ। ସଂଘ ସର୍ବଦା ତ୍ରିରଙ୍ଗା ପତାକା ସହ ଛିଡ଼ା ହୋଇଛି। ସଂଘର ପତାକା ଓ ତ୍ରିରଙ୍ଗା ବିଷୟରେ ପ୍ରଶ୍ନ ହେବାରୁ ସଂଘ ପ୍ରମୁଖ କହିଛନ୍ତି, ଜାତୀୟ ପତାକା ୧୯୩୩ରେ ସ୍ଥିର କରାଯାଇଥିଲା। ପତାକା କମିଟି ସର୍ବସମ୍ମତିକ୍ରମେ ପାରମ୍ପରିକ ଗେରୁଆକୁ ସ୍ୱାଧୀନ ଭାରତର ଜାତୀୟ ପତାକା କରିବାକୁ ସୁପାରିସ କରିଥିଲା। ମାତ୍ର ସେହି ସମୟରେ ଗାନ୍ଧୀଜୀ ହସ୍ତକ୍ଷେପ କରିଥିଲେ। ସେ କହିଥିଲେ ପତାକାରେ ତିନୋଟି ରଙ୍ଗ ରହିବ ଏବଂ ସବା ଉପରେ ରହିବ ଗେରୁଆ ରଙ୍ଗ।

ମୋହନ ଭାଗବତ କହିଛନ୍ତି, ଗେରୁଆ ପତାକା ବନାମ ତ୍ରିରଙ୍ଗାକୁ ନେଇ କୌଣସି ପ୍ରଶ୍ନ ନାହିଁ। ପ୍ରତ୍ୟେକ କମ୍ୟୁନିଷ୍ଟ ପାର୍ଟିର ଲାଲ ପତାକା ରହିଛି। କଂଗ୍ରେସ ପାର୍ଟିର ଚରଖା ସହିତ ତ୍ରିରଙ୍ଗା ରହିଛି। ରିପବ୍ଲିକନ ପାର୍ଟିର ନୀଳ ରଙ୍ଗର ପତାକା ରହିଛି। ଏଥିପାଇଁ ଆମ ପାଖରେ ଆମର ଗେରୁଆ ପତାକା ରହିଛି। ଆମେ ଜାତୀୟ ପତାକାର ସମ୍ମାନ କରୁ ବୋଲି ଭାଗବତ କହିଛନ୍ତି। ଭାଗବତ ସଂଘ ସ୍ଥାପନାର ୧୦୦ ବର୍ଷ ପୂର୍ତ୍ତି ଉପଲକ୍ଷେ ବେଙ୍ଗାଲୁରୁରେ ଆୟୋଜିତ କାର୍ଯ୍ୟକ୍ରମକୁ ସମ୍ବୋଧିତ କରି ଏହା କହିଛନ୍ତି। ଆରଏସଏସ ଉପରେ ବିନା ପଞ୍ଜିକରଣରେ କାମ କରିବାର ଅଭିଯୋଗ ଉପରେ ଭାଗବତ କହିଛନ୍ତି, ତାଙ୍କ ସଂଗଠନର ବ୍ୟକ୍ତି ମଧ୍ୟ ମାନ୍ୟତାପ୍ରାପ୍ତ ଅଟନ୍ତି। ବିନା ପଞ୍ଜିକରଣରେ ସଂଘ ଚାଲୁନି। ଭାଗବତ ସ୍ପଷ୍ଟ କରିଛନ୍ତି ଯେ, ଆମେ ମାନ୍ୟତାପ୍ରାପ୍ତ ସଂଗଠନ। ଆୟକର ବିଭାଗ ଓ ଅଦାଲତ ଆରଏସଏସକୁ ବ୍ୟକ୍ତିକୁ ଏକ ସଂଗଠନ ମାନିଛି ଏବଂ ଆୟକରରୁ କୋହଳ କରିଛି। ଆମ ଉପରେ ତିନି ଥର ପ୍ରତିବନ୍ଧକ ଲାଗିଛି। ଏଥିପାଇଁ ସରକାର ଆମକୁ ମାନ୍ୟତା ଦେଇଛି। ଯଦି ଆମର ଅସ୍ତିତ୍ୱ ନ ଥିଲା, ତେବେ କେଉଁ ଆଧାରରେ ଆମ ଉପରେ ପ୍ରତିବନ୍ଧକ ଲଗାଯାଇଥିଲା।

# ଜେଲରେ ଅୟସ କରୁଛନ୍ତି ଅପରାଧୀ

### ବେଙ୍ଗାଲୁରୁ ସେଣ୍ଟ୍ରାଲ ଜେଲର ଭିଡିଓ ଭାଇରାଲ



**ବେଙ୍ଗାଲୁରୁ, ୯।୧୧:** ବେଙ୍ଗାଲୁରୁର ପରପ୍ପାନା ଅଗ୍ରହାରା କେନ୍ଦ୍ରୀୟ ଜେଲରୁ ଏକ ଭିଡିଓ ଏବେ ବଡ଼ ସୁରକ୍ଷା ତ୍ରୁଟିର ପର୍ଦ୍ଦାଫାସ କରିଛି। କୁଖ୍ୟାତ କଏଦୀମାନେ ଜେଲ୍ ଭିତରେ ମୋବାଇଲ୍ ଫୋନ୍ ବ୍ୟବହାର କରି ଟିଭି ଦେଖୁଥିବାର ଭିଡିଓରେ ନଜର ଆସୁଛି । ସେମାନଙ୍କ ମଧ୍ୟରେ ଜଣେ ଆଇଏସଆଇଏସ ନିଯୁକ୍ତିଦାତା ଜୁହାଦ ହମିଦ ଶକିଲ ମାନ୍ନା ଏବଂ ସିରିଅଲ୍ ବଳାତ୍କାରୀ ଏବଂ ହତ୍ୟାକାରୀ ଉମେଶ ରେଡ୍ଡି ରହିଛନ୍ତି। ଉମେଶ ରେଡ୍ଡିକୁ ତା ସେଲରେ ଟିଭି ଦେଖୁଥିବାର ମଧ୍ୟ ଦେଖାଯାଇଥିଲା। ଏହି ଘଟଣା ଜେଲ୍ ପ୍ରଶାସନର ନିରୀକ୍ଷଣ ବ୍ୟବସ୍ଥା ଏବଂ ହାଇ-ପ୍ରୋଫାଇଲ୍ କଏଦୀମାନଙ୍କୁ ଯୋଗାଇ ଦିଆଯାଉଥିବା ସୁବିଧା ଉପରେ ଗମ୍ଭୀର ପ୍ରଶ୍ନ ଉଠାଇଛି। ଏହି ଭିଡିଓଟି ସୋସିଆଲ ମିଡିଆରେ ମଧ୍ୟ ଭାଇରାଲ ହେଉଛି। ସୋସିଆଲ ମିଡିଆରେ ଭାଇରାଲ ହୋଇଥିବା ଏହି ପୁରୁଣା ଭିଡିଓଗୁଡ଼ିକ ଜେଲ ସୁରକ୍ଷା ଉପରେ ଗମ୍ଭୀର ପ୍ରଶ୍ନ ଉଠାଇଛି। ଶନିବାର ଜେଲ ପ୍ରଶାସନ କହିଛି ଯେ ଫୁଟେଜର ସତ୍ୟତା ତଦନ୍ତ କରାଯାଉଛି ଏବଂ ଦାୟୀଙ୍କୁ ଚିହ୍ନଟ କରାଯାଉଛି। ଯଦି କେହି ଅବହେଳା କରନ୍ତି ତେବେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଅଧିକାରୀମାନେ କହିଛନ୍ତି। ଏହା ମଧ୍ୟ ଅଭିଯୋଗ ହୋଇଛି ଯେ ଶକୀଲ ମାନ୍ନା ଜେଲ ବାହାରେ ତାଙ୍କ ସହଯୋଗୀଙ୍କ ସହ ଯୋଗାଯୋଗରେ ଥିଲେ। ବେଙ୍ଗାଲୁରୁର ପରପ୍ପାନା ଅଗ୍ରହାରା କେନ୍ଦ୍ରୀୟ କାରାଗାରରେ ଏପରି ଘଟଣା ପ୍ରଥମ ଥର ପାଇଁ ଘଟିନାହିଁ। ଅକ୍ଟୋବରରେ, ସେହି କାରାଗାରରୁ ଏକ ଭିଡିଓ ଭାଇରାଲ ହୋଇଥିଲା, ଯେଉଁଥିରେ କୁଖ୍ୟାତ ଅପରାଧୀ ଶ୍ରୀନିବାସ ସେନା ଜେଲ୍ ଭିତରେ ତାଙ୍କ ଜନ୍ମଦିନ ପାଳନ କରୁଥିବାର ଦେଖାଯାଇଥିଲା। ହତ୍ୟା ଅଭିଯୋଗରେ ଜେଲ୍ ଯାଇଥିବା ଶ୍ରୀନିବାସଙ୍କୁ ତାଙ୍କ ସହଯୋଗୀମାନେ ଘେରି କେକ୍ କାଟି ସେଓର ମାଳ ପିନ୍ଧୁଥିବାର ଦେଖାଯାଇଥିଲା।

# ପ୍ରଦୂଷଣ ନେଇ ଇଣ୍ଡିଆ ଗେଟ୍ ପାଖରେ ବିରୋଧ ପ୍ରଦର୍ଶନ

**କର୍ତ୍ତବ୍ୟ ପଥ ବନ୍ଦ ; ଅନେକଙ୍କୁ ହେପାଜତକୁ ନେଲା ପୁଲିସ**

**ନୂଆଦିଲ୍ଲୀ,୯।୧୧ :** ଦିଲ୍ଲୀରେ ରବିବାର ସନ୍ଧ୍ୟାରେ ମାହୋଲ ସରଗରମ ହୋଇଛି। ପଲ୍ୟୁସନ ମାମଲାରେ ବହୁ ସଂଖ୍ୟାରେ ଲୋକେ ଇଣ୍ଡିଆ ଗେଟ୍‌ରେ ଜମା ହୋଇଥିଲେ। ବିକ୍ଷୋଭ ପ୍ରଦର୍ଶନକାରୀ ସ୍ୱଚ୍ଛ ବାୟୁ ଓ ପାଣିର ଦାବିକୁ ନେଇ କର୍ତ୍ତବ୍ୟ ପଥରେ ରବିବାର ବିରୋଧ ପ୍ରଦର୍ଶନ କରିଥିଲେ। ସେପଟେ ପୁଲିସ ଶାନ୍ତି ଭଙ୍ଗ ହେବାର ଆଶଙ୍କା ଯୋଗୁଁ ସୁରକ୍ଷା ବଢ଼ାଇ ଦେଇଛି। କର୍ତ୍ତବ୍ୟ ପଥ ପର୍ଯ୍ୟଟକଙ୍କ ପାଇଁ ବନ୍ଦ କରି ଦିଆଯାଇଛି। ଇଣ୍ଡିଆ ଗେଟ୍‌ରେ ବହୁ ଫୋର୍ସ ମୁତୟନ କରିଦିଆ ଯାଇଛି। ପୁଲିସ ବାହିନୀ ସହ ଅର୍ଦ୍ଧସୈନିକ ବାହିନୀର ଯବାନଙ୍କୁ ମଧ୍ୟ ମୁତୟନ କରାଯାଇଛି। ମାମଲା ବଢ଼ିବାର ଦେଖି ପୁଲିସ ଅନେକ ବିକ୍ଷୋଭ ପ୍ରଦର୍ଶନକାରୀଙ୍କୁ ହେପାଜତକୁ ନେଇଛି।

ବିରୋଧ ପ୍ରଦର୍ଶନକାରୀ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଉପରେ ଅଭିଯୋଗ କରି କହିଛନ୍ତି ଯେ, ସରକାର ଲୋକଙ୍କୁ ବିଷାକ୍ତ ବାୟୁରେ ନିଃଶ୍ୱାସ ନେବା ପାଇଁ ଛାଡ଼ି ଦେଇଛନ୍ତି। ସରକାର ବଦଳିବା ପରେ ମଧ୍ୟ ପଲ୍ୟୁସନର ମାମଲାରେ କିଛି କରିନାହାନ୍ତି। ବିରୋଧ ପ୍ରଦର୍ଶନକାରୀଙ୍କ ମଧ୍ୟରେ ନାଗରିକ ଗ୍ରୁପ୍‌ଙ୍କ ସହ ଅଲଗା ଅଲଗା ଛାତ୍ର ସଙ୍ଗଠନର ଲୋକେ ମଧ୍ୟ ସାମିଲ ହୋଇଛନ୍ତି।

ଏଏନଆଇ ରିପୋର୍ଟ ମୁତାବିକ,



ଏହି ବିରୋଧ ପ୍ରଦର୍ଶନକାରୀଙ୍କ ମଧ୍ୟରେ ଶୈକ୍ଷଣିକ ସଂସ୍ଥା, ହସ୍ପିଟାଲ, ବସ ଓ ରେଲୱେ ଷ୍ଟେସନର ପରିସରରୁ ବୁଲା କୁକୁରଙ୍କୁ ହଟେଇବାକୁ ସୁପ୍ରିମକୋର୍ଟଙ୍କ ନୂଆ ନିର୍ଦ୍ଦେଶ ବିରୋଧରେ କିଛି ସଙ୍ଗଠନର ଲୋକ ମଧ୍ୟ ସାମିଲ ଥିଲେ। ପ୍ରଦର୍ଶନକାରୀମାନେ ୱି ୱାଣ୍ଟ ଜଷ୍ଟିସ୍ ... ଏବଂ ସ୍ୱାଧୀନତା ନେଇକି ରହିବୁ... ଏହି ନାରା ବି ଦେଇଥିଲେ। ପ୍ରଦର୍ଶନକାରୀଙ୍କ ହାତରେ ବ୍ୟାନର ଓ ପୋଷ୍ଟର ଥିଲା। ଜଣେ ବିକ୍ଷୋଭକାରୀ କହୁଥିଲେ, ସରକାର ପଶୁଙ୍କୁ ହଟାଉଛନ୍ତି , ହେଲେ ପଲ୍ୟୁସନକୁ ହଟେଇବା ଉଚିତ୍। ଜଣେ ପୁଲିସ ଅଧିକାରୀ କହିଛନ୍ତି ଯେ, ଇଣ୍ଡିଆ ଗେଟ୍‌ରେ ବିରୋଧ ପ୍ରଦର୍ଶନ କରିବାର କୌଣସି ଅନୁମତି ନାହିଁ। ଆଇନ-ବ୍ୟବସ୍ଥା ବଜାୟ ରଖିବା ପାଇଁ ବିକ୍ଷୋଭ ପ୍ରଦର୍ଶନକାରୀଙ୍କୁ ହେପାଜତକୁ ନିଆଯାଇଛି। ପ୍ରଦର୍ଶନକାରୀଙ୍କୁ ସତର୍କତା ନେଇ ହେପାଜତକୁ ନିଆଯାଇଛି।

## ଜାପାନରେ ଭୟଙ୍କର ଭୂମିକମ୍ପ

● ତୀବ୍ରତା ୬.୮, ସୁନାମୀ ଆଲର୍ଟ



**ଟୋକିଓ,୯।୧୧:** ଭାରତର ଆଣ୍ଡାମାନ ନିକୋବର ପରେ ଜାପାନରେ ଶକ୍ତିଶାଳୀ ଭୂକମ୍ପର ଝଟକା। ୬.୮ର ତୀବ୍ରତାରେ ଥରିଉଠିଲା ସାନରିକୁ ଅଞ୍ଚଳ। ଭୂକମ୍ପ ପରେ ସୁନାମୀ ଆଲର୍ଟ ଜାରି କରାଯାଇଛି। ଇୱାଟେ ପ୍ରଦେଶ ପାଇଁ ସୁନାମୀ ଆଲର୍ଟ ଜାରି କରିଛି ପାଣିପାଗ ବିଭାଗ। କ୍ଷୟକ୍ଷତି ନେଇ କୌଣସି ସୂଚନା ନାହିଁ। ଭୂକମ୍ପର ଝଟକା ଅନୁଭୂତ ପରେ ଭୟରେ ଲୋକେ ଘରୁ ବାହାରକୁ ବାହାରି ଆସିଥିଲେ। ଇୱାଟେ ପ୍ରଦେଶର ୟାମାଡାଠାରୁ ପ୍ରାୟ ୧୨୬ କିଲୋମିଟର ପୂର୍ବରେ ଭୂକମ୍ପର କେନ୍ଦ୍ରସ୍ଥଳ ଥିବା ଜଣାପଡିଛି। ସେହିପରି ଭୂକମ୍ପର କେନ୍ଦ୍ରସ୍ଥଳ ଭୂଗର୍ଭରୁ ୧୦ କିଲୋମିଟର ତଳେ ଥିବା ସୂଚନା ମିଳିଛି ମୋରିଓକା ସହର ଏବଂ ୟାହାବା ଟାଉନ୍ ସମେତ ଅନେକ ଅଞ୍ଚଳରେ ଭୂକମ୍ପର ତୀବ୍ରତା ଥିଲା ୪। ଯାହା ଫଳରେ କୋଠାଗୁଡ଼ିକ ଦୋହଲିଥିବା ଦେଖିବାକୁ ମିଳିଥିଲା। ସୁନାମୀ ଯୋଗୁ ଇୱାଟେ ଉପକୂଳରେ ୩ ଫୁଟ ପର୍ଯ୍ୟନ୍ତ ଜୁଆର ଉଠିବାର ସମ୍ଭାବନା ରହିଛି। ଏନେଇ ସତର୍କତା ସୂଚନା ଜାରି କରିଛି ପାଣିପାଗ ବିଭାଗ।

## ୧୦ ବର୍ଷରେ ତଡ଼ା ହେଲେଣି ୮୮ ହଜାର ଲୋକ

**ନୂଆଦିଲ୍ଲୀ,୯।୧୧:** ବିଜେପି ସରକାର ଦୀର୍ଘ ଦିନ ଧରି ନିର୍ବାଚନରେ ଅନୁପ୍ରବେଶକାରୀଙ୍କୁ ଦେଶାନ୍ତର କରିବା ନୀତିର ଫାଇଦା ଉଠାଇ ଆସୁଛି। ଏବେ କଂଗ୍ରେସ ଦଳ ପରିସଂଖ୍ୟାନ ସହିତ ଏହାର ମୁକାବିଲା କରିବାକୁ ଚେଷ୍ଟା କରିଛି। ବିଜେପି ଦ୍ୱାରା କରାଯାଉଥିବା ଏସଆଇଆର (ବିଶେଷ ସଘନ ସମୀକ୍ଷା)କୁ ପରିହାସ କରି, ବରିଷ୍ଠ କଂଗ୍ରେସ ନେତା ଦିଗବିଜୟ ସିଂହ ଶନିବାର ଦାବି କରିଛନ୍ତି ଯେ, ବିଜେପି ସରକାର ୧୧ ବର୍ଷ ମଧ୍ୟରେ କେବଳ ୨,୪୦୦ ଅନୁପ୍ରବେଶକାରୀଙ୍କୁ ଧରିପାରିଛି, ଯେତେବେଳେ କି ୟୁପିଏ ଶାସନ ସମୟରେ ୮୮,୦୦୦ ଏପରି ଲୋକଙ୍କୁ ଦେଶାନ୍ତର କରାଯାଇଥିଲା। ମଧ୍ୟପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜେପି ଦାବିର ଜବାବରେ ଏହି ବିବୃତ୍ତି ଦେଇଛନ୍ତି ଯେ ଏସଆଇଆର ଭୋଟିଂ ତାଲିକାରୁ ଅନୁପ୍ରବେଶକାରୀଙ୍କୁ ହଟାଇବ। ଦିଗବିଜୟ ଗଣମାଧ୍ୟମକୁ କହିଛନ୍ତି, "ବିଜେପି ବିହାର ବିଧାନସଭା ନିର୍ବାଚନରେ ଅନୁପ୍ରବେଶକାରୀର ନାରା ଦେଉଛି, କିନ୍ତୁ ସତ୍ୟତା କଣ? କେନ୍ଦ୍ରରେ ସଂଯୁକ୍ତ ପ୍ରଗତିଶୀଳ ମେଣ୍ଟ ସରକାରଙ୍କ ଦୁଇଟି କାର୍ଯ୍ୟକାଳ ମଧ୍ୟରେ, ୨୦୦୪ରୁ ୨୦୧୪ ପର୍ଯ୍ୟନ୍ତ ୮୮,୦୦୦ ଅଣ-ନାଗରିକଙ୍କୁ ଦେଶାନ୍ତର କରାଯାଇଥିଲା।" ସେ ଆହୁରି କହିଛନ୍ତି, ବିଜେପିର ଗତ ୧୧ ବର୍ଷ ମଧ୍ୟରେ, କେବଳ ୨,୪୦୦ ଅନୁପ୍ରବେଶକାରୀ ପାଇଛି। ଏହାର ଅର୍ଥ ହେଉଛି ସେମାନେ ୟୁପିଏ ଶାସନ ସମୟରେ ପାଇଥିବା ଅନୁପ୍ରବେଶକାରୀଙ୍କ ମଧ୍ୟରୁ ତିନି ପ୍ରତିଶତ ମଧ୍ୟ ପାଇନାହାଁନ୍ତି। ଏହା ସତ୍ତ୍ୱେ, ବିଜେପି ନିରନ୍ତର ଅନୁପ୍ରବେଶକାରୀଙ୍କ ପ୍ରସଙ୍ଗ ଉଠାଇଥାଏ। ମଧ୍ୟପ୍ରଦେଶରେ ଏହି ସପ୍ତାହରେ ଆରମ୍ଭ ହେଉଥିବା ଏସଆଇଆର ପ୍ରକ୍ରିୟା ବିଷୟରେ କହିବାକୁ ଯାଇ ଦିଗବିଜୟ ସିଂହ କହିଛନ୍ତି ଯେ ପ୍ରତ୍ୟେକ ନାଗରିକଙ୍କ ଭୋଟ ଦେବାର ଅଧିକାର ନିଶ୍ଚିତ କରିବା ପୂର୍ବରୁ ନିର୍ବାଚନ କମିଶନର କାମ ଥିଲା, କିନ୍ତୁ ଏସଆଇଆର ଅଧୀନରେ, ନାଗରିକତା ପ୍ରମାଣ କରିବାର ଦାୟିତ୍ୱ ଜନସାଧାରଣଙ୍କ ଉପରେ ନ୍ୟସ୍ତ କରାଯାଇଛି। ଯଦି କେହି ସେମାନଙ୍କର ନାଗରିକତା ପ୍ରମାଣ କରିବାରେ ବିଫଳ ହୁଅନ୍ତି ତେବେ ଏହାର ପରିଣାମ କଣ ହେବ ବୋଲି ସେ ପ୍ରଶ୍ନ କରିଛନ୍ତି। ଭୋଟର ତାଲିକାରେ ଅନିୟମିତତା ଅଭିଯୋଗ କରି, କଂଗ୍ରେସ ନେତା ନିର୍ବାଚନ କମିଶନଙ୍କୁ ନିର୍ବାଚନ ଘୋଷଣା ପରେ ତୁରନ୍ତ ଭୋଟର ତାଲିକା ଫ୍ରିଜ୍ କରିବାକୁ ଅନୁରୋଧ କରିଛନ୍ତି ଯାହା ଦ୍ୱାରା କୌଣସି ପ୍ରକାରର ବିଲୋପକୁ ରୋକାଯାଇପାରିବ।

## ରାଜନେତା ଓ କବି ଶଙ୍କର ପରିଡ଼ାଙ୍କୁ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି

**ଭୁବନେଶ୍ୱର,୯।୧୧ (ସଂଚାର ବ୍ୟୁରୋ) :** ରାଜନୀତିରେ ମୂଲ୍ୟବୋଧ ଓ ସ୍ୱଚ୍ଛତା ସାଙ୍ଗକୁ ସାହିତ୍ୟରେ ଯୁବଲେଖକମାନଙ୍କୁ ପ୍ରେରଣା ଦେବାରେ ରାଜନେତା ତଥା କବି ଶଙ୍କର ପରିଡ଼ା ସ୍ମରଣୀୟ ରହିବେ। ଆଜି ଗୀତଗୋବିନ୍ଦ ସଦନରେ ସ୍ୱର୍ଗୀୟ ପରିଡ଼ାଙ୍କ ଏକାଦଶାହ ଅବସରରେ ଆୟୋଜିତ ଶୋକସଭାରେ ତାଙ୍କ ଉଦ୍ଦେଶ୍ୟରେ ବକ୍ତାମାନେ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି । ଓଡ଼ିଆ ଯୁବଲେଖକ ସମ୍ମେଳନ ଆନୁକୂଲ୍ୟରେ ଆଜି ପୂର୍ବାହ୍ନରେ ଅନୁଷ୍ଠିତ ଏହି ଶୋକସଭାରେ ପ୍ରସିଦ୍ଧ କବି ତଥା ସମ୍ମେଳନର ପ୍ରାକ୍ତନ ସଭାପତି ଶ୍ରୀ ଅମରେଶ ପଟ୍ଟନାୟକ ଅଧ୍ୟକ୍ଷତା କରିଥିବାବେଳେ ରାଜ୍ୟରେ ନିଶା ନିବାରଣର ପ୍ରମୁଖ କର୍ଣ୍ଣଧାର ତଥା ପୂର୍ବତନ ବିଧାୟକ ଶ୍ରୀ ପଦ୍ମଚରଣ ନାୟକ ଓ ପୂର୍ବତନ କେନ୍ଦ୍ର ମନ୍ତ୍ରୀ ଶ୍ରୀ ବ୍ରଜ କିଶୋର ତ୍ରିପାଠୀ ଉପସ୍ଥିତ ରହି ସ୍ୱର୍ଗୀୟ ପରିଡ଼ାଙ୍କ କୃତି ଓ କୃତିତ୍ୱ ନେଇ ବକ୍ତବ୍ୟ ରଖିଥିଲେ ।

## ସଶସ୍ତ୍ର ଡକାୟତି ଉଦ୍ୟମ ଫେଲ, ୫ ଗିରଫ

**ରାଉରକେଲା,୯।୧୧(ସଂଚାର ବ୍ୟୁରୋ):** ଡକାୟତି ପାଇଁ ଯୋଜନା କରୁଥିଲେ ୫ ଡକାୟତ। ପାଖରେ ଥିଲା ଭୁଜାଲି, ଛୁରୀ ଓ ଲୁହାରଡ୍। ତେବେ ଏହି ଯୋଜନାକୁ ବିଫଳ କରିଦେଇଛି ପ୍ଲାଣ୍ଟସାଇଟ୍ ପୁଲିସ। ସମସ୍ତ ୫ ଜଣ ଡକାୟତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଉଛନ୍ତି ପୁରୁଣା ଷ୍ଟେସନ ରୋଡ୍ ନେତାଜୀ ମାର୍ଗ ଅଞ୍ଚଳର ମହମ୍ମଦ ସୈଫ୍ ଓରଫ୍ ବୁଦିନ (୨୩), ବାସନ୍ତୀକଲୋନି ନାଗିରା ଖଟାଲର ଓମ୍ ଗୌଡ଼ (୨୩), ଗୋପବନ୍ଧୁପାଲିର ପ୍ରିନ୍ସ ରାଓ ଓରଫ୍ ପିଞ୍ଚୁ (୧୯), ରୋଶନ ସିଂହ (୨୦) ଓ ପ୍ଲାଣ୍ଟସାଇଟ୍ ରୋଡ୍ ନିବାସୀ ସୂରଜ ପାତ୍ର (୨୫)। ସେମାନଙ୍କ ପାଖରୁ ଗୋଟିଏ ଭୁଜାଲି, ୨ଟି ଛୁରୀ ଓ ୨ଟି ଲୁହା ରଡ୍ ଜବତ ହୋଇଛି। ପୁଲିସ ସୂଚନା ଅନୁସାରେ, ଶନିବାର ରାତିରେ ଅଭିଯୁକ୍ତମାନେ ସ୍ଥାନୀୟ ଗଣେଶ ଛକ ନିକଟରେ ଜମା ହୋଇଥିଲେ। ସେମାନେ ଅଖାପାଖ ଅଞ୍ଚଳ ତଥା ପେଟ୍ରୋଲ ପମ୍ପରେ ସଶସ୍ତ୍ର ଡାୟତି ପାଇଁ ସ୍ଥିର କରିଥିଲେ। ଏହି ସମୟରେ ପାଟ୍ରୋଲିଂ କରୁଥିବା ପ୍ଲାଣ୍ଟସାଇଟ ପୁଲିସ ନଜରରେ ପଡ଼ିଯାଇଥିଲେ। ପୁଲିସ ସଦଳବଳ ଘଟଣାସ୍ଥଳରେ ଅତର୍କିତ ଚଢଉକରି ସମସ୍ତଙ୍କୁ କାବୁ କରିନେଇଥିଲା। ଉଲ୍ଲେଖଯୋଗ୍ୟ, ଅଭିଯୁକ୍ତ ସୂରଜ ନାଁରେ ୮ଟି ଅପରାଧିକ ମାମଲା ରହିଛି। ଟାଙ୍ଗରପାଲି ଥାନାରେ ୩ଟି ମାମଲା ଥିବାବେଳେ ଉଦିତନଗର, ପ୍ଲାଣ୍ଟସାଇଟ୍ ଓ ୨ଟି ଏବଂ ଚାନ୍ଦିପୋଷ ଥାନାରେ ଗୋଟିଏ ମାମଲା ରହିଛି। ଅନ୍ୟତମ ଅଭିଯୁକ୍ତ ପ୍ରିନ୍ସ ନାଁରେ ୪ଟି ମାମଲା, ରୋଶନ ନାଁରେ ୨ ଟି ମାମଲା ରହିଛି।

● ବିହାରରେ ଦ୍ୱିତୀୟ ପର୍ଯ୍ୟାୟ ଭୋଟ ପାଇଁ ପ୍ରଚାର ଶେଷ

## ୧୧ରେ ୧୨୨ଟି ଆସନ ପାଇଁ ହେବ ମତଦାନ

**ପାଟନା, ୯।୧୧:** ବିହାରରେ ଆସନ୍ତା ୧୧ ତାରିଖରେ ଦ୍ୱିତୀୟ ତଥା ଅନ୍ତିମ ପର୍ଯ୍ୟାୟ ଭୋଟଗ୍ରହଣ ହେବ। ଏଥିପାଇଁ ରବିବାର ସନ୍ଧ୍ୟା ୫ଟାରେ ପ୍ରଚାର ବନ୍ଦ ହୋଇଯାଇଛି। ଏହା ସହିତ ଭୋଟଗ୍ରହଣ ହେବାକୁ ଥିବା ଜିଲ୍ଲାଗୁଡ଼ିକରେ ଯେକୌଣସି ପ୍ରକାରର ସମାବେଶ, ରାଲି କିମ୍ବା ରୋଡ୍ ସୋ ସମ୍ପୂର୍ଣ୍ଣ ନିଷିଦ୍ଧ ହୋଇଯାଇଛି। ଏହି ପର୍ଯ୍ୟାୟରେ ୨୦ଟି ଜିଲ୍ଲାର ୧୨୨ଟି ଆସନ ପାଇଁ ଭୋଟଗ୍ରହଣ ହେବ। ଦ୍ୱିତୀୟ ପର୍ଯ୍ୟାୟରେ ମତଦାନ ହେବାକୁ ଥିବା ୨୦ଟି ଜିଲ୍ଲା ମଧ୍ୟରେ ପଶ୍ଚିମ ଚମ୍ପାରଣ, ପୂର୍ବ ଚମ୍ପାରଣ, ସୀତାମାଢ଼ୀ, ଶିବହାର, ମଧୁବନୀ, ସୁପୌଲ, ଆରାରିଆ, କିଶନଗଞ୍ଜ, ପୂର୍ଣ୍ଣିଆ, କଟିହାର, ଭାଗଲପୁର, ବାଙ୍କା, ଜାମୁଇ, ନୱାଡା, ଗୟା, ଔରଙ୍ଗାବାଦ, ଜେହାନାବାଦ, ଆରୱାଲ, କୈମୁର ଏବଂ ରୋହତାସ ଅନ୍ତର୍ଭୁକ୍ତ। ନଭେମ୍ବର ୬ ତାରିଖରେ ହୋଇଥିବା ପ୍ରଥମ ପର୍ଯ୍ୟାୟରେ ରାଜ୍ୟର ୧୨୧ଟି ଆସନ ପାଇଁ ଭୋଟଗ୍ରହଣ ହୋଇଥିଲା। ଏହି ପର୍ଯ୍ୟାୟରେ ହୋଇଥିବା ଭୋଟଗ୍ରହଣ ପୂର୍ବର ସବୁ ରେକର୍ଡକୁ ଭାଙ୍ଗି ଦେଇଥିଲା। ଏହି ପର୍ଯ୍ୟାୟରେ ୬୫ ପ୍ରତିଶତ ଭୋଟ ହୋଇଥିଲା । ରେକର୍ଡ ଭୋଟକୁ ନେଇ ବିଭିନ୍ନ ରାଜନୈତିକ ଦଳ ଭିନ୍ନ ଭିନ୍ନ ଆକଳନ କରୁଛନ୍ତି। ଶାସକ ଦଳ ଏହାକୁ ନିଜ ସପକ୍ଷରେ ଦେଖୁଥିବାବେଳେ ବିରୋଧୀ ଏହାକୁ କ୍ଷମତାସୀନ ଦଳ ବିରୋଧରେ ଲୋକଙ୍କ ରୋଷ ହିସାବରେ ଦେଖୁଛି ।

## ରାଜ୍ୟସ୍ତରୀୟ ହିମାଳୟ ଯୋଗ ଅଲିମ୍ପିୟାଡ୍ ୨୦୨୫

**କୋଲକାତା, ୯।୧୧(ସଂଚାର ବ୍ୟୁରୋ):** ବିବେକାନନ୍ଦ ଯୋଗ ଅନୁସନ୍ଧାନ ସଂସ୍ଥାନ କୋଲକାତା ପକ୍ଷରୁ ରାଜ୍ୟସ୍ତରୀୟ ହିମାଳୟ ଯୋଗ ଅଲିମ୍ପିୟାଡ୍ ୨୦୨୫ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଡକ୍ଟର ଅଭିଜିତ୍ ଘୋଷଙ୍କ ସଂଯୋଜନାରେ ଆୟୋଜିତ ଏହି ଯୋଗ ପ୍ରତିଯୋଗିତାରେ ସମଗ୍ର ପଶ୍ଚିମବଙ୍ଗରୁ ଯାଦବପୁର ବିଶ୍ୱବିଦ୍ୟାଳୟ, ଦି ହେରିଟେଜ୍ ସ୍କୁଲ, ଯୋଗ ଏକାଡେମୀ, ବିଂଶ ଶତାବ୍ଦୀ କ୍ଲବ ଏବଂ ଅନ୍ୟ ବହୁ ଅନୁଷ୍ଠାନରୁ ପ୍ରାୟ ୧୨୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀମାନେ ଅଂଶ ଗ୍ରହଣ କରିଥିଲେ। ଲାୟନ୍ ଏସ୍. ଏସ୍. ରାଜପୁତ୍, ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ଆର. ଏନ୍ ରୁସ୍ତାଗୀ, ଆର୍ ଆର୍ ଅଗ୍ରୱାଲ, ଡକ୍ଟର ଶ୍ରୀଦୀପ ଚାଟାର୍ଜୀ, ସନାତନ ମହାକୁଡ଼, ଇଲା ଖଣ୍ଡେଲିଆ, ନୟନ ମଣ୍ଡଳ, ସୋମନାଥ ଦତ୍ତ, ସୁମନ ମୈତି, ଡାକ୍ତର ବିଜୟଲକ୍ଷ୍ମୀ ତ୍ରିପାଠୀ, ପ୍ରିୟଙ୍କା ପାଲ ପ୍ରମୁଖ ଉପସ୍ଥିତ ଥିଲେ। ମନୋନୀତ ଛାତ୍ରଛାତ୍ରୀ ଡିସେମ୍ବରରେ ସ୍ୱାମୀ ବିବେକାନନ୍ଦ ଯୋଗ ଅନୁସନ୍ଧାନ ସଂସ୍ଥାନରେ ହେବାକୁ ଥିବା ପ୍ରତିଯୋଗିତାରେ ପଶ୍ଚିମବଙ୍ଗରୁ ପ୍ରତିନିଧିତ୍ୱ କରିବେ।

ପଶ୍ଚିମବଙ୍ଗରେ ପ୍ରବାସୀ ଓଡ଼ିଆ ଶିକ୍ଷାକୁ ନେଇ ଚିନ୍ତା

## ଓଡ଼ିଆ ବିଦ୍ୟାଳୟ ପରିଦର୍ଶନ କଲେ ୧୨ ଜଣିଆ ଟିମ୍

**କୋଲକାତା, ୯।୧୧(ସଂଚାର ବ୍ୟୁରୋ):** ଶୁକ୍ରବାର ଓଡ଼ିଶା ଶିକ୍ଷା ବିଭାଗ ତରଫରୁ ଶିକ୍ଷାଧିକାରୀଙ୍କ ନେତୃତ୍ୱରେ ମୋଟ୍ ୧୨ ଜଣ ଅଧିକାରୀ ୪ଟି ଭାଗରେ ବିଭକ୍ତ ହୋଇ ପଶ୍ଚିମବଙ୍ଗର ଓଡ଼ିଆ ବିଦ୍ୟାଳୟ ପରିଦର୍ଶନ କରି ବିଦ୍ୟାଳୟ ଗୁଡିକର ସ୍ଥିତି ପରଖିଥିଲେ। ଛାତ୍ରଛାତ୍ରୀଙ୍କ ସଂଖ୍ୟା, ଶିକ୍ଷକ-ଶିକ୍ଷୟିତ୍ରୀଙ୍କ ସଂଖ୍ୟା, ନିଜ ଗୃହରେ ପାଠପଢା ଚାଲିଛି ନାଁ ଭଡା ଘରେ ଚାଲିଛି ତାହ ବୁଲି ଦେଖିଥିଲେ। ନୂତନ ଓଡିଶା ସରକାରରେ ପ୍ରଥମ ଥର ପଶ୍ଚିମବଙ୍ଗର ପ୍ରବାସୀ ଓଡିଆ ଛାତ୍ରଛାତ୍ରୀମାନଙ୍କ ଶିକ୍ଷାକୁ ନେଇ ସର୍ଭେ କରିଥିଲେ। ୨୨ଟି ଓଡିଆ ସଂଗଠନ ପରିଚାଳିତ ବିଦ୍ୟାଳୟ ସହିତ ୪ଟି ସରକାରୀ ବିଦ୍ୟାଳୟ ପରିଦର୍ଶନ କରି ସେମାନେ ଶିକ୍ଷକ-ଶିକ୍ଷୟିତ୍ରୀଙ୍କ ଉପସ୍ଥିତି ଦେଖିଥିଲେ। ହେଲେ ବହୁ ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ଉପସ୍ଥିତି ହାର କମ୍ ଥିଲା। ପଶ୍ଚିମବଙ୍ଗର ଓଡିଆ ସଂଗଠନ ସମୂହର କେନ୍ଦ୍ରୀୟ ସଂଗଠନ ଉତ୍କଳୀୟ ମିଳିତ ମଞ୍ଚ ସହଯୋଗିତାରେ ଓଡିଶା ସରକାରଙ୍କ ଶିକ୍ଷା ବିଭାଗ ଏହି ବିଦ୍ୟାଳୟ ଗୁଡିକର ଶିକ୍ଷକ-ଶିକ୍ଷୟିତ୍ରୀମାନଙ୍କୁ ପଠାଉଥିବା ପାରିଶ୍ରମିକ ଠିକ୍ ଭାବେ ପହଞ୍ଚୁଛି କି ନାହିଁ, ସେସବୁ ଦିଗରେ ସ୍ଥିତି ପରଖିଥିଲେ।

ହାଓଡା ଅଞ୍ଚଳର ଓଡିଆ ବିଦ୍ୟାଳୟ ପରିଦର୍ଶନ କରି ଟିମ୍ ଯଜ୍ଞେଶ୍ୱର ଜେନା, ଗୋଷ୍ଠୀ ଶିକ୍ଷାଧିକାରୀ ବାଲେଶ୍ୱରଙ୍କ ନେତୃତ୍ୱରେ ସୁଶାନ୍ତ କୁମାର ଜେନା, ବିଆର୍‌ସିସି ଜଳେଶ୍ୱର ଓ ସଞ୍ଜୀବ କୁମାର ଦାସ କନିଷ୍ଠ ସହାୟକ ଜଳେଶ୍ୱରଙ୍କ ସହିତ ଉତ୍କଳୀୟ ମିଳିତ ମଞ୍ଚ କାର୍ଯ୍ୟକାରୀ ସଭାପତି ପ୍ରଦୀପ କୁମାର ସାହୁ, ଶିକ୍ଷାସେଲ୍‌ର ସଦସ୍ୟ ବିଶ୍ୱମ୍ଭର ପରିଡା, ସହ ସଂପାଦକ ଜିତେନ୍ଦ୍ର କୁମାର ଦାସ ସେମାନଙ୍କ ସହିତ ଥିଲେ। ଯଜ୍ଞେଶ୍ୱର ବାବୁ କହିଛନ୍ତି ଆମେ ଏହି ରିପୋର୍ଟ ଓଡିଶା ସରକାରଙ୍କୁ ଦେବୁ। ଛାତ୍ରଛାତ୍ରୀମାନଙ୍କୁ ପୋଷାକ, ଖାଦ୍ୟ ସହିତ ଶିକ୍ଷକ-ଶିକ୍ଷୟିତ୍ରୀ ବାସ୍ତବରେ ଏତେ କମ୍ ପାରିଶ୍ରମିକରେ ପାଠ ପଢାଇବା କଠିନ କଥା। ସରକାର ଏଥିପ୍ରତି ନିଶ୍ଚିତ ଦୃଷ୍ଟି ଦେବେ। ଅନ୍ୟ ୩ଟି ଦଳରେ ଶିକ୍ଷାସେଲ ସଂପାଦକ ପ୍ରଶାନ୍ତ କୁମାର ଦାସ, ଭଗବାନ ଦାସ, ରତ୍ନାକର ବେହେରା ଥିଲେ। ଏହି ସମୀକ୍ଷା ପରେ କ'ଣ ସବୁ ବଦଳ ଆସିବ ତାହାରି ଅପେକ୍ଷାରେ ରହିଲେ ପ୍ରବାସୀ ଓଡିଆ।

## ଏକକାଳୀନ ୩ ସନ୍ତାନ ପ୍ରସବ କଲେ ମହିଳା

**ମୋହନା,୯।୧୦(ସଂଚାର ବ୍ୟୁରୋ):** ଗଜପତି ଜିଲ୍ଲା ମୋହନା ବ୍ଲକ୍ ଖାରିଗୁଡା ପଞ୍ଚାୟତ ଅନ୍ତର୍ଗତ ବନ୍ଦ୍ରିରି ଗାଁର ଜଣେ ମହିଳା ରବିବାର ଏକକାଳୀନ ୩ଟି ସନ୍ତାନ ପ୍ରସବ କରିଛନ୍ତି। ଜିତେନ୍ଦ୍ର ମାଝୀଙ୍କ ସ୍ତ୍ରୀ ପୁଲିନା ଗର୍ଭବତୀ ଥିଲେ। ତାଙ୍କ ପ୍ରସବ ଯନ୍ତ୍ରଣା ଆରମ୍ଭ ହେବାରୁ ପରିବାର ଲୋକେ ଏକ ଅଟୋରେ ପୁଲିନାଙ୍କୁ ବିରିକୋଟ ଉପସ୍ୱାସ୍ଥ୍ୟକେନ୍ଦ୍ରକୁ ନେବା ସମୟରେ ଜଙ୍ଗଲ ରାସ୍ତାରେ ପୁଲିନା ଏକ କନ୍ୟା ସନ୍ତାନକୁ ଅଟୋରେ ଜନ୍ମ ଦେଇଥିଲେ। ପରେ ବିରିକୋଟ ସ୍ୱାସ୍ଥ୍ୟ କେନ୍ଦ୍ର ଫାଟକ ନିକଟରେ ଆଉ ଏକ କନ୍ୟା ସନ୍ତାନ ଜନ୍ମ ଦେଇଥିଲେ। ସ୍ୱାସ୍ଥ୍ୟକେନ୍ଦ୍ରରେ କିଛି ସମୟ ପରେ ଆଉ ଏକ ପୁତ୍ର ସନ୍ତାନ ଜନ୍ମ ଦେଇଥିଲେ। କିନ୍ତୁ ତାହା ମୃତ ଶିଶୁ ଥିଲା। ବର୍ତ୍ତମାନ ମା' ଓ ଦୁଇ ନବଜାତ ଶିଶୁ ସୁସ୍ଥ ଥିବା ଡାକ୍ତର ଜ ପଣ୍ଡା କହିଛନ୍ତି ।

## ବିବାହ ବନ୍ଧନରେ ଧରାକୋଟ ରାଜାସାହେବ

■ ବ୍ୟବସାୟୀ ଶ୍ରୀମୟ ମିଶ୍ରଙ୍କ ହାତ ଧରିଲେ

ଧରାକୋଟ,୯।୧୧(ସଂଚାର ବ୍ୟୁରୋ): ବିବାହ ବନ୍ଧନରେ ଆବଦ୍ଧ ହେଲେ ଧରାକୋଟ 'ରାଜା ସାହେବ' ସୁଲକ୍ଷଣା ଗୀତାଞ୍ଜଳି ଦେବୀ। ଭୁବନେଶ୍ୱର ଏକାମ୍ର କ୍ଷେତ୍ର ଅଞ୍ଚଳର ପ୍ରତିଷ୍ଠିତ ବ୍ୟବସାୟୀ ଶ୍ରୀମୟ ମିଶ୍ରଙ୍କୁ ସେ ବିବାହ କରିଛନ୍ତି। ଭୁବନେଶ୍ୱରର ଏକ ରିସୋର୍ଟରେ ଗତକାଲି ସେମାନଙ୍କ ବିବାହ କାର୍ଯ୍ୟ ସମ୍ପନ୍ନ ହୋଇଛି।

ରାଜାସାହେବ ସୁଲକ୍ଷଣା ଗୀତାଞ୍ଜଳି ଏବେ ଧରାକୋଟ ବ୍ଲକ୍ ଅଧ୍ୟକ୍ଷା ଭାବେ କାର୍ଯ୍ୟ କରୁଛନ୍ତି। ତାଙ୍କ ଜେଜେବାପା ରାଜା ସାହେବ ଅନନ୍ତ ନାରାୟଣ ସିଂହଦେଓ ଆସିକା ସାଂସଦ, ସୋରଡ଼ା ବିଧାୟକ ଓ ରାଜ୍ୟ ମନ୍ତ୍ରିମଣ୍ଡଳର ସଦସ୍ୟ ଥିଲେ। ଜେଜେମା' ଶାନ୍ତି ଦେବୀ ମଧ୍ୟ ସୋରଡ଼ା ବିଧାୟିକା ଥିଲେ। ବାପା କିଶୋର ଚନ୍ଦ୍ର ସିଂହଦେଓ ଓ ମା' ନନ୍ଦିନୀ ଦେବୀ ବି ସୋରଡ଼ା ବିଧାୟକ ରହିଥିଲେ। ଗତ ୨୦୧୦ ମେ'ରେ ରାଜା କିଶୋର ଚନ୍ଦ୍ର ସିଂହଦେଓଙ୍କ ପରଲୋକ ପରେ ରାଜ ସିଂହାସନ ଆରୋହଣ କରି 'ରାଜା ସାହେବ' ଭାବେ ପରିଚିତ ହୋଇଥିଲେ ସୁଲକ୍ଷଣା ଗୀତାଞ୍ଜଳି ଦେବୀ। ସେତେବେଳେ ସେ ରାୟପୁରରେ ଦଶମରେ ପଢୁଥିଲେ। ରାୟପୁର ରାଜପୁତ କଲେଜରୁ ଯୁକ୍ତ ଦୁଇ ପାସ୍ ପରେ ଭୁବନେଶ୍ୱରରେ ଆଇନରେ ଡିଗ୍ରୀ ହାସଲ କରିଥିଲେ। ସେହିପରି ଗତ ପଞ୍ଚାୟତ ନିର୍ବାଚନରେ ସେ ବ୍ଲକ୍ ଅଧ୍ୟକ୍ଷା ହୋଇଥିଲେ ହେଁ ସାଧାରଣ ନିର୍ବାଚନରେ ପରାସ୍ତ ହୋଇଥିଲେ। ରାଜନୀତି କ୍ଷେତ୍ରରେ ସୁଲକ୍ଷଣାଙ୍କ ଦବ୍‌ଦବା ଦେଖିବାକୁ ମିଳୁଛି। ସ୍ଥାନୀୟ ଅଞ୍ଚଳରେ ତାଙ୍କର ଲୋକପ୍ରିୟତା ରହିଛି। ରାଜମାତା ନନ୍ଦିନୀ ଦେବୀଙ୍କ ଉପସ୍ଥିତିରେ ବିବାହ କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ପିଉସା ଛତିଶଗଡ଼ ବିଳାସପୁର ଅଞ୍ଚଳର ରାଜାସାହେବ ପୁଷ୍ପେନ୍ଦ୍ର ପ୍ରତାପ ଚୌହାନ ଓ ପିଉସୀ ସାଇଦର୍ଶନା ଦେବୀ ବିବାହ କରାଇଛନ୍ତି। ରାଜସ୍ଥାନ, ମେୱାର, ମଧ୍ୟପ୍ରଦେଶ, ଉତ୍ତର ପ୍ରଦେଶ, ଛତିଶଗଡ଼ ଓ ଓଡ଼ିଶାର ବିଭିନ୍ନ ଅଞ୍ଚଳରୁ ରାଜପରିବାର ସଦସ୍ୟାମାନେ ଏହି ବିବାହ ଉତ୍ସବରେ ଯୋଗଦେଇଛନ୍ତି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### କର...

ଘାସିରାମ ମାଝୀ କୋମନା ଅଞ୍ଚଳରେ ବ୍ୟାପକ ପ୍ରଚାର କରିଥିବା ଦେଖିବାକୁ ମିଳିଥିଲା।

ଭୋଟ୍‌କୁ ଆଉ କେଇ ଘଣ୍ଟା ବାକି ଥିବା ବେଳେ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ନୂଆପଡ଼ାବାସୀଙ୍କ ପାଇଁ ଜାରି କରିଛନ୍ତି ଭିଡିଓ ବାର୍ତ୍ତା। ବିଜେଡି ପଶ୍ଚିମ ଓଡ଼ିଶାର ଜଣେ ଟାଣୁଆ ନେତ୍ରୀ ସ୍ନେହାଙ୍ଗିନୀ ଛୁରିଆଙ୍କୁ ନୂଆପଡ଼ାରେ ପ୍ରାର୍ଥୀ କରିଛି। ସେ ନୂଆପଡ଼ାର ସେବା କରିବା ପାଇଁ ନିର୍ଦ୍ଦେଶ ଦେଇଛି। ସୁଖଦୁଃଖର ସାଥୀ ହୋଇ ରହିବେ। ବିଜେପି ସରକାର ଆସିବା ପରଠାରୁ ମା'ମାନଙ୍କ ଉପରେ ଅତ୍ୟାଚାର ବଢ଼ିଚାଲିଛି। ଓଡ଼ିଶାର ସୁନାମ ନଷ୍ଟ ହେଉଛି। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ବନ୍ଦ କରିଦେବାରୁ ରୋଗୀ ହଇରାଣ ହେଉଛନ୍ତି। ଏ ସରକାର ମହିଳାବିରୋଧୀ, ଆଦିବାସୀ ବିରୋଧୀ ଓ ବିକାଶବିରୋଧୀ। ନୂଆପଡ଼ାବାସୀଙ୍କ ସହଯୋଗରେ ବିଜେପିର ପରାଜୟ ନୂଆପଡ଼ାରୁ ଆରମ୍ଭ ହେବ ବୋଲି ନବୀନ କହିଛନ୍ତି।

ସେହିଭଳି ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ ମଧ୍ୟ ନୂଆପଡ଼ା ପାଇଁ ଦେଇଛନ୍ତି ବିକାଶର ବାର୍ତ୍ତା। ସେ କହିଛନ୍ତି ଯେ ବିଜେପି ଯେଉଁ ପ୍ରତିଶ୍ରୁତି ଦେଇଛି ତାକୁ ପୂରଣ କରିଛି। ସୁଭଦ୍ରା ଯୋଜନା, ଇନପୁଟ ସବସିଡି ୮୦୦ ଟଙ୍କା, ଭତ୍ତା, ଜଳସେଚନ ନେଇ ଯାହା ପ୍ରତିଶ୍ରୁତି ଦେଇଥିଲା, ଦଳ ତାହା ୫୦୦ ଦିନରେ ପୂରଣ କରିଛି। ନୂଆପଡ଼ାର ବିକାଶ ପାଇଁ ୧୪୨୮ କୋଟିର ପ୍ୟାକେଜ ଘୋଷଣା କରିଛନ୍ତି ସରକାର। ମେଡିକାଲ କଲେଜ ସହ ଫିସରୀ କଲେଜ ଖୋଲିବାକୁ ନିଷ୍ପତ୍ତି ନିଆଯାଇଥିବା ସେ କହିଛନ୍ତି। ନୂଆପଡ଼ାରେ ବିଜେପି ସକାରାତ୍ମକ ଆଦର୍ଶଗତ ଲଢେଇ ଲଢୁଛି। ସେ ଅଭିଯୋଗ କରିଛନ୍ତି ଯେ ଲୋକଙ୍କ ସମସ୍ୟାକୁ ଡାଇଭର୍ଟ କରିବା ପାଇଁ ବେଇମାନ, ଭୋଟ୍ ଚୋରି କଥା ଉଠାଉଛନ୍ତି ବିରୋଧୀ। କାହା ମାନସିକତା ସହ ଖେଳିବା ଉଚିତ ନୁହେଁ ବୋଲି ସେ କହିଛନ୍ତି। ଶସ୍ତା ରାଜନୀତି କରି ନିର୍ବାଚନ ବୈତରଣୀ ପାର ହେବାକୁ ଚେଷ୍ଟା କରୁଛନ୍ତି ବିରୋଧୀ।

ସେପଟେ ପ୍ରଦେଶ କଂଗ୍ରେସ ସଭାପତି ଭକ୍ତ ଚରଣ ଦାସ ମଧ୍ୟ ଏକ ଭିଡିଓ ବାର୍ତ୍ତା ଜାରି କରି ଉଭୟ ବିଜେଡି ଓ ବିଜେପିକୁ ଟାର୍ଗେଟ କରିଛନ୍ତି। ବିଜେଡିର ୨୫ ବର୍ଷର ଶାସନରେ ନୂଆପଡ଼ା ସମ୍ପୂର୍ଣ୍ଣ ଭାବେ ଅବହେଳିତ ହୋଇଛି। ନୂଆ ଜିଲ୍ଲା ଗଠନ ହୋଇଥିଲେ ବି ମହିଳା, ଯୁବକଯୁବତୀ, ଚାଷୀ କାହାକୁ ବି ନ୍ୟାୟ ମିଳିନି। ନୂଆପଡ଼ାରେ ଗୋଟିଏ ହେଲେ ପ୍ରତିଷ୍ଠିତ ବିଶ୍ୱବିଦ୍ୟାଳୟ କି ମେଡିକାଲ କଲେଜ ନାହିଁ। ଯେଉଁ ସୁପର ସ୍ପେଶାଲିଟି ହସ୍ପିଟାଲ ହୋଇଛି, ସେଥିରୁ ବି ଲୋକେ ଫାଇଦା ପାଉନାହାଁନ୍ତି। ଦେଢ଼ ବର୍ଷର ବିଜେପି ସରକାର ଅମଳରେ ନୂଆପଡ଼ାରେ ଗୋଟିଏ ହେଲେ କେନ୍ଦ୍ରୀୟ ପ୍ରକଳ୍ପ କାର୍ଯ୍ୟକାରୀ ହୋଇନି। ସେପଟେ ଘାସିରାମ ମାଝୀ ଜଣେ ସଂଘର୍ଷର ମଣିଷ। ପାଞ୍ଚ ପାଞ୍ଚ ଥର ନିର୍ବାଚନ ଲଢ଼ି ହାରୁଛନ୍ତି। ତଥାପି ସେ ଲଢ଼େଇ ଛାଡିନାହାଁନ୍ତି। ତାଙ୍କୁ ଆଶୀର୍ବାଦ କରିବାକୁ ଭକ୍ତ ନୂଆପଡ଼ାବାସୀଙ୍କୁ ଅପିଲ କରିଛନ୍ତି।

### ଆସିଲେନି...

ଗୋଡ଼ ତଳକୁ ତଳକୁ' ସ୍ଥିତିରେ ରହିଥିବା ବେଳେ ନୂଆପଡ଼ା ଉପନିର୍ବାଚନ ଉପରେ ରାହୁଲ୍ ଗାନ୍ଧି କି ଏଆଇସିସି ସଭାପତି ମଲ୍ଲିକାର୍ଜୁନ ଖଡ଼୍‌ଗେ କାହାର ବି ନଜର ନଥିବା ସ୍ପଷ୍ଟ ହୋଇଛି। ୪୦ଜଣିଆ ତାରକା ପ୍ରଚାରକ ସୂଚୀରେ ରାଜସ୍ଥାନର ଉପମୁଖ୍ୟମନ୍ତ୍ରୀ ସଚିନ୍ ପାଇଲଟ୍, ଜେଏନ୍‌ୟୁ ଛାତ୍ର ସଂଘ ନେତା କହ୍ନେୟା କୁମାର, ତେଲଙ୍ଗାନା ମୁଖ୍ୟମନ୍ତ୍ରୀ ଏ. ରେବନ୍ତ ରେଡ୍ଡୀ, ଉପମୁଖ୍ୟମନ୍ତ୍ରୀ ମାଲ୍ଲୁ ଭଟ୍ଟି ବିକ୍ରମାର୍କଙ୍କ ପରି ଜାତୀୟ ସ୍ତରର ନେତାଙ୍କୁ ପିସିସି ପକ୍ଷରୁ ସାମିଲ୍ କରାଯାଇଥିଲା। କିନ୍ତୁ ଏମାନଙ୍କ ମଧ୍ୟରୁ ଜଣେ ବି ନୂଆପଡ଼ା ଆସିନଥିଲେ। ଏପରିକି ରେବନ୍ତ ରେଡ୍ଡୀ ଆସିବା ନେଇ ଦଳ ପକ୍ଷରୁ ସୂଚନା ଦିଆଯାଇଥିଲେ ହେଁ ଶେଷ ମୁହୂର୍ତ୍ତରେ ତା' ବି ବାତିଲ୍ ହୋଇଯାଇଥିଲା। ଅର୍ଥାତ୍ କେନ୍ଦ୍ରୀୟ ନେତୃତ୍ୱ ଓ ରାଜ୍ୟ କଂଗ୍ରେସର ବରିଷ୍ଠ ନେତାଙ୍କ ମଧ୍ୟରେ ସମନ୍ୱୟର ଘୋର ଅଭାବ ଜଳ ଜଳ ଦିଶୁଛି।

ଭକ୍ତ ଚରଣ ଦାସ ପିସିସି ସଭାପତି ଦାୟିତ୍ୱ ନେବା ପରେ ନିର୍ଦ୍ଦିଷ୍ଟ ଗୋଷ୍ଠୀର ନେତାଙ୍କୁ ଗୁରୁତ୍ୱ ଦେଉଥିବା ନେଇ ଅଭିଯୋଗ ହୋଇଆସିଛି। ଦଳରେ ଗୁରୁତ୍ୱ ବହନ କରିଥିବା ବହୁ ପୁରୁଖା ନେତାଙ୍କୁ ଭକ୍ତ ନୂଆପଡ଼ା ଉପନିର୍ବାଚନ ପାଇଁ ତାରକା ପ୍ରଚାରକ ସୂଚୀରେ ବି ରଖିନଥିଲେ। ଗୋଟିଏ ପଟେ ଜାତୀୟ ସ୍ତରର ଜଣେ ବି ନେତା ପ୍ରଚାରକୁ ନ ଆସିବା ଓ ଅନ୍ୟପଟେ ରାଜ୍ୟର ଅନେକ ବରିଷ୍ଠ ନେତା ପ୍ରଚାରରେ ଭାଗ ନ ନେବା ନିଶ୍ଚିତ ଭାବେ କେଉଁଠି ନା କେଉଁଠି ଦଳ ପାଇଁ ମାରାତ୍ମକ ସାବ୍ୟସ୍ତ ହେବାର ଆଶଙ୍କା ରହିଛି। ତେବେ ପ୍ରଚାର ଆରମ୍ଭ ହେବା ଦିନଠାରୁ ଭକ୍ତ ନୂଆପଡ଼ାରେ ଦଳର ନେତୃତ୍ୱ ନେବା ସହ ନିୟମିତ ଭାବେ ସାମ୍ବାଦିକ ସମ୍ମିଳନୀ ମାଧ୍ୟମରେ ବିରୋଧୀ ଦଳର ଗାତ୍ରଦାହରେ ମାତିଥିଲେ। ବିଜେଡି ଓ ବିଜେପି ଭାଇ ଭାଇ ଓ ସେମାନଙ୍କ ମଧ୍ୟରେ ଦିଲ୍ଲୀରେ ବୁଝାମଣା ହୋଇଛି ବୋଲି କଂଗ୍ରେସ ବାରମ୍ବାର ଅଭିଯୋଗ କରିବା ସହ ନିଜ ନିଜର ଶାସନ କାଳରେ ଦୁଇ ଦଳ ରାଜ୍ୟବାସୀଙ୍କୁ କେବଳ ଧୋକ୍କା ଦେଇଛନ୍ତି ବୋଲି କହି ଦଳୀୟ ନେତାମାନେ ନୂଆପଡ଼ା ଭୋଟର୍‌ଙ୍କୁ ନିଜ ଆଡ଼କୁ ଆକର୍ଷିତ କରିବା ଉଦ୍ୟମ କରିଥିଲେ। ତା'ଛଡ଼ା କଂଗ୍ରେସ ଶାସନ ଅମଳରେ ହିଁ ନୂଆପଡ଼ାରେ ଯାହା କିଛି ଉନ୍ନତି ହୋଇଛି ଏବଂ ଅନ୍ୟ ଦୁଇ ଦଳ ଏଠାରେ କିଛି ବି କରିନାହାନ୍ତି ବୋଲି ଦଳ ବିଭିନ୍ନ ସମୟରେ ଅଭିଯୋଗ କରିଥିଲା। ସେହିପରି ପ୍ରଚାରରେ ଦଳ ଘାସିରାମଙ୍କ ଉପରେ ଅଧିକ ଫୋକସ୍ କରିଥିଲା। ଘାସିରାମ ଗତ ନିର୍ବାଚନଗୁଡ଼ିକରେ କ୍ରମାଗତ ଅଧିକ ଭୋଟ୍ ପାଇଥିବାରୁ ଏହା ଦଳକୁ ଉତ୍ସାହିତ କରିଛି। ତେବେ ଦଳର ଜାତୀୟ ସ୍ତରର ନେତା ନୂଆପଡ଼ା ଉପନିର୍ବାଚନକୁ ଗୁରୁତ୍ୱ ନ ଦେବା ଓ ଭକ୍ତଙ୍କ ଏକଚାଟିଆ କାରବାର ଦଳ ପାଇଁ କି ପ୍ରକାର ଫଳ ଆଣୁଛି, ତାହା ଆସନ୍ତା ୧୪ ତାରିଖରେ ଜଣାପଡ଼ିବ।

### ବିପର୍ଯ୍ୟୟର...

ଦରଦାମ୍ ବୃଦ୍ଧି ଓ ତେଲ ଦର ବଢ଼ିବା ନେଇ ମଧ୍ୟ ଉଦ୍‌ବେଗ ପ୍ରକାଶ କରିଛନ୍ତି। ନୂଆପଡ଼ାରେ ସୁଯୋଗ ଦେଲେ ସମାଜବାଦୀ ପାର୍ଟି ଝିଅମାନଙ୍କୁ ମାଗଣାରେ ପାଠ ପଢ଼ାଇବ ବୋଲି ଅଖିଳେଶ ପ୍ରତିଶ୍ରୁତି ଦେଇଛନ୍ତି। ଉନ୍ନତ ସଡ଼କ ଦ୍ୱାରା ଚାଷୀମାନେ ଉପକୃତ ହୋଇପାରିବେ ବୋଲି ସେ କହିବା ସହ ଆଗାମୀ ଦିନରେ ଦଳ ରାଜ୍ୟର ସବୁ ଲୋକସଭା ଓ ବିଧାନସଭା ଆସନରେ ନିର୍ବାଚନ ଲଢ଼ିବ ଓ ଏଥିପାଇଁ ଯୁବକଯୁବତୀମାନଙ୍କୁ ଦଳରେ ସାମିଲ କରାଯିବ ବୋଲି ଅଖିଳେଶ ଘୋଷଣା କରିଛନ୍ତି।

### ଯୁବକଙ୍କୁ...

ତାଲିମ ପ୍ରଦାନ କରିବେ। ଉଲ୍ଲେଖନୀୟ ଯେ ୨୦୦୦ ମସିହାରୁ ଅଦ୍ୟାବଧି ରାଜ୍ୟରେ ପ୍ରାୟ ୮ ହଜାର ଯୁବକଯୁବତୀ ଜଳରେ ବୁଡ଼ି ପ୍ରାଣ ହରାଇଛନ୍ତି। ଏମାନେ ସାଧାରଣତଃ ନଦୀ, ସମୁଦ୍ର, ପୋଖରୀ, ବିଭିନ୍ନ ହ୍ରଦ ଓ ପର୍ଯ୍ୟଟନସ୍ଥଳୀରେ ଥିବା ଗଭୀର ଜଳାଶୟରେ ବି ବୁଡ଼ି ଅକାଳ ମୃତ୍ୟୁବରଣ କରିଛନ୍ତି। ଅବସ୍ଥା ଏଭଳି ହେଉଛି ଯେ ପହଁରା ଜାଣିନଥିବା ଯୋଗୁଁ ଆଖପାଖରେ ଥିବା ଲୋକେ ବି ବୁଡ଼ି ଯାଉଥିବା ଏହି ଯୁବକମାନଙ୍କୁ ଉଦ୍ଧାର କରିପାରୁନାହାନ୍ତି। ଅଗ୍ନିଶମ ବାହିନୀ ଖବର ପାଇ ଘଟଣାସ୍ଥଳରେ ପହଞ୍ଚିଲା ବେଳକୁ ପ୍ରାୟ ଅଧିକାଂଶ ସ୍ଥାନରେ ଅମୂଲ୍ୟ ଜୀବନ ନିଃଶେଷ ହୋଇଯାଉଛି।

ରାଜ୍ୟରେ ବଢ଼ିଚାଲିଥିବା ଏଭଳି ଜଳବୁଡ଼ି ଜନିତ ମୃତ୍ୟୁକୁ ରୋକିବା ପାଇଁ ଯୁବକଯୁବତୀମାନେ ପହଁରା ଜାଣିବା ନିହାତି ଆବଶ୍ୟକ ବୋଲି ଅନୁଭବ କରିବା ପରେ ଅଗ୍ନିଶମ ବାହିନୀ ଏଭଳି ଏକ ପଦକ୍ଷେପ ନେଇଛି। ଏବେ ଗାଁଠାରୁ ସହର ପର୍ଯ୍ୟନ୍ତ ପହଁରା ତାଲିମ ପାଇଁ ସେଭଳି କୌଣସି ବ୍ୟବସ୍ଥା ନାହିଁ। କଳିଙ୍ଗ ଷ୍ଟାଡିୟମ ଭଳି ଯେଉଁ କେତୋଟି ସ୍ଥାନରେ ସନ୍ତରଣ ତାଲିମ କେନ୍ଦ୍ର ରହିଛି, ସେଠାରେ ସମସ୍ତେ ତାଲିମ ନେବା କଷ୍ଟକର ବ୍ୟାପାର। ତେଣୁ ଏହାକୁ ଦୃଷ୍ଟିରେ ରଖି ସହରାଞ୍ଚଳରେ ଥିବା ବିଭିନ୍ନ ଜଳାଶୟରେ ଯୁବକମାନଙ୍କୁ ତାଲିମ ପ୍ରଦାନ କରାଯିବ।

ପହଁରା ତାଲିମ ନେବା ପରେ ଯୁବକଯୁବତୀମାନେ କେବଳ ନିଜର ଜୀବନ ରକ୍ଷା କରିବେ ନାହିଁ, ନୌସେନା ଓ ଅଗ୍ନିଶମ ଭଳି ନିଯୁକ୍ତି କ୍ଷେତ୍ରରେ ମଧ୍ୟ ଏହା ସେମାନଙ୍କୁ ସହାୟକ ହେବ। ତେଣୁ ଅଧିକରୁ ଅଧିକ ଯୁବବର୍ଗଙ୍କୁ ପହଁରା ତାଲିମ ଦେବା ପାଇଁ ଅଗ୍ନିଶମ ବିଭାଗର ଏଭଳି ପଦକ୍ଷେପ ଆଗାମୀ ଦିନରେ ରାଜ୍ୟରେ ଜଳବୁଡ଼ିଜନିତ ମୃତ୍ୟୁକୁ ରୋକିବା ସହ ଯୁବକମାନଙ୍କ ପାଇଁ ନିଯୁକ୍ତିର ବାଟ ବି ଫିଟାଇପାରିବ। ହୋଇପାରିବ।

### ୮ ବଲରେ...

ବିଶ୍ୱ ରେକର୍ଡ ସ୍ଥାପନ କରିଛନ୍ତି। ଏହା ପୂର୍ବରୁ ପ୍ରଥମ ଶ୍ରେଣୀ କ୍ରିକେଟ୍‌ରେ ଦ୍ରୁତତମ ଅର୍ଦ୍ଧଶତକ ରେକର୍ଡ ୱେନ ହ୍ୱାଇଟ୍ (୧୨ ବଲ୍)ଙ୍କ ନାମରେ ଥିଲା। ସେ ୨୦୧୨ରେ ଲିସେଷ୍ଟରସାୟର ଓ ଏସେକ୍ସ ମଧ୍ୟରେ ଖେଳାଯାଇଥିବା ମ୍ୟାଚ୍‌ରେ ଏହି ରେକର୍ଡ କରିଥିଲେ। ପୂର୍ବରୁ ମଧ୍ୟ ଆକାଶ ପ୍ରଥମ ଶ୍ରେଣୀ କ୍ରିକେଟ୍‌ରେ ଗୋଟିଏ ଓଭରରେ ୬ଟି ଛକା ମାରିଥିଲେ। ଏହି କୀର୍ତ୍ତିମାନ ସ୍ଥାପନ କରିବାରେ ସେ ତୃତୀୟ ଭାରତୀୟ ବ୍ୟାଟ୍ସମ୍ୟାନ୍ ହୋଇଥିଲେ। ଏହାବ୍ୟତୀତ ଏହି ଫର୍ମାଟ୍‌ରେ ସେ ଦ୍ରୁତତମ ଅର୍ଦ୍ଧଶତକ ବି ହାସଲ କରିଛନ୍ତି। ସେ ଲଗାତାର ୮ ବଲରେ ମାରିଛନ୍ତି ୮ ଛକା। ଏଥିସହ ମାତ୍ର ୧୧ ବଲରୁ ହାସଲ କରିଛନ୍ତି ଅର୍ଦ୍ଧଶତକ।

ଗୋଟିଏ ଓଭରରେ ଛଅ ଛକା ମାରିବା ସହ ଆକାଶ ଚୌଧୁରୀ ରବି ଶାସ୍ତ୍ରୀଙ୍କ ରେକର୍ଡର ସମକକ୍ଷ ହୋଇଛନ୍ତି। ରବି ଶାସ୍ତ୍ରୀ ୧୯୮୪-୮୫ରେ ବରୋଦା ବିପକ୍ଷରେ ଗୋଟିଏ ଓଭରରେ ଛଅ ଛକା ମାରିଥିଲେ। ହେଲେ ଆକାଶ ଲଗାତାର ୮ ବଲରେ ୮ ଛକା ମାରିବାରେ ପ୍ରଥମ ବ୍ୟାଟର ହୋଇଛନ୍ତି। ଅନ୍ତର୍ଜାତୀୟ ଟି-୨୦ରେ ଯୁବରାଜ ୧୨ ବଲରୁ ଅର୍ଦ୍ଧଶତକ ହାସଲ କରିଥିଲେ। ତେବେ ମୋଟାମୋଟି କ୍ରିକେଟ୍‌ରେ ଆକାଶ ଚୌଧୁରୀ ଯୁବରାଜଙ୍କ ଏହି ମହାରେକର୍ଡ ବି ଭାଙ୍ଗିଛନ୍ତି। ଏହି ବିରଳ କ୍ଲବ୍‌ରେ ରବି ଶାସ୍ତ୍ରୀ ଓ ଗ୍ୟାରୀ ସୋବର୍ସଙ୍କ ପରି ଖେଳାଳି ଅଛନ୍ତି। ଦକ୍ଷିଣ ଆଫ୍ରିକାର ମାଇକ ପ୍ରୋକ୍ଟର ମଧ୍ୟ ଲଗାତାର ୬ ଛକା ମାରିଥିଲେ। ମାତ୍ର ସେ ଦୁଇଟି ଓଭରରେ ହିଁ ଏହି ଉପଲବ୍ଧି ହାସଲ କରିଥିଲେ। ୨୫ ବର୍ଷୀୟ ଆକାଶ ନିଜର ୩୧ତମ ପ୍ରଥମ ଶ୍ରେଣୀ କ୍ରିକେଟ୍ ଖେଳୁଛନ୍ତି। ସେ ୨୦୧୯ରେ ପଦାର୍ପଣ କରିଥିଲେ। ସେ ୨୮ ଦିନିକିଆ ଓ ୩୦ଟି ଟି-୨୦ ମ୍ୟାଚ୍ ଖେଳିଛନ୍ତି। ଚଳିତ ମାସ ଆରମ୍ଭରେ ବିହାର ବିପକ୍ଷରେ ଆକାଶ ୬୨ ବଲରୁ ଅପରାଜିତ ୬୦ ରନ କରିଥିଲେ।

### ନବୀନଙ୍କ...

ବୁଝିନାହାନ୍ତି। ବରଂ ତାଙ୍କୁ ଦେଖା କରବାକୁ ଉଦ୍ୟମ କରିଥିବା ପ୍ରତିଟି ବ୍ୟକ୍ତି କେବଳ ନିରାଶ ହିଁ ହୋଇଛି। ଏହି ଧାରା ମୁଖ୍ୟମନ୍ତ୍ରୀ ପଦରୁ ବିଦାୟ ନେବାର ଦେଢ଼ ବର୍ଷ ପରେ ବି କାଏମ ରହିଥିଲା। କାରଣ ତାଙ୍କରି ଦଳର ନୂଆପଡ଼ା ବିଧାୟକ ରାଜେନ୍ଦ୍ର ଢୋଲକିଆ ଯେତେବେଳେ ଅସୁସ୍ଥ ଥିଲେ, ସହାୟତା ପାଇଁ ପୁଅ ଜୟ ଯେତେ ଉଦ୍ୟମ କରିଥିଲେ ମଧ୍ୟ ନବୀନ ନିବାସ ପାଚେରୀ ତାଙ୍କ ଆଶାକୁ ଚୂର୍ମାର୍ କରିଦେଇଥିଲା। ଶେଷରେ ବାଧ୍ୟ ହୋଇ ସେ ଲୋକଙ୍କ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱ ଉପରେ ଭରସା କରି ବିଜେପିରେ ସାମିଲ୍ ହୋଇ ବାପାଙ୍କ ଅଧୁରା ସ୍ୱପ୍ନକୁ ପୂରା କରିବା ସକାଶେ ଅଣ୍ଟା ଭିଡ଼ିଛନ୍ତି। କିନ୍ତୁ ନବୀନ ତାଙ୍କୁ ବେଇମାନ ବୋଲି କହି ମଉକା ଦେଖି ଚଉକା ମାରିବାକୁ ଉଦ୍ୟମ କରିଛନ୍ତି ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ। ତେଣୁ 'ବେଇମାନୀ'ର ପାହାଡ଼ ଉପରେ ଠିଆ ହୋଇଥିବା ନବୀନଙ୍କ ପାଇଁ 'ବେଇମାନ୍' ଶବ୍ଦ ଲଙ୍କାରେ ହରିନାମ ବୋଲି ଭୋଟର୍ ଅନୁଭବ କରିବା କଦାପି କଷ୍ଟକର ବ୍ୟାପାର ନୁହେଁ।

### ସୁଧୁରି ନାହାଁନ୍ତି ସରକାରୀ କର୍ମଚାରୀ

# ଟଙ୍କା ଲୋଭରେ ଯାଉଛି ଚାକିରି




**ଆନନ୍ଦପୁର,୯।୧୧ (ସଂଚାର ବ୍ୟୁରୋ):** ସରକାରୀ ଅଧିକାରୀମାନେ ଲାଞ୍ଚ ନେଇ ହରାଉଛନ୍ତି ଚାକିରି। ରାଜ୍ୟରେ ଲାଞ୍ଚ କାରବାର ବନ୍ଦ ପାଇଁ ମୁଖ୍ୟମନ୍ତ୍ରୀ ସରକାରୀ କର୍ମଚାରୀ ମାନଙ୍କୁ ଶପଥ ପାଠ କରାଇଥିଲେ। ହେଲେ ମନ ମୋଟିଆ ସରକାରୀ କର୍ମଚାରୀମାନେ ଲାଞ୍ଚ ନନେଇ ରହିପାରୁ ନାହାଁନ୍ତି। ସରକାରଙ୍କ ନିକଟରୁ ମୋଟା ଅଙ୍କର ଦରମା ପାଇ ମଧ ସରକାରୀ କର୍ମଚାରୀମାନେ ଗରିବ ଲୋକଙ୍କ ଟଙ୍କାକୁ ଅନେଇଥାନ୍ତି। ସେହିପରି ପ୍ରତିଦିନ ରାଜ୍ୟରେ କେହି ନା କେହି ଭିଜିଲାନ୍ସ ଜାଲରେ ପଡ଼ି ଚାକିରି ହରାଉଥିଲେ ମଧ ତଥାପି କାହାରି ମନରେ ଟିକେ ଭୟ ନାହିଁ। ମୁଖ୍ୟମନ୍ତ୍ରୀ ଏତେ ସଚେତନ କରାଇଲେ ମଧ କେହି ତାଙ୍କ ନିର୍ଦ୍ଦେଶକୁ ପାଳନ କରୁନାହାଁନ୍ତି।

ନିକଟରେ ଦେଖିବାକୁ ମିଳିଥିଲା କେନ୍ଦୁଝର ଜିଲ୍ଲାର ସାମାଜିକ ସୁରକ୍ଷା ବିଭାଗର ଅଧିକାରୀ ବିପ୍ଳବ କେଶରୀ ସାମନ୍ତରାୟ ଭିଜିଲାନ୍ସ ହାତରେ ଧରାପଡ଼ି ଜେଲ୍ ଯାଇଥିଲେ। ତେବେ କେନ୍ଦୁଝର ଜିଲ୍ଲାରେ ସାମାଜିକ ସୁରକ୍ଷା ବିଭାଗଟି ଏକ ସମ୍ବେଦନଶୀଳ ବିଭାଗ ହୋଇଥିବା ବେଳେ ଏହି ବିଭାଗରେ ଅନେକ କର୍ମଚାରୀ ଲାଞ୍ଚ କାରବାରରେ ଲିପ୍ତ ଥିବା ନେଇ ବିଭିନ୍ନ ମହଲରେ ଆଲୋଚନା ହେଉଛି। ତେବେ ଆନନ୍ଦପୁର ବ୍ଲକ୍‌ର ସାମାଜିକ ସୁରକ୍ଷା ବିଭାଗରେ ଜଣେ ଆଉଟସୋର୍ସିଂ କର୍ମଚାରୀ ଫୋନ୍ ପେ ମାଧମରେ ଲାଞ୍ଚ ନେଇଥିବା ଘଟଣାରେ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ହୋଇଥିଲା ବେଳେ ଏହାର ତଦନ୍ତ ଚାଲିଥିବା ଜଣାପଡ଼ିଛି। ତେବେ ଦେଖିବାକୁ ବାକି ରହିଲା ଏହାର ସତ୍ୟତା କେବେ ସାମ୍ନାକୁ ଆସୁଛି। କେବେ ସେ ଆଉଟସୋର୍ସିଂ କର୍ମଚାରୀ ଉପରେ କାର୍ଯ୍ୟାନୁଷ୍ଠାନ ହେଉଛି।

### ପୁଣି ବିବାଦରେ ମହିଳା ଓ ଶିଶୁବିକାଶ କାର୍ଯ୍ୟାଳୟ

# ଅଣ୍ଡା ପାଇଁ ମହାଭାରତ



**ରାଜକନିକା,୯।୧୧ (ସଂଚାର ବ୍ୟୁରୋ):** ରାଜକନିକା ମହିଳା ଓ ଶିଶୁ ବିକାଶ କାର୍ଯ୍ୟାଳୟ ପୁଣି ଏକ ବିବାଦରେ ଛନ୍ଦି ହୋଇ ପଡିଛି। ଜନୈକା ଅଙ୍ଗନବାଡି ହିତାଧିକାରୀଙ୍କୁ କମ୍ ପରିମାଣର ଅଣ୍ଡା ଦେବାକୁ ନେଇ ଉଠିଛି ବିବାଦ। ଶେଷରେ ହିତାଧିକାରୀ ଅଣ୍ଡା ନ ନେଇ ଫେରିଯାଇ ଥିବାରୁ କାର୍ଯ୍ୟାଳୟର ସ୍ୱଚ୍ଛତା ପ୍ରତି ସନ୍ଦେହ ଦେଖା ଦେଇଛି।

ଅଭିଯୋଗ ଅନୁସାରେ ଏହି ବ୍ଲକ ଅନ୍ତର୍ଗତ ଓଳାଭର ପଞ୍ଚାୟତ ଦେଉଳସାହି-୧ ଅଙ୍ଗନବାଡି କେନ୍ଦ୍ରର କର୍ମୀ ସୁପ୍ରୀୟା ସାମଲ ଆଜି କିଶୋରୀମାନଙ୍କୁ ଅଣ୍ଡା, ଶୋଲା, ମୁଢି ଆଦି ସାମଗ୍ରୀ ଦେବା ନିମନ୍ତେ ଡାକିଥିଲେ।

**୧୬ ବଦଳରେ ୧୧ଟା ଦେଉଥିଲେ**

**କିଶୋରୀ ନେଲେ ନାହିଁ ଅଣ୍ଡା**

**ଜିଲ୍ଲାପାଳଙ୍କ ପାଖେ ହେବେ ଫେରାଦ**

ହେଲେ ସରକାରୀ ନିୟମ ମୁତାବକ ପ୍ରତି ସପ୍ତାହରେ ୪ଟା ହିସାବରେ ପ୍ରତି ମାସ ୧୬ଟି ଅଣ୍ଡା ଦେବାର ପ୍ରାବଧାନ ଥିବା ସ୍ଥଳେ କିନ୍ତୁ ୧୧ଟି ଅଣ୍ଡା ଦେବାରୁ ଏହାକୁ ନେଇ ଉଠିଥିଲା ବିବାଦ। ହିତାଧିକାରୀଙ୍କ ପକ୍ଷରୁ ଆମକୁ କାହିଁକି ୧୬ଟି ଅଣ୍ଡା ଦିଆଯିବ ନାହିଁ ବୋଲି କହିବାରୁ ଅଙ୍ଗନବାଡି କର୍ମୀ ଅଣ୍ଡା ଦର ବଢ଼ିବା ଓ ଅଣ୍ଡା ଭାଙ୍ଗି ଯାଉଛି ବୋଲି କହି ଏଡାଇ ଦେଇଥିଲେ। କିଶୋରୀମାନେ ୧୬ଟି ଅଣ୍ଡା ନେବାକୁ ଅଡିବସିବାରୁ ସେଠାରେ ଉପସ୍ଥିତ ଥିବା କମିଟି ମେମ୍ବର ଅର୍ଜୁନ ନାୟକ ବଚସା କରି ଫେରେଇ ଦେଇଥିଲେ ବୋଲି କିଶୋରୀଙ୍କ ପକ୍ଷରୁ ଅଭିଯୋଗ ହୋଇଛି । ହିତାଧିକାରୀଙ୍କ ପକ୍ଷରୁ ରାଜକନିକା ବ୍ଲକରେ ହେଉଥିବା ଜନଶୁଣାଣିରେ ଆସନ୍ତାକାଲି ଅଭିଯୋଗ ହେବ ବୋଲି ଜଣାପଡ଼ିଛି।

ପ୍ରକାଶ ଥାଉ କି ୧୫ ବର୍ଷରୁ ୧୯ ବର୍ଷର କିଶୋରୀ ମାନଙ୍କୁ ପ୍ରତି ସପ୍ତାହରେ ମାସିକ ୧୬ଟି ଅଣ୍ଡା, ୧ କିଲୋ ୩୫୦ ଗ୍ରାମ ଭଜା ଶୋଲା, ୯ ଶହ ୭୦ ଗ୍ରାମର ମୁଢ଼ି ଦେବାର ବ୍ୟବସ୍ଥା ରହିଛି। ଗତ ମେ ମାସଠାରୁ ଅଣ୍ଡା ଦର ୫ଟଙ୍କା ବଦଳରେ ୭ ଟଙ୍କା ବର୍ଦ୍ଧିତ ଦର ହିସାବରେ ଟଙ୍କା ଆସିବା ସ୍ଥଳେ କିନ୍ତୁ ଅଣ୍ଡା ଦେବାର ଟାଳଟୁଳ ନିତି ହିତାଧିକାରୀଙ୍କୁ ଚକିତ କରୁଛି। କେବଳ ଯେ ଦେଉଳସାହି ଅଙ୍ଗନବାଡି କେନ୍ଦ୍ରରେ ନୁହେଁ ବରଂ ଓଳାଭର ଓ ଅନ୍ୟ ସବୁ ସେକ୍ଟରରେ ଅନିୟମିତତା ସହ ସମସ୍ତ କେନ୍ଦ୍ର ଏବେ ଦୁର୍ନୀତୀର ଗନ୍ତାଘର ପାଲଟି ଗଲାଣି। ଏନେଇ ଜିଲ୍ଲାପାଳ ଗୁରୁତ୍ୱ ସହକାରେ କାର୍ଯ୍ୟାନୁଷ୍ଠାନ ନେବାକୁ ସାଧାରଣରେ ଦାବି ହେଉଛି ।

## ବାଇକ୍ ଚୋରି ଅଭିଯୋଗରେ ୨ ଗିରଫ

**ଉମରକୋଟ,୯।୧୧ (ସଂଚାର ବ୍ୟୁରୋ):** ବାଇକ ଚୋରି ଅଭିଯୋଗରେ ଉମରକୋଟ ପୁଲିସ ଆଜି ୨ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରଥିବା ନେଇ ଥାନା ଅଧିକାରୀ ନରେନ୍ଦ୍ର ଗୋଲାପୀ ସୂଚନା ଦେଇଛନ୍ତି। ସେମାନେ ହେଲେ ପୌରାଞ୍ଚଳ ଡଙ୍ଗରିସାହିର ରାଜ କୁଶିବାହ ଓ କେନାଲସାହିର ସୁରେଶ ଦାସ। ଗତ ୫ ତାରିଖରେ ରାଇଘର ଥାନା ଉଦୟପୁର ଗାଁର ବିଧାନ ରାୟ ତାଙ୍କ ବାଇକ ଯୋଗେ ଉମରକୋଟ ରାଧାକୃଷ୍ଣ ମନ୍ଦିରକୁ ରାସପୂର୍ଣ୍ଣିମା ଉପଲକ୍ଷେ ଆସିଥିବା ବେଳେ ଗାଡି ଚୋରି ହୋଇଯାଇଥିଲା। ଖୋଜାଖୋଜି ପରେ ଗାଡି ନମିଳିବାରୁ ପାଖରେ ସିସିଟିଭି ଫୁଟେଜରୁ ୨ଜଣ ମୁଖାଧାରୀ ବ୍ୟକ୍ତି ବାଇକ୍‌କୁ ଚୋରିକରି ନେଉଥିବା ଦୃଶ୍ୟ ଦେଖିଥିଲେ । ଏନେଇ ଥାନାରେ ଶ୍ରୀ ରାୟ ଲିଖିତ ଅଭିଯୋଗ କରିଥିଲେ । ପୁଲିସ ଘଟଣାକୁ ଗୁରୁତର ସହ ନେଇଥିଲା। ବିଭିନ୍ନ ସୂତ୍ରକୁ ଆଧାର କରି ଉପରୋକ୍ତ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିବା ତଦନ୍ତକାରୀ ଅଧିକାରୀ ସୂଚନା ଦେଇଛନ୍ତି।

# ପି.ପି କଲେଜରେ ନେତୃତ୍ୱ ବିକାଶ ପ୍ରଶିକ୍ଷଣ ଶିବିର




**ନିଶ୍ଚିନ୍ତକୋଇଲି,୯।୧୧ (ସଂଚାର ବ୍ୟୁରୋ):** ନିଶ୍ଚିନ୍ତକୋଇଲି ପଞ୍ଚାୟତ ପ୍ରହଲ୍ଲାଦ ମହାବିଦ୍ୟାଳୟରେ ଜାତୀୟ ସେବା ଯୋଜନା ବ୍ୟୁରୋ ଉତ୍କଳ ବିଶ୍ୱବିଦ୍ୟାଳୟ ଦ୍ୱାରା ପ୍ରଯୋଜକ ତ୍ରି-ଦିବସୀୟ ଆନ୍ତଃ ଜିଲ୍ଲାସ୍ତରୀୟ ଜାତୀୟ ସେବା ଯୋଜନା ସ୍ୱେଚ୍ଛାସେବୀ ନେତୃତ୍ୱ ବିକାଶ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ ହୋଇଯାଇଛି।

ପଞ୍ଚାୟତ ପ୍ରହଲ୍ଲାଦ ମହାବିଦ୍ୟାଳୟ ଅଧକ୍ଷା ଡ଼ଃ ପ୍ରଫେସର ତରୁଲତା ଦେବୀଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ମାହାଙ୍ଗା ବିଧାୟକ ଶାରଦାପ୍ରସାଦ ପ୍ରଧାନ ଯୋଗଦାନ କରି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ସହିତ ଏହି କାର୍ଯ୍ୟକ୍ରମ ଦ୍ୱାରା ଛାତ୍ରଛାତ୍ରୀଙ୍କ ମଧରେ ଏନଏସଏସ ମୌଳିକ ଧାରଣା ସୃଷ୍ଟି, ସାମାଜିକ ଗଣମାଧମ ବ୍ୟବହାର, ସଡ଼କ ସୁରକ୍ଷା ସଚେତନତା ସୃଷ୍ଟି, ମହିଳା ସଶକ୍ତିକରଣ ଏବଂ ଛାତ୍ରଛାତ୍ରୀମାନଙ୍କ ମଧରେ ନେତୃତ୍ୱ ନେବାର କ୍ଷମତା ବୃଦ୍ଧି ହୋଇପାରିବ ଯାହା ଦ୍ୱାରା ଦେଶ ଓ ରାଜ୍ୟର ବିକାଶ ସମ୍ଭବ ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନୀତି ଅତିଥି ଭାବେ ଉତ୍କଳ ବିଶ୍ୱବିଦ୍ୟାଳୟ ପ୍ରଫେସର ଡ଼ଃ ବ୍ରଜନାରାୟଣ ପାତ୍ର, ବ୍ଲକ ଉପାଧକ୍ଷ ନୃସିଂହଚରଣ ମିଶ୍ର, ମହିଳା ଜାତୀୟ ସେବା ଯୋଜନା ଅଧିକାରୀ ଅଧାପିକା ଡ଼ଃ ପଦ୍ମପ୍ରଭା ସ୍ୱାଇଁ ପ୍ରମୁଖ ଯୋଗଦାନ କରି କାର୍ଯ୍ୟକ୍ରମ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମ ପରିଚାଳନାରେ କଲେଜର ସମସ୍ତ ଅଧାପକ, ଅଧାପିକା ଏବଂ କର୍ମଚାରୀ ବୃନ୍ଦ ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମରେ କେନ୍ଦ୍ରାପଡ଼ା ଓ କଟକ ଜିଲ୍ଲା ଅନ୍ତର୍ଗତ ୨୫ଟି କଲେଜର ୧୫୦ ଜଣ ଛାତ୍ରଛାତ୍ରୀ ଯୋଗଦେଇଥିଲେ।

## ଜାତୀୟ ଆଇନ ସେବା ଦିବସ ପାଳିତ



**ହିଞ୍ଜିଳିକାଟୁ,୯।୧୧ (ସଂଚାର ବ୍ୟୁରୋ):** ହିଞ୍ଜିଳି ସ୍ୱୟଂଶାସିତ ବିଜ୍ଞାନ ମହାବିଦ୍ୟାଳୟ ପରିସରରେ ନଭେମ୍ବର ୯ ଉପଲକ୍ଷେ ଜାତୀୟ ଆଇନ ସେବା ଦିବସ ପାଳିତ ହୋଇଯାଇଛି। ଅତିଥି ରୂପେ କମିଟି ଅଧକ୍ଷା ତଥା ସବଜଜ୍ ସଂଗୀତା ମଲ୍ଲିକ,ଜେଏମଏଫସି ବିଚାରପତି ବନଜା ମହାନ୍ତି, ମେଡିକାଲ ଅଧିକ୍ଷକ ଡ଼ା. ଶ୍ରୀକାନ୍ତ ସାହୁ, ବରିଷ୍ଠ ଆଇନଜୀବୀ ନିର୍ମଳ ସାହୁ ଓ ଦ୍ୱିତୀକୃଷ୍ଣ ସାବତ ଯୋଗ ଦେଇ ପ୍ରଥମେ ୫୦ ଜଣଙ୍କୁ ଶ୍ରମିକ କାର୍ଡ ବଣ୍ଟନ କରିଥିଲେ। ସହର ସ୍ଥିତ ଡାକବଙ୍ଗଳା ଠାରୁ ଏକ ପଦଯାତ୍ରା ବାହାରି ବିଜୁ ପଟ୍ଟନାୟକ ଛକ ଦେଇ ହିଞ୍ଜିଳି ବିଜ୍ଞାନ ମହାବିଦ୍ୟାଳୟ ଠାରେ ଏହା ସମାପନ ହୋଇଥିଲା। ବହୁ ସଂଖ୍ୟାରେ ବୃନ୍ଦାବନ ବିଦ୍ୟାପୀଠ, ଏନଏସି ହାଇସ୍କୁଲ, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଓ କଲେଜ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ପରେ ନାରୀ ଜାଗରଣ, ଟ୍ରାଫିକ ବିଷୟରେ ସଚେତନତା, ନିଶା ନିବାରଣ, କନ୍ୟା ଭ୍ରୁଣ ହତ୍ୟା ରୋକିବା ଓ ସ୍ୱଚ୍ଛତା ଆଦି କ୍ଷେତ୍ରରେ ସ୍କୁଲ ବିଦ୍ୟାର୍ଥୀ ଅଭିନୟ ମାଧମରେ ଲୋକଙ୍କୁ ସଚେତନ କରିଥିଲେ। ଓକିଲ ସଂଘ ସଭାପତି ମୁକ୍ତିରାମ ସାବତ, ଟୁନା ସେଠୀ, ସୁଶାନ୍ତ ପାଣିଗ୍ରାହୀ, କଲେଜ ଅଧକ୍ଷ ଡ଼ଃ ପ୍ରଦୀପ ନନ୍ଦ ଏବଂ ଓକିଲ ସଂଘର ସଦସ୍ୟ ଉପସ୍ଥିତ ଥିଲେ।

## ଗହୀରମଥାରୁ ଟ୍ରଲର ଜବତ, ୯ ମତ୍ସ୍ୟଜୀବୀ ଗିରଫ




**ରାଜନଗର,୯।୧୧ (ସଂଚାର ବ୍ୟୁରୋ):** ଗହୀରମଥା ସାମୁଦ୍ରିକ ନିଷିଦ୍ଧ ଅଂଚଳରେ ବେଆଇନ ଭାବେ ମାଛ ମାରୁଥିବା ବେଳେ ବନ ବିଭାଗର ପାଟ୍ରୋଲିଂ ଟିମ ଗୋଟିଏ ଟ୍ରଲର ଜବତ କରିବା ସହ ଏଥିରେ ଥିବା ୯ ଜଣ ମତ୍ସ୍ୟଜୀବୀଙ୍କୁ ଗିରଫ କରିଛି । ବନ ବିଭାଗର ପାଟ୍ରୋଲିଂ ଟିମ ଗହୀରମଥାର ବରୁଣେଇ ନିକଟରେ ଡେିସ୍ୟ ନାମକ ଟ୍ରଲରକୁ ଜବତ କରିଥିଲେ। ଜବତ ଟ୍ରଲରରୁ ୩୦ କେଜି ମାଛ, ୧ ଟି ଜିପିଏସ, ୨ଟି ଭିଏଚଏଫ, ୧ଟି ଫିସଫାଇଣ୍ଡର, ଟ୍ରଲିଙ୍ଗ ନେଟ ୧୦ଟି ଜବତ କରାଯାଇଛି । ଟ୍ରଲରରେ ଥିବା ମସ୍ୟଜୀବୀମାନେ ହେଲେ ନରେନ ମାଝୀ, ସୁରେଶ ମାଝୀ, ଯୁଷ୍ଟିଧର ଖଟୁଆ, ସୁଦର୍ଶନ ମଳିକ, ମକରା ତରାଇ,ଅଜୟ ବେହେରା, ଗୟାଧର ଦାସ,ନିରଂଜନ ଖଟୁଆ, କମଳାକାନ୍ତ ମଳିକ। ବନ୍ୟ ପ୍ରାଣୀ ଆଇନ ୧୯୭୨ରେ ମୋକଦମା ରୁଜୁ କରି କୋର୍ଟ ଚାଲାଣ କରାଯାଇଥିବା ନେଇ ବନବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଗିରଫ ମତ୍ସ୍ୟଜୀବମାନେ ବାଲେଶ୍ୱର ଜିଲ୍ଲାର ବୋଲି ଜଣାପଡିଛି ।

### ଓଳିହା ଆରଡ଼ି ରାସ୍ତାରେ ପାଣି ଲହଡ଼ି ମାରିବା ଘଟଣା

# ପଦକ୍ଷେପ ନେବାକୁ ବିଭାଗୀୟ ସଚିବଙ୍କ ନିର୍ଦ୍ଦେଶ



**ମହାକାଳପଡ଼ା, ୯।୧୧ (ସଂଚାର ବ୍ୟୁରୋ):** ମହାକାଳପଡ଼ା ବ୍ଲକ ଅଧୀନ ଦେଉଳପଡା ପଞ୍ଚାୟତର ଓଳିହା ଗ୍ରାମର (ଓରତ-ବଢ଼ିହି ଆରଡ଼ି ମୁଖ୍ୟ ରାସ୍ତା) ଢଳେଇ ରାସ୍ତାରେ ବର୍ଷାଦିନେ ବର୍ଷା ପାଣି ଲହଡ଼ି ମାରୁଛି। ବର୍ଷା ପାଣି ନିଷ୍କାସନ ନହୋଇ ପାରିବାରୁ ରାସ୍ତା ଉପରେ କୃତ୍ରିମ ପୋଖରୀର ଭ୍ରମ ସୃଷ୍ଟି ହେଉଛି। ଯାହାଫଳରେ ପାଣି ଭିତରେ ପଶି ଯାତ୍ରୀବାହୀ ବସ୍ ପାଖରୁ ଆରମ୍ଭ କରି ଲୋକେ ଓ ଭାରିଯାନ ଆଦି ଯାତାୟତ କରି ଦୁର୍ଘଟଣାର ଶୀକାର ହେଉଛନ୍ତି। ଏନେଇ ବାରମ୍ବାର ଖବର ପ୍ରକାଶ ପରେ ମଧ ବିଭାଗୀୟ ଯନ୍ତ୍ରୀ ତତ୍ପରତା ପ୍ରକାଶ କରିନଥିଲେ। ଗ୍ରାମବାସୀ ସମାଧାନ ପାଇଁ ଦାବି କରିବା ସତ୍ତ୍ୱେ ମଧ କୌଣସି ପଦକ୍ଷେପ ଗ୍ରହଣ କରିନଥିଲେ। ଯାହାକୁ ନେଇ ଅସନ୍ତୋଷ ଦେଖିବାକୁ ମିଳିଥିଲା।

ଏନେଇ ଆମ ପ୍ରତିନିଧି ପ୍ରଭାତ ରଞ୍ଜନ ଜେନା ଉକ୍ତ ସମସ୍ୟାକୁ ବିଭାଗୀୟ କାର୍ଯ୍ୟାଳୟ ସମେତ ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ସମାଧାନ ପାଇଁ ଚିଠି ଲେଖିଥିଲେ। ପ୍ରଭାତଙ୍କ ଚିଠି ଆଧାରରେ ଅଭିଯୋଗ ପାଇ ବିଭାଗ ତରଫରୁ ତତ୍ପରତା ପ୍ରକାଶ ପାଇଛି। ନଭେମ୍ବର ୬ ତାରିଖରେ ଶ୍ରୀମତୀ ସ୍ମିତାଶ୍ରୀ ମଲ୍ଲିକ,ସରକାରଙ୍କ ଅଧୀନ ସଚିବ, ଗ୍ରାମ୍ୟ ଉନ୍ନୟନ ବିଭାଗ ତରଫରୁ ରୁରାଲ ୱର୍କ୍ସ ବିଭାଗର ମୁଖ୍ୟ ଯନ୍ତ୍ରୀ -୧ ଙ୍କୁ ଚିଠି ନମ୍ବର ୨୮୫୪୦୬୦୨୪୨୨୦୨୫/ ଆରଡ଼ି ରେ ତଦନ୍ତ କରିବାକୁ ଏବଂ ଏହି ଦିଗରେ ଅଧିକ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ପାଇଁ ଯଥାଶୀଘ୍ର ବିଭାଗକୁ ଏକ ଅନୁପାଳନ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

# ମାହାଙ୍ଗା ବିଜେପି ପକ୍ଷରୁ ଏକତା ପଦଯାତ୍ରା

**ବିଜେପି ସରକାରଙ୍କ ବିକାଶମୁଖୀ ଯୋଜନା ଘରେ ଘରେ ପହଞ୍ଚିବା ଆମର ଲକ୍ଷ୍ୟ: ବୈଜୟନ୍ତ**




**ନିଶ୍ଚିନ୍ତକୋଇଲି,୯।୧୧ (ସଂଚାର ବ୍ୟୁରୋ):** ଲୌହମାନବ ସ୍ୱର୍ଗତ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ୧୫୦ତମ ଜୟନ୍ତୀ ଉପଲକ୍ଷେ ନିଶ୍ଚିନ୍ତକୋଇଲି ପଣସପଡ଼ିଆ ଗାନ୍ଧୀପୀଠ ଠାରୁ ବିଜେପି କାର୍ଯ୍ୟାଳୟ ତହସିଲ ଛକ ପର୍ଯ୍ୟନ୍ତ ମାହାଙ୍ଗା ଭାରତୀୟ ଜନତା ପାର୍ଟି ପକ୍ଷରୁ ଏକତା ପଦଯାତ୍ରା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମାହାଙ୍ଗା ବିଜେପି ଯୁବ ନେତା ସୁମନ୍ତ କୁମାର ଘଡ଼େଇଙ୍କ ନେତୃତ୍ୱ ଓ ମଣ୍ଡଳ ସଭାପତି ହରପ୍ରସାଦ ପୃଷ୍ଟିଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କେନ୍ଦ୍ରାପଡ଼ା ସାଂସଦ ତଥା ବିଜେପି ରାଷ୍ଟ୍ରୀୟ ଉପାଧକ୍ଷ ବୈଜୟନ୍ତ ପଣ୍ଡା, ମୁଖ୍ୟବକ୍ତା ଭାବେ କଟକ ଗ୍ରାମୀଣ ଜିଲ୍ଲା ବିଜେପି ସଭାପତି ରାମନାରାୟଣ ମହାନ୍ତି ଯୋଗଦାନ କରି ଶତାଧିକ ବିଜେପି କର୍ମୀମାନଙ୍କ ସହିତ ଏକତା ପଦଯାତ୍ରାରେ ଯୋଗ ଦେଇଥିଲେ ଏବଂ ବିଜେପି ସରକାରର ବିଭିନ୍ନ ଲୋକାଭିମୁଖୀ ଯୋଜନା କିପରି ସାଧାରଣ ଜନତାଙ୍କ ନିକଟରେ ପହଞ୍ଚିପାରିବ ସେ ସମ୍ପର୍କରେ କର୍ମୀମାନଙ୍କୁ ସଚେତନ କରାଇଥିଲେ।

ଏହି କାର୍ଯ୍ୟକ୍ରମରେ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ସମସ୍ତ ମଣ୍ଡଳ ବିଜେପି ସଭାପତି, ବିଜେପି ପଞ୍ଚାୟତ ପ୍ରମୁଖ ଓ ବିଜେପିର ବିଭିନ୍ନ ମୋର୍ଚ୍ଚାର ପଦ ପଦବୀଧାରୀଙ୍କ ସମେତ ଶତାଧିକ ମହିଳା ପୁରୁଷ ଓ ଯୁବ ବିଜେପି କାର୍ଯ୍ୟକର୍ତ୍ତା ମାନେ ଯୋଗ ଦେଇଥିଲେ। ଏହି ଅବସରରେ ସୌଦାମିନୀ ମଣ୍ଡପ ପରିସରରେ ଏକ ବିଜେପି କାର୍ଯ୍ୟକର୍ତ୍ତା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ସେଥିରେ ରାଷ୍ଟ୍ରୀୟ ଉପାଧକ୍ଷ ବୈଜୟନ୍ତ ପଣ୍ଡା ଓ କଟକ ଗ୍ରାମୀଣ ଜିଲ୍ଲା ବିଜେପି ସଭାପତି ରାମନାରାୟଣ ମହାନ୍ତି ଯୋଗ ଦେଇ କାର୍ଯ୍ୟକର୍ତ୍ତାଙ୍କ ସହ ସାଂଗଠନିକ ଆଲୋଚନା କରିଥିଲେ।

## ଶ୍ରୀ ଅରବିନ୍ଦ ମହିଳା ପାଠଚକ୍ରର ଏକବିଂଶତମ ବାର୍ଷିକ ଉତ୍ସବ



**ଖୋର୍ଦ୍ଧା, ୯।୧୧ (ସଂଚାର ବ୍ୟୁରୋ):** ଖୋର୍ଦ୍ଧା ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ର ପରିସରରେ ଶ୍ରୀ ଅରବିନ୍ଦ ମହିଳା ପାଠଚକ୍ରର ଏକବିଂଶ ତମ ବାର୍ଷିକ ସମ୍ମିଳନୀ ସମ୍ପାଦିକା ଶାଶ୍ୱତୀ ରାଉତରାୟଙ୍କ ଅଧକ୍ଷତାରେ ପାଳିତ ହୋଇଯାଇଛି। ଉକ୍ତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଶ୍ରୀମତୀ କନକ ଲକ୍ଷ୍ମୀ ମହାନ୍ତି ଯୋଗଦାନ କରି ଆଧାତ୍ମିକ ମାତୃ ପତାକା ଉତ୍ତୋଳନ କରିଥିଲେ। ବନ୍ଦେ ମାତରଂ ଗାନ କରାଯାଇଥିବା ବେଳେ ଅନୁଷ୍ଠାନର ଅଧକ୍ଷ ଶ୍ରୀ ମାଧବ ଚନ୍ଦ୍ର ରାଉତରାୟ ଅତିଥି ମାନଙ୍କର ପରିଚୟ ପ୍ରଦାନ କରିଥିଲେ। ପ୍ରାରମ୍ଭରେ ମିନତୀ ସାହୁ ଦୂର୍ଗା ସ୍ତୋତ୍ର ପାଠ କରିଥିଲେ ଓ ମମତା ସାହୁ ମା'ଙ୍କ ବହିର ତୃତୀୟ ଅଧାୟ ପଠନ କରିଥିଲେ। ଦୀପ୍ତି ସାହୁ ପ୍ରାର୍ଥନା ପଠନ କରିଥିବା ବେଳେ ଶାନ୍ତି ମହାନ୍ତି ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ। ମୁଖ୍ୟ ବକ୍ତା ସ୍ମିତା କାନୁନ୍ ଗୋ ପୂର୍ଣ୍ଣ ଯୋଗ ଓ ଜୀବନ ବ୍ୟାଖ୍ୟା କରିଥିଲେ। ସମ୍ମାନୀତ ଅତିଥି ଶ୍ରୀ ସୁରେନ୍ଦ୍ର ନାଥ ଜେନା ପୂର୍ଣ୍ଣାଙ୍ଗ ଶିକ୍ଷାର ବିଶେଷତ୍ୱ ଉପରେ ଆଲୋକପାତ କରିଥିଲେ। ଅନ୍ୟ ମାନଙ୍କ ମଧରେ ଅଶୋକ କୁମାର ଘଡ଼େଇ, ଅଭିମନ୍ୟୁ ନାୟକ,ସୂର୍ଯ୍ୟକାନ୍ତ ମହାରଣା,ଶାନ୍ତି ମହାନ୍ତି ପ୍ରମୁଖ ପୂର୍ଣ୍ଣାଙ୍ଗ ଶିକ୍ଷା ର ବିଶେଷତ୍ୱ ଉପରେ ବକ୍ତବ୍ୟ ରଖିଥିଲେ। ଉକ୍ତ ସମ୍ମିଳନୀରେ ଖୋର୍ଦ୍ଧା ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ବହୁ ପାଠଚକ୍ରରୁ ଅପା ଭାଇମାନେ ଆସି ଯୋଗ ଦେଇଥିଲେ।

# ପାଟନାଳିରୁ ପୁଳା ପୁଳା ଆୟୁଷ୍ମାନ କାର୍ଡ ଉଦ୍ଧାର

**କାହିଁକି ଓ କିଏ ପକାଇଛି ବଢ଼ିଲା ସନ୍ଦେହ**

**ତଦନ୍ତ ଦାବି କଲେ ହିତାଧିକାରୀ**



**ମହାକାଳପଡ଼ା, ୯।୧୧ (ସଂଚାର ବ୍ୟୁରୋ):** ଦଳ ଭର୍ତ୍ତି ପାଟନାଳିରୁ ପୁଳା ପୁଳା ଆୟୁଷ୍ମାନ କାର୍ଡ ଉଦ୍ଧାର ହୋଇଛି। ଗୋଟିଏ ଗ୍ରାମର ହିତାଧିକାରୀଙ୍କ କାର୍ଡ ଅନ୍ୟ ଏକ ଗାଁର ନାଳିରୁ ଉଦ୍ଧାର ହେବା ପରେ ଏହାକୁ ନେଇ ଏବେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ସୂଚନା ମୁତାବକ କେନ୍ଦ୍ରାପଡା ଜିଲ୍ଲା ମହାକାଳପଡ଼ା ବ୍ଲକ ରାଜଗଡ଼ ଗ୍ରାମ ପଞ୍ଚାୟତ ୯ ନମ୍ବର ଏବଂ ୧୦ ନମ୍ବର ୱାର୍ଡର ହିତାଧିକାରୀମାନଙ୍କର ୩୧ ଗୋଟି ଆୟୁଷ୍ମାନ କାର୍ଡ ଅଳାଇଲୋ ପଞ୍ଚାୟତ ଅନ୍ତର୍ଗତ ବବକରପୁର ଗ୍ରାମର ଏକ ପାଟନାଳି ମଧରୁ ମିଳିଛି। ଗ୍ରାମର ଯୁବକମାନେ ପାଟନାଳିରୁ ମାଛ ଧରୁଥିବା ବେଳେ ପୁଳାପୁଳା ଆୟୁଷ୍ମାନ କାର୍ଡ ପାଇବା ପରେ ଅଞ୍ଚଳରେ ଏବେ ଆଲୋଡନ ସୃଷ୍ଟି ହୋଇଛି। ଯେଉଁ ହିତାଧିକାରୀ ମାନଙ୍କର ଆୟୁଷ୍ମାନ କାର୍ଡ ଯୁବକମାନେ ପାଇଥିଲେ ସେମାନଙ୍କୁ ସେମାନଙ୍କ ଆୟୁଷ୍ମାନ କାର୍ଡ ବାଣ୍ଟି ଦେଇଛନ୍ତି। ଏଠି ପ୍ରଶ୍ନ ଗ୍ରାମ ପଞ୍ଚାୟତ ୯ ଓ ୧୦ ନମ୍ବର ୱାର୍ଡ ହିତାଧିକାରୀ ମାନଙ୍କର ଆୟୁଷ୍ମାନ କାର୍ଡ କିପରି ଅଳାଇଲୋ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ବବକରପୁର ଗ୍ରାମର ପାଟନାଳିକୁ ଗଲା? ହିତାଧିକାରୀ ମାନଙ୍କ ଆୟୁଷ୍ମାନ କାର୍ଡ କାହା ପାଖରେ ଥିଲା? ହିତାଧିକାରୀଙ୍କୁ ସେମାନଙ୍କ କାର୍ଡ ପ୍ରଦାନ ନକରି ଏକ ନାଳରେ ପକାଇବା ପଛର କାରଣ କଣ ହେଇପାରେ? ଏମିତି ସମ୍ବେଦନଶୀଳ ଘଟଣା ଉପରେ ଜିଲ୍ଲା ପ୍ରଶାସନ ଉପଯୁକ୍ତ ତଦନ୍ତ କରି ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ହିତାଧିକାରୀମାନେ ଦାବି କରିଛନ୍ତି।

## ଆହତ ଗୋମାତାଙ୍କ ଚିକିତ୍ସା କରାଇଲେ ଯୁବନେତା



**ମହାକାଳପଡ଼ା,୯।୧୧(ସଂଚାର ବ୍ୟୁରୋ):** ମହାକାଳପଡ଼ା ବ୍ଲକ୍ ଅନ୍ତର୍ଗତ ଦେଉଳପଡା ପଞ୍ଚାୟତର ମେରଦା ଗ୍ରାମରେ ଗତକାଲି ଏକ ବୁଲା ବାଛୁରୀକୁ କୌଣସି ଏକ ଅଜଣା ଗାଡ଼ି ଧକ୍କା ଦେଇ ଚାଲିଯାଇଥିଲା। ଯାହାଫଳରେ ବାଛୁରିଟୀ ଆହତ ହୋଇ ରାସ୍ତାରେ ପଡ଼ି ଛଟପଟ ହେଉଥିଲା। ଏହି ଘଟଣା ଦେଖିବା ପରେ ପଞ୍ଚାୟତର ଯୁବନେତା ଇଂ ରୁଦ୍ରନାରାୟଣ ମୁଦୁଲି ଙ୍କ ଉଦ୍ୟମରେ ଗ୍ରାମର ଅନ୍ୟ କିଛି ଯୁବକମାନେ ପଶୁ ଡାକ୍ତରଙ୍କୁ ଡ଼କାଇ ଆହତ ବାଛୁରୀର ଚିକିତ୍ସା କରାଇଛନ୍ତି। ବାଛୁରିଟି ଏବେ ସୁସ୍ଥ ଥିବା ଜଣାପଡିଛି। ରୁଦ୍ରଙ୍କ ଏହି ମାନବିକତାକୁ ସମସ୍ତେ ପ୍ରଶଂସା କରିଛନ୍ତି।

## ଜିଲ୍ଲା ଆଇନସେବା ପ୍ରାଧିକରଣ ଦ୍ୱାରା ଜାତୀୟ ଆଇନସେବା ଦିବସ




**ଫୁଲବାଣୀ,୯।୧୧ (ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲା ଆଇନସେବା ପ୍ରାଧିକରଣ ଆନୁକୁଲ୍ୟରେ ପିଏମ ଶ୍ରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ପକନାଗାଁ ଠାରେ ଜାତୀୟ ଆଇନସେବା ଦିବସ ଅବସରରେ ଏକ ଆଇନ ସଚେତନତା ଶିବିରର ଆୟୋଜନ କରାଯାଇଥିଲା।

ଏହି ସଚେତନତା ଶିବିରରେ ସମାଜର ସବୁ ବର୍ଗର ଲୋକଙ୍କ ନିକଟରେ ନ୍ୟାୟ ପହଞ୍ଚିବାରେ ଜିଲ୍ଲା ଆଇନ ସେବା ପ୍ରାଧିକରଣର ଭୂମିକା, ଏହା ସହିତ ଆଇନ ସେବା ପ୍ରାଧିକରଣ ଅଧିନିୟମ, ଲୋକ ଅଦାଲତ, ମଧସ୍ଥତା, ସ୍ଥାୟୀ ଲୋକ ଅଦାଲତ ଏବଂ ନ୍ୟାୟ ସଂଯୋଗ ସମ୍ପର୍କରେ ଆଲୋଚନା କରାଯାଇଥିଲା । ଆଇନ ସେବା ପାଇବା ପାଇଁ ଉପଲବ୍ଧ ଥିବା ନାଲସା ହେଲ୍ପଲାଇନ ନମ୍ବର ୧୫୧୦୦ ଓ ନାଲସା ପୋର୍ଟାଲ ସମ୍ପର୍କିତ ସୂଚନା ପତ୍ର ଉପସ୍ଥିତ ଶିକ୍ଷକ, ଶିକ୍ଷୟତ୍ରୀ, ଛାତ୍ରୀବୃନ୍ଦଙ୍କୁ ଦିଆଯାଇଥିଲା।

### ଦରଦୀ ମଣିଷଙ୍କ ହୃଦୟ ବଡ଼

# 'ଗାଦି ଗୋସାଇଁ ଯୁବ ପରିଷଦ' ତରଫରୁ ଗରିବ ବୃଦ୍ଧବୃଦ୍ଧାଙ୍କୁ ଶୀତବସ୍ତ୍ର ବଣ୍ଟନ



**କାକଟପୁର/ଅସ୍ତରଙ୍ଗ, ୯।୧୧ (ସଂଚାର ବ୍ୟୁରୋ):** ଜୀବନର ଦୋ'ଛକିରେ କିଏ କେତେବେଳେ ସହଯୋଗର ହାତ ବଢ଼ାନ୍ତି ତାହା କେବଳ ଭଗବାନ ଜାଣନ୍ତି। ସହାୟତାର ହାତ ବଢ଼ାଇବାକୁ ଭଗବାନ ନିଜେ ଧରାପୃଷ୍ଠକୁ ଓହ୍ଲାଇନଥାନ୍ତି। ମଣିଷ ରୂପି ଭଗବାନ ହିଁ ସହଯୋଗ କରିବାକୁ ଧାଇଁ ଆସନ୍ତି। ଶୀତ ଋତୁ ଆରମ୍ଭ ହୋଇଯାଇଥିବା ବେଳେ ଅନେକ ବୃଦ୍ଧ, ବୃଦ୍ଧା ଗରିବ ଶ୍ରେଣୀର ଲୋକମାନେ ଶୀତ ବସ୍ତ୍ର ନଥିବା ହେତୁ ଶୀତ ଦିନେ କଷ୍ଟ ଅନୁଭବ କରିଥାନ୍ତି। ଅସହାୟ ଗରିବ ଲୋକଙ୍କ ଦୁଃଖ ସମୟରେ ପୁରୀ ଜିଲ୍ଲାର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଅସ୍ତରଙ୍ଗ ବ୍ଲକ କେନ୍ଦ୍ରାପାଟି ପଂଚାୟତ ଜିଓଳ ଗ୍ରାମରେ ଥିବା 'ଗାଦି ଗୋସାଇଁ ଯୁବ ପରିଷଦ' ସଦସ୍ୟମାନେ ନିଜସ୍ୱ ରୋଜଗାର ପାଣ୍ଠିରୁ ସ୍ଥାନୀୟ ଅଞ୍ଚଳ ସମେତ ଦୂର ଦୁରାନ୍ତ ୨ଶହରୁ ଉର୍ଦ୍ଧ୍ୱ ବୃଦ୍ଧ, ବୃଦ୍ଧା ଓ ଗରିବ ଅସହାୟ ଲୋକଙ୍କୁ ଶୀତ ଦିନରୁ ରକ୍ଷା ପାଇବା ପାଇଁ କମ୍ବଳ ବଣ୍ଟନ କରିଛନ୍ତି।

ଏ ନେଇ ଗାଦି ଗୋସାଇଁ ଯୁବ ପରିଷଦ ସଭାପତି ଶାନ୍ତି ଶେଖର ବାରିକ କହିବା ମୁତାବକ କ୍ଲବ ର ମୁଖ୍ୟ ଉଦେଶ୍ୟ ଅସହାୟ, ନିରାଶ୍ରୟ ମାନଙ୍କ ନିକଟରେ ସବୁବେଳେ ସାଥି ହୋଇ ଠିଆ ହେବା ସହ ସାମାଜିକ କାର୍ଯ୍ୟରେ ନିୟୋଜିତ ହେବା କ୍ଲବ ର ସମସ୍ତ ସଦସ୍ୟ ଙ୍କ ଲକ୍ଷ୍ୟ।ଏହି କମ୍ବଳ ବଣ୍ଟନ ସମୟରେ ସଭାପତି ଶାନ୍ତି ଶେଖର ବାରିକ, ଉପସଭାପତି ପ୍ରୀତି ରଂଜନ ସ୍ୱାଇଁ, ସମ୍ପାଦକ ବିଶ୍ୱଜିତି ସେଠୀ, କୋଷାଧକ୍ଷ ସନ୍ତୋଷ ସ୍ୱାଇଁ ସମେତ ୫୬ଜଣ ସଦସ୍ୟ ପ୍ରମୁଖ ଉପସ୍ଥିତ ଥିଲେ।

କୁହାଯାଏ ମାନବ ସେବା ହେଉଛି ମାଧବସେବା। ଆଜିର ସମାଜରେ ସହୃଦୟ ବ୍ୟକ୍ତି ବହୁତ କମ୍ ଥାଆନ୍ତି। ଯେଉଁମାନେ ଅନ୍ୟ ମାନଙ୍କ ଦୁଃଖ ଦେଖିଲେ ସେମାନଙ୍କ ଆଖିରୁ ଲୁହ ଝରିପଡେ।ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଜିଓଳ ଗ୍ରାମର" ଗାଦି ଗୋସାଇଁ ଯୁବ ପରିଷଦ" ସେମିତି ଏକ ଅନୁଷ୍ଠାନର କର୍ମକର୍ତ୍ତାମାନେ ଲୋକମାନଙ୍କ ସେବା ପାଇଁ ଅହରହ ଉଦ୍ୟମ ଜାରି ରଖିଛନ୍ତି।

## କଳାକାରଙ୍କୁ ସଂଘବଦ୍ଧ ଆକ୍ରମଣ



**ସାଲେପୁର,୯।୧୧(ସଂଚାର ବ୍ୟୁରୋ):** ଭାଗବତ ମେଳଣରେ ଅନୁଷ୍ଠିତ ହେଉଥିବା ଡ୍ରାମା କଳାକାରମାନଙ୍କୁ ଆକ୍ରମଣ କରି ରକ୍ତାକ୍ତ କରିବା ଓ ଜଣେ ମହିଳାଙ୍କୁ ଦୁର୍ବବ୍ୟବହାର କରିବା ନେଇ ଜପକୁଦ ଫାଣ୍ଡିରେ ପୃଥକ୍ ପୃଥକ୍ ୨ଟି ଲିଖିତ ଅଭିଯୋଗ ହୋଇଥିବା ଜଣାଯାଇଛି। ଅଭିଯୋଗରୁ ପ୍ରକାଶ ଯେ ଗତକାଲି ରାତିରେ ସାଲେପୁର ବ୍ଲକ ଅଧିନ ଜପକୁଦ ଫାଣ୍ଡି ଅନ୍ତର୍ଗତ ଲେଖନପୁର ଗ୍ରାମର ସିଦ୍ଧଲଙ୍ଗୁଳି ମହାପୁରୁଷଙ୍କ ପୀଠରେ ପାରମ୍ପରିକ ଭାଗବତ ମେଳଣ ହେଉଥିଲା। ଏହି ଅବସରରେ ଗ୍ରାମର କଳାକାରମାନଙ୍କ ଦ୍ୱାରା ନାଟକ ମଞ୍ଚସ୍ଥ ହେଉଥିବାବେଳେ କୌଣସି କାରଣ ନଥାଇ ହଠାତ୍ ନରଦା ଗ୍ରାମର ଦୀପକ କୁମାର ସ୍ୱାଇଁ, ଚନ୍ଦ୍ରମଣି ବେହେରା, ଆକାଶ ସ୍ୱାଇଁ ଓ ଲେଖନପୁର ଗ୍ରାମର ମହେନ୍ଦ୍ର ସ୍ୱାଇଁ, ବୁଲୁ ପାତ୍ର ସଂଘବଦ୍ଧ ଆକ୍ରମଣ କରିଥିଲେ। ଗଣ୍ଡଗୋଳ କାରଣରୁ ଯାତ୍ରା ବନ୍ଦ ହୋଇଯିବାରୁ ଏହି ଯାତ୍ରା ଦେଖିବାକୁ ଆସିଥିବା ଲେଖନପୁର ଗ୍ରାମର ଶକୁନ୍ତଳା ଦାସ, ତାଙ୍କ ସ୍ୱାମୀ ଓ ଛୋଟପୁଅ ସହ ଘରକୁ ଫେରୁଥିବାବେଳେ ଆକ୍ରମଣକାରୀ ଯୁବକମାନେ କୌଣସି କାରଣ ନଥାଇ ଗାଳିଗୁଲଜ କରିବା ସହ ଆକ୍ରମଣ କରିଥିଲେ।

# ବିମାନ ବନ୍ଦରରେ ବିଭୀଷଣ




ଭୁବନେଶ୍ୱର ବିମାନ ବନ୍ଦରରେ ଥିବା ବିଭୀଷଣଙ୍କ ଯୋଗୁଁ ବିଜେଡି ବଦନାମ ହୋଇଗଲା। ଶଙ୍ଖଭବନ ନିକଟରେ ଏଭଳି ଆଲୋଚନା ଚଳାଇଥିବା ଜଣେ ଶଙ୍ଖୁଆ ବାବୁ କହୁଥିଲେ ନବୀନ ପଟ୍ଟନାୟକ ବିମାନବନ୍ଦରରେ ନୂଆପଡା ଯାଉଥିବା ଭିଡିଓଟି ଭାଇରାଲ ହେବାପରେ ବିଜେଡି ଟିକେ ଅକଳରେ ପଡିଛି। ନବୀନଙ୍କ ସ୍ୱାସ୍ଥ୍ୟବସ୍ଥା ଉପରେ ପୁଣିଥରେ ପ୍ରଶ୍ନ ଉଠିଛି। ହେଲେ ଏ ଭିଡିଓଟି କିଏ କଲା ତାହାକୁ ନେଇ ଏବେ ଖୋଳତାଡ ଚାଲିଛି। ସେଠାରେ ଅନେକ ଲୋକ ଥିଲେ ଓ ମୋବାଇଲ୍ କ୍ୟାମେରା ଅନ୍ କରିଥିଲେ। ହେଲେ ବଜାରରେ ଭାଇରାଲ ହୋଇଥିବା ଭିଡିଓକୁ ଜଣେ ପ୍ରଫେସନାଲ ବ୍ୟକ୍ତି ହିଁ କରିପାରିବ ଯିଏ ନବୀନଙ୍କ ଗସ୍ତର ସମସ୍ତ ସୂଚନା ଜାଣିବା ସହିତ ତାଙ୍କ ନିକଟରେ ରହିଥିବ। ଏହା କେବଳ ନବୀନଙ୍କ ବଳୟରେ ଥିବା କିଛି ଲୋକ ହିଁ କରିବା ସମ୍ଭବପର। ଏହାକୁ ନେଇ ଏବେ ଖୋଳତାଡ ଚାଲିଛି। କିଏ ସେହି ବିଭୀଷଣ ? ଏହା ଜାଣିବାପାଇଁ କୁଆଡେ ସିସିଟିଭି ଯାଞ୍ଚ ପାଇଁ ଭିତିରିଆ ଉଦ୍ୟମ ଚାଲିଛି। ତେବେ ସେଦିନ ନବୀନ ଦୁଇ ଘଣ୍ଟା ଅଟକିବାର ଖବରଟିକୁ କୁଆଡେ ଚାପି ଦେବାପାଇଁ ଏହି ଭିଡିଓର ଆଶ୍ରୟ ନିଆଯାଇଥିବା ଆଉ କିଛି ମତ ଦେଉଛନ୍ତି। ହେଲେ ବିଜେଡିର କର୍ମୀମାନେ କିନ୍ତୁ ଏହାକୁ ଗ୍ରହଣ କରିବାକୁ ନାରାଜ। ସେମାନଙ୍କ ମତରେ ନବୀନ ଓ ବିଜେଡିକୁ ବଦନାମ କରିବାପାଇଁ ଏବେ ବିଭୀଷଣମାନେ ସକ୍ରିୟ ହୋଇ ଉଠିଛନ୍ତି। ସେମାନଙ୍କର ହିଁ ଏଭଳି କାମ। ଖାଲି ଚିହ୍ନଟ ସରିଲେ ସେମାନଙ୍କୁ ଲଙ୍କାରୁ ବିତାଡିତ କରାଯିବ ବୋଲି ଆଲୋଚନା ଜୋର ଧରିଛି।



# ଶ୍ରୀମୟୀ ଓ ଏଲିନାଙ୍କ ସମାନ ସ୍କ୍ରିପ୍ଟ

ବିଜେଡିର ଏକ ନମ୍ବର ଶତ୍ରୁ ସାଜିଥିବା ଦଳର ପୂର୍ବତନ ନେତ୍ରୀ ଶ୍ରୀମୟୀ ମିଶ୍ର ଓ ଅବିକଳ ଅବିକଳ ତାଙ୍କରି ଷ୍ଟାଇଲରେ ସୋସିଆଲ ମିଡିଆରେ ତେରେଛା ବାଣ ମାରୁଥିବା ଏଲିନାଙ୍କୁ ନେଇ ଏବେ ଚର୍ଚ୍ଚା। ଉଭୟଙ୍କ ବିରୋଧର ଆରମ୍ଭ ତରିକା ସମାନ ପ୍ରକାର ହୋଇଥିବାରୁ ଏବେ ଏମାନେ ନିଜେ ସ୍କ୍ରିପ୍ଟ ଲେଖୁଛନ୍ତି ନା ଏମାନଙ୍କ ପାଇଁ ଆଉ କିଏ ଲେଖି ଦେଉଛି ତାହା ଜାଣିବାକୁ ଅନେକ ଲାଗି ପଡିଛନ୍ତି। ବିଜେଡି ବିରୁଦ୍ଧରେ ବିଦ୍ରୋହ ଆରମ୍ଭ କରିବା ସମୟରେ ଶ୍ରୀମୟୀ ପ୍ରଥମେ ସୋସିଆଲ ମିଡିଆରେ ବିଜେଡି ଓ ଏହାର ନେତାଙ୍କୁ ତେରେଛା ବାଣ ମାରିଥିଲେ। ପରେ ଅବଶ୍ୟ ଖୋଲାଖୋଲି ଭାବେ ଗଣମାଧ୍ୟମରେ ମତ ରଖି ଚର୍ଚ୍ଚିତ ହୋଇଗଲେ। ଏବେ ଶ୍ରୀମୟୀ ସୋସିଆଲ ମିଡିଆରେ ଆକ୍ରମଣ ଜାରି ରଖିଥିବାବେଳେ ନୂଆପଡା ନିର୍ବାଚନ ଭିତରେ ତାହା ଆଉ ପୂର୍ବଭଳି ଚର୍ଚ୍ଚାରେ ରହୁନାହିଁ। ତେବେ କିଛି ଦିନ ହେଲା ବିଜେଡିର ଅନ୍ୟତମ ତାରକା ନେତ୍ରୀ ଏଲିନା ବି ସମାନ ଢଙ୍ଗରେ ତୀର ମାରିବାରେ ଲାଗିଛନ୍ତି। ଠିକ୍ ଶ୍ରୀମୟୀଙ୍କ ଭଳି ସୋସିଆଲ ମିଡିଆରେ ଲେଖୁଛନ୍ତି। ତାହା କିଭଳି ଆଲୋଚନାର ବଳୟକୁ ଆସିବ ତାହାର ବ୍ୟବସ୍ଥା ବି କରୁଛନ୍ତି। ଶ୍ରୀମୟୀଙ୍କ କହ୍ନେଇ ଷ୍ଟାଇଲରେ ଏଲିନା ଡିଲ୍ କଥା ଲେଖିଛନ୍ତି। ତେବେ ଶ୍ରୀମୟୀଙ୍କୁ ବିଜେଡିର ଗୋଟିଏ ଗୋଷ୍ଠି ଜୋରଦାର ବିରୋଧ କରିଥିବାବେଳେ ଏଲିନାଙ୍କ ବିରୁଦ୍ଧରେ କିନ୍ତୁ କେହି ମୁହଁ ଖୋଲୁ ନାହାନ୍ତି। ଏଲିନାଙ୍କ ବିରୁଦ୍ଧରେ ମୁହଁ ଖୋଲିବା ବଦଳରେ ବିଜେଡି ପକ୍ଷରୁ ସ୍କ୍ରିପ୍ଟ ରାଇଟରଙ୍କୁ ଖୋଜା ଚାଲିଥିବା ସୂଚନା ମିଳିଛି।



# ଅମରଙ୍କ ନଜର ନିର୍ମଳାଙ୍କ ଚଉକି ଉପରେ




ବିଜେଡିର ପୂର୍ବତନ ରାଜ୍ୟସଭା ସାଂସଦ ଓ ଆଇଟି ସେଲ୍ ମୁଖ୍ୟ ଅମର ପଟ୍ଟନାୟକ ଯେବେଠାରୁ ପଦ୍ମ ଧରିଲେଣି ତାଙ୍କ ଭବିଷ୍ୟତକୁ ନେଇ ନାନା କଥା ଶୁଣିବାକୁ ମିଳୁଛି। ତେବେ ସର୍ବଶେଷ ଖବରଟି ହେଉଛି ଅମରଙ୍କ ନଜର କୁଆଡେ ଦେଶର ଅର୍ଥମନ୍ତ୍ରୀ ସୀତାରମଣଙ୍କ ଚଉକି ଉପରେ। ତାଙ୍କ ସମର୍ଥକମାନେ କହୁଛନ୍ତି ଆସନ୍ତାବର୍ଷ ଏପ୍ରିଲ୍ ମାସରେ ଅମର ରାଜ୍ୟସଭା ଯିବାପରେ ସେଠାରେ କେନ୍ଦ୍ରମନ୍ତ୍ରୀ ହେବେ। ଯେହେତୁ ସିଏ ହେଉଛନ୍ତି ପୂର୍ବତନ ସିଏଜି ଓ ହିସାବ କିତାବ ଉପରେ ତାଙ୍କ ଜବରଦସ୍ତ ଦଖଲ ରହିଛି ତେଣୁ ମୋଦୀ ସରକାରରେ ଅର୍ଥମନ୍ତ୍ରୀ ହେବା ଟା ଥୟ। ଏଥିରେ କୁଆଡେ ମନ୍ତ୍ରୀମଣ୍ଡଳରେ ଥିବା ଟାଣୁଆ ମନ୍ତ୍ରୀ ତଥା ଅମରଙ୍କ ବନ୍ଧୁ ଜୟଶଙ୍କର ତାଙ୍କୁ ସହାୟତା କରିବେ। ଜୟଶଙ୍କର ବି ପ୍ରଶାସକରୁ ରାଜନେତା ହୋଇ ଦେଶର ବୈଦେଶିକ ମନ୍ତ୍ରୀ ପଦବୀରେ ବସିଛନ୍ତି। ଏଣେ କିଛି ଦିନ ହେଲା ବିଜେପି ତାହାର ଜାତୀୟ ସଭାପତି ପଦବୀ ପାଇଁ ନୂଆ ପ୍ରାର୍ଥୀ ଖୋଜୁଥିବାବେଳେ ସୀତାରମଣଙ୍କ ନାଁ ବି ବେଳେ ବେଳେ ଚର୍ଚ୍ଚା ଭିତରକୁ ପଶି ଆସୁଛି। ଏହି ଗଣିତରେ ଅମର ଦେଶର ଅର୍ଥମନ୍ତ୍ରୀ ଚଉକିରେ ବସିବେ ବୋଲି ତାଙ୍କ ସମର୍ଥକ ମାନେ କହି ବୁଲିଲେଣି। ହେଲେ ଦଳଡିଆଁ ଘଟଣାଟି ଅମରଙ୍କୁ ଟିକେ ଅଡୁଆ କରିଦେଇଛି। କାରଣ ବିଜେଡିରେ ଥିବାବେଳେ ରାଜ୍ୟ ଓ ଜାତୀୟ ବିଜେପି ନେତାମାନଙ୍କୁ ଅମର ଅକଳରେ ପକାଇବା ସହିତ ଭିଡିଓ ଜାରି କରି ଗାଳିମନ୍ଦ କରିଛନ୍ତି। ସେହି ଭିଡିଓକୁ ଏବେ କିଛି ବଗୁଲିଆ ବଜାରକୁ ଛାଡିବାରେ ଲାଗିଛନ୍ତି। ଏହା କିଛି କ୍ଷତି କରିବ ନାହିଁ ଓ ଅମର ଦେଶର ଅର୍ଥ ବିଭାଗର ସମ୍ଭାଳିବେ ବୋଲି ତାଙ୍କର ସମର୍ଥକମାନେ କହି ବୁଲୁଥିବାବେଳେ ନିନ୍ଦୁକମାନେ କିନ୍ତୁ ତାଙ୍କର ରାଜନୀତି ଆଉ ଓଡିଶା ସୀମା ଡେଇଁ ପାରିବ ନାହିଁ ବୋଲି ଗ୍ୟାରେଣ୍ଟିର ସହ କହୁଛନ୍ତି।

# ଚିଲିକା ଅଫିସରେ ସଞ୍ଜୟ ଭୂତ




ମରାଳ ମାଳିନୀ ଚିଲିକାର ଉନ୍ନତି ତଥା ରକ୍ଷଣା ବେକ୍ଷଣ ପାଇଁ ରାଜ୍ୟ ସରକାର ଗଢ଼ିଛନ୍ତି ଚିଲିକା ଉନ୍ନୟନ କର୍ତ୍ତୃପକ୍ଷ। ହେଲେ ଏହି ଦପ୍ତରରେ ଏବେ କୁଆଡେ ସଞ୍ଜୟ ଭୂତ ବୁଲୁଛି। ରାଜ୍ୟ ସଚିବାଳୟର ଜଙ୍ଗଲ ଓ ପରିବେଶ ବିଭାଗରେ ଏମିତି ଆଲୋଚନା ଚାଲିଥିବାବେଳେ ଆମେ ଟିକେ କାନଡେରି ଶୁଣିଲୁ। ଜଣେ ବାବୁ କହୁଥାନ୍ତି ଏହି ଚିଲିକା ଦପ୍ତରରେ ପ୍ରାୟ ସମସ୍ତେ ହେଉଛନ୍ତି ଠିକା କର୍ମଚାରୀ। ଦରମା ମାସ ଅଧାଯାଏ ଯାଏନି। ଏମାନଙ୍କ ହାତରେ କାମ ଚାଲୁଥିଲା। କିନ୍ତୁ କିଛି ଦିନ ହେଲା କାମ ପୂରା ଠପ୍। ଏହାର କାରଣ ହେଉଛି ଏଠାରେ କୁଆଡେ ସଞ୍ଜୟ ଭୂତ ବାହାରିଛି। ଆଉ ଜଣେ କର୍ମଚାରୀ ଭୂତ କିଏ ବୋଲି ପଚାରିବାରୁ ପ୍ରବଚନ ଦେଉଥିବା ବାବୁ ଜଣଙ୍କ କହିଲେ, ଏ ଭୂତ ହେଉଛନ୍ତି ପୂର୍ବତନ ମନ୍ତ୍ରୀ ତଥା ବ୍ରହ୍ମଗିରିର ପୂର୍ବତନ ବିଧାୟକ ସଞ୍ଜୟ ଦାଶବର୍ମାଙ୍କ ଭୂତ। ଏହି ଦପ୍ତରରେ କୁଆଡେ ସବୁ କର୍ମଚାରୀ ସଞ୍ଜୟଙ୍କର ବୋଲି କେହି ଜଣେ କହିଦେବାପରେ ସ୍ଥାନୀୟ ବିଧାୟିକା ସମସ୍ତଙ୍କୁ ବଦଳି କରିବାକୁ ଆଦେଶ ଦେଇଛନ୍ତି। ଥୋକେ ବଦଳି ହୋଇ ଗଲେଣି। ଆଉ କିଛି ଦିନ ଗଣୁଛନ୍ତି। ସହଜେ ତ ଠିକା ଚାକିରି ପାଇଁ ଦରମା କମ୍। ତା ସାଙ୍ଗରେ ପୁଣି ଦୂର ଦୂରାନ୍ତକୁ ବଦଳି। କାମ ଯେମିତି ହେଉଥିବ ମା' କାଳିଜାଈଙ୍କୁ ଜଣା। ସଞ୍ଜୟ ଭୂତ ଆଉ କିଛି ଦିନ ଡରାଇଲେ ଏ ଅଫିସରେ ତାଲା ପଡିବାଟା ଏକ ପ୍ରକାର ନିଶ୍ଚିତ। ଚିଲିକା ତ ସହଜେ ମାଛ, କଙ୍କଡା ଶୂନ୍ୟ ହେବାରେ ଲାଗିଛି, ଡିଜେଲ ଡଙ୍ଗା ଧୂଆଁରେ ନିଳାମ୍ବୁ ଚିଲିକାର ପାଣି କଳା ପଡିଗଲାଣି, ତେଣୁ ଏ ଅଫିସର ଆଉ କ'ଣ ଆବଶ୍ୟକତା ବୋଲି ଆଉ ଜଣେ ବାବୁ ମତ ଦେବାରୁ ଆମେ ସେ ସ୍ଥାନ ଛାଡି ପଳାଇ ଆସିଲାବେଳେ କେବଳ କବିବରଙ୍କ କଥାଟି ଭାବୁଥିଲୁ।

# ନୂଆପଡ଼ା ପାଇଁ ବରଗଛ କାନ୍ଦୁଛି



ଜୟଦେବଭବନ ସାମ୍ନାରେ ଥିବା ବରଗଛଟି ଏବେ କାନ୍ଦୁଛି। ଯେବେଠାରୁ ନୂଆପଡା ନିର୍ବାଚନ ଆରମ୍ଭ ହେଲା ସେବେଠାରୁ ବରଗଛ ଆଖିରୁ ଲୁହ ଶୁଖୁନାହିଁ। ନିଇତି ଆସି ବରଗଛମୂଳେ ବସି ଚା' ପିଉଥିବା କିଛି ଲୋକ ସେଦିନ ଏମିତି ଆଲୋଚନା କରୁଥିବାବେଳେ ଆମେ ଟିକେ ପଚାରିଦେଲୁ, ଏ ବରଗଛ କାନ୍ଦୁଛି କାହିଁକି ? ଚା' କପ୍‌ରୁ ସୁଡୁକାଏ ମାରୁ ମାରୁ ଜଣେ କହିଲେ ବୁଝିଲେ ଆଜ୍ଞା, ବରଗଛ ମୂଳେ ନିଇତି ଯେଉଁ ବାଇଟ୍ କାରବାର ଚାଲିଥିଲା ତାହା ନୂଆପଡା ନିର୍ବାଚନ ପାଇଁ ବନ୍ଦ। କାରଣ ବରଗଛ ମୂଳେ ବାଇଟ୍ ଦେଉଥିବା ନେତା ଓ ସାମ୍ବାଦିକଙ୍କ ମଧ୍ୟରୁ ସମସ୍ତେ ପ୍ରାୟ ନୂଆପଡା ପଳାଇଛନ୍ତି। ସେମାନେ ନଥିବାରୁ ରଙ୍ଗ ବେରଙ୍ଗର ବୁମ୍‌ଧାରୀମାନେ ବି ଆଉ ଏଠାକୁ ଆସୁନାହାନ୍ତି। ଏଥିପାଇଁ ବରଗଛଟି ମନମରା ହୋଇ କାନ୍ଦୁଛି। କାରଣ ନିଇତି ନୂଆ ନୂଆ କଥା ଶୁଣି ତା' ମନ ଖୁସି ରହୁଥିଲା। ଏହାଛଡା ବରଗଛ ଛାଇଲେ ଅନେକ ନେତା ସୃଷ୍ଟି ହେଉଥିବା ଦେଖି ବି ନିଜେ ଗର୍ବ କରୁଥିଲା। ହେଲେ ପ୍ରାୟ ପନ୍ଦର ଦିନ ହେଲା ସେଭଳି କୋଳାହଳ ଆଉ ଏଠାରେ ନାହିଁ। ଅନ୍ୟ ଗଛଗୁଡିକ ସିନା ଡାଳରେ ଚଢେଇ ବସା କଲେ ଖୁସି ହୁଅନ୍ତି, ହେଲେ ଏ ବରଗଛଟି କିନ୍ତୁ ବାଇଟ୍ ଦେଉଥିବା ଓ ନେଉଥିବା ଲୋକଙ୍କୁ ଦେଖିଲେ ଭାରି ଖୁସି। ସେଥିରେ ଏବେ ପୂର୍ଣ୍ଣଚ୍ଛେଦ ପଡିଥିବାରୁ କାନ୍ଦିବାରେ ଲାଗୁଛି। କେବେ ହସିବ ତାହାକୁ ଆମେ ଅପେକ୍ଷା କରିଛୁ। ଏତକ ଶୁଣିବାପରେ ଆମେ ଟିକେ ଗଛ ଉପରକୁ ଚାହିଁଲା ବେଳକୁ ସେଠାରେ ବସିଥିବା ତିନିଟି ବଗ ଉଡିଯିବା ଆମେ ନଜରରେ ପଡିଲା।

ବାଲକୋନି ଭୁଶୁଡ଼ି ୩ଜଣଙ୍କ ମୃତ୍ୟୁ ଘଟଣା

# ୨୪ ଘଣ୍ଟାରେ ଯାଞ୍ଚ ରିପୋର୍ଟ ତଲବ



**କଟକ, ୯।୧୧ (ସଂଚାର ବ୍ୟୁରୋ) :** ସ୍ଥାନୀୟ ବକ୍ସିବଜାର ଅଞ୍ଚଳର ମଣିସାହୁ ଛକ ନିକଟରେ ଶନିବାର ଅପରାହ୍ଣର ଏକ ପୁରୁଣା କୋଠାର କିଛି ଅଂଶ ଭୁଶୁଡ଼ି ପଡ଼ି ଗୋଟିଏ ପରିବାରର ୩ ଜଣଙ୍କର ଶୋଚନୀୟ ମୃତ୍ୟୁ ଘଟଣାକୁ ଜିଲ୍ଲା ପ୍ରଶାସନ ଗୁରୁତ୍ୱ ମନେ କରିଛି। ଏହି ଦୁର୍ଘଟଣାରେ ଜଡିତ କୋଠାର ନିର୍ମାଣ ବୈଧତା ତଥା ଆବଶ୍ୟକୀୟ ଅନୁମତି ହାସଲ ବିଷୟରେ ଯାଞ୍ଚ କରିବା ନିମନ୍ତେ ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ କଟକ ମହାନଗର ନିଗମର ଅତିରିକ୍ତ ଆୟୁକ୍ତଙ୍କ ଅଧ୍ୟକ୍ଷତାରେ ଏକ ଯାଞ୍ଚ କମିଟି ଗଠନ କରିଛନ୍ତି ଯେଉଁଥିରେ ପୂର୍ତ୍ତ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ, ମହାନଗର ନିଗମର ନଗର ଯନ୍ତ୍ରୀ, କଟକ ଉନ୍ନୟନ କର୍ତ୍ତୃପକ୍ଷଙ୍କ ସହକାରୀ ସହର ଯୋଜନାକାରୀ ଆଦି ସଭ୍ୟଭାବେ ରହିଛନ୍ତି।

ଏହି କୋଠା ନିର୍ମାଣର ମୂଳ ଅନୁମତି କଟକ ଉନ୍ନୟନ କର୍ତ୍ତୃପକ୍ଷ ଦେଇଥିବାରୁ ଆବଶ୍ୟକୀୟ ଦସ୍ତାବିଜ କଟକ ଉନ୍ନୟନ କର୍ତ୍ତୃପକ୍ଷଙ୍କ କାର୍ଯ୍ୟାଳୟରୁ ହାସଲ କରାଯାଇ ଯାଞ୍ଚ କରାଯିବ। ଏହି ଯାଞ୍ଚ କମିଟି ସଂପୃକ୍ତ କୋଠାର ନିର୍ମାଣ ଜନିତ ଦୃଢ଼ତା ଏବଂ ସ୍ଥାୟିତ୍ୱକୁ ପରୀକ୍ଷା ନିରୀକ୍ଷା କରିବେ। ଏହି ଅଟ୍ଟାଳିକା ନିର୍ମାଣ ନିମନ୍ତେ କ୍ଷମତା ସମ୍ପନ୍ନ କର୍ତ୍ତୃପକ୍ଷଙ୍କ ଠାରୁ ଅନୁମତି ହାସଲ କରାଯାଇଛି କି ନାହିଁ ଏବଂ ଅନୁମୋଦିତ ଯୋଜନା ତଥା ନିର୍ମାଣ ନିୟମାବଳୀ ଅନୁଯାୟୀ କରାଯାଇଛି କି ନାହିଁ ତାହା ମଧ୍ୟ କମିଟି ଯାଞ୍ଚ କରିବେ। ଏଥିରେ କୌଣସି ପ୍ରକାର ଅବହେଳା ବା ବିଚ୍ୟୁତି ପରିଲକ୍ଷିତ ହେଲେ ସଂପୃକ୍ତ ଦୋଷୀଙ୍କୁ ଆଇନ ଅନୁଯାୟୀ ଦଣ୍ଡ ବିଧାନ କରାଯିବ। ନିଷ୍କର୍ଷ ଏବଂ ସୁପାରିସ ସହ ଏକ ସଂପୂର୍ଣ୍ଣ ରିପୋର୍ଟ କଟକ ମହାନଗର ନିଗମ ଆୟୁକ୍ତ ଏବଂ କଟକ ଉନ୍ନୟନ କର୍ତ୍ତୃପକ୍ଷ ଉପାଧ୍ୟକ୍ଷଙ୍କ ମାଧ୍ୟମରେ ଆସନ୍ତା ୨୪ଘଣ୍ଟା ମଧ୍ୟରେ ଦାଖଲ କରିବାକୁ ଜିଲ୍ଲାପାଳ ଶ୍ରୀ ଶିନ୍ଦେ ନିର୍ଦ୍ଦେଶ ଦେଇଛନ୍ତି।

● ଗ୍ରୀନ୍ ଇଣ୍ଡିଆ ଚିଟ୍‌ଫଣ୍ଡ ମାମଲା

# ୪ଟି ସ୍ଥାନରେ ରେଡ୍, ୮୪ ଲକ୍ଷ ଜବତ



**ଭୁବନେଶ୍ୱର,୯।୧୧(ସଂଚାର ବ୍ୟୁରୋ):** ଗ୍ରୀନ ଇଣ୍ଡିଆ ଚିଟଫଣ୍ଡ ମାମଲାରେ ଇଡିର ଚଢ଼ଉ। ମାଲିକ ପ୍ରଦୀପଙ୍କ ଘରୁ ମିଳିଲା ନଗଦ ୮୪ ଲକ୍ଷ। ମନି ଲଣ୍ଡରିଂ ନିବାରଣ ଆଇନ୍ ୨୦୦୨ ଅନୁସାରେ ବ୍ରହ୍ମପୁରର ୪ ଟି ସ୍ଥାନରେ ଚଢ଼ଉ କରାଯାଇଛି। ଚଢ଼ଉ ସମୟରେ ଇଡିକୁ ହିସାବ ବିହୀନ ୮୪.୨୦ ଲକ୍ଷ ଟଙ୍କା ମିଳିଥିଲା। ଏହା ସହିତ ଗୋଟିଏ ଅସ୍ଥାବର ସମ୍ପତ୍ତିର ଡକ୍ୟୁମେଣ୍ଟ, ଦଲିଲ୍, ମର୍ସିଡିଜ୍ କାର, ଗୁରୁତ୍ୱପୂର୍ଣ୍ଣ ଦସ୍ତାବିଜ ଓ ଡିଜିଟାଲ୍ ଡିଭାଇସ୍ ମଧ୍ୟ ଜବତ କରିଛି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ। ଅଧିକ ରିଟର୍ଣ୍ଣ ଓ ଗ୍ରୀନ୍ ଇଣ୍ଡିଆ ପାରାଡାଇଜ ପ୍ରୋଜେକ୍ଟରେ ଫ୍ଲାଟ ଯୋଗାଇବା ଆଳରେ କମ୍ପାନୀ ଶତାଧିକ ଲୋକଙ୍କଠାରୁ କୋଟି କୋଟି ଟଙ୍କା ଆଦାୟ କରିଥିଲା। କିନ୍ତୁ କମ୍ପାନୀ ପକ୍ଷରୁ ଟଙ୍କା ଦିଆଯାଇ ନଥିଲା କି ଫ୍ଲାଟ୍ ମଧ୍ୟ ମିଳିନଥିଲା। ନିବେଶକମାନେ ଟଙ୍କା ଫେରସ୍ତ ମାଗିବାରୁ କମ୍ପାନୀର ଏମଡି ଟଙ୍କା ଫେରାଇବାକୁ ମନା କରିବା ସହ ଧମକଚମକ ଦେଇଥିବା ଅଭିଯୋଗ ହୋଇଥିଲା। କମ୍ପାନୀ ୬୯ କୋଟି ଟଙ୍କା ଠକି ନେଇଥିବା ନିବେଶକମାନେ ଅଭିଯୋଗ କରିବା ପରେ ୨୦୧୪ ମସିହା ଜୁନ ମାସରେ କୋଲକତା ସିବିଆଇ ପକ୍ଷରୁ ମାମଲା ରୁଜୁ ହୋଇଥିଲା। ଅଭିଯୁକ୍ତ ଠକେଇ ଟଙ୍କାକୁ ବିଭିନ୍ନ ଅସ୍ଥାବର ସମ୍ପତ୍ତିରେ ବିନିଯୋଗ କରିଥିବା ତଦନ୍ତ ବେଳେ ଜଣାପଡ଼ିଥିଲା।

# ମଦ ଚାଲାଣ: ୨ ଗିରଫ

## ନକଲି ବିଦେଶୀ ମଦ, ସ୍ପିରିଟ ଓ ବାଇକ୍ ଜବତ

**ବେତନଟୀ,୯।୧୧(ସଂଚାର ବ୍ୟୁରୋ) :** ବାଲେଶ୍ୱର ଜିଲ୍ଲା ରୁପ୍ସା ଅଞ୍ଚଳରୁ ନକଲି ବିଦେଶୀ ମଦ ବେତନଟୀକୁ ଚାଲାଣ ହେଉଥିବା ଖବରପାଇ ବେତନଟୀ ଅବକାରୀ ବିଭାଗ ଦୁଇ ଜଣକୁ ଗିରଫ କରିବା ସହ ତାଙ୍କ ନିକଟରୁ ନକଲି ବିଦେଶୀ ମଦ, ସ୍ପିରିଟ, ବାଇକ, ମୋବାଇଲ ଜବତ କରିଛି। ସୂଚନା ଅନୁସାରେ ମୟୂରଭଞ୍ଜ ଜିଲ୍ଲା ଅବକାରୀ ସୁପେରିଣ୍ଟେଣ୍ଡେଣ୍ଟ ପ୍ରଶାନ୍ତ କୁଅଁରଙ୍କ ନିର୍ଦ୍ଦେଶ କ୍ରମେ ଆଜି ସକାଳେ ବେତନଟୀ ଅବକାରୀ ଇନ୍ସପେକ୍ଟର



ପ୍ରଦୀପ କୁମାର ବେହେରାଙ୍କ ନେତୃତ୍ୱରେ ବାଲେଶ୍ୱର ଜିଲ୍ଲା ରୁପ୍ସା ଅଞ୍ଚଳ ପଟୁ ବେତନଟୀକୁ ବେଆଇନ ଭାବେ ନକଲି ବିଦେଶୀ ମଦ ଚାଲାଣ କରୁଥିବା ଜଣେ ଅଭିଯୁକ୍ତଙ୍କୁ ଫାୟାର ଷ୍ଟେସନ ନିକଟରୁ ଗିରଫ କରାଯାଇଛି। ଅଭିଯୁକ୍ତ ଜଣକ ହେଲେ ରୁପ୍ସା ଅଞ୍ଚଳର ସମେଶ୍ୱର ରାଉତ। ତାଙ୍କ ନିକଟରୁ ସିଲ ନଥିବା ୪୫ ଲିଟର ନକଲି ବିଦେଶୀ ମଦ, ୨୦ ଲିଟର ସ୍ପିରିଟ, ଏକ ବାଇକ ଓ ମୋବାଇଲ ଜବତ କରିଛି। ସେହିଭଳି ଘଟଣା ଯାଞ୍ଚ ବେଳେ ବେତନଟୀ ଅଞ୍ଚଳର ଜଣେ ମଦ ବ୍ୟବସାୟୀଙ୍କୁ ମଧ୍ୟ ପୋଲିସ ଗିରଫ କରିବା ସହ ତାଙ୍କ ନିକଟରୁ ୧୩ ଲିଟର ସିଲ ଥିବା ବିଦେଶୀ ମଦ ଜବତ କରାଯାଇଛି।

# ଧାନ କ୍ଷେତରେ ଦଳିଦେଲା ଦନ୍ତା, ଘଟଣାସ୍ଥଳରେ ଚାଷୀଙ୍କ ମୃତ୍ୟୁ

**ବିଶୋଇ,୯।୧୧(ସଂଚାର ବ୍ୟୁରୋ):** ନିଜ ଧାନ ଫସଲର ସୁରକ୍ଷା ପାଇଁ ବିଲକୁ ହାତୀ ଘଉଡାଇବା ପାଇଁ ଯାଇ ରାଇରଙ୍ଗପୁର ବନଖଣ୍ଡ ଅଧୀନ ମଣଦା ବନାଞ୍ଚଳ ଅନ୍ତର୍ଗତ ତୁଳସୀବଣି ବିଟ ଅଞ୍ଚଳରେ ଜଣେ ବ୍ୟକ୍ତିଙ୍କର ମୃତ୍ୟୁ ଘଟିଛି। ମୃତ ବ୍ୟକ୍ତି ଜଣଙ୍କ ହେଲେ ପୋଡାଗଡ଼ ପଞ୍ଚାୟତ ସ୍ଥିତ ରାଜପାଳ ଗ୍ରାମର ସଙ୍ଗା ବାରି (୫୫)। ସୂଚନାଯୋଗ୍ୟ, ଗତକାଲି ସନ୍ଧ୍ୟା ପ୍ରାୟ ୮ ଘଟିକା ସମୟରେ ଏକ ଦନ୍ତା ଓ ମାଈ ହାତୀ ରାଜପାଳ ଗ୍ରାମ ନିକଟସ୍ଥ ବିଲକୁ ପାଚିଲା ଧାନ ଫସଲ ଖାଇବା ପାଇଁ ଆସିଥିଲେ। ଏହି ସମୟରେ ନିକଟସ୍ଥ ଗ୍ରାମବାସୀ ବିଲକୁ ହାତୀ ଘଉଡାଇବା ପାଇଁ ଯାଇଥିବା ବେଳେ ଉକ୍ତ ଦୁଇ ଗୋଟି ହାତୀ ଲୋକଙ୍କ ଉପରେ ପାଲଟା ଆକ୍ରମଣ କରିଥିଲେ। ତେବେ ଘଟଣାରେ ସଙ୍ଗା ନିଜକୁ ରକ୍ଷା କରି ନପାରି ହାତୀ କବଳରେ ପଡ଼ି ଯାଇଥିଲେ। ଘଟଣା ସ୍ଥଳରେ ସଙ୍ଗାକୁ ହାତୀ ଦଳି ଚକଟି ଦେଇଥିଲା ଫଳରେ ଘଟଣା ସ୍ଥଳରେ ସଙ୍ଗାଙ୍କ ମୃତ୍ୟୁ ଘଟିଥିଲା। ଏସିଏଫ ଧରିତ୍ରୀ ମୁର୍ମୁଙ୍କ ସମେତ ମଣଦା ଘଟଣା ସ୍ଥଳରେ ପହଞ୍ଚି ଘଟଣାର ତଦନ୍ତ କରିବା ସହିତ ମୃତ ଶରୀର ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ରାଇରଙ୍ଗପୁରକୁ ପଠାଇଥିଲେ। ଯଥା ଶୀଘ୍ର ସଙ୍ଗାଙ୍କ ପରିବାରକୁ ଆର୍ଥିକ ସହାୟତା ପ୍ରଦାନ ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

# ଦୁର୍ଘଟଣାରେ ବୃଦ୍ଧଙ୍କ ସହ ବାଇକ ଚାଳକ ମୃତ

**କବିସୂର୍ଯ୍ୟନଗର,୯।୧୧(ସଂଚାର ବ୍ୟୁରୋ):** ଗଞ୍ଜାମ ଜିଲ୍ଲା କବିସୂର୍ଯ୍ୟନଗର ଥାନା ଖଜାପଲ୍ଲୀ ଗ୍ରାମ ନିକଟରେ ପ୍ରାତଃ ଭ୍ରମଣ କରୁଥିବା ଜଣେ ବୃଦ୍ଧଙ୍କୁ ଏକ ବାଇକ ଧକ୍କା ଦେଇଥିବା ବେଳେ ବୃଦ୍ଧଙ୍କ ସହ ବାଇକ ଚାଳକଙ୍କ ମୃତ୍ୟୁ ହୋଇଥିବା ସୂଚନା ମିଳିଛି। ମୃତ ବୃଦ୍ଧଜଣଙ୍କ ମଠସରସିଂ ଶାଳବଣ ଗ୍ରାମର କାଶୀନାଥ ସେଠୀ ଓ ବାଇକ ଚାଳକ ଜଣଙ୍କ ରାଣିପଡ଼ା ଗ୍ରାମର ମିଟୁ ପରିଡ଼ା ବୋଲି ଜଣା ପଡିଛି। ମିଳିଥିବା ସୂଚନା ଅନୁଯାୟୀ, ମିଟୁ ଭୋର ସମୟରେ ବାଇକ ଯୋଗେ ନିଜ ଗ୍ରାମ ଅଭିମୁଖେ ଯାଉଥିବା ସମୟରେ ଖଜାପଲ୍ଲୀ ଗ୍ରାମ ନିକଟରେ ଭାରସାମ୍ୟ ହରାଇ କାଶୀନାଥଙ୍କ ସହ ବାଇକ ଧକ୍କା ହୋଇଥିଲା। ଯାହା ଫଳରେ ମିଟୁ ଓ କାଶୀନାଥ ତଳେ ପଡ଼ି ଗୁରୁତର ହୋଇଥିଲେ। ତୁରନ୍ତ ସ୍ଥାନୀୟ ଲୋକେ ବାଇକ ଚାଳକ ମିଟୁଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ପୋଲସରା ମେଡ଼ିକାଲକୁ ପଠାଇଥିଲେ। ତେବେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସେହିପରି କାଶୀନାଥଙ୍କୁ ଉଦ୍ଧାର କରାଯାଇ କୋଦଳା ମେଡିକାଲକୁ ପଠାଯାଇଥିବା ବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସେପଟେ ମୃତ୍ୟୁ ଖବର ଶୁଣି ପୋଲସରା ଓ କୋଦଳା ମେଡିକାଲ ପରିସରରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

# ୫୦ ହଜାର ଟଙ୍କା ପାଇଁ ଗୁଳିକରି ହତ୍ୟା

**କରଞ୍ଜିଆ,୯।୧୧(ସଂଚାର ବ୍ୟୁରୋ) :** ୫୦ ହଜାର ଟଙ୍କା ପାଇଁ ହତ୍ୟା। ଦିନ ଦ୍ୱିପ୍ରହରରେ ଗୁଳିକରି ହତ୍ୟା ସହ ଲୁଟିନେଲେ ୫୦ ହଜାର ଟଙ୍କା। ମୟୂରଭଞ୍ଜ ଜିଲ୍ଲାର ଘାଘରବେଡା ଥାନା କେନ୍ଦୁଆ ଗାଁରେ ଘଟିଛି ଏଭଳି ଘଟଣା। କରଞ୍ଜିଆ ସାପ୍ତାହିକ ହାଟକୁ ଜଣେ ଗୋରୁ କିଣିବାକୁ ଆସିଥିବା ବେଳେ ଗୁଳି ମାରି ଟଙ୍କା ଲୁଟିନେଲେ ଦୁର୍ବୃତ୍ତ। ଏନେଇ ସୂଚନା ଦେଇଛନ୍ତି ମୟୂରଭଞ୍ଜ ଏସପି। ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଲାଇଛି। ସୂଚନା ଅନୁଯାୟୀ, ବ୍ୟବସାୟୀ ଜଣକ କିଛି ଗୋରୁ କିଣିବା ପାଇଁ ଅଙ୍ଗାରପଡ଼ା ସାପ୍ତାହିକ ହାଟକୁ ଯାଉଥିଲେ। କିନ୍ତୁ, ବାଟରେ ଜିଲ୍ଲାର ଘାଗରବେଡ଼ା ଥାନା ସୀମା ଅନ୍ତର୍ଗତ କେନ୍ଦୁଆ ଗାଁ ନିକଟରେ କିଛି ଦୁର୍ବୃତ୍ତ ତାଙ୍କୁ ଅଟକାଇ ଟଙ୍କା ମାଗିଥିଲେ। ଯେତେବେଳେ ବ୍ୟବସାୟୀ ଜଣକ ପ୍ରତିବାଦ କଲେ ଏବଂ ସେମାନଙ୍କୁ ଟଙ୍କା ଦେବାକୁ ମନା କରିଦେଲେ, ଅଜ୍ଞାତ ଦୁର୍ବୃତ୍ତମାନେ ତାଙ୍କ ଉପରକୁ ଗୁଳି ଚଳାଇଥିଲେ, ଫଳରେ ତାଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ତାଙ୍କଠାରୁ ୫୦,୦୦୦ ଟଙ୍କା ଲୁଟି ନେଇଥିଲେ। ମୃତ ବ୍ୟବସାୟୀଙ୍କ ନାମ ଏପର୍ଯ୍ୟନ୍ତ ଜଣାପଡି ନଥିବା ବେଳେ, ସେ କଳାଣ୍ଡା ଗାଁର ବାସିନ୍ଦା ବୋଲି ସନ୍ଦେହ କରାଯାଉଛି। ଘଟଣା ବିଷୟରେ ସୂଚନା ଦେଇ ମୟୂରଭଞ୍ଜ ପୁଲିସ ଅଧୀକ୍ଷକ (ଏସପି) ବରୁଣ ଗୁଣ୍ଟୁପାଲି କହିଛନ୍ତି ଯେ, ଜିଲ୍ଲା ପୁଲିସ ଏହି ଭୟଙ୍କର ହତ୍ୟା ମାମଲାର ତଦନ୍ତ ପାଇଁ ଏକ ସ୍ୱତନ୍ତ୍ର ଦଳ ଗଠନ କରିଛି। ଅପରାଧୀଙ୍କୁ ଚିହ୍ନଟ କରିବା ଏବଂ ସେମାନଙ୍କ ଗତିବିଧି ଜାଣିବା ପାଇଁ ପୁଲିସ ଅପରାଧ ସ୍ଥାନ ନିକଟରେ ଲାଗିଥିବା ସିସିଟିଭି କ୍ୟାମେରାର ଫୁଟେଜ୍ ସଂଗ୍ରହ ସହ ସ୍ଥାନୀୟ ଲୋକଙ୍କୁ ମଧ୍ୟ ପଚରାଉଚରା କରାଯାଉଛି ବୋଲି ଏସପି ସୂଚନା ଦେଇଛନ୍ତି।

● ପୀରହାଟ ଥାନା ବିରୋଧରେ ସଙ୍ଗିନ ଅଭିଯୋଗ

# ନାବାଳକକୁ ପୁଲିସର ଥାର୍ଡ ଡିଗ୍ରୀ



**ଭଦ୍ରକ, ୯।୧୧ (ସଂଚାର ବ୍ୟୁରୋ) :** ଥାନାରେ ନାବାଳକକୁ ପୁଲିସର ଥାର୍ଡ ଡିଗ୍ରୀ। ମୋବାଇଲ ଚୋରି ସନ୍ଦେହରେ ନାବାଳକକୁ ଅମାନୁଷିକ ନିର୍ଯାତନା ଅଭିଯୋଗ। ଭଦ୍ରକ ଜିଲ୍ଲା ପୀରହାଟ ଥାନା ବିରୋଧରେ ଆସିଛି ଏହି ସଙ୍ଗୀନ ଅଭିଯୋଗ। ଗୁରୁତର ଅବସ୍ଥାରେ ନାବାଳକ ଭଦ୍ରକ ମେଡିକାଲରେ ଭର୍ତ୍ତି। ଗତ ୨ ତାରିଖରେ ମୋବାଇଲ ଚୋରି ନେଇ ଥାନାକୁ ଅଭିଯୋଗ ଆସିଥିଲା। ପୁଲିସ ଜଣେ ନାବାଳକକୁ ଥାନାକୁ ଉଠାଇ ଆଣି ପଚରାଉଚରା କରିଥିଲା। ରାତିରେ ନାବାଳକକୁ ଥାନା ବାହାରକୁ ନେଇ ଅନ୍ଧାରିଆ ସ୍ଥାନରେ ନିସ୍ତୁକ ମାଡ଼ ମାରିଥିବା ଅଭିଯୋଗ ହୋଇଛି। ଥାନା ଅଧିକାରୀ ରୋଜାଲିନ ବେହେରାଙ୍କ ନିର୍ଦ୍ଦେଶରେ ଏସଆଇ ନାୟକବାବୁ, ଥାନାର ଡ୍ରାଇଭର ନାବାଳକକୁ ନିସ୍ତୁକ ମାଡ଼ ମାରିଥିଲେ। ମାଡ଼ରେ ନାବାଳକର ଛାତିରେ ପ୍ରବଳ ଯନ୍ତ୍ରଣା ହେବାରୁ ମେଡିକାଲରେ ଭର୍ତ୍ତି କରାଯାଇଛି। ଏବେ ବି ନାବାଳକ ମେଡିକାଲରେ ରହି ଚିକିତ୍ସିତ ହେଉଛନ୍ତି। ଅନ୍ୟପଟେ ଅଭିଯୋଗକୁ ଖଣ୍ଡନ କରିଛନ୍ତି ପୀରହାଟ ଥାନା ଅଧିକାରିଣୀ ରୋଜାଲିନ ବେହେରା। ଥାନାରେ ନିର୍ଯାତନା ଦିଆଯାଇ ନାହିଁ ବୋଲି ରୋକଠୋକ୍ ମନା କରିଛନ୍ତି। ଏନେଇ ଭଦ୍ରକ ଏସପିଙ୍କ ଯୋଗାଯୋଗ କରିବାରୁ ଅଭିଯୋଗକୁ ସଂପୂର୍ଣ୍ଣ ମିଛ ବୋଲି କହିଛନ୍ତି।

# କେନାଲକୁ ଖସିଲା ବାଇକ, ଭେଣ୍ଡିଆ ପୁଅର ମୃତ୍ୟୁ



**କଣ୍ଟାବାଞ୍ଜି,୯।୧୧(ସଂଚାର ବ୍ୟୁରୋ):** କେନାଲ ବନ୍ଧରେ ରୁଣ୍ଡ ହୋଇଛନ୍ତି ଶହ ଶହ ଲୋକେ। ସମସ୍ତଙ୍କ ମନରେ ଗୋଟିଏ ପ୍ରଶ୍ନ ଏ ଦୁର୍ଘଟଣା ହେଲା କେମିତି। ରାସ୍ତାରେ ଯାଉଥିବା ବେଳେ କେମିତି କେନାଲକୁ ଖସି ପଡ଼ିଲେ ଯୁବକ। ସକାଳୁ ସକାଳୁ ଖବର ଆସିଲା ତୁମ ପୁଅ ଆଉ ଏ ଦୁନିଆରେ ନାହିଁ। ଘରଲୋକ ଦୌଡ଼ିଲେ କେନାଲ ବନ୍ଧକୁ। ଯାଇ ଦେଖନ୍ତି ତ ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡ଼ିଛି ପୁଅ। ପାଖିରେ ବାଇକ୍ ବି ପଡ଼ିଛି। ଏ ଦୃଶ୍ୟ ଦେଖି ପାଦତଳୁ ଯେମିତି ମାଟି ଖସିଗଲା। ଘଟଣାସ୍ଥଳରେ ପହଞ୍ଚିଲା ପୁଲିସ। ତଦନ୍ତ ବି ଆରମ୍ଭ ହୋଇଗଲା। ତେବେ ବଙ୍ଗୋମୁଣ୍ଡା ଥାନା ପାତଳପଡା ଗାଁ ନିକଟରେ କେନାଲକୁ ବାଇକ ଖସିବା ପରେ ବାଇକ ଆରୋହୀଙ୍କ ମୃତ୍ୟୁ ଘଟିଛି। ଧୁଣ୍ଡିମହୁଲ ଗାଁର ସୌମ୍ୟରଞ୍ଜନ ସାହୁ କୌଣସି କାମରେ ଯାଇ ଘରକୁ ଫେରୁଥିବା ବେଳେ ରାତିରେ ଭାରସାମ୍ୟ ହରାଇ କେନାଲ ଭିତରେ ବାଇକ ସହ ଖସି ପଡ଼ିଥିଲେ। ଘଟଣାସ୍ଥଳରେ ବାଇକ ଆରୋହୀ ସୌମ୍ୟରଞ୍ଜନଙ୍କ ମୃତ୍ୟୁ ଘଟିଛି। ସକାଳୁ ଦୁର୍ଘଟଣା ଘଟିଥିବା ଜଣାପଡିବା ପରେ ବଙ୍ଗୋମୁଣ୍ଡା ପୁଲିସ ଖବର ପାଇ ଘଟଣାସ୍ଥଳରେ ପହଞ୍ଚିଥିଲା। ମୃତ ଯୁବକଙ୍କ ପରିବାର ଲୋକେ ଖବର ପାଇ ପହଞ୍ଚିଥିଲେ। ପରେ ମୃତଦେହକୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ କଣ୍ଟାବାଞ୍ଜି ଡାକ୍ତରଖାନାକୁ ପଠାଯାଇଛି। ଏପଟେ ଘଟଣାର ତଦନ୍ତ କରୁଛି ବଙ୍ଗୋମୁଣ୍ଡା ପୁଲିସ। ତେବେ ଏଭଳି ଅଚାନକ ଘରର ଭେଣ୍ଡିଆ ପୁଅର ମୃତ୍ୟୁ ପରିବାର ଲୋକଙ୍କୁ ଶକ୍ତ ଧକ୍କା ଦେଇଛି।

■ ନକଲି ସୁନା ଦେଇ ସୁନା ଋଣ

# ସୁନା ବ୍ୟବସାୟୀ ଗିରଫ

**କନ୍ଧମାଳ , ୯।୧୧ (ସଂଚାର ବ୍ୟୁରୋ) :** କନ୍ଧମାଳ ଜିଲ୍ଲା ବାଲିଗୁଡା ୟୁକୋ ବ୍ୟାଙ୍କରେ ସୁନା ଋଣ ନାଁରେ ଏକ ବଡ଼ ଧରଣର ଠକେଇ ନେଇ ସୁନା ବ୍ୟବସାୟୀକୁ ଗଞ୍ଜାମ ବ୍ରହ୍ମପୁରରୁ ଗିରଫ କରିଛି ବାଲିଗୁଡା ଥାନା ପୁଲିସ। ଗିରଫ ସୁନା ବ୍ୟବସାୟୀ ଜଣକ ବାଲିଗୁଡାର ପି.ସତ୍ୟରାମ ଆଚାରୀ ବୋଲି ଜଣାପଡ଼ିଛି। ବ୍ୟବସାୟୀ ଜଣକ ୟୁକୋ ବ୍ୟାଙ୍କର ସୁନା ମୂଲ୍ୟାଙ୍କନକାରୀ ଭାବେ କାର୍ଯ୍ୟ କରୁଥିଲେ। ବାଲିଗୁଡା ପାଟଖଣ୍ଡା ମାର୍କେଟରେ ତାଙ୍କର ସୁନା ଦୋକାନ ରହିଥିବା ବେଳେ ନିଜ ଜୁଏଲରୀ ସପର ତିନି ଜଣ କର୍ମଚାରୀଙ୍କ ନାଁରେ ଏହି ଫେକ ଲୋନ ଜାଲିଆତିର ଯୋଜନା କରିଥିଲେ। ନିଜେ ୟୁକୋ ବ୍ୟାଙ୍କର ସୁନା ମୂଲ୍ୟାଙ୍କନକାରୀ ଭାବରେ ନିୟୋଜିତ ଥିବାରୁ ତାଙ୍କ ଦୋକାନର ତିନି କର୍ମଚାରୀ ରୁନୁବାଳା ପ୍ରଧାନ, ସୁଦୀପ୍ତା ନାୟକ ଓ ଜି.ସିମାଂଚଳ ରେଡ୍ଡିଙ୍କ ନାଁରେ ନକଲି ସୁନା ଓ ଫେକ ଦସ୍ତାବିଜ ଦେଇ ୧୪ଟି ଫେକ ଲୋନ ମଞ୍ଜୁରୀ କରାଇଥିଲେ। ତିନି କର୍ମଚାରୀଙ୍କ ଆକାଉଣ୍ଟରେ ଆସିଥିବା ମୋଟ ୮୫ ଲକ୍ଷ ୮୬ ହଜାର ଟଙ୍କା ହଡ଼ପ କରି ନିଜ ସୁନା ଦୋକାନ ବନ୍ଦକରି ବାଲିଗୁଡାରୁ ଫେରାର ହୋଇ ଦିଲ୍ଲୀ, ବିଶାଖାପାଟଣା ସମେତ ବିଭିନ୍ନ ସ୍ଥାନରେ ଆତ୍ମ ଗୋପନ କରିଥିଲେ ବ୍ୟବସାୟୀ ଜଣକ।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776
Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର




# ଖୁବଶୀଘ୍ର ବ୍ୟାଙ୍କଗୁଡ଼ିକର ମହାମିଶ୍ରଣ

ନୂଆଦିଲ୍ଲୀ,୯।୧୧: କେନ୍ଦ୍ର ସରକାରଙ୍କ ଫୋକସରେ ବର୍ତ୍ତମାନ ବିକଶିତ ଭାରତ। ଏଥିପାଇଁ ବିଭିନ୍ନ ଦିଗରେ ଅନେକ ଯୋଜନା, ଅନେକ ସଂଶୋଧନ କରାଯାଉଛି। ଘରୋଇ ପୁଞ୍ଜି ନିବେଶ ସହିତ ବିଦେଶୀ ପୁଞ୍ଜି ଆକର୍ଷଣ କରିବା ପାଇଁ ନୂଆ ନୂଆ ଅଫର ଘୋଷଣା କରାଯାଉଛି। ଅନ୍ୟ ଦେଶଗୁଡ଼ିକ ସହିତ ବାଣିଜ୍ୟିକ ଡିଲ୍ ବି ହେଉଛି। ହେଲେ କୌଣସି ବଡ଼ ପୁଞ୍ଜି ନିବେଶ ପାଇଁ ଅର୍ଥର ଆବଶ୍ୟକତା ବି ଦରକାର। ଏଥିପାଇଁ କେନ୍ଦ୍ର ସରକାର ଦେଶରେ ବ୍ୟାଙ୍କ ଗୁଡ଼ିକୁ ମିଶ୍ରଣ କରି ଗ୍ଲୋବାଲ ବ୍ୟାଙ୍କ ତିଆରି କରିବାରେ ଲାଗିଛନ୍ତି। ନିକଟରେ ବ୍ୟାଙ୍କ ଅଫ୍ ଇଣ୍ଡିଆ, ବ୍ୟାଙ୍କ ଅଫ ବରୋଦା ଓ ବ୍ୟାଙ୍କ ଅଫ୍ ମହାରାଷ୍ଟ୍ରରର ମିଶ୍ରଣ ପାଇଁ ବିଚାର ଚାଲିଛି। ଏହାର ଏକ ବଡ଼ ମହତ୍ୱ ଉଦ୍ଦେଶ୍ୟ ବି ରହିଛି। ଯାହା ଆଜିର ଆଲୋଚନାର ମୁଖ୍ୟ ବିଷୟ।



ଭାରତ ଏବେ ବିଶ୍ୱସ୍ତରୀୟ ବ୍ୟାଙ୍କ ପ୍ରତିଷ୍ଠା ଲକ୍ଷ୍ୟରେ ଆଗକୁ ବଢ଼ୁଛି। ଉଦ୍ଦେଶ୍ୟ ରହିଛି ଏଭଳି ବ୍ୟାଙ୍କ ପ୍ରତିଷ୍ଠା କରିବା, ଯାହା ଇନଫ୍ରାଷ୍ଟ୍ରକଚର, ମ୍ୟାନୁଫାକଚରିଂ ଏବଂ ଟେକ୍ନୋଲୋଜି ଭଳି ବୃହତ୍ ଆବଶ୍ୟକତାକୁ ପୂରଣ କରିବା ପାଇଁ ବଡ଼ ଆକାରରେ ଋଣ ଦେଇପାରିବ। ଆଉ ଏହି ଉଦ୍ଦେଶ୍ୟର ଏକ ଅଂଶ ହେଉଛି ଦେଶର ସରକାରୀ କ୍ଷେତ୍ରର ବ୍ୟାଙ୍କଗୁଡ଼ିକର ମିଶ୍ରଣ। ଏହି ଯୋଜନା କେବଳ ଯେ, ଭାରତୀୟ ବ୍ୟାଙ୍କଗୁଡ଼ିକୁ ବିଶ୍ୱର ସର୍ବବୃହତ୍ ଆର୍ଥିକ ପ୍ରତିଷ୍ଠାନର ସମକକ୍ଷ କରିବ ତାହା ନୁହେଁ ବରଂ ଏହା ବିକଶିତ ଭାରତ ୨୦୪୭ର ଲକ୍ଷ୍ୟକୁ ମଧ୍ୟ ପୂରଣ କରିବାରେ ବଡ଼ ଭୂମିକା ନିର୍ବାହ କରିବ।

ପ୍ରକୃତରେ ବିଶ୍ୱର ଶ୍ରେଷ୍ଠ ୨୦ ବ୍ୟାଙ୍କ ତାଲିକାରେ ଭାରତର କୌଣସି ବ୍ୟାଙ୍କର ନାଁ ନାହିଁ। ତେଣୁ ଅତି କମରେ ଏହି ଲିଷ୍ଟରେ ଭାରତର ଦୁଇଟି ବିଶ୍ୱସ୍ତରୀୟ ବ୍ୟାଙ୍କ ରହୁ ବୋଲି ସରକାର ଯୋଜନା କରୁଛନ୍ତି। କାରଣ ବିକଶିତ ଭାରତ ୨୦୪୭ର ରୋଡମ୍ୟାପ୍ ଏଭଳି ଏକ ଅର୍ଥନୀତିର କଳ୍ପନା କରେ, ଯାହା ଦେଶର ବିକାଶ ପାଇଁ ନିଜେ ପାଣ୍ଠି ଯୋଗାଇପାରିବ। ଏହି ଲକ୍ଷ୍ୟ ହାସଲ କରିବା ପାଇଁ, ବ୍ୟାଙ୍କିଂ ସିଷ୍ଟମ ଏତେ ମଜଭୁତ ହେବା ଦରକାର, ଯେପରି ଗ୍ରୀନ ଏନର୍ଜି, ସ୍ମାର୍ଟ ସିଟି ଏବଂ ଆଡଭାନ୍ସ ମାନୁଫ୍ୟାକଚରିଂ ଭଳି ସେକ୍ଟର ପାଇଁ ବଡ଼ ଆକାରର ଲୋନ ଦେଇପାରିବ।

ନଭେମ୍ବର ୬ ତାରିଖରେ ଏସବିଆଇର ଏକ କନକ୍ଲେଭରେ ଯୋଗଦେଇ ଭାରତର ପବ୍ଲିକ ସେକ୍ଟର ବ୍ୟାଙ୍କଗୁଡ଼ିକର ଦ୍ୱତୀୟ ପର୍ଯ୍ୟାୟ ମିଶ୍ରଣ ନେଇ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ସଂକେତ ଦେଇଥିଲେ। ଦେଶକୁ ଅନେକ ବଡ଼, ବିଶ୍ୱସ୍ତରୀୟ ବ୍ୟାଙ୍କର ଆବଶ୍ୟକତା ଅଛି। ଆମକୁ ଆର୍ବିଆଇ ଓ ବ୍ୟାଙ୍କଗୁଡ଼ିକ ସହିତ ବସି ଆଲୋଚନା କରିବାକୁ ପଡିବ ବୋଲି ମନ୍ତ୍ରୀ କହିଥିଲେ। ତେବେ ପୂର୍ବରୁ ବି କିଛି ବ୍ୟାଙ୍କର ମିଶ୍ରଣ କରାଯାଇ ସାରିଛି। ହେଲେ ଏଥର ଯେଉଁ ମିଶ୍ରଣ କରାଯିବ ତା ପଛରେ ଏକ ବଡ଼ ଉଦ୍ଦେଶ୍ୟ ଲୁଚି ରହିଛି।

## ଆଜିର ସୁନା ଦର



ତେବେ ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜିର ସୁନା ଦର। ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୨୨,୦୨୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୧,୧୧,୮୫୦ ଟଙ୍କା ଛୁଇଁଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୨୨,୦୨୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ହଜାର ୧,୧୧,୮୫୦ ଟଙ୍କାକୁ ପହଞ୍ଚିଛି। ସେହିପରି ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୧,୨୨,୦୨୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ୧,୧୧,୮୫୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୧,୨୨,୧୭୦ ଟଙ୍କା ଓ ୨୨ କ୍ୟାରେଟ୍ ୧,୧୨,୦୦୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୧,୨୩ ,୨୮୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୧,୧୩, ୦୦୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୨୨,୦୨୦ ଓ ୧,୧୧,୮୫୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୧, ୫୨,୫୦୦ ଟଙ୍କା ହୋଇଛି।

# ଡିସେମ୍ବରରୁ ପୁଣି ବଢ଼ିବ ମୋବାଇଲ ରିଚାର୍ଜ

ନୂଆଦିଲ୍ଲୀ,୯।୧୧: ଏୟାରଟେଲ, ଜିଓ ଏବଂ ଭୋଡାଫୋନ ଆଇଡିଆ ଦେଶର କୋଟି କୋଟି ଗ୍ରାହକଙ୍କୁ ମହଙ୍ଗା ଝଟକା ଦେବାକୁ ଯାଉଛନ୍ତି। ଏହି କମ୍ପାନୀମାନେ ଡିସେମ୍ବର ୨୦୨୫ରେ ସେମାନଙ୍କ ରିଚାର୍ଜ ଓ ଡାଟା ପ୍ଲାନ ମୂଲ୍ୟ ବଢାଇ ପାରନ୍ତି। ଏଣୁ ମୋବାଇଲ ୟୁଜରଙ୍କ ପକେଟ ଉପରେ ସିଧା ପ୍ରଭାବ ପଡିବ। ସୂଚନା ଅନୁସାରେ ୩ ବଡ଼ ଟେଲିକମ କମ୍ପାନୀ ସେମାନଙ୍କ ରିଚାର୍ଜ ପ୍ଲାନ ଦର ବଢାଇବାକୁ ପ୍ରସ୍ତୁତି କରୁଛନ୍ତି। ଅନୁମାନ କରାଯାଉଛି ଏହି ପରିବର୍ତ୍ତନ ଡିସେମ୍ବର ୨୦୨୫ରୁ ଲାଗୁ ହୋଇ ପାରେ। ଏହାର ପ୍ରଭାବ ପ୍ରିପେଡ ଓ ଡାଟା ପ୍ଲାନସ ଉପରେ ସବୁଠୁ ଅଧିକ ପଡିବ। ବିଶ୍ଲେଷକଙ୍କ ଅନୁସାରେ ଟେଲିକମ କମ୍ପାନୀଙ୍କ ପାଇଁ ଏହା ଜରୁରୀ ଯେ ସେମାନଙ୍କ ଋଣ ଭାର ହ୍ରାସ କରିବାକୁ ପ୍ରତି ୟୁଜର ହାରାହାରି ୨୦୦ ଟଙ୍କାରୁ ଅଧିକ ଅସୁଲ କରିବା। ଏବେ ଏହା ୧୮୦ରୁ ୧୯୫ ମଧ୍ୟରେ ରହୁଛି। ଏଣୁ ଅନୁମାନ କରାଯାଉଛି ଯେ ୨୮ ଦିନ ପାଇଁ ୧୯୯ ଟଙ୍କା ପ୍ଲାନକୁ ୨୨୨ ଟଙ୍କାରେ, ୨୮ ଦିନ ଓ ଦୈନିକ ୨ଜିବି ଡାଟା ପ୍ଲାନ ୨୯୯ ଟଙ୍କାକୁ ୩୩୦-୩୪୫ ଟଙ୍କା ଓ ଦୈନିକ ୨ଜିବି ଓ ୮୪ ଦିନିଆ ପ୍ଲାନକୁ ୯୪୯ ଟଙ୍କାରୁ ୯୯୯ ଟଙ୍କା ପର୍ଯ୍ୟନ୍ତ ମହଙ୍ଗା କରି ପାରନ୍ତି। ଏଣୁ ଗ୍ରାହକ ଦୀର୍ଘ ସମୟ ପର୍ଯ୍ୟନ୍ତ ଉପଯୋଗ କରୁଥିବା ପ୍ଲାନ ଲାଗି ସେମାନଙ୍କୁ ଆଗକୁ ଅଧିକ ଖର୍ଚ୍ଚ କରିବାକୁ ପଡିପାରେ। ଏଥିରେ ଯଦି ଗ୍ରାହକ ମୂଲ୍ୟ ବୃଦ୍ଧିରୁ ବର୍ତ୍ତିବାକୁ ଚାହାନ୍ତି ତେବେ ଏହି ନଭେମ୍ବର ମାସରେ ଦୀର୍ଘ ବୈଧତାର ପ୍ଲାନ ରିଚାର୍ଜ କରାଇ ନିଅନ୍ତୁ। ଏହା ଦ୍ୱାରା ଗ୍ରାହକ ବର୍ତ୍ତମାନ ଦରରେ ଆଗାମୀ ଅନେକ ମାସ ପର୍ଯ୍ୟନ୍ତ ସେବା ଉପଯୋଗ କରିପାରିବେ।ଏଥିରେ ବାର୍ଷିକ ଅଥବା ଦୀର୍ଘ ଅବଧି ପ୍ଲାନ ସବୁଠୁ ଭଲ ବିକଳ୍ପ ବୋଲି କୁହାଯାଉଛି। ତେବେ ବିଏସଏନଏଲ ଏହି ଦର ବୃଦ୍ଧିରୁ ବାହାରେ ରହି ପାରେ।




# ଡାଟା ସେଣ୍ଟରରେ ନିବେଶ ହେବ ୩୦ ବିଲିୟନ ଡଲାର

ନୂଆଦିଲ୍ଲୀ, ୯।୧୧: ବର୍ତ୍ତମାନ ଦେଶର ଡାଟା ସେଣ୍ଟର ଶିଳ୍ପରେ ଦ୍ରୁତ ସମ୍ପ୍ରସାରଣ ଜାରି ରହିଛି। ୨୦୩୦ ବେଳକୁ ଦେଶର ଡାଟା ସେଣ୍ଟର କ୍ଷମତା ୫ ଗୁଣ ବୃଦ୍ଧି ହୋଇ ୮ ଗିଗାୱାଟ ଛୁଇଁବାର ସମ୍ଭାବନା ରହିଛି। ଏ କ୍ଷେତ୍ରରେ ୩୦ ବିଲୟନ ଡଲାରର ନିବେଶ ହୋଇପାରେ। ସେହିଭଳି ଡାଟା ସେଣ୍ଟର ଲିଜ୍ ରାଜସ୍ୱ ଚଳିତ ଦଶନ୍ଧି ଶେଷ ସୁଦ୍ଧା ୮ ବିଲିୟନ ଡଲାର ରହିପାରେ ବୋଲି ଜେଫରି ପକ୍ଷରୁ ଏକ ରିପୋର୍ଟରେ କୁହାଯାଇଛି। ଦେଶରେ ଡାଟା ବ୍ୟବହାର ବଢ଼ିଛି। ସେହିଭଳି କ୍ଲାଉଡ ଗ୍ରହଣୀୟତା, ଡାଟା ଲୋକାଲାଇଜେସନ ନିୟମ ଏବଂ ଏଆଇ ବ୍ୟବହାର ଡାଟା ସେଣ୍ଟର ନିବେଶକୁ ତ୍ୱରାନ୍ୱିତ କରୁଛି। ବର୍ତ୍ତମାନ ଏହି କ୍ଷେତ୍ର ସମ୍ପୂର୍ଣ୍ଣ କ୍ଷମତା ସହ ଚାଲୁଛି। ଲିଜ୍ ହାର ୯୭% ରହିଛି। ଯାହା ଦୃଢ଼ ଚାହିଦାକୁ ଦର୍ଶାଉଛି। ମୋଟ ସ୍ଥାପନ କ୍ଷମତାର ୭୦% ଅଂଶ ମୁମ୍ବାଇ ଏବଂ ଚେନ୍ନାଇ ହାସଲ କରିଛନ୍ତି। ସମୁଦ୍ର ତଳ କେବଲ ଲ୍ୟାଣ୍ଡିଂ ଷ୍ଟେଶନ, ବ୍ୟାଙ୍କିଙ୍ଗ ଏବଂ ଆର୍ôଥକ ସେବା କ୍ଷେତ୍ର ଲାଗି ମୁମ୍ବାଇ ଏ କ୍ଷେତ୍ରରେ ଆଗରେ ରହିଛି।



## ଆଜିର ପେଟ୍ରୋଲ, ଡିଜେଲ୍ ଦର

ତେବେ ଗୋଟେ ଦୁଇଟି ସହରକୁ ଛାଡିବା ପରେ ପ୍ରମୁଖ ସହର ଗୁଡିକରେ ପେଟ୍ରୋଲ ଓ ଡିଜେଲ ମୂଲ୍ୟରେ ପରିବର୍ତ୍ତନ ହୋଇନି। ପ୍ରତିଦିନ ତେଲର ନୂଆ ଦର ନିର୍ଦ୍ଧାରଣ କରାଯାଇଥାଏ। ହେଲେ ଭୁବନେଶ୍ୱରରେ କମିଛି ପେଟ୍ରୋଲ ଏବଂ ଡିଜେଲ ଦାମ୍। ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୦.୯୨ ପଇସା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨.୫୫ ପଇସା ରହିଛି। ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫. ୪୧ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୦୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୮୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୩୯ ପଇସା ରହିଛି।



# ଅକ୍ଟୋବରରେ କମିଛି ଆମିଷ ଓ ନିରାମିଷ ଥାଳିର ଦାମ

ନୂଆଦିଲ୍ଲୀ, ୯।୧୧: ଭାରତରେ ଘରୋଇ ନିରାମିଷ ଥାଳିର ମୂଲ୍ୟ ବାର୍ଷିକ ହାରରେ ଧରି ୧୭% ହ୍ରାସ ପାଇ ୨୭.୮ ଟଙ୍କା ହୋଇଛି। ଗତବର୍ଷ ଅକ୍ଟୋବରରେ ନିରାମିଷ ଥାଳିର ଦାମ ୩୩.୩ ଟଙ୍କା ଥିଲା। କ୍ୟାପିଟାଲ ମାର୍କେଟ୍ କମ୍ପାନୀ କ୍ରିସିଲ୍ ଏହାର ମାସିକ ଫୁଡ୍ ପ୍ଲେଟ୍ ମୂଲ୍ୟର ମାସିକ ସୂଚକାଂକରେ ଏହି ସୂଚନା ଦେଇଛି। କ୍ରିସିଲ୍ ଏହାର ରାଇସ, ରୋଟି ରେଟ୍ ରିପୋର୍ଟରେ ରିପୋର୍ଟ କହିଛି ଯେ ସେପ୍ଟେମ୍ବର ତୁଳନାରେ ଅକ୍ଟୋବରରେ ନିରାମିଷ ଥାଳିର ମୂଲ୍ୟ ୩% ହ୍ରାସ ପାଇଛି। ସେପ୍ଟେମ୍ବରରେ, ନିରାମିଷ ଥାଳିର ମୂଲ୍ୟ ୫୬ ଟଙ୍କା ଥିଲା। ସେହିପରି ବାର୍ଷିକ ହାରରେ ଦେଖିଲେ ୨୦୨୪ ଅକ୍ଟୋବର ତୁଳନାରେ ୨୦୨୫ ଅକ୍ଟୋବରରେ ଘରୋଇ ଆମିଷ ଥାଳିର ଦାମରେ ୧୨ ପ୍ରତିଶତ ହ୍ରାସ ହୋଇ ୫୪.୪ ଟଙ୍କା ହୋଇଛି। ଗତବର୍ଷ ଏହା ୬୧.୬ ପ୍ରତିଶତ ଥିଲା।

କ୍ରିସିଲ୍ ରିପୋର୍ଟ ଅନୁଯାୟୀ, ଆଳୁ, ପିଆଜ, ଟମାଟୋ ଏବଂ ଡାଲିର ମୂଲ୍ୟ ହ୍ରାସ ପାଇବା ଯୋଗୁ ନିରାମିଷ ଥାଳିର ମୂଲ୍ୟ ହ୍ରାସ ପାଇଛି। ଟମାଟୋର ମୂଲ୍ୟ ୪୦%, ପିଆଜ ୫୧% ଏବଂ ଆଳୁର ମୂଲ୍ୟ ୩୧% ହ୍ରାସ ପାଇଛି। ଡାଲିର ମୂଲ୍ୟ ମଧ୍ୟ ୧୭% କମିଛି। ଯାହା ଫଳରେ ଉଭୟ ଆମିଷ ଓ ନିରାମିଷ ଥାଳିର ମୂଲ୍ୟ ହ୍ରାସ କରିବାରେ ସହାୟ ହୋଇଛି। ନିରାମିଷ ଥାଳିର ମୂଲ୍ୟରେ ଆଳୁ ଏବଂ ଟମାଟୋର ୨୪% ଭାଗ ରହିଥାଏ।



ସେହିପରି ଆମିଷ କଥା ଯଦି ଦେଖିବା, ଚିକେନ ଦର ବାର୍ଷିକ ଆଧାରରେ ୬% କମିବା ଦ୍ୱାରା ଆମିଷ ଥାଳିର ଦାମ କମୁଛି। ନିରାମିଷ ଥାଳିରେ ଖର୍ଚ୍ଚରେ ଚିକେନ ଭାଗ କେବଳ ୫୦% ରହିଥାଏ। ତେଣୁ ଚିକେନ ଦର କମିଲେ ଥାଳି ଦାମ କରିବା ସ୍ୱାଭାବିକ। ତେବେ ବଡ଼ କଥା ହେଲା ବାର୍ଷିକ ଆଧାରରେ, ଭେଜିଟେବଲ ଅଏଲର ମୂଲ୍ୟ ୧୧% ଏବଂ ଏଲପିଜି ସିଲିଣ୍ଡରର ମୂଲ୍ୟ ୬% ବୃଦ୍ଧି ପାଇଛି। ନଚେତ୍ ଉଭୟ ପ୍ଲେଟ୍ ଆହୁରି ଶସ୍ତା ହୋଇପାରିଥାନ୍ତା।

ସୂଚନା ଥାଉକି ଘରେ ତିଆରି ହେଉଥିବା ଖାଦ୍ୟର ଖର୍ଚ୍ଚକୁ ଆଧାର କରି ଉଭୟ ଥାଳିର ଦର ନିର୍ଣ୍ଣୟ କରାଯାଇଛି। ଏହା ବଜାରରେ ମିଳୁଥିବା ରିଟେଲ୍ ତଥ୍ୟ ନୁହେ। କାରଣ ବଜାରର ମୂଲ୍ୟ ଏହାଠାରୁ ଅଧିକ ରହିଛି।

# ଫ୍ଲାଇଟ୍ ଟିକେଟରେ ମିଳିବ ୪୮ ଘଣ୍ଟାର ମାଗଣା କ୍ୟାନ୍ସଲେଶନ ସୁବିଧା



ନୂଆଦିଲ୍ଲୀ,୯।୧୧: ଭାରତର ନାଗରିକ ଉଡ୍ଡୟନ ମହାନିର୍ଦ୍ଦେଶାଳୟ (ଡିଜିସିଏ) ବିମାନ ଟିକଟ ରିଫଣ୍ଡ ନିୟମରେ ବଡ଼ ପରିବର୍ତ୍ତନ ପ୍ରସ୍ତାବ କରିଛି। ଏହି ନୂଆ ନିୟମ ଅନୁସାରେ, ଯଦି ଯାତ୍ରୀ ସିଧାସଳଖ ଏୟାରଲାଇନ ଓ୍ବେବସାଇଟ୍‌ରୁ ଟିକଟ ବୁକ୍ କରନ୍ତି, ତେବେ ସେମାନଙ୍କୁ କୌଣସି ଅତିରିକ୍ତ ଶୁଳ୍କ ନ ଦେଇ ୪୮ ଘଣ୍ଟା ଭିତରେ ଟିକଟ ରଦ୍ଦ କିମ୍ବା ପରିବର୍ତ୍ତନ କରିବାର ସୁଯୋଗ ମିଳିବ। କେବଳ ରିଶେଡ୍ୟୁଲ ହୋଇଥିବା ଉଡ଼ାଣର ଭଡ଼ାର ଅନ୍ତର ଦେବାକୁ ପଡ଼ିବ। ଏହି ପଦକ୍ଷେପର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଅଧିକ ରଦ୍ଦ ଶୁଳ୍କ ଓ ବିଳମ୍ବରେ ରିଫଣ୍ଡ ଭଳି ସମସ୍ୟାକୁ ଦୂର କରିବା। ତଥାପି ଏହି ନିୟମ ଲାଗୁ ନ ହେବା ପର୍ଯ୍ୟନ୍ତ ବର୍ତ୍ତମାନର ଶୁଳ୍କ ବ୍ୟବସ୍ଥା ହିଁ ପ୍ରଚଳିତ ରହିବ। ବର୍ତ୍ତମାନ ଅଧିକାଂଶ ଏୟାରଲାଇନ୍ ୨୪ ଘଣ୍ଟା ମୁକ୍ତ ରଦ୍ଦ ଦେଉଛନ୍ତି। ଡିଜିସିଏର ପ୍ରସ୍ତାବ ଏହାକୁ ୪୮ ଘଣ୍ଟାକୁ ବଢ଼ାଇବ। ଉଡ଼ାଣ ମିସ୍ କଲେ ଓ ଆଗୁଆ ରଦ୍ଦ ନକଲେ, ପୁରା କିରାୟ ହଜିଯିବ। ଫ୍ଲେକ୍ସିବଲ୍ କିମ୍ବା ଆଡ଼-ଅନ୍ ପ୍ରୋଟେକ୍ଟେଡ୍ କିରାୟ ବାଛନ୍ତୁ। ଯଦି ୪୮ ଘଣ୍ଟାର ନିୟମ ଲାଗୁ ହେଲା, ଯାତ୍ରୀମାନେ ହଜାର ହଜାର ଟଙ୍କା ବଞ୍ଚତ କରିପାରିବେ। ଏହା ଭାରତର ବିମାନ ଯାତ୍ରା ବ୍ୟବସ୍ଥାକୁ ଅଧିକ ପାରଦର୍ଶୀ ଓ ଯାତ୍ରୀ-ହିତୈଷୀ କରିବ।

# ଏଲନ ମସ୍କଙ୍କୁ ମିଳିବ ୧ ଲକ୍ଷ କୋଟି ଡଲାର ଦରମା

ନୂଆଦିଲ୍ଲୀ, ୯।୧୧: ଆମେରିକୀୟ କମ୍ପାନୀ ଟେସଲାର ମୁଖ୍ୟ ଏଲନ ମସ୍କଙ୍କ ଦରମାକୁ ନେଇ ପୁଣି ଚର୍ଚ୍ଚା। ଟେସଲାର ସେୟାର ହୋଲ୍ଡରମାନେ ଏକ ଟ୍ରିଲିୟନ ଡଲାର (ଏକ ଲକ୍ଷ କୋଟି ଡଲାର)ର ରେକର୍ଡ ଦରମା ପ୍ୟାକେଜକୁ ଅନୁମୋଦନ କରିଛନ୍ତି। କମ୍ପାନୀର ବାର୍ଷିକ ସାଧାରଣ ବୈଠକରେ ଏହି ଅଭୂତପୂର୍ବ ଚୁକ୍ତି ସପକ୍ଷରେ ୭୫ ପ୍ରତିଶତ ଭୋଟ୍ ମିଳିଥିଲା। ପ୍ରବଳ କରତାଳି ସହ ଅନୁମୋଦନ କରାଯାଇଛି।

ସେପଟେ ମସ୍କଙ୍କୁ ଆଗାମୀ ୧୦ ବର୍ଷ ମଧ୍ୟରେ ତାଙ୍କର କାର କମ୍ପାନୀର ବଜାର ମୂଲ୍ୟକୁ ଯଥେଷ୍ଟ ବୃଦ୍ଧି କରିବାକୁ ପଡିବ। ଏବେ ମସ୍କ ବିଶ୍ୱର ସବୁଠାରୁ ଧନୀ ବ୍ୟକ୍ତି। ଯଦି ମସ୍କ ଟେସଲା କମ୍ପାନୀର ବଜାର ମୂଲ୍ୟ ବୃଦ୍ଧି କରନ୍ତି ଏବଂ ଅନ୍ୟାନ୍ୟ ଲକ୍ଷ୍ୟ ହାସଲ କରନ୍ତି, ତେବେ ସେ ପୁରସ୍କାର ସ୍ୱରୂପ ଲକ୍ଷ ଲକ୍ଷ ଡଲାର ମୂଲ୍ୟର ନୂତନ ସେୟାର ମଧ୍ୟ ପାଇବେ।

ମସ୍କଙ୍କୁ ମିଳିବାକୁ ଥିବା ଏତେ ବଡ଼ ପ୍ୟାକେଜକୁ ସମାଲୋଚନା କରାଯାଇଛି। ଟେସଲାର ବୋର୍ଡ ଯୁକ୍ତି ଦେଇଛି ଯେ, ଯଦି ଏହା ଅନୁମୋଦନ ନ ହୁଏ ତେବେ ମସ୍କ କମ୍ପାନୀ ଛାଡିପାରନ୍ତି। କୌଣସି ପରିସ୍ଥିତିରେ କମ୍ପାନୀ ତାଙ୍କୁ ହରାଇବାକୁ ଚାହୁଁନାହିଁ । ଦରମା ସଂପର୍କରେ ଘୋଷଣା ପରେ ମସ୍କ ମଞ୍ଚ ଉପରକୁ ଆସି ନାଚିଥିଲେ। ସେ କହିଛନ୍ତି, ‘ଆମେ ଯେଉଁ ଯାତ୍ରା ଆରମ୍ଭ କରିବାକୁ ଯାଉଛୁ ତାହା କେବଳ ଟେସଲାର ଭବିଷ୍ୟତର ଏକ ନୂତନ ଅଧ୍ୟାୟ ନୁହେଁ, ଏହା ଏକ ନୂଆ ପୁସ୍ତକ।’

ମସ୍କ କହିଛନ୍ତି, ‘ଅନ୍ୟ କମ୍ପାନୀର ସେୟାରହୋଲ୍ଡରଙ୍କ ବୈଠକ ବିରକ୍ତିକର। କିନ୍ତୁ ଆମର ବୈଠକ ମଜାଦାର।’ ଆଗାମୀ ଦଶନ୍ଧୀ ମଧ୍ୟରେ ମସ୍କ ଟେସଲାର ବଜାର ମୂଲ୍ୟ ୧.୪ ଟ୍ରିଲିୟନ ଡଲାରରୁ ୮.୫ ଟ୍ରିଲିୟନ ଡଲାରକୁ ବୃଦ୍ଧି କରିବେ। କେବଳ ଏତିକି ନୁହେଁ, ୧୦ ଲକ୍ଷ ସ୍ୱୟଂ-ଚାଳିତ ରୋବୋଟାକ୍ସି ଯାନକୁ କମର୍ସିଆଲ୍ ଅପରେସନ୍‌ରେ ସାମିଲ କରିବାକୁପ ପଡ଼ିବ।

ସୂଚନାଯୋଗ୍ୟ, ଏଲନ ମସ୍କଙ୍କ ପାଖରେ ପୂର୍ବରୁ କମ୍ପାନୀର ୧୩ ପ୍ରତିଶତ ଅଂଶଧନ ରହିଛି। ଏହା ପୂର୍ବରୁ ଦୁଇ ଥର ତାଙ୍କର ଦରମା ବୃଦ୍ଧି କରାଯାଇଛି। ଏହା ପ୍ରତିବଦଳରେ ତାଙ୍କୁ କମ୍ପାନୀର ବଜାର ମୂଲ୍ୟ ୧୦ ଗୁଣ ବୃଦ୍ଧି କରିବାକୁ କୁହାଯାଇଥିଲା। ସେ ଏହି ଚ୍ୟାଲେଞ୍ଜ ଗ୍ରହଣ କରି ସଫଳତା ମଧ୍ୟ ପାଇଥିଲେ। ଏବେ ତାଙ୍କର ଦରମା ବଢ଼ିଥିବା ବେଳେ ତାଙ୍କୁ ନୂଆ ଟାସ୍କ ମଧ୍ୟ ମିଳିଛି।




# ଭାରତ-ନ୍ୟୁଜିଲାଣ୍ଡ୍ ବାଣିଜ୍ୟ ରାଜିନାମା ସଂକ୍ରାନ୍ତ ଆଲୋଚନା

ନୂଆଦିଲ୍ଲୀ, ୯।୧୧: ଭାରତ-ନ୍ୟୁଜିଲାଣ୍ଡ୍ ମୁକ୍ତ ବାଣିଜ୍ୟ ରାଜିନାମା (ଏଫ୍‌ଟିଏ) ସଂକ୍ରାନ୍ତ ଆଲୋଚନାରେ ଅଗ୍ରଗତି ହୋଇଛି। ୫ ଦିନ ଧରି ଚାଲିଥିବା ଚତୁର୍ଥ ପର୍ଯ୍ୟାୟ ଆଲୋଚନା ସଫଳତାର ସହ ଶେଷ ହୋଇଛି। ଦ୍ୱିପାକ୍ଷିକ ଆର୍ଥିକ ସହଯୋଗ ବୃଦ୍ଧି କରିବା ପାଇଁ ଉଭୟ ପକ୍ଷ ଶୀଘ୍ର ଏକ ସନ୍ତୁଳିତ ଏବଂ ବ୍ୟାପକ ରାଜିନାମା କରିବା ପାଇଁ ସହମତ ହୋଇଛନ୍ତି। ଚତୁର୍ଥ ପର୍ଯ୍ୟାୟ ଆଲୋଚନାରେ ଯଥେଷ୍ଟ ଅଗ୍ରଗତି ହୋଇଥିବା ନେଇ କେନ୍ଦ୍ର ବାଣିଜ୍ୟ ଓ ଶିଳ୍ପମନ୍ତ୍ରୀ ପୀୟୂଷ ଗୋୟଲ ଏବଂ ତାଙ୍କ ନ୍ୟୁଜିଲାଣ୍ଡ୍ ପ୍ରତିପକ୍ଷ ଟୋଡ୍ ମ୍ୟାକଲେ ସ୍ୱୀକାର କରିଛନ୍ତି। ଭବିଷ୍ୟତ ପାଇଁ ଉପଯୋଗୀ ରାଜିନାମା ନେଇ ଉଭୟ ପକ୍ଷ ଆଶାବାଦୀ ଅଛନ୍ତି। ଦୁଇ ଦେଶର ପ୍ରତିନିଧିମାନେ ବିଭିନ୍ନ ପ୍ରମୁଖ ପ୍ରସଙ୍ଗରେ ବିସ୍ତୃତ ଆଲୋଚନା କରିଛନ୍ତି। ସେଗୁଡ଼ିକ ମଧ୍ୟରେ ସାମଗ୍ରୀ ଓ ସେବା, ଅର୍ଥନୈତିକ ଓ ବୈଷୟିକ ସହଯୋଗ, ନିବେଶ ଆଦି ପ୍ରସଙ୍ଗ ରହିଛି। ପ୍ରସ୍ତାବିତ ମୁକ୍ତ ବାଣିଜ୍ୟ ରାଜିନାମା କାର୍ଯ୍ୟକାରୀ ହେଲେ ଦୁଇ ଦେଶ ମଧ୍ୟରେ ବାଣିଜ୍ୟ ବୃଦ୍ଧି ପାଇବ। ନିବେଶ ସଂପର୍କ ମଜଭୁତ ହେବ ଏବଂ ବ୍ୟବସାୟୀଙ୍କ ପାଇଁ ବଜାର ସୁବିଧାରେ ଉନ୍ନତି ଆସିବ।ଭାରତ ଓ ନ୍ୟୁଜିଲାଣ୍ଡ୍ ମଧ୍ୟରେ ଦ୍ୱିପାକ୍ଷିକ ବାଣିଜ୍ୟ କାରବାର ୨୦୨୪-୨୫ରେ ୧.୩ ବିଲିଅନ ଡଲାରରେ ରହିଥିଲା।

# ଅବହେଳିତ ଜାରିଂ ବାଲିଯାତ୍ରା ମହୋତ୍ସବ



**ବରଗଡ଼,୯।୧୧ (ସଂଚାର ବ୍ୟୁରୋ):** ଭିନ୍ନ ଏକ ଗାଁ । ଅନନ୍ୟ ଗାଁର ପରମ୍ପରା । କିନ୍ତୁ ଅବହେଳିତ ଗାଁର ଲୋକକଳା, ଲୋକ ସଂସ୍କୃତି । ଅସୁରକ୍ଷିତ ଭାବେ ପଡ଼ିରହିଛି ଗାଁର ଐତିହାସିକ କିମ୍ବଦନ୍ତୀ ଓ ପ୍ରାଚୀନ ପଥର ଶିଳାଲିପି । ୩୦୦ ବର୍ଷର ପୁରୁଖା ପରମ୍ପରାକୁ ଗ୍ରାମବାସୀ ବଞ୍ଚାଇବାର ପ୍ରୟାସ ଜାରି ରଖିଛନ୍ତି । ହେଲେ ରାଜ୍ୟ କିମ୍ବା କେନ୍ଦ୍ର ସରକାରଙ୍କ ଦୃଷ୍ଟି ଆଢୁଆଳରେ ହଜିଯାଇଛି ପଶ୍ଚିମଓଡ଼ିଶା ଜାରିଂ ଗ୍ରାମର ପ୍ରସିଦ୍ଧ ରାସଯାତ୍ରା ଓ ବାଲିଯାତ୍ରା ମହୋତ୍ସବ । କାର୍ତ୍ତିକ ମାସ ଶୁକ୍ଲପକ୍ଷ ଦଶମୀ ତିଥିରୁ ୭ ଦିନ ରାଞ୍ଜ ନଦୀରେ ବାବା ବାଲୁଙ୍କେଶ୍ୱରଙ୍କ ଲିଙ୍ଗ ସ୍ଥାପନା କରି ମାନସିକ ନେଇ ଗ୍ରାମବାସୀ ବାଲିଯାତ୍ରା ମହୋତ୍ସବ ପାଳନ କରିଆସୁଛନ୍ତି । ସଂସାରରୁ ରୋଗବ୍ୟାଧିରୁ ମୁକ୍ତି, ଶିକ୍ଷା, ସଂସ୍କୃତି, ପରମ୍ପରା, କୃଷି ଓ କୃଷକର ଉନ୍ନତି କାମନା ନେଇ ବାଲୁକାରେ ନିର୍ମିତ ଶିବଲିଙ୍ଗକୁ ପୂଜାର୍ଚ୍ଚନା କରିଥାନ୍ତି ହଜାରହଜାର ଭକ୍ତ ଓ ଶ୍ରଦ୍ଧାଳୁ। ପବିତ୍ର ରାଞ୍ଜ ନଦୀରେ ବାବା ବାଲୁଙ୍କେଶ୍ୱରଙ୍କ ଅପୂର୍ବ ମିଳନ ଦେଖିବା ପାଇଁ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ହୋଇଥାନ୍ତି ଗ୍ରାମବାସୀ। ଗବେଷଣା ଓ ସୁରକ୍ଷା ଅଭାବରୁ ମହାଭାରତ ଯୁଗର କିମ୍ବଦନ୍ତି ସାଜିଥିବା ଜାରି ଗାଁର ଏହି ଐତିହାସିକ ଶିଳାଲିପି ଏବେ ଅପକ୍ଷୟ ହେବାରେ ବସିଛି ।

## ଚିଙ୍ଗୁଡ଼ି ମାଫିଆଙ୍କ କବଜାରେ ଅସ୍ତରଙ୍ଗ ଉପକୂଳ

## ଖାଦ୍ୟାଭାବ ମୁଖ୍ୟ ସମସ୍ୟା

# ବିପଦରେ ବିଦେଶୀ ପକ୍ଷୀ



**କାକଟପୁର/ଅସ୍ତରଙ୍ଗ,୯।୧୧ (ସଂଚାର ବ୍ୟୁରୋ):** ପୁରୀ ଜିଲ୍ଲା ଅସ୍ତରଙ୍ଗ ହେଉଛି ପ୍ରାକୃତିକ ପରିବେଶ, ସୌନ୍ଦର୍ଯ୍ୟ ଗନ୍ତାଘର ଏବଂ ଜୈବ ବିବିଧତା ସମନ୍ୱୟର ପର୍ଯ୍ୟଟନ କ୍ଷେତ୍ର ହେଉଛି ଅସ୍ତରଙ୍ଗ ବ୍ଲକ ପୀରଜାହାନିଆ, ଗଙ୍ଗାଦେବୀ ଓ କେଳୁଣୀ ମୁହାଁଣ। ଶୀତ ଋତୁ ଆଗମନ ରେ ଉପକୂଳ ବର୍ତ୍ତୀ ଅସ୍ତରଙ୍ଗ କୁ ବିଦେଶୀ ପକ୍ଷୀ ଙ୍କ ଆଗମନ ହୁଏ। ଏଠାକାର ଜୈବ ବିବିଧତା ବହୁ ଅଳ୍ପ ସଂଖ୍ୟକ ପର୍ଯ୍ୟଟନ କ୍ଷେତ୍ରରେ ଦେଖିବାକୁ ମିଳିଥାଏ। ଚଳିତ ବର୍ଷ ବିଦେଶୀ ପକ୍ଷୀ ଆଗମନ ସମୟ ପାଖେଇ ଆସୁଥିବା ବେଳେ ଉପକୂଳବର୍ତ୍ତୀ ପ୍ରାୟ ୫କିଲୋମିଟର ଆଦ୍ରଭୂମି ଚିଙ୍ଗୁଡ଼ି ମାଫିଆଙ୍କ କବଜାରେ ରହିବା ସ୍ଥାନୀୟ ଲୋକଙ୍କ ଚିନ୍ତାର କାରଣ ପାଲଟିଛି। ବିଦେଶାଗତ ପକ୍ଷୀଙ୍କ ବିଚରଣସ୍ଥଳୀ ଆଦ୍ରଭୂମିରେ ମାଫିଆମାନେ ବେଆଇନ ଭାବେ ଚିଙ୍ଗୁଡ଼ି ଘେରି ଓ ପୋଖରୀ ନିର୍ମାଣ କରିଛନ୍ତି। ଫଳରେ ବର୍ତ୍ତମାନ ବସବାସ କରୁଥିବା ଦେଶୀ ଓ ବିଦେଶାଗତ ପକ୍ଷୀଙ୍କ ପାଇଁ ଖାଦ୍ୟ ସଙ୍କଟ ଦେଖାଗଲାଣି। ତେଣୁ ସେମାନେ ଏ ସ୍ଥାନ ଛାଡି ଅନ୍ୟତ୍ର ଚାଲି ଯାଉଛନ୍ତି। ପରିବେଶବିତ୍ତିଙ୍କ କହିବା କଥା ଏଠାକାର ଆଦ୍ରଭୂମିର ସନ୍ତସନ୍ତିଆ ସ୍ଥାନରେ ବାସ କରୁଥିବା ଛୋଟ ମାଛ, କୀଟପତଙ୍ଗ, ଜଳଚର ଜୀବ, କଇଁ ନାଡ଼ ବିଦେଶୀ ପକ୍ଷୀଙ୍କ ପ୍ରିୟ ଖାଦ୍ୟ। ତେଣୁ ହଜାର ହଜାର ବିଦେଶୀ ପକ୍ଷୀଙ୍କ ସୁଦୂର ସାଇବେରିଆ, ମଙ୍ଗୋଲିଆ, ସାଉଥ ଆଫ୍ରିକା, ପାକିସ୍ତାନ, ଅଷ୍ଟ୍ରେଲିଆରୁ ଏଠାକୁ ଆସନ୍ତି।

ଅକ୍ଟୋବର ମାସ ପ୍ରଥମ ସପ୍ତାହରୁ ବିଦେଶୀ ପକ୍ଷୀଙ୍କ ଆଗମନ ହୋଇଥାଏ। ସେମାନେ ଗ୍ରୀଷ୍ମ ଆଗମନ ପରେ ଘରୁ ବାହୁଡ଼ିଥାନ୍ତି। କିନ୍ତୁ ତନ୍ମଧ୍ୟରୁ କେତେକ ବିଦେଶୀ ପକ୍ଷୀ ଏ ସ୍ଥାନ ଛାଡ଼ିବାକୁ ପସନ୍ଦ କରିନଥାନ୍ତି। ମାତ୍ର ଖାଦ୍ୟାଭାବରୁ ପକ୍ଷୀ ମାନେ ସ୍ଥାନ ଛାଡିବା ଚିନ୍ତାବୃଦ୍ଧି କରୁଛି।

# ଧର୍ମ ସମ୍ମିଳନୀ ପାଇଁ ଆଜ୍ଞାମାଳ

**ରାଜନଗର, ୯।୧୧(ସଂଚାର ବ୍ୟୁରୋ):** ରାଜନଗର ବ୍ଲକ ଗୁପ୍ତିଠାରେ ଆସନ୍ତାବର୍ଷ ହେବାକୁ ଥିବା ଜଗତଗୁରୁ ଠାକୁର ଶ୍ରୀଶ୍ରୀ ଅଭିରାମ ପରମହଂସଦେବଙ୍କ ଆଞ୍ଚଳିକ ଭକ୍ତ ଗୋଷ୍ଠୀର ୫୬ତମ ବାର୍ଷିକ ଧର୍ମ ସମ୍ମିଳନୀ ପାଇଁ ଆଜ୍ଞାମାଳ ଉତ୍ସବ ପାଇଁ ମା' ମାଟିଆ ମଙ୍ଗଳାଙ୍କ ପିଠରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ରାଜନଗର ଆଞ୍ଚଳିକ ଭକ୍ତ ଗୋଷ୍ଠୀ ସଭାପତି ଦିବାକର ପରିଡ଼ାଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କରମଳା ଶାନ୍ତି ଧାମ ଆଶ୍ରମର ବାବାଜୀ ଭୀମସେନ ଦାସ,ବାବାଜୀ ସୁଧାନନ୍ଦ ଦାସ, ବାବାଜୀ ଆନନ୍ଦ ଚନ୍ଦ୍ର ଦାସ,ବାବାଜୀ ଆତ୍ମାରାମ ଦାସ ଯୋଗଦେଇ ଆଶ୍ରିବାଚନ ସହ ଅନୁଷ୍ଠାନର ଶୁଭ କାମନା କରିଥିଲେ । ଏଥିରେ ଗୁପ୍ତି ପଞ୍ଚାୟତର ଅଧିବାସୀ, ରାଜନଗର ବ୍ଲକର ନେତୃମଣ୍ଡଳୀ ଓ ଶ୍ରଦ୍ଧାଳୁ ଭକ୍ତମାନେ ଯୋଗଦେଇଥିଲେ।



# ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ପକ୍ଷରୁ ଯୁବ ସମ୍ମେଳନ




**ସାଲେପୁର, ୯।୧୧(ସଂଚାର ବ୍ୟୁରୋ):** ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ଶତବାର୍ଷିକ ପୂର୍ତ୍ତି ଉପଲକ୍ଷେ ଆଜି ସାଲେପୁର ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ଯୁବ ସମ୍ମେଳନ ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମେଳନକୁ କଟକ ବିଭାଗ ସଂଘ ଚାଳକ ଡଃ ଗୌତମ ମହାରଣା ଉଦ୍‌ଘାଟନ କରିଥିଲେ।

ଏଥିରେ କଟକ ବିଭାଗର ପ୍ରଚାର ପ୍ରମୁଖ ଅକ୍ଷୟ ପ୍ରସାଦ ବିଶ୍ୱାଳ ଯୋଗଦେଇ ଭାରତର ଗୌରବମୟ ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ ବିଷୟରେ ଆଲୋଚନା କରିଥିଲେ। ଓଡ଼ିଶା ପୂର୍ବ ପ୍ରାନ୍ତର ପ୍ରାନ୍ତ କାର୍ଯ୍ୟବାହ ଡଃ ଅନିଲ କୁମାର ମିଶ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇ ଦୀର୍ଘବର୍ଷ ପର୍ଯ୍ୟନ୍ତ ଭାରତ ଏକ ସ୍ୱତନ୍ତ୍ର ରାଷ୍ଟ୍ର ଥିଲା। କିନ୍ତୁ କେଉଁ ଭୂଲ୍ କାରଣରୁ ଭାରତ ପରାଧିନ ହେଲା ଏବଂ ପଞ୍ଚ ପରିବର୍ତ୍ତନ ହେଲେ ଭାରତର ପୂର୍ଣ୍ଣ ସ୍ୱାଧୀନତାରୁ ସ୍ୱତନ୍ତ୍ର ରହି ପାରିବ ସେ ସମ୍ପର୍କରେ ମାର୍ଗଦର୍ଶନ କରିଥିଲେ। ଏହି ସମ୍ମେଳନରେ ସାଲେପୁର, ନିଶ୍ଚିନ୍ତକୋଇଲି ଓ ମାହାଙ୍ଗା ବ୍ଲକର ବହୁ କାର୍ଯ୍ୟକର୍ତ୍ତା ଏବଂ ଶତାଧିକ ଯୁବକମାନେ ଯୋଗଦେଇଥିଲେ।

## ପାଟକୁରା ପୁଲିସର ସାଇବର ସଚେତନତା ଅଭିଯାନ

# ଅନ୍‌ଲାଇନ ଠକେଇକୁ ରୋକିବା ଲାଗି ପ୍ରୟାସ




**ଗରଦପୁର,୯।୧୧(ସଂଚାର ବ୍ୟୁରୋ):** ଡିଜିଟାଲ ଯୁଗରେ ବଢୁଥିବା ସାଇବର ଅପରାଧକୁ ଦମନ କରିବା ଏବଂ ସାଧାରଣ ଲୋକଙ୍କୁ ଅନଲାଇନ ସୁରକ୍ଷା ସମ୍ପର୍କରେ ସଚେତନ କରିବା ଲକ୍ଷ୍ୟରେ ପାଟକୁରା ଥାନା ପକ୍ଷରୁ ଏକ ବିଶେଷ ସାଇବର ସଚେତନତା ଅଭିଯାନ ଆରମ୍ଭ କରାଯାଇଛି। ଏହି ଅଭିଯାନ ମାଧମରେ ଗ୍ରାମାଞ୍ଚଳ, ସ୍କୁଲ-କଲେଜ, ବଜାର ଅଞ୍ଚଳ ଏବଂ ସମୁଦାୟ କେନ୍ଦ୍ରଗୁଡ଼ିକରେ ପୁଲିସ ଅଧିକାରୀମାନେ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରୁଛନ୍ତି।

ପୁଲିସ ବିଭାଗର ବରିଷ୍ଠ ଅଧିକାରୀ, ସାଇବର ସେଲ୍ ଅଧିକାରୀ ଏବଂ ପାଟକୁରା ଥାନାର ଅଧିକାରୀ ମହମ୍ମଦ ଜାମ୍ ସେଦ୍, ପୂର୍ବତନ ଥାନା ଅଧିକାରୀ ସରୋଜ କୁମାର ସାହୁ,(ଏଏସ୍ଆଇ) ଦୀପ୍ତିମୟୀ ରାଉତ, (ଏସ୍ଆଇ) ରେଭତୀ ପରିଡ଼ା, (ଏସ୍ଆଇ) ଅଭୟ ନାୟକ, ପ୍ରଦୀପ୍ତ ବେହେରା ସହ ସହଯୋଗୀ ଖଗେଶ୍ୱର ମଲ୍ଲିକ୍, ଅମୟ ମହାନ୍ତି, ସଞ୍ଜିବ ମହାପାତ୍ର ଆଦି ଅନ୍ୟାନ୍ୟ କର୍ମଚାରୀମାନେ ଗରଦପୁର, ନୂଆପଡା, ଚିଡ୍ରୋପ୍ତଳା ମାଧମିକ ଉଚ୍ଚ ବିଦ୍ୟାଳୟ ଆଖୁଆ ଓ ପାଟକୁରା ଥାନା ସମ୍ମୁଖରେ ଉକ୍ତ କାର୍ଯ୍ୟକ୍ରମରେ ଯୋଗଦେଇ ଲୋକଙ୍କୁ ଅନଲାଇନ ମାଧମରେ ବିଭିନ୍ନ ପ୍ରକାର ଠକେଇ ଓ ଖେଳ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଛନ୍ତି। ସମ୍ପ୍ରତି ଘଟୁଥିବା ଠକେଇକୁ ସଚେତନତା ମାଧମରେ ଏହାକୁ ଯଥେଷ୍ଟ ପରିମାଣରେ ରୋକା ଯାଇପାରିବ ବୋଲି ସେମାନେ ମତ ପ୍ରକାଶ କରିବା ସହ ଦିଗଦର୍ଶନ ଦେଇଛନ୍ତି। ଏହି ଅବସରରେ ବିଭିନ୍ନ ମହାବିଦ୍ୟାଳୟ ରେ କୁଇଜ୍ ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀମାନଙ୍କୁ ମାନପତ୍ର ଓ ଫଳକ ପ୍ରଦାନ କରାଯାଇଥିଲା ।

# ମୌଳିକ କର୍ତ୍ତବ୍ୟ ଓ ପୋକ୍ସୋ ଆଇନ୍ ସମ୍ପର୍କରେ ଆଲୋଚନା




**କେନ୍ଦ୍ରାପଡା,୯।୧୧(ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ ଆନୁକୁଲ୍ୟରେ ଏକ ଆଇନ୍ ସଚେତନତା ଶିବିର ଜିଲ୍ଲା ପ୍ରାଧିକରଣ ସଚୀବ ସନ୍ତୋଷ କୁମାର ମହାପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ବୀର ହନୁମାନଜୀଉ କଲେଜ୍ ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲା ଜର୍ଜ କମ୍ ସ୍ୱତନ୍ତ୍ର ଜର୍ଜ ପୋକ୍ସୋ ପ୍ରଜ୍ଞା ପରିମିତା ରାଉଳ ଯୋଗଦେଇ ମୌଳିକ କର୍ତବ୍ୟ ପୋକ୍ସୋ ଆଇନ୍ ଜେଜେ (ସିପିସି) ଏବଂ ପିଓଏସ୍‌ର ସଂପର୍କରେ ଛାତ୍ର ଛାତ୍ରୀମାନଙ୍କୁ ବହୁ ମୁଲ୍ୟ ଉପଦେଶ ଦେଇଥିଲେ । ଏହାସହିତ ବିଭିନ୍ନ ପ୍ରକାରର ଗଳ୍ପର ଉଦାହରଣମାନ ଦେଇ ଛାତ୍ର ଛାତ୍ରୀମାନଙ୍କୁ ଅପରାଧରୁ କିପରି ନିବୃତ ରହି ମାନସିକତାର ସହିତ ସୁସ୍ଥ ସମାଜ ଗଢିବାରେ ସହାୟକ ହେବେ ଓ ଆଗାମୀ କାଲି ଭବିଷ୍ୟତ ନିର୍ମାଣରେ ଜଣେ ଜଣେ ଭଲ କଣ୍ଧାର ସାଜିବାକୁ ଆହ୍ୱାନ ଦେଇଥିଲେ । ଅପରାଧ ଅପରାଧି ଯଦି କମିବ ବିଶେଷ କରି ଏପରି ପୋକ୍ସୋ ଅପରାଧ ଓ ଅପରାଧି ଏହି ବୟସରେ ଜଡିତ ନ ହେବାପାଇଁ ଛାତ୍ର ଛାତ୍ରୀ ମାନଙ୍କୁ ମାନ୍ୟବର ବିଚାରପତି ବୁଝାଇଥିଲେ।

କାର୍ଯ୍ୟକ୍ରମରେ ସିଭିଲ୍ ଜର୍ଜ (ସିନିଅର) ଶୁଭ ଗୌତମ ମିଶ୍ର, ଜେଏମ୍‌ଏଫ୍‌ସି ଦେବାଶିଷ ମିଶ୍ର, ପ୍ରୋବେସନ୍ ଅଫିସର ସିମରନ୍ ସୁକନ୍ୟା, କଲେଜର ଅଧାପକ ପ୍ରଫେସର ତୁଷାରକାନ୍ତ ବରାଳଙ୍କ ସମେତ ଡକ୍ଟର ଆଲୋକ କୁମାର ରାୟ ପ୍ରମୁଖ ଯୋଗଦେଇ ନିଜ ନିଜର ଭାଷଣ ପ୍ରଦାନ କରିଥିଲେ ।

# ହାତୀ ଆକ୍ରମଣରେ ଚାଷୀ ଗୁରୁତର



**ନୀଳଗିରି, ୯।୧୧(ସଂଚାର ବ୍ୟୁରୋ):** ରାତିରେ ହାତୀ ଉପଦ୍ରବରୁ କ୍ଷେତକୁ ବଞ୍ଚାଇବାକୁ ଯାଇ ଜଣେ ଚାଷୀ ଗୁରୁତର ହୋଇଛନ୍ତି। ଏଭୋଳି ଘଟଣା ଦେଖିବାକୁ ମିଳିଛି ନୀଳଗିରିର ଶୈବପୀଠ ପଞ୍ଚଲିଙ୍ଗେଶ୍ୱର ଠାରେ। ସୂଚନା ଅନୁଯାୟୀ ବାବା ପଞ୍ଚଲିଙ୍ଗେଶ୍ୱ ପୀଠ ନିକଟରେ ଥିବା କ୍ଷେତକୁ କେନ୍ଦୁନାଳ ଗାଁର ଯୋଗେନ୍ଦ୍ର ସିଂ(୪୦) ଜଗି ଥିଲେ। ଶନିବାର ରାତି ପ୍ରାୟ ୧୦ଟା ବେଳେ କୁଲଡିହା ଜଙ୍ଗଲରୁ ଏକ ଦନ୍ତା ହାତୀ ଓହ୍ଲାଇ ଉକ୍ତ କ୍ଷେତରେ ଉପଦ୍ରବ କରୁଥିଲା। ଯୋଗେନ୍ଦ୍ରଙ୍କ ସମେତ ଅନ୍ୟ ୧୫/୨୦ ଜଣ ଚାଷୀ ଓ ବନ କର୍ମଚାରୀମାନେ ହାତୀକୁ ଘଉଡ଼ାଇଥିବା ବେଳେ ହାତୀଟି ହିଂସ୍ର ହୋଇ ଗୋଡ଼ାଇଥିଲା। ଚାଷୀ ଯୋଗେନ୍ଦ୍ର ଦୌଡ଼ି ନପାରି କ୍ଷେତରେ ପଡି ଯିବାରୁ ତାଙ୍କୁ ଏହି ହାତୀଟି ଦଳି ଦେଇଛି। ତାଙ୍କ ଗୋଡ଼ ଦୁଇଗଡ଼ ହେବା ସହ ଶରୀରରେ ଗୁରୁତର କ୍ଷତ ସୃଷ୍ଟି କରିଛି। ଅନ୍ୟ ଚାଷୀ ଓ ବନ କର୍ମଚାରୀ ଆହତ ହୋଇଥିଲେ ହେଁ ହାତୀକୁ ପାଟି କରି ଘଉଡ଼ାଇବାରୁ ଚାଷୀ ଜଣକ ଅଳ୍ପକେ ବଞ୍ଚି ଯାଇଛନ୍ତି। ତାଙ୍କୁ ସଙ୍ଗେ ସଙ୍ଗେ ସେଠାରୁ ଉଦ୍ଧାର କରାଯାଇ ନୀଳଗିରି ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଅବସ୍ଥା ସଙ୍କଟାପନ୍ନ ହେବାରୁ ବାଲେଶ୍ୱର ମେଡିକାଲ କଲେଜ ସ୍ଥାନାନ୍ତର କରାଯାଇଛି ।

# ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ଜାତୀୟ ଆଇନ ସେବା ଦିବସ




**ନବରଙ୍ଗପୁର, ୯।୧୧(ସଂଚାର ବ୍ୟୁରୋ):** ଆଜି ଜିଲ୍ଲା ଆଇନ ସେବା ପ୍ରାଧିକରଣ, ନବରଙ୍ଗପୁର ତରଫରୁ ଜିଲ୍ଲା କୋର୍ଟ ପରିସରରେ ଆଇନଜୀବି, ଅଙ୍ଗନୱାଡି କର୍ମୀ, ମିଶନ ଶକ୍ତିର ମହିଳା, ବରିଷ୍ଟ ନାଗରିକ ଓ ପାରା ଲିଗାଲ ସଦସ୍ୟ ମାନଙ୍କୁ ନେଇ ଜାତୀୟ ଆଇନ ସେବା ଦିବସ, ୨୦୨୫ ପାଳନ ହେଇଯାଇଛି। ଏହି କାର୍ଯ୍ୟକ୍ରମ ଜିଲ୍ଲା ଆଇନ ସେବା ପ୍ରାଧିକରଣ, ନବରଙ୍ଗପୁର ଅଧକ୍ଷ ତଥା ଜିଲ୍ଲା ଦୌରାଜର୍ଜ ସୁବ୍ରତ ମହାନ୍ତିଙ୍କ ନିର୍ଦ୍ଦେଶକ୍ରମେ ଆୟୋଜିତ ହୋଇଥିଲା । ଚଳିତ ବର୍ଷ ଏହି ଦିବସ ପାଳନର ପ୍ରସଙ୍ଗ ହେଉଛି "ସମସ୍ତଙ୍କ ପାଇଁ ନ୍ୟାୟ ଆଇନ ସଚେତନତା ମାଧମରେ ନିଷ୍ପେଷିତ ଶ୍ରେଣୀର ସଶକ୍ତି କରଣ"। ଏହି ଶିବିରରେ ଅତିରିକ୍ତ ଜିଲ୍ଲା ଜର୍ଜ ବିଷ୍ଣୁ ପ୍ରସାଦ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ ଓ ଦେଶରେ ଯେକୌଣସି ନାଗରିକ ଯେକୌଣସି ପୃଷ୍ଟଭୂମିରୁ ଆସିଥାନ୍ତୁ ନା କାହିଁକି, ତାଙ୍କର ପରିଚୟ ଯାହା ହେଉ ନା କାହିଁକି, ପ୍ରତେକଙ୍କୁ ମାଗଣା ଆଇନ ସେବା ସହାୟତା ମିଳିପାରିବ ବୋଲି ସମସ୍ତଙ୍କୁ କହିଥିଲେ ଓ ଏହି ଦିବସର ମହତ୍ୱ ବିଷୟରେ ଓ ବିଭିନ୍ନ ଆଇନ ବିଷୟରେ ସଚେତନ କରିଥିଲେ। ଏଥିରେ ବହୁ ଆଇନଜୀବୀ ଯୋଗଦେଇ ରାଷ୍ଟ୍ରୀୟ ଆଇନ ସେବା ଦିବସ, ୨୦୨୫ ବିଷୟରେ ଆଲୋକପାତ କରିଥିଲେ।

# ମା' ପାଟଣେଶ୍ୱରୀ ମନ୍ଦିର ଉନ୍ନତିକରଣ ଶୀଘ୍ର ସାରିବାକୁ ଦାବି



**ବଲାଙ୍ଗିର, ୯।୧୧(ସଂଚାର ବ୍ୟୁରୋ):** ପାଟଣା ରାଜ୍ୟର ଇଷ୍ଟଦେବୀ ମାଁ ପାଟଣେଶ୍ୱରୀ ମନ୍ଦିର ପୀଠକୁ ୧୮୭୨ ମସିହାରୁ ୨୦୨୫କୁ ୧୫୦ ବର୍ଷ ପୂର୍ତ୍ତି ହୋଇଯାଇଛି। ଏହି ଅବସରରେ ବଲାଙ୍ଗିର ଜିଲ୍ଲାର ଦେବାଳୟ ଐତିହ୍ୟ ସୁରକ୍ଷା ଟ୍ରଷ୍ଟ ପକ୍ଷରୁ ଆଗାମୀ ଜାନୁୟାରୀ ମାସ ପହିଲା ସପ୍ତାହରେ ପାଟଣେଶ୍ୱରୀ ମହୋତ୍ସବ ଆୟୋଜନ ପାଇଁ ଉପ-ଜିଲ୍ଲାପାଳ ତଥା ଦୋବୋତ୍ତର ବିଭାଗକୁ ସୂଚନା ପ୍ରଦାନ କରିଛି । ଗତ ୨୦୨୩ ମସିହାରେ ଉନ୍ନତିକରଣ ପାଇଁ ୧କୋଟି ୧୨ଲକ୍ଷ ଟଙ୍କା ସୌନ୍ଦର୍ଯ୍ୟକରଣ ପାଇଁ ମାଁ ପାଟଣେଶ୍ୱରୀ ମନ୍ଦିର କାର୍ଯ୍ୟ ଆରମ୍ଭ ହୋଇଥିଲା । ୩ବର୍ଷରୁ ଉର୍ଦ୍ଧ୍ୱ ହୋଇଗଲାଣି ଏ ଯାଏଁ ସମ୍ପୁର୍ଣ୍ଣ ହୋଇନାହିଁ। ଏହି ଅବସରରେ ବଲାଙ୍ଗିର ଉପ-ଜିଲ୍ଲାପାଳ ଆଲୋକ କୁମାର ପଟେଲଙ୍କୁ ଦେବାଳୟ ସୁରକ୍ଷା କମିଟି ୪ ଗୋଟି ଦାବି ପ୍ରଦାନ କରିଛି । ଜାନୁୟାରୀ ମାସରେ ମହୋତ୍ସବ ଆୟୋଜନ ହେବା ହେତୁ ମନ୍ଦିର ଉନ୍ନତିକରଣ ତ୍ୱରାନ୍ୱିତ କରିବା ଏବଂ ମା' ମନ୍ଦିରର ଗମ୍ଭିରାଘର, ପରଭା ରୂପା କିମ୍ବା ପିତ୍ତଳ ଛାଉଣି ଲଗାଇବା ,୧୫୦ ବର୍ଷ ପୂର୍ତ୍ତି ଅବସରରେ ପାଟଣା ରାଜ୍ୟର ଇଷ୍ଟଦେବୀ ମାଁ ପାଟଣେଶ୍ୱରୀ ମନ୍ଦିରକୁ ପର୍ଯ୍ୟଟନ ମାନ୍ୟତା ଦାବି, ପାଟଣେଶ୍ୱରୀ ମହୋତ୍ସବ ପାଇଁ ରାଜ୍ୟ ସରକାରଙ୍କୁ ପ୍ରସ୍ତାବ ପଠାଇବା ପାଇଁ ଦାବି ଜଣାଇଥିଲେ। କମିଟିର ସଭାପତି ଜୟକୃଷ୍ଣ ମିଶ୍ର, ପ୍ରଶାନ୍ତ ମହାକୁର ଆଗାମୀ ଦିନରେ ମହୋତ୍ସବ ପାଇଁ ବିଭିନ୍ନ ଯୋଜନା ଓ ବଲାଙ୍ଗିର ର ବୁଦ୍ଧିଜିବିଙ୍କୁ ନେଇ ଏକ ପ୍ରସ୍ତୁତି ବୈଠକ ହେବ । ରାଜ୍ୟର ମହାମହିମ ରାଜ୍ୟପାଳ ଏବଂ ରାଜ୍ୟର ବିଭିନ୍ନ ନେତା ମନ୍ତ୍ରୀଗଣ ଉତ୍ସବରେ ନିମନ୍ତ୍ରିତ କରାଯିବ ବୋଲି ଏହି ଅବସରରେ କମିଟି ନିଷ୍ପତ୍ତି ଅନୁଯାୟୀ ଏକ ପ୍ରେସ ବିବୃତ୍ତିରେ ସୂଚନା ଦେଇଛନ୍ତି ।

# ବୃଦ୍ଧାଙ୍କୁ ଅସଦାଚରଣ ଅଭିଯୋଗରେ ଯୁବକ ଗିରଫ

**କଣାସ, ୯।୧୧(ସଂଚାର ବ୍ୟୁରୋ):** କଣାସ ଗ୍ରାମପଞ୍ଚାୟତ ପୋତାଘର ଗ୍ରାମର ଜଣେ ୬୫ ବର୍ଷିୟ ବୃଦ୍ଧା କଣାସ ଥାନାରେ ଅଭିଯୋଗ କରିଛନ୍ତି। ସେହି ଗ୍ରାମର ଜଣେ ଯୁବକ ସଂନ୍ଧ୍ୟା ୬.୩୦ ମିନିଟ ସମୟରେ ତାଙ୍କ ଘରେ ପଶି ଅସଦାଚରଣ କରିବା ସହିତ ଟଣା ଓଟରା କରିବାରୁ ସେ ଡାକ ପକାଇବାରୁ ହେତୁ ଯୁବକ ଜଣକ ଖସି ପଳାଇଥିଲେ। ବୃଦ୍ଧା ଜଣକ କଣାସ ଥାନାରେ ଏକ ଲିଖିତ ଅଭିଯୋଗ କରିବା ପରେ କଣାସ ଥାନା ଆଇଆଇସି ପ୍ରଶନ୍ନ କୁମାର ନାୟକ କଣାସ ଥାନା କେସ ନଂ ୨୬୩/୨୦୨୫ ତଥା ୩୩୩/୭୬(୨)୭୫/୭୬/୭୯/୨୦୯୬/୧୧୫(୨)/୩ ୫୧(୨)ମକଦମା ରୁଜ କରି ତଦନ୍ତ କରିବା ସହିତ ୬ ଘଣ୍ଟା ଭିତରେ ଆସାମୀ ମନୋଜ ମହାନ୍ତି ୪୨ ବର୍ଷଙ୍କୁ ଗିରଫ କରି କୋର୍ଟ ଚାଲଣ କରିଥିବା ଆଇଆଇସି ପ୍ରଶନ୍ନ କୁମା ନୟକଙ୍କଠାରୁ ପ୍ରକାଶ।

# ମଟର ସାଇକେଲ ଛଡାଇ ଯୁବକ ଗିରଫ

**କଣାସ, ୯।୧୧(ସଂଚାର ବ୍ୟୁରୋ):** କଣାସ ଥାନା ନୂଆ ଜଗନ୍ନାଥ ସଡକ ଜଙ୍ଗିଆ ଛକରେ ଗତ ଶୁକ୍ରବାରସଂନ୍ଧ୍ୟା ସମୟରେ ଚିନ୍ତାମଣୀ ରାଉଳ ଜଣେ ବ୍ୟକ୍ତି ନିଜ ମଟର ସାଇକେଲରେ କଣାସ ଠାରୁ ଗଡ଼ିଶାଗୋଦା ଯାଉଥିବାବେଳେ ଜଙ୍ଗିଆ ଛକରେ ଜଙ୍ଗିଆ ଗ୍ରାମର ସର୍ବେଶ୍ୱର ମଲ୍ଲିକ ଜଣେ ବ୍ୟକ୍ତି ତାଙ୍କୁ ମାଡମାରି ତାଙ୍କ ମଟର ସାଇକେଲଟିକୁ ଛଡାଇ ନେଇଯାଇଥିଲେ। ଐତି ନେଇ ଚିନ୍ତାମଣି ରାଉଳ କଣାସ ଥାନାରେ ଅଭିଯୋଗ କରିବା ପରେ କଣାସ ଥାନା ଆଇଆଇସି ପ୍ରଶନ୍ନ କୁମାର ନାୟକ କଣାସ ଥାନା କେସ ନମ୍ବର ୨୬୧/୨୦୨୫ ରେ ଏକ ମକଦମା ରୁଜ କରି ତଦନ୍ତ କରିବା ପରେ ଅଭିଯୁକ୍ତକୁ ଖୋଜାଖୋଜି କରି ସଦର ଥାନା ଅଞ୍ଚଳରେ ବାଇକ ୦ଖି ବିକ୍ରି କରିବାକୁ ଉଦ୍ୟମ କରୁଥିବାବେଳେ ବାଇକ ଜବତ କରିବା ସହିତ ସର୍ବେଶ୍ୱେରକୁ ଗିରଫ କରି କୋର୍ଟ ଚାଲଣ କରିଛନ୍ତି।

# ସାଇବର ସଚେତନତା ରଥକୁ ଜିଲ୍ଲା ପୁଲିସ ପକ୍ଷରୁ ଭବ୍ୟ ସ୍ୱାଗତ



**ସୁବର୍ଣ୍ଣପୁର, ୯।୧୧(ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଜିଲ୍ଲା ପୋଲିସ ପ୍ରଶାସନ ପକ୍ଷରୁ ସ୍ଥାନୀୟ ନଳିନୀ ଛକ ଠାରେ ସାଇବର ସଚେତନତା ର କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରା ଯାଇଛି। ସୁବର୍ଣ୍ଣପୁର ଏସପି ଶ୍ରୀ ନାରାୟଣ ନାଏକ ଓ ଅତିରିକ୍ତ ଜିଲ୍ଲାପାଳ ଶ୍ରୀମତୀ ଅଞ୍ଜଳିନା ପଧାନ ଯୋଗ ଦେଇ ସବୁଜ ପତାକା ଦେଖାଇ ଏହାର ଶୁଭ ଉଦଘାଟନ କରିଥିଲେ। ଆଜି ଠାରୁ ଆସନ୍ତା ୧୭ ତାରିଖ ଯାଏ ଏହି ସଚେତନତା ରଥ ପ୍ରତି ବ୍ଲକ ଓ ପଞ୍ଚାୟତକୁ ଯାଇ ଲୋକଙ୍କୁ ସଚେତନ କରିବ। ସାଇବର ଠକେଇରୁ ନିଜକୁ ଦୂରେଇ ରଖିବାକୁ ଓ ପୁରା ସାବଧାନ ହୋଇ ନିଜର କଷ୍ଟ ଲବ୍ଧ ଅର୍ଥକୁ ସୁରକ୍ଷିତ ରଖିବାକୁ ଏସପି ଶ୍ରୀ ନାଏକ ଓ ଏଡିଏମ୍ ଶ୍ରୀମତୀ ପଧାନ ଆଜି ସହର ଓ ଜିଲ୍ଲାବାସୀଙ୍କୁ ରୟାଲ ପଡିଆ ଠାରେ ଆୟୋଜିତ ଏକ ସଚେତନତା ସଭା ରେ ନିବେଦନ କରିଛନ୍ତି। ଆଜି ଏହି ଅବସର ରେ ସକାଳ ୭ ଟାରେ ନଳିନୀ ଛକରୁ ରୟାଲ ପଡିଆ ଯାଏ ଏକ ୱାକଥନ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା।

# ରାଜ୍ୟସ୍ତରୀୟ ସୁରଭି ପାଇଁ ଦୁଇ ଦିବ୍ୟାଙ୍ଗ ଛାତ୍ର ମନୋନୀତ

**ବାରିପଦା, ୯।୧୧(ସଂଚାର ବ୍ୟୁରୋ):** ଦିବ୍ୟାଙ୍ଗ ହେଲେବି ମନବଳ ଆଗରେ ସବୁକିଛି ହରମାନେ। ଏହିଭଳି ଏକ ଉଦାହରଣ ଆଜି ଦେଖିବାକୁ ମିଳିଅଛି ସ୍ଥାନୀୟ ବାରିପଦାର ସହିଦସ୍ମୃତି ଭବନ ଠାରେ ଅନୁଷ୍ଠିତ ହୋଇଥିବା ଜିଲ୍ଲାସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ। ଦିବ୍ୟାଙ୍ଗ ବିଭାଗରେ ଦାମୋଦର ପୁର କ୍ଲଷ୍ଟରର ବିର୍ସା ମୁଣ୍ଡା ଉଚ୍ଚ ବିଦ୍ୟାଳୟର ଦଶମ ଶ୍ରେଣୀର ଛାତ୍ର ପବିତ୍ର କୁମାର ମୁର୍ମୁ ସଂଗୀତରେ ଏବଂ ବାଙ୍କୀଶୋଳ କ୍ଲଷ୍ଟରର ବାକ ଓ ଶ୍ରବଣ ବାଧିତଙ୍କ ସ୍ୱତନ୍ତ୍ର ବିଦ୍ୟାଳୟ, ଲକ୍ଷ୍ମୀପୋଷିର ୯ମ ଶ୍ରେଣୀର ଛାତ୍ର ଆକାଶ ଟୁଡୁ ଚିତ୍ରାଙ୍କନରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ସେ ଦୁହେଁ ଭୁବନେଶ୍ୱର ଠାରେ ଅନୁଷ୍ଠିତ ହେବାକୁ ଥିବା ରାଜ୍ୟସ୍ତରୀୟ "ସୁରଭି" କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିବେ ।

ଦାମଦୋରପୁର ସିଆରସିସି ଧନପତି ମିଶ୍ର, ବାଙ୍କିଶୋଳ ସିଆରସିସି ରାଜକିଶୋର ସେଠି, ବିର୍ଷାମୁଣ୍ଡା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ଜ୍ୟୋତି ରାଣୀ ମୁର୍ମୁ, ଶିକ୍ଷକ ପ୍ରଭାତ କୁମାର ସାହୁ, ବାକ ଓ ଶ୍ରବଣ ବାଧିତ ପିଲାଙ୍କ ସ୍ୱତନ୍ତ୍ର ବିଦ୍ୟାଳୟର ଶିକ୍ଷକ ମନବୋଧ ମହାନ୍ତ ଓ ପ୍ରଧାନ ଶିକ୍ଷକ କୈଳାଶ ଚନ୍ଦ୍ର ଦାସ ଏବଂ ସମନ୍ୱିତ ଶିକ୍ଷା ସଂଯୋଜକ ନିରଞ୍ଜନ ନାୟକ ଏବଂ ବାରିପଦା ବ୍ଲକର ବି ଆର ଟି ଦିଲ୍ଲୀପ କୁମାର ଦାସ ଦୁଇ କୃତୀ ଦିବ୍ୟାଙ୍ଗ ଛାତ୍ରଙ୍କୁ ଅଭିନନ୍ଦନ ଜଣାଇବା ସହ ରାଜ୍ୟ ସ୍ତରରେ ସଫଳତା କାମନା କରିଛନ୍ତି ।




# ନୀଳଗିରିକୁ ପଶିଲା ଦନ୍ତା, ବନାଞ୍ଚଳବାସୀ ଆତଙ୍କିତ



**ନୀଳଗିରି, ୯।୧୧(ସଂଚାର ବ୍ୟୁରୋ):** ବାଲେଶ୍ୱର ଜିଲା ନୀଳଗିରିକୁ ପ୍ରବେଶ କଲା ପାଇଲଟ ଦନ୍ତା। ଝାଡ଼ଖଣ୍ଡ ଦଲମା ଜଙ୍ଗଲରୁ ଗତ ୨୦୧୦ ମସିହାରୁ ଚିରାଚରିତ ଭାବେ ନୀଳଗିରିକୁ ପ୍ରଥମେ ଆସନ୍ତି ପାଇଲଟ ଦନ୍ତା ଓ ପରେ ଆସନ୍ତି ହାତୀ ପଲ । ପ୍ରତିବର୍ଷ ଭଳି ଚଳିତବର୍ଷ ମଧ ଝାଡ଼ଖଣ୍ଡ ର ଦଲମା ଜଙ୍ଗଲରୁ ଏକ ପାଇଲଟ ଦନ୍ତା ଓଡିଶା ବର୍ଡ଼ର୍ ପାରି ହୋଇ କିଛି ଦିନ ମୟୁରଭଞ୍ଜରେ ରହିଥିବା ବେଳେ ଶନିବାର ଭୋର ସମୟ ରେ ପାଇଲଟ ଦନ୍ତା ନୀଳଗିରି ରେଞ୍ଜ ଅଧିନ ଦୁର୍ଗାଦେବୀ, ପୁନ୍ଦାଳ, କାଠପାଳ, ପାଟଣା ଅଯୋଧା ପିଚୁ ରାସ୍ତା ପାର କରି ଗୋପାଳପୁର ସଂରକ୍ଷିତ ଜଙ୍ଗଲରେ ପ୍ରବେଶ କରିଥିଲା। ପାଇଲଟ ଦନ୍ତା ଆସୁଥିବା ରାସ୍ତାରେ ଧାନ ଫସଲ ନଷ୍ଟ କରିଛି।

ରବିବାର ଅପରାହ୍ନ ୬ ଘଟିକା ସୁଦ୍ଧା ପାଇଲଟ ଦନ୍ତା ତିନିକୋଶିଆ କୁ ସଂରକ୍ଷିତ ଜଙ୍ଗଲ ମୁହାଁ ହେଉଥିବା ଜଣାପଡୁଛି। ପାଇଲଟ ଦନ୍ତା ଆସୁଥିବାର ଖବର ପାଇ ଗୋପାଳପୁର ଓ ତିନିକୋଶିଆ ସଂରକ୍ଷିତ ଜଙ୍ଗଲ ଚତୁଃପାର୍ଶ୍ୱରେ ଥିବା ଗ୍ରାମବାସୀ ଆତଙ୍କିତ ଅବସ୍ଥାରେ ରହିବା ସହ ଜଙ୍ଗଲ ଚାରି ପାଖରେ ଖୋଳା ଯାଇଥିବା ଟ୍ରେଞ୍ଚ, ସୌରବାଡ଼ ଗୁଡ଼ିକ ବିଧ୍ୱସ୍ତ ହୋଇଥିବା ବେଳେ ମରାମତି ପାଇଁ ଗ୍ରାମବାସୀ ମାନେ ଦାବି କରିଛନ୍ତି। ପାଇଲଟ ଦନ୍ତାର ଗତିବିଧି ନିରିକ୍ଷଣ ପାଇଁ ଜଙ୍ଗଲ ଚତୁଃପାର୍ଶ୍ୱରେ ଜଗି ରହିବା ସହ ହାତୀଙ୍କ କବଳରୁ ମଣିଷଙ୍କୁ ରକ୍ଷା ଏବଂ ମଣିଷ କବଳରୁ ହାତୀଙ୍କୁ ସୁରକ୍ଷା ପାଇଂ ଜଙ୍ଗଲ ଚତୁଃପାର୍ଶ୍ୱରେ ନୀଳଗିରି ବନବିଭାଗର ରେଞ୍ଜର ମନୱାର ଖାନ, ଫରେଷ୍ଟର, ଫରେଷ୍ଟ ଗାର୍ଡ଼, ସବୁଜବାହିନୀ ଜଗି ରହିଛନ୍ତି।

# ଗରିବ ମେଧାବୀ ଛାତ୍ରଙ୍କୁ ଡାକ୍ତରୀ ଶିକ୍ଷା ପାଇଁ ସହାୟତା




**ନୀଳଗିରି, ୯।୧୧(ସଂଚାର ବ୍ୟୁରୋ):** ବାଲେଶ୍ୱର ଜିଲ୍ଲାର ସରସ୍ୱତୀପୁର ଅଞ୍ଚଳନିବାସୀ ସନ୍ତୋଷ କୁମାର ବେହେରା ଓ ଅମିତା ବେହେରାଙ୍କର ସୁଯୋଗ୍ୟ ସନ୍ତାନ ତଥା ଜଣେ ମେଧାବୀଛାତ୍ର ଶ୍ରୀକାନ୍ତ ବେହେରା ଯିଏକି ଡାକ୍ତରୀ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିଲେ ମଧ ଅର୍ଥାଭାବରୁ ଆଡ୍‌ମିଶନ ହୋଇପାରୁନଥିଲେ । ଏହି ଖବର ପାଇବାପରେ ନୀଳଗିରିର ଅଗ୍ରଣୀ ଶିକ୍ଷାନୁଷ୍ଠାନ ରତ୍ନାକର ଟାଉନ ଉଚ୍ଚବିଦ୍ୟାଳୟର ପୁରାତନ ଛାତ୍ରମାନଙ୍କ ଦ୍ୱାରା ନବନିର୍ମିତ ଆର.ଟି.ଏଚ.ଏସ ରାଧାକୃଷ୍ଣ ଚ୍ୟାରିଟେବଲ ଫାଉଣ୍ଡେସନ ଦ୍ୱାରା ଶନିବାର ନୀଳଗିରି ରତ୍ନାକର ଟାଉନ ଉଚ୍ଚବିଦ୍ୟାଳୟ ପ୍ରାଙ୍ଗଣରେ ଟ୍ରଷ୍ଟର ଚେୟାରମେନ ତଥା ପୂର୍ବତନ ପ୍ରଧାନ ଶିକ୍ଷକ ବିନୋଦ ବିହାରୀ ପଣ୍ଡା ଓ ବାଲେଶ୍ୱର ସାଂସଦଙ୍କ ବ୍ୟକ୍ତିଗତ ସହାୟକ ଚନ୍ଦ୍ରବିନ୍ଦୁ ଦାସଙ୍କ ଉପସ୍ଥିତିରେ ଟ୍ରଷ୍ଟର ମ୍ୟାନେଜିଂ ଟ୍ରଷ୍ଟି ଓ ସମସ୍ତ ସଦସ୍ୟଙ୍କ ଉପସ୍ଥିତିରେ ମେଧାବୀଛାତ୍ର ଶ୍ରୀକାନ୍ତ ବେହେରାଙ୍କୁ ଅର୍ଥରାଶି ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସାମିଲହୋଇ ମେଡିକାଲଛାତ୍ର ଶ୍ରୀକାନ୍ତ ବେହେରା ଆଗାମୀ ଭବିଷ୍ୟତରେ ଜଣେ ଭଲ ଡାକ୍ତର ହେବା ସହିତ ଗରିବଲୋକ ମାନଙ୍କୁ ସହାୟତା କରିବାପାଇଁ ପ୍ରତିଶ୍ରୁତି ପ୍ରଦାନ କରିଥିଲେ ।




# ଶୀତିଦିନେ ମୁହଁର ସୌନ୍ଦର୍ଯ୍ୟ



ସାଧାରଣତଃ ଶୀତଦିନେ ମୁହଁ ଶୁଷ୍କ ହେବା, ଫାଟିବା ଓ ବ୍ରଣହେବା ଭଳି ସମସ୍ୟା ଦେଖାଯାଇଥାଏ। ଘରୋଇ ଉପଚାର ଦ୍ୱାରା ଏଭଳି ସମସ୍ୟାକୁ ସହଜରେ ଦୂର କରାଯାଇପାରେ। ମୁହଁର ସୌନ୍ଦର୍ଯ୍ୟ ପାଇଁ ଶୀତଦିନେ ଏହି ଉପଚାର ଅତ୍ୟନ୍ତ ଲାଭଦାୟକ ହୋଇଥାଏ।

❑ ମୁହଁର ସୌନ୍ଦର୍ଯ୍ୟ ପାଇଁ ପାଚିଲା ଅମୃତଭଣ୍ଡା ଓ ପାଚିଲା କଦଳୀକୁ ଭଲ ଭାବେ ଚକଟି ଦିଅନ୍ତୁ। ସେଥିରେ ଦୁଇ ଚାମଚ ମହୁ ମିଶାଇ ଦିଅନ୍ତୁ। ଏହି ମିଶ୍ରଣକୁ ମୁହଁ ଓ ବେକରେ ଲଗାନ୍ତୁ। ୨୦ ମିନିଟ ପରେ ଥଣ୍ଡା ପାଣିରେ ମୁହଁ ଓ ବେକକୁ ଧୋଇ ଦିଅନ୍ତୁ, ଦେଖିବେ ମୁହଁ ଚିକ୍କଣ ରହିବ।

❑ ଗୋଟିଏ ଚାମଚ ଆଲମଣ୍ଡ ପାଉଡ଼ରରେ ଦୁଇ ଚାମଚ କ୍ଷୀର ଗୋଳାଇ ଏକ ମିଶ୍ରଣ ପ୍ରସ୍ତୁତ କରନ୍ତୁ। ସେହି ମିଶ୍ରଣକୁ ମୁହଁରେ ଲଗାଇ ୧୦ ମିନିଟ ଯାଏ ରଖନ୍ତୁ। ତା'ପରେ ଭଲ ଭାବରେ ମୁହଁକୁ ଧୋଇ ଦିଅନ୍ତୁ। ଫଳରେ ମୁହଁର ରୁଖାପଣ ଦୂର ହୋଇଥାଏ ଏବଂ ଚମକ ବଢ଼ିଥାଏ।

❑ ପ୍ରଥମେ ମୁହଁକୁ ଥଣ୍ଡା ପାଣିରେ ଭଲ ଭାବେ ଧୋଇ ଦିଅନ୍ତୁ। ପରେ ତୁଳା ସାହାଯ୍ୟରେ କିଛି ଗ୍ଲିସେରିନ୍ ନେଇ ମୁହଁରେ ଲଗାନ୍ତୁ। କିଛି ସମୟ ପରେ ମୁହଁକୁ ଧୋଇ ଦିଅନ୍ତୁ। ଏହା ମୁହଁର ତ୍ୱଚାକୁ ନରମ ରଖିବାରେ ସାହାଯ୍ୟ କରେ।

❑ ଗୋଟିଏ ଆଭୋକାଡୋ.ନିଅନ୍ତୁ, ସେଥିରେ ଦୁଇ ଚାମଚ ମହୁ ମିଶାଇ ଏକ ମାସ୍କ ପ୍ରସ୍ତୁତ କରନ୍ତୁ। ଏହି ମାସ୍କକୁ ମୁହଁ ଏବଂ ବେକରେ ୧୦ ମିନିଟ ଯାଏ ଲଗାଇ ରଖନ୍ତୁ। ତା'ପରେ ଭଲ ଭାବରେ ମୁହଁ ଓ ବେକକୁ ଧୋଇ ଦିଅନ୍ତୁ। ଏହା ଫଳରେ ମୁହଁ ଓ ବେକ ମୁଲାୟମ ରହେ।

❑ ଶୀତ ଦିନେ ପ୍ରାୟତଃ ପାଗ ଶୁଖିଲା ରହୁଥିବାରୁ ଅଧିକ ପରିମାଣର ପାଣି ପିଅନ୍ତୁ। ଉଷୁମ ପାଣି ସବୁଠାରୁ ଭଲ। କାନକୁହା କଥା ଶୁଣି ବା କେବଳ ସୋସିଆଲ ମିଡ଼ିଆର ସାହାରା ନେଇ ମୁହଁ ମେକପ ପାଇଁ କ୍ରିମ ବା କୌଣସି ଲୋସନ ବ୍ୟବହାର କରନ୍ତୁ ନାହିଁ। ଏ କ୍ଷେତ୍ରରେ ସୌନ୍ଦର୍ଯ୍ୟ ବିଶେଷଜ୍ଞଙ୍କ ପରାମର୍ଶ ନିଅନ୍ତୁ।

ଅପର୍ଣ୍ଣା ନାୟକ, ମେନ ସାଗର ପାନ ରୋଡ଼, ନଂ-୩, ବାଲାଜୀ ଡିପାର୍ଟମେଣ୍ଟାଲ ଷ୍ଟୋର, ନୂଆଦିଲ୍ଲୀ, ପିନ-୧୧୦୦୪୬

# କେମିତି ଜାଣିବେ ପିତ୍ତକୋଷରେ ଷ୍ଟୋନ୍



ଯଦି ଆପଣ ଆପଣଙ୍କ ଉପର ପେଟରେ ହଠାତ୍ ତୀବ୍ର ଯନ୍ତ୍ରଣା ଅନୁଭବ କରୁଛନ୍ତି ଯାହା କିଛି ସମୟ ପରେ କମିଯାଉଛି, ତେବେ ଏହା ପିତ୍ତକୋଷରେ ଷ୍ଟୋନ୍‌ର ଲକ୍ଷଣ ହୋଇପାରେ। ଏହି ସମସ୍ୟା ମହିଳାମାନଙ୍କଠାରେ ଅଧିକ ଦେଖାଯାଏ ଏବଂ ପ୍ରାୟତଃ ବିଳମ୍ବରେ ଜଣାପଡ଼ିଥାଏ। ପିତ୍ତକୋଷ ଷ୍ଟୋନ୍ ହେଉଛି ଛୋଟ କଠିନ କଣିକା ଯାହା ପିତ୍ତକୋଷରେ ଗଠିତ ହୁଏ। ଏଗୁଡ଼ିକ କୋଲେଷ୍ଟ୍ରଲ ଏବଂ ପିତ୍ତରୁ ଗଠିତ। ଯେତେବେଳେ ଏଗୁଡ଼ିକ ପିତ୍ତନଳୀକୁ ଅବରୋଧ କରନ୍ତି, ସେତେବେଳେ ଏଗୁଡ଼ିକ ପେଟରେ ତୀବ୍ର ଯନ୍ତ୍ରଣା ସୃଷ୍ଟି କରନ୍ତି ଯାହା ପିଠି କିମ୍ବା କାନ୍ଧରେ ମଧ୍ୟ ହୋଇପାରେ । ପ୍ରାରମ୍ଭରେ, କୌଣସି ଲକ୍ଷଣ ଦେଖା ଦେଇନଥାଏ। ତଥାପି, ଷ୍ଟୋନ୍ ବଢ଼ିବା ସହିତ, ତେଲିଆ ଖାଦ୍ୟ ଖାଇବା ପରେ ଯନ୍ତ୍ରଣା ସହିତ ବାନ୍ତି ହୋଇପାରେ। ଏହି ସମସ୍ୟା ବିଶେଷକରି ମହିଳା, ୪୦ ବର୍ଷରୁ ଅଧିକ ବୟସ୍କ ବ୍ୟକ୍ତି ଏବଂ ମେଦବହୁଳ ଲୋକଙ୍କଠାରେ ସାଧାରଣ। ଦ୍ରୁତ ଓଜନ ହ୍ରାସ କିମ୍ବା ବାରମ୍ବାର ଗର୍ଭଧାରଣ ମଧ୍ୟ ଏହି ବିପଦକୁ ବୃଦ୍ଧି କରେ। ଏହି ସମସ୍ୟା ଗୁରୁତର ହେଲେ, ଏହାକୁ ଆକ୍ୟୁଟ୍ କୋଲେସିଷ୍ଟାଇଟିସ୍ କୁହାଯାଏ। ଏହି ଅବସ୍ଥାରେ ପିତ୍ତକୋଷ ସମ୍ପୂର୍ଣ୍ଣ ଭାବରେ ଅବରୋଧିତ ହୋଇଯାଏ ଏବଂ ରୋଗୀ ଜ୍ୱର, ଥଣ୍ଡା ଏବଂ ବାନ୍ତି ଭଳି ଲକ୍ଷଣ ଅନୁଭବ କରନ୍ତି। ଏପରି ପରିସ୍ଥିତିରେ, ତୁରନ୍ତ ଡାକ୍ତରଙ୍କ ସହିତ ପରାମର୍ଶ କରିବା ଗୁରୁତ୍ୱପୂର୍ଣ୍ଣ। ଯଦି ଯନ୍ତ୍ରଣା ସାମାନ୍ୟ ଥାଏ, ତେବେ ଔଷଧ ଏବଂ ଖାଦ୍ୟପେୟ ସଂଶୋଧନ ଦ୍ୱାରା ଉପଶମ ମିଳିପାରେ। ତଥାପି, ଯଦି ଯନ୍ତ୍ରଣା ଜାରି ରହେ, ତେବେ ଡାକ୍ତରମାନେ ଲାପାରୋସ୍କୋପି ସାହାଯ୍ୟରେ ପିତ୍ତକୋଷ କାଢିବାକୁ ପରାମର୍ଶ ଦେଇପାରନ୍ତି। ପିତ୍ତକୋଷରେ ଷ୍ଟୋନ୍ ହେବାକୁ ରୋକିବା ପାଇଁ ଛଣା ବା ଡିପ୍ ଫ୍ରାଏଡ୍ ଖାଦ୍ୟ କମ୍ ଖାଆନ୍ତୁ, ଧୀରେ ଧୀରେ ଓଜନ ହ୍ରାସ କରନ୍ତୁ ଏବଂ ପ୍ରତିଦିନ ହାଲୁକା ବ୍ୟାୟାମ କରନ୍ତୁ। ଶରୀରରେ ପିତ୍ତର ସନ୍ତୁଳନ ବଜାୟ ରଖିବା ପାଇଁ ପ୍ରଚୁର ପାଣି ପିଇବା ମଧ୍ୟ ଅତ୍ୟନ୍ତ ଜରୁରୀ। ସର୍ବୋତ୍ତମ ଉପାୟ ହେଉଛି ବର୍ଷକୁ ଥରେ ପେଟର ଅଲ୍ଟ୍ରାସାଉଣ୍ଡ କରାଇବା । ଯାହା ଦ୍ୱାରା ପିତ୍ତକୋଷରେ ଷ୍ଟୋନ୍ ଭଳି ସମସ୍ୟା ଚିହ୍ନଟ ହୋଇପାରିବ ଏବଂ ଚିକିତ୍ସା ସହଜ ହୋଇପାରିବ।

# ମୁଣ୍ଡ ବିନ୍ଧା ପାଇଁ ଯୋଗ ଜରୁରୀ





ମୁଣ୍ଡବିନ୍ଧାକୁ ନେଇ ଚିନ୍ତାରେ କି ? ଏହି ସମସ୍ୟା ଲୋକଙ୍କ ପାଇଁ ଖୁବ୍ ସାଧାରଣ। ପ୍ରାୟ ଲୋକ ଏହି ସମସ୍ୟାରୁ ମୁକ୍ତି ପାଇବା ପାଇଁ ଔଷଧର ସହାୟତା ନେଇଥାନ୍ତି। ସବୁବେଳେ ଔଷଧ ଖାଇବା ଦ୍ୱାରା ଏହା କ୍ରମଶଃ ଅଭ୍ୟାସରେ ପଡିଯାଇଥାଏ, ଯାହା ଆଦୌ ଠିକ୍ ନୁହେଁ। ମୁଣ୍ଡବିନ୍ଧା କୌଣସି ବଡ଼ ରୋଗ ନୁହେଁ। ତଥାପି କମ୍ ବୟସ୍କଙ୍କୁ ଅଧିକ ଯନ୍ତ୍ରଣା ଦେଇଥାଏ। ତେଣୁ କିଛି ଲୋକ ମୁଣ୍ଡବିନ୍ଧା ଓ ଚିନ୍ତାକୁ ଦୂର କରିବା ପାଇଁ ପେନ୍‌କିଲର୍‌ର ସାହାଯ୍ୟ ନେଇଥାନ୍ତି। ସବୁବେଳେ ପେନ୍‌କିଲର୍ ଖାଇବା ଆଦୌ ଠିକ୍ ନିହେଁ। ଏହି ସମସ୍ୟାରୁ ମୁକ୍ତି ପାଇଁ କିଛି ସହଜ ଓ ସରଳ ଯୋଗାସନ କରିପାରିବେ। ଚାଲନ୍ତୁ ଜାଣିବା ସେହି ଯୋଗଗୁଡିକ କ'ଣ ?

**ଉଷ୍ଟ୍ରାସନ:** ଏହି ଯୋଗାସନ କେବଳ ଶରୀରକୁ ନମନୀୟ କରି ନଥାଏ, ବରଂ ଅନେକ ଫାଇଦା ମଧ୍ୟ ଦେଇଥାଏ। ଏହି ଯୋଗ କରିବା ଦ୍ୱାରା ମସ୍ତିଷ୍କକୁ ଅମ୍ଳଜାନ ସଞ୍ଚାଳନ ତୀବ୍ର ହୋଇଥାଏ, ଯାହାଦ୍ୱାରା ଶରୀର ସତେଜତା ଅନୁଭବ କରିବା ସହ ଚିନ୍ତା ଦୂର କରିଥାଏ। ଉଷ୍ଟ୍ରାସନ କରିବା ଦ୍ୱାରା ପାଚନତନ୍ତ୍ର ସୁସ୍ଥ ରହିବା ସହ ପିଠି ମଜଭୁତ ହୋଇଥାଏ। ଏପରିକି ବସିବାର ଶୈଳୀରେ ମଧ୍ୟ ସୁଧାର ଆସିଥାଏ।

**ବ୍ରିଜ୍ ଆସନ:** ମୁଣ୍ଡବିନ୍ଧାଜନିତ ସମସ୍ୟା ପାଇଁ ବ୍ରିଜ୍ ଆସନ ଏକ ବରଦାନ। ଏହି ଆସନ ବେକ ଓ କାନ୍ଧ ଯନ୍ତ୍ରଣାକୁ କମ୍ କରିବା ସହ ମୁଣ୍ଡବିନ୍ଧା କମ୍ କରିଥାଏ। ଏହା ଶରୀରକୁ ନମନୀୟ କରିଥାଏ। ନିୟମିତ ଏହି ଆସନ କରିବା ଦ୍ୱାରା ପାଚନ ତନ୍ତ୍ର ଓ ଚିନ୍ତାକୁ କମ୍ ହୋଇଥାଏ। ଫଳରେ ବ୍ୟକ୍ତି ସାରା ଦିନ ସତେଜ ରହିପାରିବେ।

**ପବନମୁକ୍ତାସନ:** ମୁଣ୍ଡବିନ୍ଧା ଓ ମାଇଗ୍ରେନ୍ ସମସ୍ୟା ଥିଲେ, ପବନମୁକ୍ତାସନ ଖୁବ୍ ଲାଭଦାୟକ। ଏହା ମନକୁ ଶାନ୍ତ ରଖିବା ସହ ନମନୀୟ ରଖିଥାଏ। ପାଚନ ତନ୍ତ୍ରକୁ ସୁସ୍ଥ ରଖିବା ସହ ଶରୀରରେ ଥିବା ବିଷାକ୍ତ ପଦାର୍ଥକୁ ବାହାର କରିଥାଏ।

**ବାଳାସନ:** ବାଳାସନ ଅର୍ଥାତ ଚାଇଲ୍ଡ ପୋଜ୍ ମୁଣ୍ଡବିନ୍ଧା ଓ ଚିନ୍ତାରୁ ମୁକ୍ତି ଦେଇଥାଏ। ଏହା ଆସନରେ ପିଠିର ମାଂସପେଶୀ ଟାଣି ହୋଇଥାଏ। ଫଳରେ ନତମ୍ବକୁ ମୁକ୍ତ ରଖିବା ସହ ଚିନ୍ତା ଦୂର କରିଥାଏ। ମଥାରେ ଭୂମିକୁ ଛୁଇଁବା ଦ୍ୱାରା ଆକ୍ୟୁପ୍ରେସର ପଏଣ୍ଟ ସକ୍ରିୟ ହୋଇଥାଏ। ଫଳରେ ମୁଣ୍ଡବିନ୍ଧା ଦୂର ହୋଇଥାଏ।

# ମଧୁମେହ ରୋଗୀଙ୍କ ପାଇଁ ବରଦାନ ବଥୁଆ ଶାଗ



ଶୀତରୁତୁ ଆସିବା ମାତ୍ରେ ବଜାରରେ ଅଧିକାଂଶ ସତେଜ ସବୁଜ ପନିପରିବା ବିକ୍ରି ହୁଏ। ସବୁଜ ପରିପରିବା ଭିତରେ ଶାଗ ଦେହ ପାଇଁ ଖୁବ ଲାଭଦାୟକ। ଶାଗ ମଧ୍ୟରୁ ବଥୁଆ ଶାଗର କେବଳ ସ୍ୱାଦ ଭଲ ନୁହେଁ, ଏହା ସଞ୍ଜୀବନୀ ଭଳି ଦିଏ ବୋଲି କହିଲେ ଭୁଲ୍ ହେବନି। ଆୟୁର୍ବେଦରେ ବଥୁଆ ଶାଗ ରାମବାଣ ଔଷଧ ପରି। ଦୈନିକ ବଥୁଆ ଖାଇବା ଦ୍ୱାରା ଏହା ରକ୍ତକୁ ସଫା କରି ନାନା ରୋଗ ଦୂର କରେ। ଏହା ଶରୀରରୁ ବିଷାକ୍ତ ପଦାର୍ଥ ବାହାର କରିଥାଏ। ରୋଗପ୍ରତିରାଧକ ଶକ୍ତି ବଢ଼ାଇବାରେ ବଥୁଆର ମୁଖ୍ୟ ଭୂମିକା ରହିଛି। ବଥୁଆ ଶାଗ ଖାଇବା ଦ୍ୱାରା ବିଶେଷକରି ଡାଇବେଟିସ ଓ କୋଲେଷ୍ଟ୍ରୋଲ ଭଳି ଗମ୍ଭୀର ରୋଗ ନିୟନ୍ତ୍ରଣରେ ରହିଥାଏ। ଏହା ଭିଟାମିନ୍-ବି-୧, ବି-୨, ବି-୫ ଏବଂ ଭିଟାମିନ୍ ସିରେ ଭରପୂର। ଏଥିରେ କ୍ୟାଲସିୟମ, ଲୌହସାର, ମ୍ୟାଗ୍ନେସିୟମ୍ ଆଦି ରହିଛି। ବଥୁଆ ସେବନ ଦ୍ୱାରା ରକ୍ତଚାପ ନିୟନ୍ତ୍ରଣରେ ରହିଥାଏ।

❑ ବଥୁଆରେ ଥିବା ପୋଷକ ତତ୍ତ୍ୱ ରକ୍ତ ଶର୍କରା ସ୍ତରକୁ ନିୟନ୍ତ୍ରଣ କରିବାରେ ସାହାଯ୍ୟ କରେ।

❑ ବଥୁଆ ଖରାପ କୋଲେଷ୍ଟ୍ରଲକୁ ହ୍ରାସ କରି ହୃଦ୍‌ଘାତ ଏବଂ ଷ୍ଟ୍ରୋକର ଆଶଙ୍କା ହ୍ରାସ କରେ। ଏହା ଭଲ କୋଲେଷ୍ଟ୍ରଲକୁ ବୃଦ୍ଧି କରି ହୃଦ୍‌ସ୍ୱାସ୍ଥ୍ୟକୁ ଉନ୍ନତ କରେ।

❑ ବଥୁଆରେ ଭରପୂର ପରିମାଣରେ ଫାଇବର ଥାଏ, ଯାହା ହଜମ ପ୍ରକ୍ରିୟାକୁ ଉନ୍ନତ କରିବାରେ ସାହାଯ୍ୟ କରେ। ଏହା କୋଷ୍ଠକାଠିନ୍ୟ, ବଦହଜମୀ ଏବଂ ଅନ୍ୟାନ୍ୟ ପେଟ ସମସ୍ୟାରୁ ମୁକ୍ତି ଦିଏ।

❑ ବଥୁଆ ରକ୍ତକୁ ପରିଷ୍କାର କରିଥାଏ ଏବଂ ଶରୀରରେ ହିମୋଗ୍ଲୋବିନ ସ୍ତର ବୃଦ୍ଧି କରିଥାଏ। ଏହାକୁ ଶରୀରକୁ ବିଷମୁକ୍ତ କରିବାରେ ବହୁତ ପ୍ରଭାବଶାଳୀ ବୋଲି ବିବେଚନା କରାଯାଏ।

❑ ବଥୁଆ ଆଣ୍ଟିଅକ୍ସିଡାଣ୍ଟରେ ଭରପୂର ଯାହା ସୁସ୍ଥ ଚର୍ମ ବଜାୟ ରଖିବାରେ ସାହାଯ୍ୟ କରେ। ଏହା ବ୍ରଣ, କୁଞ୍ଚନ ଏବଂ ଅନ୍ୟାନ୍ୟ ଚର୍ମ ସମସ୍ୟାକୁ କମ୍ କରିବାରେ ସାହାଯ୍ୟ କରେ।

❑ ବଥୁଆଶାଗରେ ପ୍ରଚୁର ପରିମାଣରେ କ୍ୟାଲସିୟମ ଏବଂ ଫସଫରସ୍ ମିଳିଥାଏ, ଯାହା ହାଡ଼କୁ ମଜବୁତ କରିଥାଏ ଏବଂ ଅଷ୍ଟିଓପୋରୋସିସ୍ ଭଳି ରୋଗକୁ ରୋକିଥାଏ।

❑ ବଥୁଆରେ କ୍ୟାଲୋରୀ କମ୍ ଏବଂ ଫାଇବର ଭରପୂର, ଯାହା ଓଜନ ହ୍ରାସ କରିବାରେ ସାହାଯ୍ୟ କରେ।

❑ ବଥୁଆରେ ଭିଟାମିନ୍ ସି ଭରପୂର ମାତ୍ରାରେ ଥାଏ, ଯାହା ରୋଗ ପ୍ରତିରୋଧକ ଶକ୍ତିକୁ ଦୃଢ଼ କରିଥାଏ। ଶୀତଦିନେ ଥଣ୍ଡା ଏବଂ କାଶ ରୋକିବାରେ ଏହା ବହୁତ ପ୍ରଭାବଶାଳୀ।

# ବାୟୁ ପ୍ରଦୂଷଣରୁ ପିଲାଙ୍କୁ କେମିତି ଦେବେ ସୁରକ୍ଷା



ଆଜିକାଲି ବଢୁଥିବା ଏୟାର ପଲ୍ୟୁସନ ଆମର ହେଲଥ୍ ପାଇଁ ଚିନ୍ତାର ବଡ଼ ବିଷୟ ପାଲଟିଛି। ବାୟୁର କ୍ୱାଲିଟି ବହୁତ ଜୋରରେ ବିଗିଡ଼ିବାରେ ଲାଗିଛି ଏବଂ ଏହାର ସବୁଠୁ ଅଧିକ ପ୍ରଭାବ ଛୋଟ ପିଲାଙ୍କ ଉପରେ ପଡୁଛି। ତାଙ୍କର ଲଙ୍ଗସ୍ ଓ ଇମ୍ୟୁନ ସିଷ୍ଟମ ଏବେ ସଂପୂର୍ଣ୍ଣ ରୂପେ ଡେଭଲପ୍ ହୋଇ ନଥାଏ, ଏଥିପାଇଁ ସେ ପ୍ରଦୂଷଣର ଅଧିକ ଆଫେକ୍ଟେଡ୍ ହୋଇଥାନ୍ତି। ଡାକ୍ତର ଅର୍ପିତ ଗୁପ୍ତା କୁହନ୍ତି ଯେ,ଯଦି ପ୍ୟାରେଣ୍ଟସ କିଛି ସହଜ ପଦକ୍ଷେପ ନଆପଣନ୍ତି ତ ପିଲାଙ୍କୁ ଏୟାର ପଲ୍ୟୁସନର ବିପଦ ବୃଦ୍ଧିରୁ ରକ୍ଷାକରି ପାରିବା। ଆସନ୍ତୁ ଏବିଷୟରେ ଜାଣିବା...

**ସକାଳ ଓ ସନ୍ଧ୍ୟାରେ ଝରକା ବନ୍ଦ ରଖନ୍ତୁ**

ଡା. ଅର୍ପିତ ଗୁପ୍ତାଙ୍କ ଅନୁସାରେ, ସକାଳ ଓ ସନ୍ଧ୍ୟା ସମୟରେ ବାୟୁରେ ପଲ୍ୟୁସନର ସ୍ତର ବହୁତ ଅଧିକ ହୋଇଥାଏ। ଏଥିପାଇଁ ଏମିତି ସମୟରେ ବାହାରର ବାୟୁକୁ ଘର ଭିତରକୁ ଆସିବାକୁ ଦିଅନ୍ତୁ ନାହିଁ। ଏହି ସମୟରେ ଘରର ଝରକା ବନ୍ଦ ରଖିବା ଭଲ ହେବ , ଯାହାକି ପିଲା ବିଷାକ୍ତ ବାୟୁ ଠାର ଦୂରେଇ ରହିବେ। ଦିନର ଯେବେ ବାୟୁ କିଛି ମାତ୍ରାରେ ସଫା ରହିଥାଏ, ସେତେବେଳେ ଝରକା ଖୋଲି ଘରେ ତାଜା ବାୟୁ ଆସିବାକୁ ଦିଅନ୍ତୁ। ଏହି ଛୋଟିଆ ପଦକ୍ଷେପ ପିଲାର ନିଶ୍ୱାସର ସମସ୍ୟା ଓ ଆଲର୍ଜିକୁ ଖୁବ୍ କମ୍ କରିପାରେ।

**ରୁମ୍‌ରେ ଏୟାର ପ୍ୟୁରିଫାୟର ଲଗାନ୍ତୁ**

ଯଦି ସମ୍ଭବ ହୁଏ ତ ଯେଉଁ ରୁମ୍‌ରେ ପିଲା ଅଧିକ ସମୟ ବିତାନ୍ତି , ସେଠାରେ ଏୟାର ପ୍ୟୁରିଫାୟର ଲଗାନ୍ତୁ। ଡା.ଅର୍ପିତ କୁହନ୍ତି କି ଏଥିରେ ବାୟୁରେ ଥିଲା ଧୂଳି , ଧୂଆଁ ଓ ହାନିକାରକ କଣିକା କିଛି ମାତ୍ରାରେ ହ୍ରାସ ପାଇଯାଏ। ଏୟାର ପ୍ୟୁରିଫାୟର ପିଲାଙ୍କୁ ସଫା ଓ ସୁରକ୍ଷିତ ବାୟୁରେ ନିଃଶ୍ୱାସ ନେବାରେ ସାହାଯ୍ୟ କରିଥାଏ। ଆଉଟ୍‌ଡୋର ଗେମ୍‌ରୁ ଦୂରେଇ ରଖନ୍ତୁ – ଯେବେ ଏୟାର କ୍ୱାଲିଟି ଇଣ୍ଡେକ୍ସ (ଏକ୍ୟୁଆଇ) ଅଧିକ ଖରାପ ହୁଏ , ତ ପିଲାଙ୍କୁ ଆଉଟଡୋର ଗେମ୍ସ ଖେଳିବାରୁ ଦୂରେଇବା ଉଚିତ୍। ଡାକ୍ତର ପରାମର୍ଶ ଦିଅନ୍ତି ଯେ, ଏମିତି ଦିନରେ ପିଲାଙ୍କୁ ଘର ଭିତରେ ଖେଳିବା ପାଇଁ ମୋଟିଭେଟ୍ କରନ୍ତୁ। ଆପଣ ସେମାନଙ୍କୁ ପଜଲ, ବୋର୍ଡ ଗେମ୍ସ କିମ୍ବା ଡ୍ରଇଂ ଭଳି ଇନଡୋର ଆକ୍ଟିଭିଟିରେ ସାମିଲ କରି ପାରିବେ।

**ପିଲାଙ୍କୁ ଖୁବ୍ ପାଣି ପିଆନ୍ତୁ**

ଡା. ଅର୍ପିତ କୁହନ୍ତି ଯେ, ଯେବେ ବାୟୁରେ ପଲ୍ୟୁସନ ବଢିଯାଏ , ତ ଶରୀରରେ ଟକ୍ସିନ ଜମା ହେବାକୁ ଲାଗେ। ଏହିକ୍ରମରେ ପିଲାଙ୍କୁ ସାରାଦିନ ଖୁବ୍ ପାଣି ପିଆଇବା ଉଚିତ୍।ପର୍ଯ୍ୟାପ୍ତ ପାଣି ପିଇବା ଦ୍ୱାରା ଶରୀରରେ ଟକ୍ସିକ୍ ଏଜେଣ୍ଟକୁ ବାହାରକୁ କାଢି ଦିଏ ଏବଂ ଲଙ୍ଗସକୁ ସୁସ୍ଥ ରଖେ। ଆପଣ ପିଲାଙ୍କୁ ନଡିଆ ପାଣି କିମ୍ବା ସୁପ୍ ଭଳି ସୁସ୍ଥ ଡ୍ରିଙ୍କସ ମଧ୍ୟ ଦେଇ ପାରିବେ , ଯାହାକି ଶରୀର ହାଇଡ୍ରେଟେଡ୍ ହୋଇ ରହିବ।

**ଭିଟାମିନ 'ସି'ର ଫୁଡ୍ସ ଦିଅନ୍ତୁ**

ଡାକ୍ତରଙ୍କର କହିବା କଥା ଯେ, ଭିଟାମିନ-ସି ଇମ୍ୟୁନ ସିଷ୍ଟମକୁ ଦୃଢ କରିଥାଏ ଏବଂ ଶରୀରକୁ ପ୍ରଦୂଷଣ ସହ ଲଢିବାର ଶକ୍ତି ଦେଇଥାଏ। ପିଲାଙ୍କୁ ପ୍ରତିଦିନ ଅଁଳା ,ସନ୍ତରା , ଟମାଟର ଓ ଲେମ୍ବୁ ଭଳି ଫଳକୁ ଖାଇବାକୁ ଦିଅନ୍ତୁ । ଏହି ଫୁଡ୍ସ ପିଲାଙ୍କ ଲଙ୍ଗ୍ସକୁ ସୁସ୍ଥ ରଖିଥାଏ ଏବଂ ପଲ୍ୟୁସନରେ ହେବାକୁ ଥିବା କାଶ କିମ୍ବା ଗଳା ସମସ୍ୟାକୁ ହ୍ରାସ କରିଥାଏ। ଏହି ଜିନିଷକୁ ଆପଣ ପିଲାଙ୍କ ଲଞ୍ଚ କିମ୍ବା ସ୍ନାକ୍ସରେ ସାମିଲ କରି ପାରିବେ।

**ବାହାରକୁ ଯିବା ସମୟରେ ଏନ୍-୯୫ ମାସ୍କ ନିଶ୍ଚୟ ପିନ୍ଧନ୍ତୁ**

ଯଦି ପିଲାକୁ କୌଣସି ଜରୁରୀ କାମରେ ବାହାରକୁ ଯିବାକୁ ପଡେ , ତ ତାକୁ ବିନା ମାସ୍କରେ କେବେ ଯିବାକୁ ଦିଅନ୍ତୁ ନାହିଁ। ଡାକ୍ତର ପରାମର୍ଶ ଦିଅନ୍ତୁ ଯେ, ପିଲାଙ୍କୁ ସର୍ବଦା ଏନ-୯୫ ମାସ୍କ ପିନ୍ଧାଇ ହିଁ ବାହାରକୁ ଯିବାକୁ ଦିଅନ୍ତୁ। ଏହି ମାସ୍କ ବାୟୁରେ ଥିବା ହାନିକାରକ କଣିକାକୁ ରୋକିଥାଏ ଏବଂ ପିଲାର ଲଙ୍ଗସର ସୁରକ୍ଷା କରିଥାଏ। ଏହି କଥାକୁ ଧ୍ୟାନ ରଖନ୍ତୁ ଯେ, ମାସ୍କ ସଠିକ୍ ଭାବେ ଫିଟ୍ ହେବା ଉଚିତ୍ ,ଯାହାକି ପିଲାଙ୍କୁ ନିଃଶ୍ୱାସ ନେବାରେ ସମସ୍ୟା ନହେଉ ଏବଂ ସୁରକ୍ଷା ମଧ୍ୟ ବଜାୟ ରହିବ।

# ସାହିତ୍ୟ ଆଲୋଚନା ସଭା ଓ କବିତା ପାଠ




**ବ୍ରହ୍ମପୁର, ୯।୧୧ (ସଂଚାର ବ୍ୟୁରୋ):** ସ୍ଥାନୀୟ ଗୋଇଲୁଣ୍ଡି ସ୍ଥିତ ଶ୍ରୀରାମ ମନ୍ଦିର ପ୍ରାଙ୍ଗଣରେ ବ୍ରହ୍ମପୁର ସାହିତ୍ୟ ପରିଷଦର 'ସାହିତ୍ୟ ଆଲୋଚନା ସଭା ଓ କବିତା ପାଠ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ସାହିତ୍ୟିକ ପ୍ରଶାନ୍ତ କୁମାର ଆଚାରୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସାହିତ୍ୟ ହିଁ ଜୀବନକୁ ବାଟ କଢେଇଥାଏ ବୋଲି ବକ୍ତବ୍ୟ ରଖିଥିଲେ। ସମ୍ମାନୀତ ଅତିଥି ଭାବେ ଯୁବ ସାହିତ୍ୟିକ ତଥା ଡାକ୍ତର ଅଭିଷେକ ସାହୁ ଯୋଗଦେଇ ବ୍ରହ୍ମପୁର ସାହିତ୍ୟ ପରିଷଦ ବହୁ ଯୁବ ପ୍ରତିଭାଙ୍କୁ ସୃଷ୍ଟି କରିପାରିଛି ବୋଲି କହିଥିବା ବେଳେ ଅତିଥି ଭାବେ ଡ଼ ବିଜୟ ଚନ୍ଦ୍ର ମହାରଣା ବ୍ରହ୍ମପୁର ସାହିତ୍ୟ ପରିଷଦ ଏକ ଶୃଙ୍ଖଳିତ ସାହିତ୍ୟ ଅନୁଷ୍ଠାନ ବୋଲି କହିଥିଲେ।

ବିଶିଷ୍ଟ କବି ସୁଶାନ୍ତ ଦାଶ ଏହି ସାରସ୍ୱତ କାର୍ଯ୍ୟକ୍ରମ କୁ ସଂଚଳନା କରିଥିବା ବେଳେ କବି ସ୍ଥିତିପ୍ରଜ୍ଞା ହୋତା କବିତା ସଂଯୋଜନା ଆରିଥିଲେ। ଅନୁଷ୍ଠିତ ଏହି କବିତା ପାଠ ଉତ୍ସବରେ କବି ଶ୍ରୀମତୀ ବସନ୍ତ ମିଶ୍ର, ମିହିର ରଥ ଶର୍ମା, ମଧୁସ୍ମିତା ସାହୁ, ଗଙ୍ଗାଧର ମହାକୁଡ଼, ମନମୋହନ ରଥ, ତପନ ପଟନାୟକ, ସ୍ୱର୍ଣମୟୀ ପଢି, ସନ୍ତୋଷ ଦାଶ, ଭିକାରି ଚରଣ, ଟି କାଳି ପ୍ରସାଦ ରାଓ, ଲିପ୍ସା ମହାରଣା, କିଶୋରୀ ମହାରଣାଙ୍କ ସହ ବହୁ କବି ନିଜ ରଚିତ କବିତା ପାଠ କରିଥିଲେ। ଦିପ୍ତୀମିତା ମହାପାତ୍ର ପରିଚାଳନା କରିଥିବା ବେଳେ କବି ପ୍ରଫୁଲ୍ଲ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ।

# ପ୍ରଦୂଷିତ ପରିବେଶରେ ଚାଲିଛି ଗଞ୍ଜାମ ଆମିଷ ବଜାର

**ଉଦ୍‌ଘାଟନକୁ ବର୍ଷେ ପୂରିଲା, ନାହିଁ ବିଦ୍ୟୁତ ଓ ପାଣି**

**ଅଭିଯୋଗ ପରେ ବି ଶୁଣୁନି ଏନଏସି କର୍ତ୍ତୃପକ୍ଷ**



**ଛତ୍ରପୁର,୯।୧୧ (ସଂଚାର ବ୍ୟୁରୋ):** ଗଞ୍ଜାମ ଏନଏସି ଅଧୀନରେ ନିର୍ମିତ ନୂଆ ଆମିଷ ବଜାର ଉଦଘାଟନ ହୋଇ ବର୍ଷେ ହୋଇଗଲାଣି। ଉଦଘାଟନ ସମୟରେ ଯେପରି ଏନଏସି ପକ୍ଷରୁ ତତ୍ପରତା, ସାଜସଜ୍ଜା ଓ ଆଡମ୍ବର ଦେଖାଯାଇଥିଲା, ଉଦଘାଟନ ପରେ ସେହି ଉତ୍ସାହ ଓ ଦାୟିତ୍ୱ ଆଜି ଦେଖିବାକୁ ମିଳୁନାହିଁ ବୋଲି ଅଭିଯୋଗ କରିଛନ୍ତି ବ୍ୟବସାୟୀମାନେ।

ବିଦ୍ୟୁତ ସଂଯୋଗ, ଶୌଚାଳୟ, ପାଣି ଯୋଗାଣ ଓ ପରିଚ୍ଛନ୍ନତା ଭଳି ମୌଳିକ ସୁବିଧା ନ ଥିବାରୁ ବ୍ୟବସାୟୀ ଓ ଗ୍ରାହକମାନେ ଦୁଃଖ ପ୍ରକାଶ କରିଛନ୍ତି। ଦୀର୍ଘ ସମୟ ଧରି ଅଭିଯୋଗ ହେଉଥିଲେ ମଧ ଏନଏସି କର୍ତ୍ତୃପକ୍ଷ ପକ୍ଷରୁ କୌଣସି ପଦକ୍ଷେପ ନ ନିଆଯାଇଥିବାରୁ ସାଧାରଣରେ ଅସନ୍ତୋଷ ବଢ଼ିଚାଲିଛି। ସ୍ଥାନୀୟ ବ୍ୟବସାୟୀମାନଙ୍କ ଅନୁସାରେ, ବିଦ୍ୟୁତ ସଂଯୋଗ ନ ଥିବାରୁ ସନ୍ଧ୍ୟା ବେଳେ ବ୍ୟବସାୟ କରିବା ଅସୁବିଧା ସମ୍ମୁଖୀନ ହେଉଛନ୍ତି। ସମୟ ପୂର୍ବରୁ ଦୋକାନ ବନ୍ଦ କରିବାକୁ ବାଧ ହେଉଛନ୍ତି, ଫଳରେ କ୍ଷତି ସହୁଛନ୍ତି ବ୍ୟବସାୟୀ। ଲକ୍ଷାଧିକ ଟଙ୍କା ବ୍ୟୟ ଅଟକଳରେ ସ୍ଥାପିତ ହାଇମାସ୍କ ଲାଇଟ ଏପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ହୋଇନାହିଁ। ନିୟମିତ ପରିଚ୍ଛନ୍ନତା ନ ହେଉଥିବାରୁ ମାର୍କେଟ ଅଞ୍ଚଳ ଦୁର୍ଗନ୍ଧରେ କମ୍ପୁଛି, ଫଳରେ ଗ୍ରାହକମାନେ ମୁଁହ ଫେରାଉଛନ୍ତି। ବର୍ଷା ହେଲେ ପାଣି ନିଷ୍କାସନ ବ୍ୟବସ୍ଥା ନ ଥିବାରୁ ମାର୍କେଟ ପରିସରେ ପାଣି ଜମି ରହୁଛି, ଯାହା ଅସୁବିଧା ସହିତ ସ୍ୱାସ୍ଥ୍ୟଜନିତ ସମସ୍ୟାକୁ ମଧ ଆମନ୍ତ୍ରଣ ଦେଉଛି। ଗ୍ରାହକଙ୍କ ଭିଡ଼ ଦିନକୁଦିନ ବଢୁଥିବା ସତ୍ତ୍ୱେ, ଏନଏସି ପକ୍ଷରୁ ମାଛ ମାର୍କେଟ ପରିସରରେ ଶୌଚାଳୟ ବ୍ୟବସ୍ଥା ନହୋଇଥିବାରୁ ଗ୍ରାହକମାନେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି।

ସ୍ଥାନୀୟ ନାଗରିକ ଓ ବ୍ୟବସାୟୀମାନେ ଏନଏସି ପକ୍ଷରୁ ଶୀଘ୍ର ପଦକ୍ଷେପ ନେଇ ମାର୍କେଟର ମୌଳିକ ସୁବିଧା ସୁନିଶ୍ଚିତ କରିବାକୁ ଦାବି କରିଛନ୍ତି।

# ଜାତୀୟ ଆଇନ ସେବା ଦିବସ ପାଳିତ




**ସୁବର୍ଣ୍ଣପୁର,୯।୧୧ (ସଂଚାର ବ୍ୟୁରୋ):** ରାଜ୍ୟ ଆଇନ ସେବା ପ୍ରାଧିକରଣ, କଟକ ଙ୍କ ନିର୍ଦ୍ଦେଶ କ୍ରମେ ଏବଂ ଜିଲ୍ଲା ଆଇନ ସେବା ପ୍ରାଧିକରଣ ସୁବର୍ଣ୍ଣପୁରର ଅଧ୍ୟକ୍ଷ ତଥା ଜିଲ୍ଲା ଜଜ ଶ୍ରୀ ଧନୁର୍ଦ୍ଧର ସେନାପତିଙ୍କ ତତ୍ତ୍ୱାବଧାନ କ୍ରମେ ଜିଲ୍ଲା ଆଇନ ସେବା ପ୍ରାଧିକରଣ ସୁବର୍ଣ୍ଣପୁର ତରଫରୁ ବିକଳ୍ପ ବିବାଦ ସମାଧାନ କେନ୍ଦ୍ରର ସମ୍ମିଳନୀ କକ୍ଷ ଠାରେ "ଜାତୀୟ ଆଇନ ସେବା ଦିବସ" ପାଳିତ ହୋଇ ଯାଇଛି । ଏଥିରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ ସୁବର୍ଣ୍ଣପୁରର ସଚିବ ଶ୍ରୀ ଦେବାଶିଷ ଦାସ ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ଜିଲ୍ଲା ଆଇନ ସେବା ପ୍ରାଧିକରଣର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ତଥା ଜାତୀୟ ଆଇନ ସେବା ପ୍ରାଧିକରଣ ର ବିଭିନ୍ନ ଯୋଜନା ସମ୍ପର୍କରେ ସମସ୍ତଙ୍କୁ ଅବଗତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ଦେୱାନୀ ଜଜ ଶ୍ରୀ ଗଗନ ସାହୁ, ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ମିସ ପ୍ରଣତି ରଥ ପ୍ରମୁଖ ଯୋଗ ଦେଇ ଜାତୀୟ ଆଇନ ସେବା ଦିବସ ର ମହତ୍ୱ ବିଷୟରେ ଅବଗତ କରିଥିଲେ।

# ବ୍ଲକ୍‌ସ୍ତରୀୟ ନୃତ୍ୟ ପ୍ରତିଯୋଗିତା ଉଦ୍‌ଯାପିତ



**ରାଜନଗର,୯।୧୧ (ସଂଚାର ବ୍ୟୁରୋ):** ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ରାଜନଗର ବ୍ଲକ୍ ସଦର ମହକୁମାସ୍ଥିତ କାର୍ତ୍ତିକେଶ୍ୱର ପୂଜା କମିଟି, ରାଜନଗର ଆନୁକୂଲ୍ୟରେ ତିନିଦିନ ଧରି ଅନୁଷ୍ଠିତ ବ୍ଲକସ୍ତରୀୟ ନୃତ୍ୟ ପ୍ରତିଯୋଗିତା ଉଦ୍‌ଯାପନୀ ହୋଇଯାଇଛି। ଉଦଘାଟନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ମହିମା ଧର୍ମର ସାଧୁ ପରୀକ୍ଷିତ ଦାସ ଯୋଗଦେଇ କାର୍ଯ୍ୟକ୍ରମ କୁ ଉଦଘାଟନ କରିଥିଲେ । ଗତକାଲି ଉଦଯାପନୀ ଉତ୍ସବ ରେ ମୁଖ୍ୟ ଅତିଥି ଭାବେ ପଂଚାୟତ ସମିତି ଅଧକ୍ଷ ପ୍ରତିଭା ପାତ୍ର,ସଂମାନୀୟ ଅତିଥି ଭାବେ ରାଜନଗର ପଂଚାୟତ ସମିତି ସଭ୍ୟ ସୁମିତ୍ରା ସେଠୀ ଯୋଗଦେଇ ଓଡ଼ିଶା ସିନେମା କଳାକାର ସନ୍ତୋଷ କୁମାର ରାଉତଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ବିଚାରକ ଭାବେ ରାମଚନ୍ଦ୍ର ବାରିକ, ରୀତା ସେଠୀ, ଶତ୍ରୁଘନ ତରାଇ, ରବୀନ୍ଦ୍ର ନାଥଶର୍ମା, ପ୍ରଫୁଲ୍ଲ ଦାସ ବିଶ୍ୱମୋହିନୀ ଦାସ ପ୍ରମୁଖ ଯୋଗଦେଇ ପ୍ରଥମ, ୨ୟ ଓ ୩ୟ ସ୍ଥାନ ଅଧିକାର କରିଥିବା କଳାକାରମାନଙ୍କୁ ଚୟନ କରିଥିଲେ। ଏହି ନୃତ୍ୟ ପ୍ରତିଯୋଗିତାରେ ବ୍ଲକର ୫୦ରୁ ଉର୍ଦ୍ଧ୍ୱ ନୃତ୍ୟଶିଳ୍ପୀ ଭାଗ ନେଇଥିଲେ । ଏହି ନୃତ୍ୟ ପ୍ରତିଯୋଗୀତାରେ ଜୁନିୟର ବିଭାଗରେ ସାଁକୃତି ପରିଡା ପ୍ରଥମ, ସ୍ୱୟଂପ୍ରଭା ମହାରଣା ଦ୍ୱିତୀୟ, ପ୍ରୀତିପ୍ରଜ୍ଞା ପ୍ରଧାନ ୩ୟ ସ୍ଥାନ ଅଧିକାର କରିଥିବା ବେଳେ ସିନିୟର ବିଭାଗରେ ତ୍ରୈଲୋଚନ ଜେନା ପ୍ରଥମ, ରୋଜାଲିନା ବିଶ୍ୱାଳ ୨ୟ, ଯାଜ୍ଞସେନୀ ସେଠୀ ୩ୟ ସ୍ଥାନ ଅଧିକାର କରିଥିଲେ। ପରେ ଅତିଥିମାନଙ୍କ ଦ୍ୱାରା କୃତି ପ୍ରତିଯୋଗୀମାନଙ୍କୁ ମାନପତ୍ର ସହ ଟ୍ରଫି ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଅନୁଷ୍ଠାନର ସଭାପତି ବିକାଶ ସେଠୀ, ସଂପାଦକ ଅଜୟ ସେଠୀ ପରିଚାଳନା କରିଥିଲେ ।

# ନୟାଗଡ଼ ରୋଟାରୀ କ୍ଲବର ପ୍ରତିଷ୍ଠା ଦିବସ




**ନୟାଗଡ଼,୯।୧୧ (ସଂଚାର ବ୍ୟୁରୋ):** ନୟାଗଡ଼ ଜିଲ୍ଲାର ଅଗ୍ରଣୀ ସାମାଜିକ ଅନୁଷ୍ଠାନ ରୋଟାରୀ କ୍ଲବର ୩୬ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ରୋଟାରୀ କ୍ଲବ ୩୬ ବର୍ଷ ଧରି ସମାଜ ସେବାରେ ନିଜକୁ ଉତ୍ସର୍ଗୀକୃତ କରିଆସିଛି। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପାନୀୟ ଜଳ ବ୍ୟବସ୍ଥା, ସ୍ୱଳ୍ପ ମୂଲ୍ୟରେ ଆମ୍ବୁଲାନ୍ସ ସେବା, ନୟାଗଡ଼ ଡ଼ାକ୍ତରଖାନାରେ ଗରମ ପାଣିରେ ବ୍ୟବସ୍ଥା, ବୃକ୍ଷ ରୋପଣ, ରକ୍ତଦାନ ଶିବିର, ଚିକିତ୍ସା ଶିବିର, ମାଗଣା ଚଷମା ବଣ୍ଟନ , କୃତ୍ରିମ ଅଙ୍ଗ ପ୍ରତିରୋପଣ, ମାଗଣା ଶ୍ରବଣ ଯନ୍ତ୍ର ବଣ୍ଟନ ଇତ୍ୟାଦି ଅନେକ ସାମାଜିକ କାର୍ଯ୍ୟକ୍ରମରେ ସର୍ବଦା ଆଗରେ ରହିଛି ନୟାଗଡ଼ ରୋଟାରୀ କ୍ଲବ୍। ଶ୍ରୀରାମକୃଷ୍ଣ ଆଦର୍ଶ ଶିକ୍ଷାକେନ୍ଦ୍ରରେ ବୃକ୍ଷରୋପଣ, ସମର୍ପଣ ବୃଦ୍ଧାଶ୍ରମରେ ଅନ୍ତେବାସୀଙ୍କୁ ଚାଲିବାରେ ସହାୟକ ବାଡ଼ି ବଣ୍ଟନ ସହିତ "ଥିଲେ ଦିଅ ନଥିଲେ ନିଅ" ଭଳି ଏକ ନିଆରା କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ରୋଟାରୀ କ୍ଲବର ସଭାପତି ବସିରନ ବିବିଙ୍କ ଅଧକ୍ଷତାରେ ସଂଧ୍ୟାରେ ଏକ ସଭା ଆୟୋଜିତ ହୋଇଥିଲା । ଏହି ସଭାରେ ମୁଖ୍ୟ ଅତିଥି ଭାବେ ରୋଟାରୀ ଓଡ଼ିଶାର ପ୍ରାନ୍ତପାଳ ରୋଟାରିଆନ ମନୋଜ ତ୍ରିପାଠୀ ଯୋଗ ଦେଇଥିବା ବେଳେ, ସମ୍ମାନିତ ଅତିଥି ଭାବେ ଓଡ଼ିଶା ଇନର ହୁଇଲ କ୍ଲବର ଚେୟାରମ୍ୟାନ ମଧୁସ୍ମିତା ତ୍ରିପାଠୀ ଓ ଉପ ପ୍ରାନ୍ତପାଳ ରୋଟାରିଆନ୍ ସନ୍ତୋଷ କୁମାର ଜେନା ଯୋଗ ଦେଇଥିଲେ। ନୟାଗଡ଼ ରୋଟାରୀ କ୍ଲବ୍ ଲୋକାଭିମୁଖୀ କାର୍ଯ୍ୟକ୍ରମକୁ ସମସ୍ତ ଅତିଥି ଭୂୟସୀ ପ୍ରଶଂସା କରିବା ସହ ଆଗାମୀ ଦିନରେ ଏହି ସବୁ କାର୍ଯ୍ୟକ୍ରମକୁ ଜାରି ରଖିବା ପାଇଁ ପରାମର୍ଶ ଦେଇଥିଲେ। ଏହି ଅବସରରେ ସ୍ଥାନୀୟ ୟୁନିଟେକ ଡିଗ୍ରୀ କଲେଜର ଛାତ୍ର ମାନଙ୍କୁ ନେଇ ଏକ ନୁତନ ରୋଟ୍ରାକ୍ଟ କ୍ଲବ ଗଠନ କରାଯାଇଥିଲା । ରୋଟାରୀ କ୍ଲବ ନୟାଗଡ଼ର ପ୍ରତିଷ୍ଠାତା ସଦସ୍ୟ ସାୱଂରମଲ ଅଗ୍ରୱାଲ୍ ଓ ଗୋଦାବରୀଶ ସାହୁଙ୍କୁ ମୁଖ୍ୟ ଅତିଥି ସମ୍ବର୍ଦ୍ଧିତ କରିଥିଲେ ।

# ଏକତା ପଦଯାତ୍ରା ଅବସରରେ ଜିଲ୍ଲାସ୍ତରୀୟ ପ୍ରତିଯୋଗିତା




**କେନ୍ଦ୍ରାପଡା,୯।୧୧ (ସଂଚାର ବ୍ୟୁରୋ):** ସର୍ଦ୍ଦାର ବଲ୍ଲବ ଭାଇ ପଟେଲଙ୍କ ୧୫୦ ତମ ଜୟନ୍ତୀ ଅବସରରେ ଜିଲ୍ଲାସ୍ତରୀୟ ବିଭିନ୍ନ ପ୍ରତିଯୋଗିତା ତୁଳସୀ ମହିଳା ମହାବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ପ୍ରତିଯୋଗିତାକୁ ତୁଳସୀ ମହିଳା ମହାବିଦ୍ୟାଳୟର ଅଧ୍ୟକ୍ଷ ଡ଼. ମଥୁରି ଚରଣ ନାୟକ ଉଦଘାଟନ କରିଥିଲେ ଢ୍ଅନ୍ୟ ମାନଙ୍କ ମଧ୍ୟରେ ପ୍ରଶାସନିକ ଅଧିକାରୀ ସବିତା ଦାସ, ପ୍ରାଧ୍ୟାପିକା ଏଲୋରା କବି, ମୋ ଭାରତ ଯୁବ କେନ୍ଦ୍ର ଅଧିକାରୀ ଗୋଲୀ ତିରୁପତି ରେଡ୍ଡୀ, ସହଯୋଗୀ ଲକ୍ଷ୍ମୀକାନ୍ତ ଜେନା ପ୍ରମୁଖ ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ । ଡ଼. ପଦ୍ମଜା କବି ଶଥପଥୀ ପ୍ରତିଯୋଗିତାକୁ ପରିଚାଳନା କରିଥିଲେ। କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ, ତୁଳସୀ ମହିଳା ମହାବିଦ୍ୟାଳୟ, ପଟ୍ଟାମୁଣ୍ଡାଇ ମହାବିଦ୍ୟାଳୟ,ଶୈଳେନ୍ଦ୍ର ନାରାୟଣ ମହାବିଦ୍ୟାଳୟ, ଓଲାଭର ମହାବିଦ୍ୟାଳୟ, ଏଚ.ଏନ.ଏସ ମହାବିଦ୍ୟାଳୟ, ଯୁକେ ମହାବୀର ମହାବିଦ୍ୟାଳୟ ଛାତ୍ର ଛାତ୍ରୀ ଅଂଶଗ୍ରହଣ କରିଥିଲେ । ପ୍ରବନ୍ଧ ଲିଖନ ପ୍ରତିଯୋଗିତାରେ ପ୍ରଥମ ସୁମିତ୍ରା ପାଣି, ଦ୍ୱିତୀୟ ଦୀପାଳି ପଣ୍ଡା ଏବଂ ତୃତୀୟ ଶ୍ରୀୟା ସୁମନ ସାହୁ । ସେହିପରି ବିତର୍କରେ ସାଇ ପ୍ରଭାସ୍ମିତା ଦେବୀ, ପ୍ରୋମଦିନି ବିଶ୍ୱାଳ, ଉମେଶ ଚନ୍ଦ୍ର ଆଚାର୍ଯ୍ୟ, ପୋଷ୍ଟର ମେକିଙ୍ଗରେ ଶୁଭମ ଦାସ,ଜିତ ପ୍ରସାଦ ରାଉତ, ସୁଜାତା ମହାପାତ୍ର,କୁଇଜ ପ୍ରତିଯୋଗିତାରେ ଦମୟନ୍ତୀ ଜେନା, ଲୋନଲି ନିବେଦିତା, ସ୍ମୃତି ସାଗରିକା ମିଶ୍ର, ରିଲ ମେକିଙ୍ଗରେ ଓମ ପ୍ରକାଶ ରଥ,ଉମେଶ ଚନ୍ଦ୍ର ଆଚାର୍ଯ୍ୟ, ଦମୟନ୍ତୀ ଜେନା ଏବଂ ଚିତ୍ରାଙ୍କନ ପ୍ରତିଯୋଗୀତାରେ ଶୁଭମ ଦାସ, ସୌମ୍ୟ ରଞ୍ଜନ ସାହୁ ଓ ଋତୁପର୍ଣ୍ଣା ବେହେରା ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ସ୍ଥାନ ଅଧିକାର କରିଥିଲେ । ବିଜେତା ମାନଙ୍କୁ ଏକତା ପଦଯାତ୍ରରେ ପୁରସ୍କୃତ କରାଯିବ।

# ଜାତୀୟ ଆଇନ ସେବା ଦିବସ ପାଳିତ




**ଯାଜପୁର,୯।୧୧ (ସଂଚାର ବ୍ୟୁରୋ):** ଜାତୀୟ ଆଇନ ସେବା ଦିବସ ଅବସରରେ ଯାଜପୁର ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ଜିଲ୍ଲା ଦୌରାଜଜ୍ ତଥା ପ୍ରାଧିକରଣ ଅଧ୍ୟକ୍ଷ ଶ୍ରୀ ଅମୃତ ରଞ୍ଜନ ନନ୍ଦଙ୍କ ନିର୍ଦ୍ଦେଶ କ୍ରମେ ଦଶରଥପୁର ବ୍ଲକ୍ ଅନ୍ତର୍ଗତ ବିରଜାପୁର ଗ୍ରାମପଞ୍ଚାୟତ ସଭାଗୃହରେ ଏକ ଆଇନ ସଚେତନତା ସଭା ଆୟୋଜିତ ହୋଇଥିଲା।ସଭାରେ ଅତିରିକ୍ତ ବରିଷ୍ଠ ଦେଓନୀ ବିଚାରପତି ତଥା ଭାରପ୍ରାପ୍ତ ପ୍ରାଧିକରଣ ସଚିବ ନେହା ଅଗ୍ରୱାଲ ଅଧ୍ୟକ୍ଷତା କରିଥିଲେ।ଅତିଥି ଆଲୋଚକ ଭାବେ ପ୍ରାଧିକରଣର ପ୍ରାକ୍ତନ ସଦସ୍ୟ ଓ ସାମାଜିକ କାର୍ଯ୍ୟକର୍ତ୍ତା ଡ଼. ରୁଦ୍ରନାରାୟଣ ପୃଷ୍ଟି, ଏବଂ ଅତିରିକ୍ତ ମଣ୍ଡଳ ଉନ୍ନୟନ ଅଧିକାରୀ ତ୍ରିଲୋଚନ ସେଠୀ ଯୋଗଦେଇ ଜାତୀୟ ଆଇନ ସେବା ଦିବସର ତାତ୍ପର୍ଯ୍ୟ, ଆଇନ ସେବା ପ୍ରାଧିକରଣର କାର୍ଯ୍ୟ ଓ ଲକ୍ଷ୍ୟ, ମଧ୍ୟସ୍ଥତା, ଲୋକଅଦାଲତ ଏବଂ ଉପଭୋକ୍ତାଙ୍କ ଅଧିକାର ବିଷୟରେ ଆଲୋକପାତ କରିଥିଲେ।

ସ୍ଥାନୀୟ ସରପଞ୍ଚ ନିରାକର ସାହୁ ସ୍ୱାଗତ ଭାଷଣ ଓ ଧନ୍ୟବାଦ ଜଣାଇଥିଲେ।ପ୍ରାଧିକରଣର ପାରାଲିଗାଲ୍ ଭଲଣ୍ଟିୟରମାନେ, ସ୍ଥାନୀୟ ମହିଳା-ପୁରୁଷ ଓ ପଞ୍ଚାୟତ ଜନପ୍ରତିନିଧିମାନେ ଆଇନ ସେବା ସଚେତନତା ସମ୍ପର୍କିତ ପ୍ଲାକାର୍ଡ ଧାରଣ କରି ଏକ ଶୋଭାଯାତ୍ରା ନିକାଳିଥିଲେ।

# ବିଦ୍ୟୁତ୍ ଫାସ ଲାଗି ମହିଳା ଗୁରୁତର



**କଳାହାଣ୍ଡି,୯।୧୧ (ସଂଚାର ବ୍ୟୁରୋ):** ଜଙ୍ଗଲୀ ଜନ୍ତୁ ଶିକାର ପାଇଁ ବିଛା ଯାଇଥିବା ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଜଣେ ମହିଳା ଗୁରୁତର ହେବା ଭଳି ଘଟଣା ସାଧାରଣରେ ଆଲୋଡନ ସୃଷ୍ଟି କରିଛି। ଶନିବାର ସକାଳେ କଳାହାଣ୍ଡି ଜିଲ୍ଲା ଥୁଆମୁଳରାମପୁର ଥାନା କାଣିଗୁମା ପଞ୍ଚାୟତ ଧୁଳିଗୁଡାରେ ଏଭଳି ଘଟଣା ଘଟିଯାଇଛି। ଏନେଇ ଗୁରୁତର ମହିଳାଙ୍କ ସ୍ୱାମୀ ଥୁଆମୁଳରାମପୁର ଥାନାର ଦ୍ୱାରସ୍ଥ ହେଇ ଲିଖିତ ଅଭିଯୋଗ କରିଛନ୍ତି। ସୂଚନା ଅନୁସାରେ ଧୂଳିଗୁଡା ଗ୍ରାମର ଉଗ୍ରେସେନ ନାଏକଙ୍କ ପତ୍ନୀ ଶକୁନ୍ତଳା ଶନିବାର ଦିନ ସକାଳେ ନିଜ ପୋଡୁ ଚାଷ କରିଥିବା ଜଙ୍ଗଲ ଆଡକୁ ଯାଉଥିଲେ। ସେ ଚାଷ ଜମିକୁ ଯାଉଥିବା ରାସ୍ତାରେ କିଛି ଶିକାରୀ ବାରହା ଶିକାର କରିବା ଉଦ୍ଦେଶ୍ୟରେ ବିଦ୍ୟୁତ୍ ତାର ସଂଯୋଗ କରିଥିଲେ। ଶକୁନ୍ତଳା ସେହି ତାରକୁ ମାଡି ଦେଇଥିଲା। ଫଳରେ ବିଦ୍ୟୁତ୍ ଆଘାତରେ ଗୁରୁତର ହେଇଥିଲା। ଏହି ସମୟରେ ଗାଁର କିଛି ଲୋକ ଶକୁନ୍ତଳାଙ୍କୁ ଉଦ୍ଧାର କରି କାଣିଗୁମା ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରି ପ୍ରାଥମିକ ଚିକିତ୍ସା କରାଇଥିଲେ । ସୌଭାଗ୍ୟ ବଶତଃ ଏକ ବଡ ବିପଦରୁ ଶକୁନ୍ତଳା ବର୍ତ୍ତି ଯାଇଛନ୍ତି।।

# ପୁରାତନ ଛାତ୍ରସଂସଦର ଗୁରୁସମ୍ବର୍ଦ୍ଧନା ସମାରୋହ




**ମାର୍ଶାଘାଇ,୯।୧୧(ସଂଚାର ବ୍ୟୁରୋ):** ମାର୍ଶାଘାଇ ବ୍ଲକ ମାଣ୍ଡିଆ ରାଘବପୁର ଉଚ୍ଚ ବିଦ୍ୟାଳୟ ପୁରାତନ ଛାତ୍ରସଂସଦର ଗୁରୁ ସମ୍ବର୍ଦ୍ଧନା ସମାରୋହ ରବିବାର ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ବିଶ୍ୱଜିତ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମାରୋହରେ ବରିଷ୍ଠ ଶିକ୍ଷାବିତ ତଥା ବିଦ୍ୟାଳୟର ପ୍ରାକ୍ତନ ସମ୍ପାଦକ ମୋହନ ଚରଣ ଜେନା ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ । ପଣ୍ଡିତ ହୃଷିକେଶ ରଥ, ମାର୍ଶାଘାଇ ବ୍ଲକ ଶିକ୍ଷାଧିକାରୀ ମନୋରଞ୍ଜନ ସେଠୀ, ଲୋକନାଥ ମହାବିଦ୍ୟାଳୟ ଅଧ୍ୟାପିକା ଡ଼ ବିଚିତ୍ରା ମଞ୍ଜରୀ ତ୍ରିପାଠୀ, ମାର୍ଶାଘାଇ ମହାବିଦ୍ୟାଳୟ ଅଧ୍ୟାପକ ସୁକାନ୍ତ କୁମାର ପ୍ରଧାନ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ । ପୁରାତନ ଛାତ୍ରୀ ରୁପମା ଗୁରୁ ମଞ୍ଚପରିଚାଳନା କରିଥିଲେ। ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ପ୍ରତିଭା ଦେବୀ, ଶିକ୍ଷକ ପ୍ରସନ୍ନ କୁମାର ପରିଡା,ବୈଷ୍ଣବ ଚରଣ ପଣ୍ଡା, ଶ୍ୟାମ ସୁଦର ଦଳାଇ, ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ସୁରେଶ ପୃଷ୍ଟି, ବିଜୟ କୁମାର ପଣ୍ଡା, ସୁକାନ୍ତ କୁମାର ଗ୍ରହାଚର୍ଯ୍ୟା, ସୁବାସ ଚନ୍ଦ୍ର ସେଠି, ପ୍ରଧାନ ଶିକ୍ଷକ ପ୍ରଶାନ୍ତ କୁମାର ନାୟକ,ଅଜୟ କୁମାର ମହାନ୍ତି, ଗୌରାଙ୍ଗ ଚରଣ ସାହୁ, ଶାନ୍ତିଲତା ଓଝା,କଲ୍ୟାଣୀ ଦାସ, ଅଶୋକ କୁମାର ନାୟକ,ଶିଶୋର ଚନ୍ଦ୍ର ସେନାପତି, ସରପଞ୍ଚ ରମେଶ ଚନ୍ଦ୍ର ଲେଙ୍କା, ସୁରେଶ ସୁଷମା ବେହେରା, ବିଦ୍ୟାଳୟର ଶିକ୍ଷକ ଆର୍ତ୍ତତ୍ରାଣ ମିଶ୍ର, ଶରତ ସାମନ୍ତରାୟ, ଉମାକାନ୍ତ ଦାସ,ହେମନ୍ତ କୁମାର ଓଝା, ଜୟଦେବ ନାୟକଙ୍କ ସମେତ ୨୮ଜଣଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

# ଭଞ୍ଜସେନା ପକ୍ଷରୁ ରକ୍ତଦାନ ଶିବିର, ୧୫୭ ୟୁନିଟ୍ ରକ୍ତ ସଂଗୃହୀତ




**ବାରିପଦା,୯।୧୧ (ସଂଚାର ବ୍ୟୁରୋ):** ମୟୁରଭଞ୍ଜ ଜିଲ୍ଲାର ରକ୍ତଭଣ୍ଡାର ଗୁଡିକରେ ସୃଷ୍ଟି ହୋଇଥିବା ରକ୍ତର ଅଭାବ କୁ ଲକ୍ଷ୍ୟରେ ରଖି ରକ୍ତର ଅଭାବ କୁ ଦୂର କରିବା ପାଇଁ ଭଞ୍ଜସେନା ପକ୍ଷରୁ ଆଜି ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଅଛି । ଉକ୍ତ ରକ୍ତଦାନ ଶିବିରରେ ମୋଟ ୧୫୭ ୟୁନିଟ୍ ରକ୍ତ ସଂଗୃହୀତ ହୋଇଅଛି।

ବାରିପଦା ପି.ଆର.ଏମ୍ ଏବଂ ଉଦଳା ହସ୍ପିଟାଲରେ ମୁଖ୍ୟତଃ ପ୍ରତ୍ୟେକ ଦିନ ରୋଗୀଙ୍କୁ ଆବଶ୍ୟକ ଅନୁଯାୟୀ ତତକ୍ଷଣାତ୍ ରକ୍ତଦାନ ସଂଗଠନ ପକ୍ଷରୁ କରାଯାଉଥିବା ବେଳେ ରାଇରଙ୍ଗପୁର ଏବଂ କରଞ୍ଜିଆ ହସ୍ପିଟାଲ ରେ ମଧ୍ୟ ଆବଶ୍ୟକ ସମୟରେ ରୋଗୀଙ୍କୁ ରକ୍ତଦାନ କରାଯାଇଥାଏ। ଏମିତିକି ପ୍ରତ୍ୟେକ ଦିନ ଭଞ୍ଜସେନା ରକ୍ତ ଭଣ୍ଡାର ଶାଖା ତରଫରୁ ରକ୍ତ ଅଭାବରୁ କେହି ନ ମରନ୍ତୁ ଲକ୍ଷ୍ୟ ନେଇ ସଂଗଠନ ପକ୍ଷରୁ ଜିଲ୍ଲାରେ ୨୫ ରୁ ୩୦ ଜଣ ରୋଗୀଙ୍କୁ ରକ୍ତଦାନ କରାଯାଇଥାଏ।

ଆଜି ବାରିପଦା ଷ୍ଟାଡିୟମରେ ଆୟୋଜିତ ହୋଇଥିବା ରକ୍ତଦାନ କାର୍ଯ୍ୟକ୍ରମକୁ ବାରିପଦା ଉପଜିଲ୍ଲାପାଳ ଦୟାସିନ୍ଧୁ ପରିଡା, ବାରିପଦା ନଗରପାଳ କୃଷ୍ଣାନନ୍ଦ ମହାନ୍ତି ପ୍ରମୁଖ ଫିତା କାଟି ଉଦଘାଟନ କରିଥିବାବେଳେ ସମାଜସେବୀ ଅମର ସେଠୀ, ସଂଗଠନ ପକ୍ଷରୁ ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନା, ଶୃଙ୍ଖଳାଗତ କମିଟି ଅଧ୍ୟକ୍ଷ ସତ୍ୟ ସ୍ୱରୂପ ଦାଶ, ଉପାଧକ୍ଷ ନିମାଇଁ ତ୍ରିପାଠୀ,ଜିତେନ୍ଦ୍ର ହେମ୍ବ୍ରମ, କନିକା ବୋଷ, ଦକ୍ଷିଣା ମହାନ୍ତ, ଜିଲ୍ଲା ସଭାପତି ପିଣ୍ଟୁ ମାଇତି, ଜିଲ୍ଲା ଆବାହକ ରାକେଶ ବେହେରା, ଜିଲ୍ଲା ସୋସିଆଲ ମିଡିଆ ସଂଯୋଜକ ସନ୍ତୋଷ ଗିରି,ବାମନଘାଟି ଉପଖଣ୍ଡ ସଭାପତି ସୁନ୍ଦର ମୋହନ ଟୁଡୁ,ଜିଲ୍ଲା କର୍ଯ୍ୟକାରୀ ସଭାପତି ରବିନ୍ ମହାନ୍ତି, କପ୍ତିପଦା ଉପଖଣ୍ଡ ସଭାପତି ସିପୁନ୍ ପଣ୍ଡା, ବାରିପଦା ସହର ସଭାପତି ରାକେଶ ମହାନ୍ତି, ଜିଲ୍ଲା ସାଧାରଣ ସମ୍ପାଦକ ଜ୍ୟୋତିରଞ୍ଜନ ପୃଷ୍ଟି, ଉପସଭାପତି ଏସ୍. କେ ଫିରୋଜ୍‌ଙ୍କ ସମେତ ବହୁ ରକ୍ତ ଦାତା ଓ ଯୁବଛାତ୍ର ଉପସ୍ଥିତ ଥିଲେ ଏବଂ ଆଗାମୀ ଦିନରେ ସଂଗଠନ ପକ୍ଷରୁ ରକ୍ତର ଅଭାବ କୁ ଦୂର କରିବା ପାଇଁ ବିଭିନ୍ନ ବ୍ଲକ ଗୁଡିକରେ ରକ୍ତଦାନ କରାଯିବ ବୋଲି ଜିଲ୍ଲା ସଭାପତି ପିଣ୍ଟୁ ମାଇତି ସୂଚନା ଦେଇଛନ୍ତି।

# ମନୋରଞ୍ଜନ ସାହୁଙ୍କ ସ୍ମୃତିରେ ମତ୍ସ୍ୟଚାଷୀ ସମାବେଶ




**ବୈଶିଙ୍ଗା,୯।୧୧ (ସଂଚାର ବ୍ୟୁରୋ):** ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଖ୍ୟାତି ଲାଭ କରିବା ସହିତ ପ୍ରାୟ ୩୦ ପ୍ରଜାତିର ମାଛ ଜାଆଁଳ ଉତ୍ପାଦନ କରି ସାରା ଦେଶର କୋଣ ଅନୁକୋଣରେ ମାଛ ଜାଆଁଳର ଚାହିଦା ପୂରଣ କରି ପାରୁଥିବା କୈଳାସ ଫିସେରୀ ତଥା ଆକ୍ୱାଟିକ୍‌ର ପ୍ରତିଷ୍ଠାତା ସ୍ୱର୍ଗତ ମନୋରଞ୍ଜନ ସାହୁଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକୀରେ ବିଭିନ୍ନ କାର୍ଯ୍ୟକ୍ରମ ସହିତ ଏକ ମତ୍ସ୍ୟଚାଷୀ ସମାବେଶ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ସ୍ଥିର ହୋଇଛି। ତ୍ରିଦିନାତ୍ମକ ଏହି କାର୍ଯ୍ୟକ୍ରମରେ ନଭେମ୍ବର ୧୦ ତାରିଖରେ ଶ୍ରାଦ୍ଧୋତ୍ସବ ସହିତ ଚଉପ୍ରହର ନାମ ଯଜ୍ଞ ଅନୁଷ୍ଠିତ ହେବ। ୧୧ତାରିଖ ଦ୍ୱିତୀୟ ଦିବସରେ ସ୍ୱତନ୍ତ୍ର ଅତିଥିଙ୍କ କର କମଳରେ ସ୍ୱମନୋରଞ୍ଜନ ସାହୁଙ୍କ ପୂର୍ଣ୍ଣ ଅବୟବ ଅନାବରଣ ସହିତ ଏକ ବିଶାଳ ରକ୍ତଦାନ ଶିବିର ଓ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହେବ। ୧୨ ତାରିଖ ରେ ସ୍ମୃତିଚାରଣ ସଭା, ସ୍ମରଣିକା ଉନ୍ମୋଚନ, ପ୍ରତିଭା ସମ୍ମାନ ସହିତ ବିଶାଳ ମତ୍ସ୍ୟଚାଷୀ ସମାବେଶ ଅନୁଷ୍ଠିତ ହେବ। ଏଥିରେ ମନ୍ତ୍ରୀ, ବିଧାୟକ ତଥା ପ୍ରଶାସନିକ ଅଧିକାରୀମାନଙ୍କ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି ।

# ନିଃଶୁଳ୍କ ସାସ୍ଥ୍ୟ ଶିବିରରେ ଚିକିତ୍ସା ସେବା ପାଇଲେ ୬୩୦ ରୋଗୀ




**ଧାମନଗର,୯।୧୧(ସଂଚାର ବ୍ୟୁରୋ):** ଧାମନଗର ବରିଷ୍ଠ ନାଗରିକ ପରିଷଦ ତରଫରୁ ମଣ୍ଡଳସ୍ତରୀୟ ଏକ ନିଃଶୁଳ୍କ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି।ରବିବାର ସକାଳ ୮ଟା ସମୟରେ ଧାମନଗର ବ୍ଲକ ଅନ୍ତର୍ଗତ କଲ୍ୟାଣୀ ପଞ୍ଚାୟତ ଅଧିନସ୍ଥ ଲକ୍ଷ୍ମୀନାରାୟଣ ବାଳିକା ଉଚ୍ଚବିଦ୍ୟାଳୟ ବନସର ଠାରେ ଅନୁଷ୍ଠିତ ହୋଇଛି। ଏଥିରେ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ବ୍ରଜକିଶୋର ରାଉତ, ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ସୁଧି ରଞ୍ଜନ ନାୟକ ଯୋଗ ଦେଇ ଏହି ସ୍ୱାସ୍ଥ୍ୟ ଶିବିରକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ବରିଷ୍ଠ ନାଗରିକ ପରିଷଦର ସଦସ୍ୟ ସମାଜସେବୀ ନରେନ୍ଦ୍ର ମଲ୍ଲିକ ସଭାପତିତ୍ୱ କରିଥିବା ବେଳେ ପେଟରୋଗ ବିଶେଷଜ୍ଞ ଡାକ୍ତର ଅଜିତ ପ୍ରସାଦ ଜେନା ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥି ଭାବେ ଧାମନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧ୍ୟକ୍ଷ ଡାକ୍ତର ମନ୍ମୟ ସାମନ୍ତସିଂହାର ମୁଖ୍ୟବକ୍ତା ଭାବେ ଯୋଗଦେଇ ସ୍ୱାସ୍ଥ୍ୟ ହେଉଛି ଅମୂଲ୍ୟ ସମ୍ପଦ ଏଣୁ ଏହାର ଯତ୍ନ ନେବାକୁ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଅସ୍ଥିଶଲ୍ୟ ବିଭାଗ ଡାକ୍ତର ସେକ ସର୍ବର ଅଲ୍ଲି, ଭେଷଜ ବିଶେଷଜ୍ଞ ଡାକ୍ତର ମାଝ ମାଝୀ, ରମେଶ ଚନ୍ଦ୍ର ମହାପାତ୍ର, କର୍ଣ୍ଣ ନାଶା ଗଳା ବିଭାଗ ଡାକ୍ତର ବୈଦ୍ୟନାଥ ଓଝା, ଚକ୍ଷୁ ବିଶେଷଜ୍ଞ ଡାକ୍ତର ଇଫଜୁଲ ରହେମାନ ଓ ଅସ୍ଥିଶଲ୍ୟ (ଅସ୍ତ୍ରୋପଚାର) ବିଭାଗ ଡାକ୍ତର ସରୋଜ ରାଉଳ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ଥିଲେ। ପରିଷଦର ସଭ୍ୟ ଅଜୟ କୁମାର ସାମଲ ଅତିଥି ମଞ୍ଚ ଆବାହନ, ସଭାପତି ଅନିଲ କୁମାର ବାରିକ ସ୍ୱାଗତ ସମ୍ଭାଷଣ ଓ ସମ୍ପାଦକ ଶଚିକାନ୍ତ ପଣ୍ଡା ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଶେଷରେ ପରିଷଦର ମଣ୍ଡଳ ସମ୍ପାଦକ ରାମଚନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ସ୍ୱାସ୍ଥ୍ୟ ସେବା ଶିବିରରେ ରୋଗୀ ମାନଙ୍କର ପରୀକ୍ଷା ନିରୀକ୍ଷା କରାଯାଇ ମୋଟ ୬୩୦ ରୁ ଉର୍ଦ୍ଧ୍ୱ ରୋଗୀଙ୍କୁ ନିଶୁଳ୍କ ଚିକିତ୍ସା ସହ ଔଷଧ ବିତରଣ କରାଯାଇଥିଲା। ଏଥିସହ ମଧୁମେହ ରୋଗୀ ମାନଙ୍କର ମାଗଣା ରକ୍ତ ପରୀକ୍ଷା ଓ ହୃଦରୋଗୀ ମାନଙ୍କ ନିଶୁଳ୍କ ଇସିଜି ପରୀକ୍ଷା କରାଯାଇଥିଲା। ଏହି ସ୍ୱାସ୍ଥ୍ୟ ଶିବିରକୁ ପରିଷଦର ଉପସଭାପତି ସୁରଥ ଚନ୍ଦ୍ର ସେଠୀ, ସଭ୍ୟ ହୃଦାନନ୍ଦ କର, ନିରାକାର ଧଳ, ଅଭିମନ୍ୟୁ ମଲ୍ଲିକ, ଦାମୋଦର ମଲ୍ଲିକ, ବିଦ୍ୟାଧର ରାଉତ, ସମ୍ପୃକ୍ତ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଗୀତାଞ୍ଜଳୀ ରାଉତ, ପ୍ରଧାନ ଶିକ୍ଷକ ପ୍ରଭାତ କୁମାର ମହାନ୍ତି ପ୍ରମୁଖ ପରିଚଳନା କରିଥିଲେ।

# ଯାଜପୁର ରୋଡ୍-ଧାମରା ରେଳପଥ ମଞ୍ଜୁରୀ ଦିଗରେ ଏନ୍‌ପିଜିଙ୍କ ନିରବତା ଉଦ୍‌ବେଗଜନକ

**ଯାଜପୁର,୯।୧୧ (ସଂଚାର ବ୍ୟୁରୋ):** ଯାଜପୁରରୋଡ଼-ଧାମରା ରେଳପଥ ପ୍ରକଳ୍ପକୁ ମଞ୍ଜୁରୀ ପ୍ରଦାନ ଦିଗରେ ନେଟୱାର୍କ ପ୍ଲାନିଂ ଗ୍ରୁପ୍ (ଏନ୍.ପି.ଜି.)ର ନକାରାତ୍ମକ ଆଭିମୁଖ୍ୟ ପ୍ରତି ଯାଜପୁରରୋଡ଼- ଧାମରା ରେଳପଥ ସଂଗ୍ରାମ ସମିତି ତୀବ୍ର ପ୍ରତିବାଦ ଜଣାଇଛି। ଏହି ପ୍ରସଙ୍ଗରେ ସଂଗ୍ରାମ ସମିତି ପକ୍ଷରୁ ମାନ୍ୟବର ରାଜ୍ୟପାଳଙ୍କୁ ସ୍ମାରକପତ୍ର ଦାଖଲ କରାଯାଇଥିଲା। ପରେ ରାଜ୍ୟ ସରକାର ସହ ଆଲୋଚନା ଅନୁସାରେ ପୂର୍ବତଟ ରେଳପଥ ପକ୍ଷରୁ ଏକ ବିସ୍ତୃତ ରିପୋର୍ଟ ତିଆରି କରି ୨୦୨୫ ସେପ୍ଟେମ୍ବର ୧୫ ତାରିଖରେ ରେଳବୋର୍ଡ ପାଖକୁ ପଠାଯାଇଥିଲା। କିନ୍ତୁ ଏହି ରିପୋର୍ଟ ପଠାଯାଇଥିବାକୁ ଦୁଇ ମାସ ହୋଇଥିଲେ ମଧ୍ୟ ଏନ୍.ପି.ଜି. ପକ୍ଷରୁ କୌଣସି ସକ୍ରିୟ ପଦକ୍ଷେପ ଗ୍ରହଣ ନହେବାକୁ ନେଇ ସମିତି ତୀବ୍ର କ୍ଷୋଭ ପ୍ରକାଶ କରିଛି। ସଂଗ୍ରାମ ସମିତିର ଆବାହକ ଶ୍ରୀ ସନ୍ତୋଷ ଦାସ କହିଛନ୍ତି, "ଏନ୍.ପି.ଜି. ପକ୍ଷରୁ ନିରବତା ରାଜ୍ୟର ଅର୍ଥନୈତିକ ଓ ପରିବହନ ଉନ୍ନତିକୁ ବାଧା ସୃଷ୍ଟି କରୁଛି। ଏହା ଜନସାଧାରଣଙ୍କ ଆଶା ଆକାଂକ୍ଷାକୁ ଆଘାତ ଦେଉଛି।"ଏହି ପରିସ୍ଥିତିକୁ ଗୁରୁତ୍ୱ ଦେଇ ଶ୍ରୀ ଦାସ ମାନ୍ୟବର ରେଳମନ୍ତ୍ରୀ ଶ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ନିକଟକୁ ଗୋଟିଏ ପତ୍ର ପଠାଇଛନ୍ତି। ସେ ଏହି ପତ୍ରରେ ରେଳମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି ଯେ, ଏନ୍.ପି.ଜି. ସମେତ ସମସ୍ତ ସମ୍ପର୍କିତ ସ୍ତରରେ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ଯାଜପୁରରୋଡ଼- ଧାମରା ରେଳପଥ ପ୍ରକଳ୍ପକୁ ଶୀଘ୍ର ମଞ୍ଜୁରୀ ମିଳିବା ସୁନିଶ୍ଚିତ କରାଯାଉ।